୫୧
# ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୪/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, December 24/2024 | Page 16 | ₹ 7.00 | SAMBALPUR
୫୧ଶ ଭାଗ ୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 31 | ମୂଲ୍ୟ ₹୭/-



**ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର, ୨୩।୧୨ (ସୁନିତ୍ ମିଶ୍ର):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଓଡ଼ିଶାରେ ଆୟୋଜନ ହେବାକୁ ଥିବା 'ପ୍ରବାସୀ ଭାରତୀୟ ଦିବସ' ଏବଂ 'ଉତ୍କର୍ଷ ଓଡ଼ିଶା' କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ନିମନ୍ତ୍ରଣ ଜଣାଇଛନ୍ତି। ପ୍ରବାସୀ ଭାରତୀୟଙ୍କ ସହ ସାଧାରଣ ଜନତା ଓ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଏହି ଆୟୋଜନ ଅଧିକ ଭବ୍ୟ ହେବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ 'ଏକ୍ସ' ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି।

# ୫ମ, ୮ମରେ ରହିବ ଫେଲ୍ ବ୍ୟବସ୍ଥା

## କେନ୍ଦ୍ର ସରକାର କଟକଣା ହଟାଇଲେ

ସ୍କୁଲ୍ ଶିକ୍ଷାରେ କେନ୍ଦ୍ର ସରକାର ଏକ ପରିବର୍ତ୍ତନ ଆଣିଛନ୍ତି। ନିଜ ଦ୍ୱାରା ପରିଚାଳିତ ସ୍କୁଲଗୁଡ଼ିକରେ ସରକାର ୫ମ ଓ ୮ମ ଶ୍ରେଣୀ ପାଇଁ ରହିଥିବା 'ନୋ ଡିଟେନ୍‌ସନ' ବା ଫେଲ୍ ନ ହେବା କଟକଣାକୁ ହଟାଇ ଦେଇଛନ୍ତି। ଏଣିକି ଯେଉଁ ଛାତ୍ରୀଛାତ୍ର ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରିବେ ନାହିଁ,ସେମାନଙ୍କୁ ସ୍କୁଲଗୁଡ଼ିକ ଫେଲ୍ ଘୋଷଣା କରିପାରିବେ। ତେବେ ଏହି ଛାତ୍ରୀଛାତ୍ରଙ୍କୁ ପୁଣି ଗୋଟିଏ ସୁଯୋଗ ମିଳିବ। ଦୁଇମାସ ମଧ୍ୟରେ ସେମାନେ ଆଉ ଏକ ପରୀକ୍ଷା ଦେଇପାରିବେ। ଏଥିରେ ଯେଉଁମାନେ କୃତକାର୍ଯ୍ୟ ହେବେ ସେମାନେ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇପାରିବେ।




**ନୂଆଦିଲ୍ଲୀ, ୨୩।୧୨ (ପି.ଟି.)**

କେନ୍ଦ୍ର ସରକାରଙ୍କ ପରିଚାଳିତ ସ୍କୁଲ୍‌ଗୁଡ଼ିକରେ ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀ ପାଇଁ ରହିଥିବା 'ନୋ ଡିଟେନ୍‌ସନ' ନୀତିକୁ କେନ୍ଦ୍ର ସରକାର ଉଚ୍ଛେଦ କରିଛନ୍ତି। ଫଳରେ ଏଣିକି ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ର ବାର୍ଷିକ ପରୀକ୍ଷାରେ ଫେଲ୍ ହେଲେ ସେମାନଙ୍କୁ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ କରାଯିବ ନାହିଁ। ଶିକ୍ଷା ଅଧିକାର ଆଇନ, ୨୦୧୯ର ସଂଶୋଧନ ଅନୁଯାୟୀ ଅନ୍ୟୂନ ୧୬ ରାଜ୍ୟ ଏବଂ ୨ଟି କେନ୍ଦ୍ରଶାସିତ ଅଞ୍ଚଳ ଉପରୋକ୍ତ ୨ ଶ୍ରେଣୀ ପାଇଁ 'ନୋ ଡିଟେନ୍‌ସନ' ନୀତିକୁ ଉଚ୍ଛେଦ କରିସାରିଛନ୍ତି।

ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ନିୟମିତ ପରୀକ୍ଷା ପରେ ଯଦି ପିଲା ଉତ୍ତୀର୍ଣ୍ଣ ମାନଦଣ୍ଡ ପୂରଣ କରିବାରେ ବିଫଳ ହୁଅନ୍ତି, ସେମାନଙ୍କୁ ଅତିରିକ୍ତ ପ୍ରଶିକ୍ଷଣ ଦିଆଯାଇ ପରୀକ୍ଷା ଫଳ ପ୍ରକାଶନର ୨ ମାସ ମଧ୍ୟରେ ପୁନଃ ପରୀକ୍ଷା ଦେବା ପାଇଁ ସୁଯୋଗ ଦିଆଯିବ। ସାନି ପରୀକ୍ଷାରେ ଫେଲ୍ ହେଲେ ସେମାନଙ୍କୁ ପଞ୍ଚମ କିମ୍ବା ଅଷ୍ଟମ ଶ୍ରେଣୀରେ ବର୍ଷକ ପାଇଁ ରହିବାକୁ ପଡ଼ିବ। ଶ୍ରେଣୀରେ ଅଧିକ ଗୋଟିଏ ବର୍ଷ ରହୁଥିବା ପିଲାଙ୍କୁ ଶ୍ରେଣୀ ଶିକ୍ଷକ ଏବଂ ମାଆବାପା ମାର୍ଗଦର୍ଶନ ଦେବା ସହ ସେମାନଙ୍କ ପାଠପଢ଼ା ଉପରେ ନଜର ରଖିବେ। ଆବଶ୍ୟକ ପଡ଼ିଲେ ବିଭିନ୍ନ ସ୍ତରରେ ସେମାନଙ୍କ ଶିକ୍ଷଣ ସମସ୍ୟାକୁ ଅନୁଧ୍ୟାନ କରି ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ତେବେ ମୌଳିକ ଶିକ୍ଷା ଶେଷ ନ ହେବା ପର୍ଯ୍ୟନ୍ତ ପିଲାମାନଙ୍କୁ ସ୍କୁଲ୍‌ରୁ ବହିଷ୍କାର କରାଯିବ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି। କେନ୍ଦ୍ର ସରକାରଙ୍କ ପରିଚାଳିତ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ☞ପୃଷ୍ଠା-୪

# ଉଜୁଡ଼ା ଫସଲ ଦେଖି କ୍ଷେତରେ ଟଳିପଡ଼ିଲେ ଚାଷୀ

**ସାକ୍ଷୀଗୋପାଳ, ୨୩।୧୨ (କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)**

ଧାରକରଜ ସାଙ୍ଗକୁ କଠିନ ପରିଶ୍ରମ କରି ଧାନଚାଷ କରିଥିଲେ। ଜମିରେ ସୁନାର ଫସଲ ଦେଖି ଖୁସି ହେଉଥିଲେ। ହେଲେ ଲଘୁଚାପଜନିତ ଅଦିନିଆ ବର୍ଷା ସବୁ ଉଜାଡ଼ି ଦେଲା। ଫସଲ ନଷ୍ଟ ହୋଇ ଲୋଟୁଥିବା ଦେଖି ଜଣେ ଚାଷୀ ସୋମବାର ନିଜ କ୍ଷେତରେ ଟଳିପଡ଼ିଛନ୍ତି। ମୃତକ ହେଲେ ପୁରୀ ଜିଲା ସତ୍ୟବାଦୀ ବ୍ଲକ ବୀରରାମଚନ୍ଦ୍ରପୁର ଗ୍ରାମପଞ୍ଚାୟତ ଅଧୀନ ଡୁଙ୍ଗର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଦଳେଇ (୭୨)।

ସୂଚନା ଅନୁଯାୟୀ, ସୋମବାର ସକାଳେ ଧାନକ୍ଷେତରେ ଜମି ରହିଥିବା ପାଣି ଖାଲି କରିବା ପାଇଁ ପୂର୍ଣ୍ଣଚନ୍ଦ୍ର ଫାଉଡ଼ାଟିଏ କାନ୍ଧରେ ପକାଇ ବିଲକୁ ଯାଇଥିଲେ। ଗତ ଦୁଇଦିନ ଧରି ଲଗାଣ ବର୍ଷାରେ ତାଙ୍କ କ୍ଷେତରେ ଜମିରହିଥିବା ବର୍ଷାପାଣିରେ କଟାଧାନ ଲୋଟୁଥିଲା। ଆଗକୁ ପୁଣି ଏକ ଲଘୁଚାପ ଥିବା ସୂଚନା ପାଇବା ପରେ ସେ ବିଲକୁ ଯାଇଥିଲେ। ପାଣିରୁ ଛାଣି ଧାନ କଳେଇ ହୁଡ଼ା ଉପରେ ରଖୁଥିଲେ। ସେଠାରେ ଜମିଥିବା ପାଣି ଖଲାସ କରିବାରେ ଲାଗିଥିଲେ ତାଙ୍କ ସାନପୁଅ ଅମିନ। ହଠାତ ଏହି ସମୟରେ ପୂର୍ଣ୍ଣଚନ୍ଦ୍ର ବିଲରେ ଟଳିପଡ଼ିଥିଲେ। ଏହାଦେଖି ଅମିନ ବାପାଙ୍କ ନିକଟକୁ ଯାଇ ତାଙ୍କୁ ଉଠାଇବାକୁ ଚେଷ୍ଟା କରିବା ସହ ଆଖପାଖ ☞ପୃଷ୍ଠା-୪

## ଲଘୁଚାପ ବର୍ଷା କ୍ଷୟକ୍ଷତି: ୩ ଦିନରେ ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୩।୧୨ (ଅନିଲ ଦାସ)**

ଲଘୁଚାପଜନିତ ଅଦିନିଆ ବର୍ଷା ଯୋଗୁ ହୋଇଥିବା କ୍ଷୟକ୍ଷତିର ରିପୋର୍ଟ ଦେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ପ୍ରାଥମିକ ଆକଳନ କରି ୩ ଦିନ ଭିତରେ କ୍ଷୟକ୍ଷତିର ରିପୋର୍ଟ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ପ୍ରକୃତ କ୍ଷୟକ୍ଷତି ସ୍ପଷ୍ଟ ହେବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସୋମବାର ମନ୍ତ୍ରୀ କହିଛନ୍ତି, ଅଦିନିଆ ବର୍ଷା ଯୋଗୁ ହୋଇଥିବା ଫସଲ କ୍ଷୟକ୍ଷତିର ଆକଳନ ଆରମ୍ଭ ହୋଇଛି। ଆସନ୍ତା ୩ ଦିନ ଭିତରେ କ୍ଷୟକ୍ଷତି ଆକଳନ ସରିଯିବ। ରିପୋର୍ଟ ଆସିବା ପରେ ରାଜସ୍ୱ ବିଭାଗ ତରଫରୁ କ୍ଷତି ଭରଣା କରାଯିବ। ☞ପୃଷ୍ଠା-୪

## ୫ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨୩।୧୨ (ଅନୁରାଧା ମହାରଣା)**

ବଙ୍ଗୋପସାଗରରେ ସକ୍ରିୟ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ବାହ୍ୟ ବଳୟ ସହ ଜଡ଼ିତ ମେଘ ସମୂହ ପ୍ରଭାବରେ ଦକ୍ଷିଣ ଉପକୂଳ ସମେତ ପାର୍ଶ୍ୱବର୍ତ୍ତୀ ଉତ୍ତର ଉପକୂଳ ଓଡ଼ିଶାର କିଛି ଜିଲାରେ ବାଦଲ ଆଚ୍ଛାଦନରେ ବୃଦ୍ଧି ଘଟିଛି। ଆସନ୍ତା ୩ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା କାରଣରୁ ଧନଜୀବନ ପ୍ରଭାବତ ହୋଇପାରେ ଓ ରାତି ତାପମାତ୍ରାରେ ୨ରୁ ୪ଡିଗ୍ରୀ କମିପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ମଙ୍ଗଳବାର ଦକ୍ଷିଣ ଉପକୂଳ ଓଡ଼ିଶା ସମେତ ଉତ୍ତର ଉପକୂଳ ଓଡ଼ିଶାର କେତେକାଂଶରେ ହାଲୁକା ବର୍ଷା ହେବ ଓ ୨୫ ତାରିଖ ବେଳକୁ ବର୍ଷା ପରିମାଣ ବଢ଼ିବ। ଏଥିପାଇଁ ଗଜପତି, ଗଞ୍ଜାମ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ କୋରାପୁଟ ଆଦି ୫ ଜିଲାରେ ବର୍ଷା ହେବାକୁ ଥିବାବେଳେ କେତେକ ସ୍ଥାନରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ☞ପୃଷ୍ଠା-୪

# ଫିଲ୍ମ ନିର୍ମାତା ଶ୍ୟାମ ବେନେଗଲଙ୍କ ପରଲୋକ

**ମୁମ୍ବାଇ, ୨୩।୧୨ (ପି.ଟି.)**



ଭେଟେରାନ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ଶ୍ୟାମ ବେନେଗଲଙ୍କ ସୋମବାର ୯୦ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ କିଛି ବର୍ଷ ହେବ ସେ କ୍ରୋନିକ୍ କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ଥିଲେ। ମୁମ୍ବାଇର ୱୋକହାର୍ଟ ହସ୍ପିଟାଲର ଆଇସିୟୁରେ ଚିକିତ୍ସିତ ହେଉଥିବା ସମୟରେ ଶ୍ୟାମ ଶେଷ ନିଃଶ୍ୱାସ ତ୍ୟାଗ କରିଥିବା ନେଇ ତାଙ୍କ ଝିଅ ପିଆ ସୂଚନା ଦେଇଛନ୍ତି। ଭାରତ ସରକାର ୧୯୭୬ରେ ଶ୍ୟାମଙ୍କୁ ପଦ୍ମଶ୍ରୀ ଏବଂ ୧୯୯୧ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ। ୧୯୭୪ରେ ଫିଲ୍ମ 'ଅଙ୍କୁର' ଦ୍ୱାରା ସେ ନିର୍ଦ୍ଦେଶନା କ୍ଷେତ୍ରରେ ପାଦ ଥାପିଥିଲେ। ସାମାଜିକ ପ୍ରସଙ୍ଗ ଉପରେ ଆଧାରିତ ଥିବା ଏହି ଚଳଚ୍ଚିତ୍ର ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ପରିଚୟ ଆଣି ଦେଇଥିଲା। ଏହାପରେ ସେ 'ନିଶାନ୍ତ', 'ଭୂମିକା', 'ମନ୍ଥନ', 'ଯୁବୈଦା', 'ସରଦାରୀ ବେଗମ' ପରି ଅନେକ ହିଟ୍ ଫିଲ୍ମ ନିର୍ମାଣ କରି ପ୍ରସିଦ୍ଧିଲାଭ କରିଥିଲେ।

# ରାଜ୍ୟରେ ସ୍ଥାପନ ହେବ ୩ ଡପଲର ରାଡାର

**ଭୁବନେଶ୍ୱର, ୨୩।୧୨ (ଅନିଲ ଦାସ)**



ଉପକୂଳବର୍ତ୍ତୀ ରାଜ୍ୟ ଓଡ଼ିଶାକୁ ସର୍ବଦା ପ୍ରାକୃତିକ ବିପଦର ଭୟ ଅଧିକ ରହିଛି। ଅନେକ ସମୟରେ ବାତ୍ୟା, ବନ୍ୟା, ମରୁଡ଼ି, ବଜ୍ରପାତ, ଅତ୍ୟଧିକ ବର୍ଷା ଯୋଗୁ ବହୁ ଧନ ଜୀବନ ନଷ୍ଟ ହେଉଛି। ଏହାକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କୁ ଆଗୁଆ ସୂଚନା ଦେବା ପାଇଁ ରାଜ୍ୟର ୩ଟି ସ୍ଥାନରେ ଡପଲର ରାଡାର ସ୍ଥାପନ କରାଯିବ। ସମ୍ବଲପୁର, ବାଲେଶ୍ୱର ଓ ଭୁବନେଶ୍ୱରରେ ଏହି ରାଡାର ସ୍ଥାପନ ହେବ। ଭୁବନେଶ୍ୱର ପାଇଁ ସ୍ୱତନ୍ତ୍ର ରାଡାର ବସିବ। ଏହାଦ୍ୱାରା ସହର ଓ ଏହାର ଆଖପାଖ ଅଞ୍ଚଳରେ ହେଉଥିବା ବର୍ଷା ଓ କୃତ୍ରିମ ବନ୍ୟା ବିଷୟରେ ଠିକ୍ ତଥ୍ୟ ମିଳିପାରିବ। ଏଥିସହ ବାୟୁର ମାନ(ଏୟାର୍ କ୍ୱାଲିଟି)ତଥ୍ୟ ମଧ୍ୟ ମିଳିବ। ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୋମବାର ଏ ନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସମଗ୍ର ଦେଶରେ ୨୦୨୬ ପହିଲା ସୁଦ୍ଧା ୧୨୬ଟି ରାଡାର ଲାଗିବ। ବର୍ତ୍ତମାନ ୭୩ଟି ରାଡାର କାମ କରୁଥିବା ବେଳେ ଆହୁରି ନୂଆ ୫୩ ରାଡାର ଲାଗିବ। ଏହି ରାଡାର ସ୍ଥାପନ ହେଲେ ଆଗୁଆ ପାଣିପାଗ ସୂଚନା ମିଳିବା ସହ ବନ୍ୟା, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ପତ୍ରେ ପତ୍ରେ ଠକ

## ଜଷ୍ଟିସ୍ ଭି. ରାମସୁବ୍ରମଣ୍ୟନ୍ ଏନ୍ଏଚ୍ଆର୍‌ସି ଅଧ୍ୟକ୍ଷ ନିଯୁକ୍ତ



**ନୂଆଦିଲ୍ଲୀ, ୨୩।୧୨**

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଭି. ରାମସୁବ୍ରମଣ୍ୟନ୍‌ଙ୍କୁ ସୋମବାର ଭାରତର ଜାତୀୟ ମାନବାଧିକାର ଆୟୋଗ (ଏନ୍ଏଚ୍ଆର୍‌ସି)ର ୯ମ ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ପୂର୍ବରୁ ଏନ୍ଏଚ୍ଆର୍‌ସି ଅଧ୍ୟକ୍ଷ ଥିବା ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଅରୁଣ କୁମାର ମିଶ୍ରଙ୍କ କାର୍ଯ୍ୟକାଳ ଗତ ଜୁନ୍ ୧ରେ ଶେଷ ହେବା ପରେ ଏହି ପଦବୀ ଖାଲି ପଡ଼ିଥିଲା। ☞ପୃଷ୍ଠା-୪

# ଏକାଧିକ ବିବାହ କରି ୧.୨୫ କୋଟି ଠକେଇ

**ଜୟପୁର, ୨୩।୧୨**

### ବନ୍ଧାହେଲେ ଲୁଟେରା କନ୍ୟା

ରାଜସ୍ଥାନର ଜୟପୁର ପୋଲିସ ସୀମା ଅଗ୍ରୱାଲ ଓରଫ ନିକ୍କି ନାମ୍ନୀ ଜଣେ ଯୁବତୀଙ୍କୁ ରବିବାର ଉତ୍ତରାଖଣ୍ଡର ଡେରାଡୁନ୍‌ରୁ ଗିରଫ କରିଛି। ଲୁଟେରା କନ୍ୟା ଭାବେ ପରିଚିତ ସୀମାଙ୍କୁ ବହୁ ସହରର ପୋଲିସ ଦୀର୍ଘ ବର୍ଷ ଧରି ଖୋଜି ଆସୁଥିଲେ। ସୀମା ଧନୀ ବ୍ୟକ୍ତିମାନଙ୍କୁ ଟାର୍ଗେଟ୍ କରି ପ୍ରଥମେ ସେମାନଙ୍କ ନିକଟତର ହେଉଥିଲେ ଏବଂ ଏହାପରେ କୌଶଳକ୍ରମେ ସେମାନଙ୍କୁ ବିବାହ କରୁଥିଲେ। ପରେ ସେ ନିଜ ସ୍ୱାମୀମାନଙ୍କୁ ଧମକ ଦେଇ ବିଭିନ୍ନ ମାମଲା ରୁଜୁ କରୁଥିଲେ ଏବଂ ବୁଝାମଣା ନାଁରେ ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ହଡ଼ପ କରୁଥିଲେ। ୨୦୧୩ଠାରୁ ବର୍ତ୍ତମାନ ସୁଦ୍ଧା ସୀମା ଏକାଧିକ ପୁରୁଷଙ୍କୁ ବିବାହ କରିବା ସହ ସେମାନଙ୍କଠାରୁ ୧.୨୫ କୋଟିରୁ ଅଧିକ ଟଙ୍କା ହଡ଼ପ କରଥିବା ପୋଲିସ କହିଛି। ଉତ୍ତରାଖଣ୍ଡର ସୀମା ୨୦୧୩ରେ ପ୍ରଥମେ ଆଗ୍ରାର ଜଣେ ବ୍ୟବସାୟୀଙ୍କୁ ନିଜ ପ୍ରେମ ଜାଲରେ ଫସାଇଥିଲେ। କିଛି ମାସ ପରେ ସେ ଉକ୍ତ ବ୍ୟବସାୟୀ ଓ ତାଙ୍କ ପରିବାର ଲୋକଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରିଥିଲେ। ସେମାନଙ୍କୁ ବଦନାମ କରିବାକୁ ଧମକ ଦେଇ ସୀମା ୭୫ ଲକ୍ଷ ଟଙ୍କା ମାଗିଥିଲେ। ପରିବାର ଲୋକେ ବାଧ୍ୟ ହୋଇ ସେମାନଙ୍କ ଆତ୍ମସମ୍ମାନ ପାଇଁ ମାମଲାକୁ ରଫାଦଫା କରିବା ଉଦ୍ଦେଶ୍ୟରେ ସୀମାଙ୍କୁ ୭୫ ଲକ୍ଷ ଟଙ୍କା ଦେଇଥିଲେ। ସେହିପରି ୨୦୧୭ରେ ସୀମା ଗୁରୁଗ୍ରାମର ଜଣେ ସଫ୍ଟୱେର ଇଞ୍ଜିନିୟରଙ୍କୁ ବିବାହ କରିଥିଲେ। ବିବାହର କିଛି ଦିନ ପରେ ତାଙ୍କୁ ମଧ୍ୟ ସୀମା ମିଥ୍ୟା ମାମଲାର ଧମକ ଦେଇଥିଲେ। ମାମଲାକୁ ରଫାଦଫା କରିବା ପାଇଁ ସେ ସଫ୍ଟୱେର ଇଞ୍ଜିନିୟରଙ୍କଠାରୁ ୧୦ ଲକ୍ଷ ଟଙ୍କା ନେଇ ତାଙ୍କଠାରୁ ଅଲଗା ହୋଇଥିଲେ। ୨୦୨୩ରେ ସେ ଜୟପୁରର ଜଣେ ବ୍ୟବସାୟୀଙ୍କୁ ବିବାହ କରିଥିଲେ। ବିବାହର କିଛି ଦିନ ପରେ ସୀମା ବ୍ୟବସାୟୀଙ୍କ ଘରେ ଥିବା ଲକ୍ଷାଧିକ ଟଙ୍କାର ସୁନା, ଅଳଙ୍କାର ସମେତ ନଗଦ ୩୬ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏନେଇ ବ୍ୟବସାୟୀ ଓ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଉତ୍ତରାଖଣ୍ଡ ପୋଲିସ ସହଯୋଗରେ ଜୟପୁର ପୋଲିସ ରବିବାର ସୀମାଙ୍କୁ ଡେରାଡୁନ୍‌ରୁ ଗିରଫ କରି ଜୟପୁର ଆଣିଛି। ସୋମବାର ଜୟପୁର କୋର୍ଟ ସୀମାଙ୍କୁ ୧୫ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ସୀମା ନିଜ ଶିକାର ପାଇଁ ବିଭିନ୍ନ ମାଟ୍ରିମୋନିଆଲ ସାଇଟ୍‌କୁ ବ୍ୟବହାର କରୁଥିବା ପୋଲିସ କହିଛି। ଛାଡ଼ପତ୍ର ହୋଇଥିବା କିମ୍ବା ସ୍ତ୍ରୀଙ୍କୁ ହରାଇଥିବା ସଫ୍ଟୱେର ଇଞ୍ଜିନିୟର, ☞ପୃଷ୍ଠା-୪



ସୀମା ଅଗ୍ରୱାଲ ଓରଫ ନିକ୍କି



**କଚ୍ଛରେ ଭୂକମ୍ପ**
ଗୁଜରାଟର କଚ୍ଛ ଜିଲାରେ ସୋମବାର ସକାଳେ ୩.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପ ଗବେଷଣା ସଂସ୍ଥା (ଆଇଏସ୍‌ଆର୍) ରିପୋର୍ଟ ଅନୁଯାୟୀ, ସକାଳ ୧୦ଟା ୪୪ ମିନିଟ୍ ସମୟରେ ଲଖପତଠାରୁ ୭୬ କି.ମି. ଦୂର ଉତ୍ତର-ଉତ୍ତରପୂର୍ବରେ ଭୂକମ୍ପ କେନ୍ଦ୍ରସ୍ଥଳ ରହିଛି।



# ପପ୍‌କର୍ନରେ ଜିଏସ୍‌ଟିକୁ ନେଇ ବିବାଦ

## ଭିନ୍ନ ଭିନ୍ନ ଜିଏସ୍‌ଟି ହାରକୁ ସମାଲୋଚନା

ନୂଆଦିଲ୍ଲୀ,୨୩।୧୨



ଦେଶରେ ପପ୍‌କର୍ନ ଉପରେ ନୂଆ ଟିକସକୁ ନେଇ ବିବାଦ ମୁଣ୍ଡ ଟେକିଛି। ଏବେ ବିଭିନ୍ନ ଫ୍ଲେଭରର ପପ୍‌କର୍ନ ଉପରେ ଭିନ୍ନଭିନ୍ନ ଜିଏସ୍‌ଟି ଲାଗୁ ହୋଇଛି। ସାଦା ପପ୍‌କର୍ନ ଉପରେ ୫ ପ୍ରତିଶତ ଜିଏସ୍‌ଟି ଲାଗୁ ହୋଇଥିବାବେଳେ ବ୍ରାଣ୍ଡେଡ୍ ପପ୍‌କର୍ନ ଉପରେ ୧୨%ଏବଂ କାରାମେଲ୍ ବା ଶର୍କରାଯୁକ୍ତ ପପ୍‌କର୍ନ ଉପରେ ୧୮% ଜିଏସ୍‌ଟି ଧାର୍ଯ୍ୟ ହୋଇଛି। ସମାଲୋଚକମାନେ ଏହାକୁ ଅତ୍ୟନ୍ତ ଜଟିଳ ବ୍ୟବସ୍ଥା ବୋଲି କହିଥିବାବେଳେ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି।

ପୂର୍ବତନ ଅର୍ଥନୈତିକ ଉପଦେଷ୍ଟାମାନେ ମଧ୍ୟ ଏହାକୁ ନେଇ ଚିନ୍ତା ପ୍ରକଟ କରିଥିବାବେଳେ ସରକାର ଏପର୍ଯ୍ୟନ୍ତ କୌଣସି ସଫେଇ ଦେଇନାହାନ୍ତି। ଚିନି ଓ ମସଲାଯୁକ୍ତ ପପ୍‌କର୍ନ ଉପରେ ଭିନ୍ନ ଟିକସ ବ୍ୟବସ୍ଥାକୁ ନେଇ ବିରୋଧୀ ଦଳଗୁଡ଼ିକ କଡ଼ା ସମାଲୋଚନା କରିଥିବାବେଳେ ସୋସିଆଲ ମିଡିଆରେ ଉତ୍ତେଜନା ପ୍ରକାଶ ପାଇଛି। ୨୦୧୭ରେ ଲାଗୁ ହୋଇଥିବା ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ବ୍ୟବସ୍ଥାକୁ ନେଇ ୨ ଜଣ ପୂର୍ବତନ ଅର୍ଥନୈତିକ ଉପଦେଷ୍ଟା ପ୍ରଶ୍ନ ଉଠାଇଛନ୍ତି।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଅଧ୍ୟକ୍ଷତାରେ ଗତ ଶନିବାର ଜିଏସ୍‌ଟି କାଉନସିଲ୍ ବୈଠକ ବସି ପପ୍‌କର୍ନ ଉପରେ ଭିନ୍ନଭିନ୍ନ ଟିକସ ବ୍ୟବସ୍ଥା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଲୁଣ ଏବଂ ମସଲାଯୁକ୍ତ ଅଣବ୍ରାଣ୍ଡେଡ୍ ପପ୍‌କର୍ନ ଉପରେ ୫ ପ୍ରତିଶତ ଜିଏସ୍‌ଟି ଲାଗୁ ହୋଇଥିବାବେଳେ ପୂର୍ବରୁ ପ୍ୟାକ୍ ହୋଇଥିବା ବ୍ରାଣ୍ଡେଡ୍ ପପ୍‌କର୍ନ ଉପରେ ୧୨ ପ୍ରତିଶତ ଏବଂ କାରାମେଲ୍ ପପ୍‌କର୍ନ ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲଗାଯିବାକୁ ଘୋଷଣା କରାଯିବା ସହ ତ୍ୱରିତ୍ ଲାଗୁ କରାଯାଇଛି। ଏବେ ବିଭିନ୍ନ ରାଜ୍ୟରେ ପପ୍‌କର୍ନ ଉପରେ ଭିନ୍ନ ଭିନ୍ନ ଟିକସ ଲାଗୁଛି। କାରାମେଲ୍ ପପ୍‌କର୍ନ ଉପରେ ୧୮ ପ୍ରତିଶତ ଜିଏସ୍‌ଟିକୁ ନେଇ ସୀତାରାମନ୍ କହିଥିଲେ, ଶର୍କରାଯୁକ୍ତ ସାମଗ୍ରୀ ଉପରେ ଭିନ୍ନ ଟିକସ ଲଗାଯାଇଥାଏ।

ଏହି ଘୋଷଣା ପରେ ରବିବାର ସାମାଜିକ ଗଣମାଧ୍ୟମରେ ଝଡ଼ ସୃଷ୍ଟି ହୋଇଛି। ବିରୋଧୀ ରାଜନେତା, ଅର୍ଥନୀତିଜ୍ଞ ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ସମର୍ଥକମାନେ ମଧ୍ୟ ଏଭଳି ଟିକସ ବ୍ୟବସ୍ଥାକୁ ସମାଲୋଚନା କରିଛନ୍ତି। ଜଟିଳତା ଏକ ଅମଲାତନ୍ତ୍ରୀ ଆନନ୍ଦ ହୋଇଥିବାବେଳେ ନାଗରିକଙ୍କ ପାଇଁ ଅତ୍ୟନ୍ତ କଟୁ ଅନୁଭବ ବୋଲି ପୂର୍ବତନ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା କେ.ଭି. ସୁବ୍ରମଣ୍ୟନ୍ ଏକ୍ସ'ରେ ଲେଖିଛନ୍ତି। ସେ ଏଭଳି ନିଷ୍ପତ୍ତିର ବାସ୍ତବତାକୁ ନେଇ ପ୍ରଶ୍ନ କରିଛନ୍ତି। ଅନ୍ୟତମ ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ୍ କହିଛନ୍ତି, ସରଳତା ଦିଗରେ ନ ଯାଏ, ଆମେ ଅଧିକ ଜଟିଳତା ଦିଗକୁ ଢଳୁଛେ। ଏଭଳି ବ୍ୟବସ୍ଥା କାର୍ଯ୍ୟକାରୀ କରିବା କଷ୍ଟସାଧ ଏବଂ ଅବାସ୍ତବ ବୋଲି ସେ କହିଛନ୍ତି। ଜିଏସ୍‌ଟି ଅଧୀନରେ ପପ୍‌କର୍ନ ଉପରେ ୩ ପ୍ରକାର ଟିକସ ସ୍ଲାବ୍ ମୂର୍ଖତା, ଯାହା ଟିକସ ବ୍ୟବସ୍ଥାରେ ବଢୁଥିବା ଜଟିଳତାକୁ ପଦାରେ ପକାଇଛି ବୋଲି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି। ପୂର୍ବରୁ ମଧ୍ୟ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଜିଏସ୍‌ଟି ହାରକୁ ନେଇ ବିବାଦ ସୃଷ୍ଟି ହୋଇଥିଲା।

# ହାସିନାଙ୍କୁ ପ୍ରତ୍ୟର୍ପଣ କର

## ଭାରତକୁ ଆନୁଷ୍ଠାନିକ ଭାବେ ଲେଖିଲା ବାଂଲାଦେଶ

ଢାକା,୨୩।୧୨(ପି.ଟି.)



ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଢାକା ପ୍ରତ୍ୟର୍ପଣ କରିବା ନିମନ୍ତେ ସେଠାକାର ଅନ୍ତରୀଣ ସରକାର ସୋମବାର ଭାରତକୁ ଏକ କୂଟନୈତିକ ନୋଟ୍ ପଠାଇଛନ୍ତି। ବାଂଲାଦେଶରେ ଜୁଲାଇ-ଅଗଷ୍ଟରେ ଜୋର୍‌ଦାର ଛାତ୍ର ଆନ୍ଦୋଳନ ପରେ ହାସିନା ଅଗଷ୍ଟ ୫ରେ କ୍ଷମତାଚ୍ୟୁତ ହେବା ସହ ଭାରତ ପଳାଇ ଆସିଥିଲେ। ମାନବତା ବିରୋଧରେ ଅପରାଧ ଏବଂ ଗଣହତ୍ୟା ଅଭିଯୋଗରେ ଢାକାସ୍ଥିତ ଅନ୍ତର୍ଜାତୀୟ ଆପରାଧିକ ଟ୍ରିବ୍ୟୁନାଲ (ଆଇସିଟି) ତାଙ୍କ ନାମରେ ଗିରଫ ପରଓ୍ୱାନା ଜାରି କରିଥିଲେ। ଏଥିସହିତ ତାଙ୍କ ମନ୍ତ୍ରିମଣ୍ଡଳର କେତେଜଣ କ୍ୟାବିନେଟ ମନ୍ତ୍ରୀ, ଉପଦେଷ୍ଟା, ସାମରିକ ଏବଂ ବେସାମରିକ ଅଫିସରଙ୍କ ବିରୋଧରେ ମଧ୍ୟ ଅନୁରୂପ ମାମଲାରେ ଗିରଫ ପରଓ୍ୱାନା ଜାରି ହୋଇଥିଲା।

ହାସିନାଙ୍କ ବିରୋଧରେ ନ୍ୟାୟିକ ପ୍ରକ୍ରିୟା ଚାଲିବା ନିମନ୍ତେ ତାଙ୍କର ପ୍ରତ୍ୟର୍ପଣ ପାଇଁ ଆମେ ଭାରତକୁ କୂଟନୈତିକ ବାର୍ତ୍ତା ପଠାଇଛୁ ବୋଲି ସେଠାର ବହିର୍ବ୍ୟାପାର ଉପଦେଷ୍ଟା ତୌହିଦ୍ ହୋସେନ୍ ଗଣମାଧ୍ୟମକୁ କହିଛନ୍ତି। ଭାରତ ଏବଂ ବାଂଲାଦେଶ ମଧ୍ୟରେ ପ୍ରତ୍ୟର୍ପଣ ସନ୍ଧି ରହିଥିବାରୁ ହାସିନାଙ୍କୁ ଏହି ସନ୍ଧି ବଳରେ ଢାକା ଫେରାଇ ଅଣାଯାଇପାରିବ ବୋଲି ସେଠାର ଗୃହ ମନ୍ତ୍ରଣାଳୟ କହିଛି।

## ସଂକ୍ଷେପରେ

### ୭୧ ହଜାର ଆଶାୟୀଙ୍କୁ ନିଯୁକ୍ତିପତ୍ର ବାଣ୍ଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୩।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଭିଡିଓ କନ୍‌ଫରେନ୍ସ ଜରିଆରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ୭୧ ହଜାର ନବନିଯୁକ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବାଣ୍ଟିଛନ୍ତି। ଦେଶବ୍ୟାପୀ ଯୁବବର୍ଗଙ୍କୁ ସଶକ୍ତ କରିବା ସହ ନିଯୁକ୍ତି ସୃଷ୍ଟି ବଢ଼ାଇବା ନିଯୁକ୍ତି ମେଳାର ଲକ୍ଷ୍ୟ। ଗତ ୧୮ ମାସ ମଧ୍ୟରେ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ପ୍ରାୟ ୧୦ ଲକ୍ଷ ସ୍ଥାୟୀ ସରକାରୀ ନିଯୁକ୍ତି ସୃଷ୍ଟି ହୋଇଛି, ଯାହାକି ଏକ ଐତିହାସିକ ସଫଳତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### କୋର୍ଟରୁମ୍‌ରେ ବିଚାରପତିଙ୍କୁ ଚପଲ ଫିଙ୍ଗିଲେ ହତ୍ୟା ଅଭିଯୁକ୍ତ

ଠାଣେ,୨୩।୧୨

ମହାରାଷ୍ଟ୍ର ଠାଣେ ଜିଲାର ଏକ ସେସନ୍ସ କୋର୍ଟରେ ଶନିବାର ଅପରାହ୍ଣରେ ଶୁଣାଣି ବେଳେ ଜଣେ ୨୨ ବର୍ଷୀୟ ହତ୍ୟା ଅଭିଯୁକ୍ତ ବିଚାରପତିଙ୍କ ଉପରକୁ ଚପଲ ଫିଙ୍ଗିଥିଲେ। ଚପଲ ବିଚାରପତିଙ୍କ ଦେହରେ ନ ବାଜି ଝରକାରେ ମାଡ଼ ହେବା ପରେ କ୍ଲର୍କ ବେଞ୍ଚ୍ ପାଖରେ ପଡ଼ିଥିଲା। ଅଭିଯୁକ୍ତ କିରନ ସନ୍ତୋଷ ଭରମଙ୍କ ନାଁରେ ମାମଲା ରୁଜୁ ହୋଇଛି। ହତ୍ୟା ମାମଲାରେ କିରନ୍‌ଙ୍କୁ ଜିଲା ଓ ଅତିରିକ୍ତ ସେସନ୍ସ ଜଜ୍ ଆର୍.ଜି. ୱାଘମେର୍‌ଙ୍କ କୋର୍ଟରେ ହାଜର କରାଯାଇଥିବାବେଳେ ସେ ଅନ୍ୟ ଅଦାଲତରେ ମାମଲାକୁ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ନିବେଦନ କରିଥିଲେ। ସେହି ସମୟରେ ତାଙ୍କ ଓକିଲ କୋର୍ଟ ରୁମ୍‌ରେ ଉପସ୍ଥିତ ନ ଥିବାରୁ ବିଚାରପତି ଶୁଣାଣିକୁ ଘୁଞ୍ଚାଇବା ସହ ଆଉ ଜଣେ ଓକିଲ ଦେବାକୁ କହିଥିଲେ। ଏହି ସମୟରେ କିରନ୍ ନଇଁପଡ଼ି ଚପଲ ଉଠାଇ ବିଚାରପତିଙ୍କୁ ଫିଙ୍ଗିଥିଲେ।



ଶୀତଋତୁ ପାଇଁ ଆସାମ ମୋରିଗାଁଓ ଜିଲାର ପୋବିତୋରା ବନ୍ୟପ୍ରାଣୀ ଅଭୟାରଣ୍ୟରେ ବିଦେଶାଗତ ହଂସଙ୍କ ସମାଗମ।

# ଛାଡ଼ପତ୍ର ପାଇଁ ଆବେଦନ କଲେ ବଶରଙ୍କ ସ୍ତ୍ରୀ

ମସ୍କୋ,୨୩।୧୨

ସିରିଆର ବହିଷ୍କୃତ ରାଷ୍ଟ୍ରପତି ବଶର ଅଲ୍-ଅସାଦଙ୍କ ସ୍ତ୍ରୀ ଅସ୍‌ମା ଅଲ୍ ଅସାଦ୍ ଛାଡ଼ପତ୍ର ପାଇଁ ଆବେଦନ କରିଛନ୍ତି। ସେ ବ୍ରିଟେନ୍ ଫେରିଯିବାକୁ ଚାହୁଁଥିବା ଜଣାଇଛନ୍ତି। କ୍ଷମତାଚ୍ୟୁତ ହେବା ପରେ ମସ୍କୋରେ ବଶରଙ୍କ ସହ ଶରଣାର୍ଥୀ ଭାବେ ରହିବାରେ ସେ ଅସନ୍ତୁଷ୍ଟ ଥିବା ରିପୋର୍ଟ ପ୍ରକାଶ ପାଇଛି। ଦେଶ ଛାଡ଼ିବା ପାଇଁ ସ୍ୱତନ୍ତ୍ର ଅନୁମତି ନିମନ୍ତେ ସେ ରୁଷିଆର ଏକ ଅଦାଲତରେ ଆବେଦନ କରିଥିଲେ। ୧୯୭୫ରେ ଲଣ୍ଡନରେ ଜନ୍ମିତ ଆସ୍‌ମା ଉଭୟ ବ୍ରିଟେନ୍ ଏବଂ ସିରିଆର ନାଗରିକତ୍ୱ ହାସଲ କରିଛନ୍ତି। ସେ ଲଣ୍ଡନର କିଙ୍ଗ୍‌ସ କଲେଜରୁ କମ୍ପ୍ୟୁଟର ସାଇନ୍ସ ଏବଂ ଫ୍ରେଞ୍ଚ୍ ଭାଷାରେ ଡିଗ୍ରୀ କରିବା ପରେ ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍‌ରେ କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୦ ଡିସେମ୍ବରରେ ସେ ବଶର ଅଲ୍-ଅସାଦଙ୍କୁ ବିବାହ କରିଥିଲେ। ସିରିଆରେ ବିଦ୍ରୋହ ଆରମ୍ଭ ହେବା ପରେ ଆସ୍‌ମା ତାଙ୍କର ୩ ପିଲାଙ୍କ ସହ ଲଣ୍ଡନରେ ଶରଣ ନେବାକୁ ଚାହୁଁଥିଲେ।



ଅସ୍‌ମା ଅଲ୍ ଅସାଦ୍

# ୧୨ କୋଟି ହରାଇଲେ ସଫ୍ଟଓ୍ୱେର ଇଞ୍ଜିନିୟର

ବେଙ୍ଗାଲୁରୁ, ୨୩।୧୨

## ଡିଜିଟାଲ ଆରେଷ୍ଟ ଠକେଇ

ବେଙ୍ଗାଲୁରୁର ଜଣେ ସଫ୍ଟଓ୍ୱେର ଇଞ୍ଜିନିୟର ଡିଜିଟାଲ ଆରେଷ୍ଟର ଶିକାର ହୋଇ ପ୍ରାୟ ୧୨ କୋଟି ଟଙ୍କା ହରାଇଛନ୍ତି। ଗତ ୧୧ରେ ଇଞ୍ଜିନିୟରଙ୍କୁ ଏକ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ନିଜକୁ ଟେଲିକମ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆର ଅଧିକାରୀ ଭାବେ ପରିଚୟ ଦେଇଥିଲେ। ଇଞ୍ଜିନିୟରଙ୍କ ଆଧାର କାର୍ଡ ବିଭିନ୍ନ ବେଆଇନ ବିଜ୍ଞାପନରେ ବ୍ୟବହାର ହେଉଥିବା କୁହାଯାଇଥିଲା। ଅନ୍ୟ ଏକ କଲ୍‌ରେ ପୋଲିସ ଅଧିକାରୀ ପରିଚୟ ଦେଇ ଜଣେ ବ୍ୟକ୍ତି ଅର୍ଥ ହେର୍‌ଫେର୍ ମାମଲାରେ ଇଞ୍ଜିନିୟରଙ୍କ ଆଧାର କାର୍ଡ ବ୍ୟବହାର ହୋଇଥିବା କହିଥିଲେ। ଭର୍ଚ୍ଚୁଆଲ ଯାଞ୍ଚରେ ସହଯୋଗ ନ କଲେ ତାଙ୍କୁ ଗିରଫ କରାଯିବ ବୋଲି ଧମକ ମିଳିଥିଲା। ସ୍କାଇପ୍ ଆପ୍ ମାଧ୍ୟମରେ ତାଙ୍କର ଅନ୍‌ଲାଇନ୍ ଜେରା ହେଉଥିଲା। ଜେରା ସମୟରେ ଅନେକ ଥର ବିଭିନ୍ନ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରାଇବା ପାଇଁ ଇଞ୍ଜିନିୟରଙ୍କୁ ଧମକ ଦିଆଯାଇଥିଲା। ସେ ଜେରାବେଳେ ସମୁଦାୟ ୧୧.୮ କୋଟି ଟଙ୍କା ଅଭିଯୁକ୍ତଙ୍କ ଆକାଉଣ୍ଟକୁ ପଠାଇଥିଲେ। ସୋମବାର ଘଟଣା ସମ୍ପର୍କରେ ଇଞ୍ଜିନିୟର ଜଣକ ଥାନାରେ ଅଭିଯୋଗ କରିଛନ୍ତି। ବେଙ୍ଗାଲୁରୁ ସାଇବର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଚଳାଇଛି।

# ଶ୍ରୀରାମ କ୍ରିଷ୍ଣନ ହେବେ ଆମେରିକାର ଏଆଇ ପରାମର୍ଶଦାତା

ୱାଶିଂଟନ, ୨୩।୧୨

ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଭାରତୀୟ ବଂଶୋଦ୍ଭବ ଉଦ୍ୟୋଗୀ ଶ୍ରୀରାମ କ୍ରିଷ୍ଣନଙ୍କୁ ଦେଶର ଏଆଇ ଉପରେ ରହିଥିବା ହ୍ୱାଇଟ ହାଉସ୍ ଅଫିସ୍ ଏବଂ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପଲିସିର ବରିଷ୍ଠ ନୀତି ପରାମର୍ଶଦାତା ଭାବେ ଚୟନ କରିଛନ୍ତି। ପୂର୍ବରୁ ଶ୍ରୀରାମ ଟୁଇଟର, ୟାହୁ, ଫେସ୍‌ବୁକ, ମାଇକ୍ରୋସଫ୍ଟ ଆଦି କମ୍ପାନୀରେ କାର୍ଯ୍ୟ କରିବା ସହ ଏସବୁର ପ୍ରଡକ୍ଟ ଟିମର ନେତୃତ୍ୱ ନେଇ ସାରିଛନ୍ତି। ବିଲିୟନେୟାର ବ୍ୟବସାୟୀ ଏଲନ୍ ମସ୍କଙ୍କ ସହ ମଧ୍ୟ ଶ୍ରୀରାମଙ୍କର ସୁସମ୍ପର୍କ ରହିଛି। ଟ୍ରମ୍ପ ଏନେଇ ଘୋଷଣା କରି କହିଛନ୍ତି, ଏଆଇ କ୍ଷେତ୍ରରେ ଆମେରିକାର ପ୍ରାଧାନ୍ୟକୁ ସୁନିଶ୍ଚିତ କରିବା ଦିଗରେ ଶ୍ରୀରାମ ଧ୍ୟାନ ଦେବେ।

# ପୂଜା ଖେଡ଼୍‌କରଙ୍କୁ ମିଳିଲାନି ଆଗୁଆ ଜାମିନ

ନୂଆଦିଲ୍ଲୀ,୨୩।୧୨(ପି.ଟି.)

## ୟୁପିଏସ୍‌ସି ପରୀକ୍ଷାରେ ଠକେଇ ମାମଲା



ପୂର୍ବତନ ଟ୍ରେନି ଆଇଏଏସ୍ ଅଫିସର ପୂଜା ଖେଡ଼୍‌କରଙ୍କୁ ଆଗୁଆ ଜାମିନ ଦେବାକୁ ଦିଲ୍ଲୀ ହାଇକୋର୍ଟ ସୋମବାର ମନା କରିଦେଇଛନ୍ତି। ଭୁଲ୍ ତଥ୍ୟ ଦେଇ ଓବିସି ଏବଂ ଭିନ୍ନକ୍ଷମ କୋଟା ସୁବିଧା ହାତେଇବା ସହ ସିଭିଲ୍ ସର୍ଭିସ ପରୀକ୍ଷାରେ ଠକେଇ ଅଭିଯୋଗରେ ତାଙ୍କ ନାମରେ ଆପରାଧିକ ମାମଲା ରୁଜୁ ହୋଇଥିଲା। ଗିରଫରୁ ବର୍ତ୍ତିବା ପାଇଁ ତାଙ୍କର ଆଗୁଆ ଜାମିନ ଆବେଦନକୁ ଜଷ୍ଟିସ୍ ଚନ୍ଦ୍ରଧରୀ ସିଂ ଖାରଜ କରିଦେଇଛନ୍ତି। ଖେଡ଼୍‌କରଙ୍କ ବିରୋଧରେ ଯଥେଷ୍ଟ ତଥ୍ୟ ପ୍ରମାଣ ରହିଥିବାରୁ ଷଡ଼ଯନ୍ତ୍ରକୁ ପଦାକୁ ଆଣିବା ପାଇଁ ତଦନ୍ତ ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି। ଖେଡ଼୍‌କର ୨୦୨୨ର ୟୁପିଏସ୍‌ସି ସିଭିଲ୍ ସର୍ଭିସ ପରୀକ୍ଷା ପାଇଁ ଆବେଦନପତ୍ରରେ ଭୁଲ୍ ତଥ୍ୟ ଦେଇ ସଂରକ୍ଷଣ ସୁବିଧା ପାଇଥିବା ଅଭିଯୋଗ ହୋଇଥିଲା।

# ଅଜ୍ଞତା ଯୋଗୁ ଧର୍ମ ନାମରେ ଅତ୍ୟାଚାର ହେଉଛି: ଭାଗବତ

ମୁମ୍ବାଇ,୨୩।୧୨

## ଧର୍ମ ଲୋକଙ୍କ ମଧ୍ୟରେ ବିଭାଜନ ସୃଷ୍ଟି ନୁହେଁ ବରଂ ଏକାଠି କରିବାର ଜ୍ଞାନ ଦେଇଥାଏ

ଦେଶର ବିଭିନ୍ନ ଭାଗରେ ମନ୍ଦିର-ମସ୍‌ଜିଦ ବିବାଦ ବଢ଼ିବାରେ ଲାଗିଥିବାରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଗତ ଶୁକ୍ରବାର ଚିନ୍ତାବ୍ୟକ୍ତ କରିଥିଲେ। ନୂଆ ନୂଆ ସ୍ଥାନରେ ମନ୍ଦିର-ମସ୍‌ଜିଦ ବିବାଦ ଛିଡ଼ା କରାଯିବା ଦ୍ୱାରା ସାମ୍ପ୍ରଦାୟିକ ସଦ୍‌ଭାବରେ ବାଧା ସୃଷ୍ଟି ହେଉଥିବା ସେ କହିଥିଲେ। ଅଜ୍ଞତା ଯୋଗୁ ଧର୍ମ ନାମରେ ସବୁ ପ୍ରକାର ଅତ୍ୟାଚାର ହେଉଥିବା ସେ ରବିବାର କହିଛନ୍ତି। ମହାରାଷ୍ଟ୍ରର ଅମରାବତୀଠାରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଭାଗବତ କହିଛନ୍ତି, ଧର୍ମ ଉପରେ ଅନୁପଯୁକ୍ତ ଏବଂ ଅସମ୍ପୂର୍ଣ୍ଣ ଜ୍ଞାନ ଅଧର୍ମ ସୃଷ୍ଟି କରୁଛି। ଧର୍ମ ସଦାବେଳେ ରହିଛି ଓ ବିଶ୍ୱର ସମସ୍ତ କାର୍ଯ୍ୟକୁ ପରିଚାଳନା କରୁଛି, ଯାହାକୁ ସନାତନର ମାର୍ଗ କୁହାଯାଇଥାଏ। ଧର୍ମାଚରଣ ନିଜେ ଏହାର ସୁରକ୍ଷା ସୁନିଶ୍ଚିତ କରିଥାଏ। ଆମ ଧର୍ମରେ ରହିଥିବା ବିଭିନ୍ନ ସଂସ୍କାରମୂଳକ ମାର୍ଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ, ଯାହା ଧର୍ମର ବାସ୍ତବ ସମ୍ପତ୍ତି ବୋଲି ଆର୍‌ଏସ୍‌ଏସ୍ ମୁଖ୍ୟ କହିଛନ୍ତି। ଲୋକଙ୍କ ମଧ୍ୟରେ ଭାଗ ଭାଗ କରିବାକୁ କୌଣସି ଧର୍ମ ଶିକ୍ଷା ଦେଇ ନ ଥାଏ, ବରଂ ତାହା ଲୋକଙ୍କୁ ଏକାଠି କରିବାର ଜ୍ଞାନ ପ୍ରଦାନ କରିଥାଏ। ଏକତା ହେଉଛି ଶାଶ୍ୱତ ଏବଂ ସମଗ୍ର ବ୍ରହ୍ମାଣ୍ଡ ଗୋଟିଏ। ଅହିଂସ ଆଚରଣ ଧର୍ମକୁ ରକ୍ଷାକରେ। ଯଦି ଆମେ ବାସ୍ତବରେ ଏବଂ ଉପଯୁକ୍ତ ଭାବେ ଧର୍ମକୁ ବୁଝିବା, ତେବେ ଶାନ୍ତି, ସମାନତା, ଏକତା ଏବଂ ସମୃଦ୍ଧି ମିଳିବ ବୋଲି ଭାଗବତ କହିଛନ୍ତି।



ମୋହନ ଭାଗବତ

# ସନ୍ନି ଲିଓନଙ୍କ ନାମରେ ସରକାରୀ ଯୋଜନାର ଫାଇଦା ଉଠାଉଛନ୍ତି ଯୁବକ



ରାୟପୁର

ଛତିଶଗଡ଼ରେ ୧୦ ମାସ ହେଲା ଅଭିନେତ୍ରୀ ତଥା ମଡେଲ ସନ୍ନି ଲିଓନଙ୍କ ନାମରେ ଜଣେ କାଳ୍ପନିକ ମହିଳାଙ୍କୁ ରାଜ୍ୟର ମହାତାରୀ ବନ୍ଦନ ଯୋଜନାର ଲାଭ ମିଳୁଛି। ଏହି ଯୋଜନାରେ ଛତିଶଗଡ଼ର ୭୦ ଲକ୍ଷ ବିବାହିତା ମହିଳାଙ୍କୁ ମାସିକ ହଜାରେ ଟଙ୍କା ମିଳୁଛି। ଜଣେ ଯୁବକ ସନ୍ନିଙ୍କ ନାମରେ ଏହି ଯୋଜନାର ଫାଇଦା ଉଠାଉଥିବା ନେଇ ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ଯୋଗେ ଜଣାପଡ଼ିଛି।

ବସ୍ତର ଜିଲା ତାଲୁର ଗ୍ରାମର ବୀରେନ୍ଦ୍ର ଯୋଶୀ ସନ୍ନିଙ୍କ ନାମରେ ଜଣେ ହିତାଧିକାରୀ ଭାବେ ରାଜ୍ୟ ସରକାରଙ୍କ ମହାତାରୀ ବନ୍ଦନ ଯୋଜନା ପାଇଁ ଆବେଦନ କରିଥିଲେ। ଫର୍ମ ପୂରଣ ବେଳେ ସେ ସନ୍ନିଙ୍କ ସ୍ୱାମୀଙ୍କ ନାମ ଜନ୍ ସିନ୍ସ ରଖିଥିଲେ। ବୀରେନ୍ଦ୍ର ଜାଲିଆତି କରି ଜଣେ ମହିଳାଙ୍କ ଆଧାର କାର୍ଡକୁ ବ୍ୟବହାର କରିଥିଲେ ଏବଂ ସନ୍ନିଙ୍କ ନାମରେ ଖୋଲିଥିବା ଆକାଉଣ୍ଟକୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ସହ ଯୋଡ଼ି ପ୍ରତି ମାସରେ ହଜାରେ ଟଙ୍କା ପାଉଥିଲେ। ବସ୍ତର ଜିଲା ପ୍ରଶାସନ ଉକ୍ତ ଆକାଉଣ୍ଟକୁ ଅଚଳ କରିବା ସହ ବୀରେନ୍ଦ୍ରଙ୍କ ବିରୋଧରେ ମାମଲା ରୁଜୁ କରିଛି।

## ଫୁର୍‌ସତ୍



ଜୟଦୀପ ଅହଲାୱତ

# ଜାନୁଆରୀ ୧୭ରେ 'ପାତାଲଲୋକ ସିଜନ୍ ୨'

ମୁମ୍ବାଇ

୨୦୨୦ରେ ଓଟିଟି ପ୍ଲାଟ୍‌ଫର୍ମ ପ୍ରାଇମ୍ ଭିଡିଓରେ ରିଲିଜ୍ ହୋଇଥିବା 'ପାତାଲଲୋକ' ସିରିଜ୍‌କୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ଦୀର୍ଘ ସମୟ ଧରି ପ୍ରଶଂସକମାନେ ଏହାର ଦ୍ୱିତୀୟ ସିଜନ୍‌କୁ ଉତ୍ସାହର ସହ ଅପେକ୍ଷା କରି ରହିଥିଲେ। ସୋମବାର 'ପାତାଲଲୋକ'ର ନିର୍ମାତାଙ୍କ ପକ୍ଷରୁ ଏହାର ଦ୍ୱିତୀୟ ସିଜନର ପ୍ରିମିୟର ତାରିଖକୁ ଘୋଷଣା କରାଯାଇଛି। ଆସନ୍ତା ଜାନୁଆରୀ ୧୭ରୁ ଓ ପ୍ରାଇମ୍ ଭିଡିଓରେ 'ପାତାଲଲୋକ ସିଜନ୍ ୨' ଷ୍ଟ୍ରିମିଂ ହେବ। ଅବିନାଶ ଅରୁଣ ଧାୱରେଙ୍କ ଦ୍ୱାରା ନିର୍ଦ୍ଦେଶିତ ଏବଂ ସୁଦୀପ ଶର୍ମାଙ୍କ ଦ୍ୱାରା ନିର୍ମିତ 'ପାତାଲଲୋକ'ର ପ୍ରଥମ ସିଜନ୍‌ର କାହାଣୀକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ଉକ୍ତ ସିରିଜ୍‌ରେ ଅଭିନେତା ଜୟଦୀପ ଅହଲାୱତଙ୍କ ପୋଲିସ ଅଧିକାରୀ ହାତୀରାମ ଚୌଧୁରୀ ଚରିତ୍ର ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ସିରିଜ୍‌ର ପ୍ରଥମ ସିଜନ୍ ପରି ଦ୍ୱିତୀୟ ସିଜନ୍‌ରେ ମଧ୍ୟ ଅଭିନେତା ଜୟଦୀପଙ୍କ ସହ ଇଶ୍ୱାକ ସିଂ ଏବଂ ଅଭିନେତ୍ରୀ ଗୁଲ୍ ପନାଗଙ୍କୁ ଦେଖିବାକୁ ମିଳିବ। ସେହିପରି ଏହି ସିଜନ୍‌ରେ ଅଭିନେତ୍ରୀ ତିଲୋତ୍ତମା ଶୋମ ଏବଂ ଅଭିନେତା ନାଗେଶ କୁକୁନୁର ଓ ଜାହ୍ନୁ ବରୁଆଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ। ପ୍ରାଇମ୍ ଭିଡିଓ ଇଣ୍ଡିଆର ହେଡ୍ ଅଫ୍ ଅରିଜିନାଲ୍ସ ନିଖିଲ ମଧୋକ କହିଛନ୍ତି, 'ପାତାଲଲୋକ'ର ସିଜନ୍ ୧ ଏହାର ଚିତ୍ତାକର୍ଷକ କାହାଣୀ ଜରିଆରେ ସମାଜର କଠୋର ବାସ୍ତବିକତାକୁ ଅତି ସୁନ୍ଦର ଭାବେ ଚିତ୍ରଣ କରିଥିଲା। ଏହା ଦ୍ୱାରା ପ୍ରାଇମ୍ ଭିଡିଓକୁ ମଧ୍ୟ ଅନେକ ମାତ୍ରାରେ ପ୍ରଶଂସକ ମିଳିଥିଲେ।

# ଗ୍ରାହକ ସଚେତନ ହେବା ଜରୁରୀ

## ଜାତୀୟ ଉପଭୋକ୍ତା ଦିବସ

**ଭା**ରତରେ ଡିସେମ୍ବର ୨୪କୁ ଜାତୀୟ ଉପଭୋକ୍ତା ଦିବସ ଭାବରେ ପାଳନ କରାଯାଏ। ଗ୍ରାହକମାନଙ୍କୁ ସଚେତନ କରାଇବା ଏବଂ ସେମାନଙ୍କର ଅଧିକାରକୁ ମଜଭୁତ କରିବା ଲକ୍ଷ୍ୟରେ ଏହି ଦିନ ପାଳନ କରାଯାଏ। ଏହାସହ ଏହି ଦିନର ଐତିହାସିକ ମହତ୍ତ୍ୱ ରହିଛି, କାରଣ ୧୯୮୬ରେ ଏହି ଦିନ ଗ୍ରାହକ ସୁରକ୍ଷା ଆଇନ ଏକ ବିଲ ଭାବରେ ପାରିତ ହୋଇଥିଲା। ଗ୍ରାହକଙ୍କ ଅଧିକାରର ସୁରକ୍ଷା ତଥା ସଶକ୍ତିକରଣ ଲକ୍ଷ୍ୟରେ ଏହି ଆଇନରେ ସମୟ ସମୟରେ ସଂଶୋଧନ କରାଯାଇଥାଏ। ଯାହା ଗ୍ରାହକଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ଏକ ଦୃଢ ମୂଳଦୁଆ ଯୋଗାଇଥାଏ।

ଗ୍ରାହକ ସୁରକ୍ଷା ଆଇନର ଡ୍ରାଫ୍ଟ କୌଣସି ସରକାରୀ ଅନୁଷ୍ଠାନ ଦ୍ୱାରା ନୁହେଁ, ବରଂ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତିରାଜ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ୧୯୭୯ରେ, ଗ୍ରାହାକ ପଞ୍ଚାୟତ ଅଧୀନରେ ଏକ ଆଇନ କମିଟି ଗଠନ କରାଯାଇଥିଲା। ଏହି କମିଟିର ଅଧ୍ୟକ୍ଷ ଗୋବିନ୍ଦଦାସ ଏବଂ ସଚିବ ସୁରେଶ ବହିରାଟ୍ ଥିଲେ।

ଗ୍ରାହକମାନେ ଯେକୌଣସି ଦେଶର ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଯଦି ଗ୍ରାହକମାନେ ସେମାନଙ୍କର ଅଧିକାର ବିଷୟରେ ଅବଗତ ଅଛନ୍ତି, ସେମାନେ କେବଳ ସେମାନଙ୍କର ସ୍ୱାର୍ଥ ରକ୍ଷା କରିବାରେ ସମର୍ଥ ହେବେ ନାହିଁ ବରଂ ବ୍ୟବସାୟିକ ପ୍ରଥାକୁ ଉନ୍ନତ ଏବଂ ସ୍ୱଚ୍ଛ କରିବାରେ ମଧ୍ୟ ସକ୍ଷମ ହେବେ। ଜାତୀୟ ଉପଭୋକ୍ତା ଦିବସରେ ବିଭିନ୍ନ ସରକାରୀ ତଥା ଅଣ-ସରକାରୀ ସଂଗଠନ ଦ୍ୱାରା ସଚେତନତା ଅଭିଯାନ, କର୍ମଶାଳା ଏବଂ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।




# ଶିକ୍ଷା ବ୍ୟବସ୍ଥାରେ ସାଂସ୍କୃତିକ, ଆଧ୍ୟାତ୍ମିକତାର ମଞ୍ଜିବୁଣିବା ଜରୁରୀ

### ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୩।୧୨ (ଅନୁରାଧା ମହାରଣା)

ହରିଦ୍ୱାରସ୍ଥିତ ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ଭାରତୀୟ ଶିକ୍ଷା ବୋର୍ଡ(ବିଏସ୍‌ବି) ଏବଂ ପତଞ୍ଜଳି ଯୋଗପୀଠ ପକ୍ଷରୁ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୋଗଗୁରୁ ବାବା ରାମଦେବ ଏହାର ଉଦ୍‌ଘାଟନ କରିଥିବାବେଳେ ଏଥିରେ ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ, ଭାରତୀୟ ଶିକ୍ଷା ମଣ୍ଡଳ, ଇଶା ଯୋଗ ଫାଉଣ୍ଡେଶନ, ରାମକୃଷ୍ଣ ମିଶନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଅଗସ୍ତ୍ୟ ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନ, ଚିନ୍ନା ଜୀୟାର ସ୍ୱାମୀ ଅନୁଷ୍ଠାନ, ସ୍ୱାମୀନାରାୟଣ ଗୁରୁକୁଳ ସଂସ୍ଥାନ, ବିବେକାନନ୍ଦ କେନ୍ଦ୍ର, ଶ୍ରୀଅରବିନ୍ଦ ସୋସାଇଟି, ଭିକ୍ଷୁ ସଂଘ ସେନା, ଜୈନ ଏଜୁକେଶନ ଟ୍ରଷ୍ଟ, ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟ, ସନାତନ ଧର୍ମ ପ୍ରତିନିଧି ସଭା, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ଅନୁଷ୍ଠାନର ପ୍ରତିନିଧି ଯୋଗଦେଇଥିଲେ। ଆଧୁନିକ ଶିକ୍ଷା ପଦ୍ଧତିରେ ସଂସ୍କୃତିକୁ କିପରି ଯୋଡ଼ାଯାଇପାରିବ ସେ ସମ୍ପର୍କରେ ଅତିଥିମାନେ ମତ ବିନିମୟ କରିଥିଲେ। ଭାରତୀୟ ଶିକ୍ଷା ଓ ସଂସ୍କୃତିକୁ ବିଶ୍ୱ ବିଦିତ କରିବା ଦିଗରେ ବିଭିନ୍ନ ଅନୁଷ୍ଠାନ



ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ତୃଣମୂଳ ସ୍ତରରୁ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ନବ ସୃଜନ, ଗବେଷଣା, ଶିକ୍ଷା ପଦ୍ଧତିରେ ନୂତନ ଜ୍ଞାନକୌଶଳ ପ୍ରୟୋଗ, ଶିକ୍ଷକଙ୍କ ସହ ଭାବ ବିନିମୟ ଦ୍ୱାରା ଶିକ୍ଷକ ଓ ଛାତ୍ର ସମାଜର ସର୍ବାଙ୍ଗୀନ ଉନ୍ନତି ସମ୍ଭବ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଆଚାର୍ଯ୍ୟ ବାଲ୍‌କୃଷ୍ଣ ଯୁବପିଢ଼ି ଶିକ୍ଷା ବ୍ୟବସ୍ଥାରେ ସାଂସ୍କୃତିକ ଓ ଆଧ୍ୟାତ୍ମିକତାର ମଞ୍ଜିବୁଣିବା ପାଇଁ ଆହ୍ୱାନ ଦେଇଥିଲେ। ବିଏସ୍‌ବିର କାର୍ଯ୍ୟନିର୍ବାହୀ ଅଧକ୍ଷ ଏନ୍.ପି. ସିଂ ପାରମ୍ପରିକ ସହ ବିଜ୍ଞାନଭିତ୍ତିକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

# ଦେଶ ବିକାଶରେ ପାରାଦୀପ ହେଉଛି ମାଧ୍ୟମ: ଧର୍ମେନ୍ଦ୍ର

ପାରାଦୀପ, ୨୩।୧୨(ଶରତ ରାଉତ)

ପୂର୍ବୋଦୟରୁ ଭାରତର ବିକାଶ ହେବ। ଏହାର ପ୍ରକୃଷ୍ଟ ସ୍ଥାନ ହେଉଛି ପାରାଦୀପ। ରାଜ୍ୟ ଓ ଦେଶ ବିକାଶରେ ପାରାଦୀପ ହେଉଛି ମାଧ୍ୟମ। ବିଶ୍ୱ ବ୍ୟବସାୟ କ୍ଷେତ୍ରରେ ପାରାଦୀପର ନାମ ଅଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ପାରାଦୀପର ଏକ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ କହିଛନ୍ତି। ସ୍ଥାନୀୟ ଜୟଦେବ ସଦନ ଆଗରେ ପାରାଦୀପ ଭାଜପା ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ସବୁ ଆଗଧାଡ଼ିର ନେତା ଓ କର୍ମୀମାନେ ସମ୍ବର୍ଦ୍ଧନା ଜଣାଇଥିଲେ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ, ଏକଦା ଜଗତ୍‌ସିଂହପୁର ଜିଲାର ଅନ୍ୟ ଦଳ ନେତାମାନେ କହୁଥିଲେ, ଲୁଣି ପାଣିରେ ପଦ୍ମ ଫୁଟିବ ନାହିଁ। ଏ କଥା କହିବା ପରେ ପ୍ରଥମେ ଆମେ ଦୁଇଟି ଜିଲା ପରିଷଦ ଜିତିଥିଲୁ। ଏବେ ପାରାଦୀପର ବିଧାୟକ ହୋଇଛନ୍ତି ଏ ଅଞ୍ଚଳର ପୁଅ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଡବଲ୍ ଇଞ୍ଜିନ ସରକାରରେ ସେ ଡ୍ରାଇଭର ଭଳି କାମ କରୁଛନ୍ତି। ଶିଳ୍ପାୟନକୁ ବଢ଼ାଇବା ପାଇଁ ସମ୍ପଦ କାର୍ଯ୍ୟ କରିବେ। ଏକଦା ତିର୍ତ୍ତୋଲ ସୂତାକଳ ରାଜ୍ୟର ପ୍ରମୁଖ ଥିଲା। ତାହା ବନ୍ଦ ଅଛି। ଏବେ ପାରାଦୀପରୁ ସୂତା ଉତ୍ପାଦନ ହେବ ଏବଂ ତାହା ଭାରତକୁ ଯୋଗାଇବ। ୬୧ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ୫୦୦ ଉଦ୍ୟୋଗ ତିଆରି ହେବ। ଓଡ଼ିଆ ଯୁବକ କାରଖାନାର ମାଲିକ ସାଜିବେ। ପାରାଦୀପ ହେବ ଓଡ଼ିଶାର ପ୍ରୟୋଗଶାଳା। ଓଡ଼ିଶାର ଦରିଦ୍ରତା ସରକାରଙ୍କୁ ସୁହାଉଥିଲା। ଏବେ ଡବଲ୍‌ଇଞ୍ଜିନ ସରକାର ଦାରିଦ୍ର୍ୟ ଦୂରୀକରଣ କରିବ। ଏଥିପାଇଁ ଜଗତ୍‌ସିଂହପୁର ଜିଲାର ୩ ଜଣ ଲୋକପ୍ରତିନିଧି ନିଷ୍ଠାର ସହିତ କାମ କରିବେ ବୋଲି ଦୃଢ଼ ବିଶ୍ୱାସ ରହିଛି। ମହିଳାମାନଙ୍କ ପାଇଁ ସୁଭଦ୍ରା ଯୋଜନାରେ ୧୦ ହଜାର କୋଟି ଟଙ୍କା ରଖାଯାଇଛି। ଆମେ ଜଗତ୍‌ସିଂହପୁର ଜିଲାରୁ ଦୁଇଟି ଆସନ ପାଇଛୁ। ବାଲିକୁଦା-ଏରସମା ଓ ତିର୍ତ୍ତୋଲରୁ ଅଳ୍ପକେ ବଞ୍ଚିତ ହୋଇଗଲୁ। ଆରଥରକୁ ନିଶ୍ଚିତ ଜିତିବୁ। ଏଥିପାଇଁ ନେତା ଓ କର୍ମୀ ପୁରୁଣାଙ୍କ ପ୍ରତି ସମ୍ମାନ ଦେବା ସହ ନୂତନ କର୍ମୀ ସୃଷ୍ଟି କରନ୍ତୁ। ଦଳ ପାଇଁ ଆଦର୍ଶ ନୂଆ କର୍ମୀ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସ୍ୱାଇଁଙ୍କ ସମେତ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ବିଧାୟକ ଅମରେନ୍ଦ୍ର ଦାଶ, ବାଲିକୁଦା-ଏରସମା ବିଧାୟକ ପ୍ରାର୍ଥୀ ସତ୍ୟସାରଥି ମହାନ୍ତି, ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ରାଜକିଶୋର ବେହେରା, ଜିଲା ଭାଜପା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ସମେତ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ। ରାଜ୍ୟରେ ଭାଜପା ସରକାର ଆସିବା ପରେ ପରିବର୍ତ୍ତନର ଧାରା ଆରମ୍ଭ ହୋଇଛି ଏବଂ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଦିଗ୍‌ଦର୍ଶନରେ ବିକାଶର ଧାରା ଆରମ୍ଭ ହୋଇଛି ବୋଲି ନେତା ଓ କର୍ମୀମାନେ କହିଥିଲେ।



ଭାଜପା ପକ୍ଷରୁ ପାରାଦୀପରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଦଳୀୟ ନେତାମାନେ।

# ଅକ୍ଷୟ ଶକ୍ତିରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ହେବ: ଉପମୁଖ୍ୟମନ୍ତ୍ରୀ

### ଓଡ଼ିଶା ସୌରଶକ୍ତି ନିବେଶକ ସମ୍ମିଳନୀ

ଭୁବନେଶ୍ୱର, ୨୩।୧୨ (ବନ୍ଦନା ସେଠୀ)

ଓଡ଼ିଶା ସରକାର ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଦୃଢ଼ ପ୍ରତିଶ୍ରୁତିବଦ୍ଧ। ଅକ୍ଷୟ ଶକ୍ତିରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଗଣିତ ହେବ। ନିବେଶକଙ୍କ ପାଇଁ ଓଡ଼ିଶା ଜଳବାୟୁ ଅନୁକୂଳ ହୋଇଥିବାବେଳେ ଆବଶ୍ୟକ ସହାୟତା ସରକାର ଯୋଗାଇଦେବା ପାଇଁ ପ୍ରସ୍ତୁତ ଅଛନ୍ତି। ୨୦୭୦ ସୁଦ୍ଧା ଅକ୍ଷୟ ଶକ୍ତି ଲକ୍ଷ୍ୟ ହାସଲ ଦିଗରେ ପ୍ରଧାନମନ୍ତ୍ରୀ ତତ୍ପର ଥିବା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ସୋମବାର ଗ୍ରୀଡ୍‌କୋ ଏବଂ ଆଇଫରେଷ୍ଟର ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଓଡ଼ିଶା ସୌରଶକ୍ତି ନିବେଶକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଲେ, ଏହି ସମ୍ମିଳନୀ ୨୦୩୦ ସୁଦ୍ଧା ୭.୫ ଗିଗାୱାଟ୍ କ୍ଷମତା ବିଶିଷ୍ଟ ଅକ୍ଷୟ ଶକ୍ତି ହାସଲ ନିମନ୍ତେ ଓଡ଼ିଶାର ପ୍ରତିବଦ୍ଧତାକୁ ଦର୍ଶାଇଛି।

ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ସ୍ୱାଗତ ଅଭିଭାଷଣ ଦେଇ କହିଲେ, ଓଡ଼ିଶା ଶକ୍ତି କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଦିଗରେ ଆଗେଇ ଚାଲିଛି। ବିଶ୍ୱରେ ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ଓ ସୁଲଭ ଉପାୟରେ ଶକ୍ତି ଉତ୍ପାଦନକୁ ପ୍ରାଥମିକତା



ଓଡ଼ିଶା ସୌରଶକ୍ତି ନିବେଶକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ଅନ୍ୟ ଅତିଥିମାନେ।

ଦିଆଯାଉଛି। ମୋଟ୍ ୨୯୩୮ ମେଗାୱାଟ୍‌ର ଅକ୍ଷୟ ଶକ୍ତିରୁ ୨୧% କେବଳ ସୌରଶକ୍ତିରୁ ମିଳିଥାଏ। ଏଥିରେ ୫୦୮ ମେଗାୱାଟ୍ ଗ୍ରାଉଣ୍ଡ-ମାଉଣ୍ଟେଡ୍, ୫୮ ମେଗାୱାଟ୍ ରୁଫଟପ୍ ଏବଂ ୪୨ ମେଗାୱାଟ କ୍ଷମତାବିଶିଷ୍ଟ ଅଫ୍‌ଗ୍ରୀଡ୍ ସୌରଶକ୍ତି ଅନ୍ତର୍ଭୁକ୍ତ। ୧୩୪୩ ମେଗାୱାଟ ଅକ୍ଷୟ ଶକ୍ତିରୁ ୨୮% କାର୍ଯ୍ୟର ଅଗ୍ରଗତି ଜାରି ରହିଛି। ସେହିପରି ଏ କ୍ଷେତ୍ରରେ ଶ୍ରେଷ୍ଠ ଜିଲା ମଧ୍ୟରେ ସୁନ୍ଦରଗଡ଼, ଅନୁଗୋଳ, ବଲାଙ୍ଗୀର, ଝାରସୁଗୁଡା, ଢେଙ୍କାନାଳଆଦି ରହିଥିବା ସେ ସୂଚନା ଦେଇଛନ୍ତି। ଏହି ସମ୍ମିଳନୀ ୨୦୨୫ରେ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା ସମ୍ମିଳନୀର ପୂର୍ବ ଅଧ୍ୟାୟ। ବର୍ତ୍ତମାନ ରାଜ୍ୟରେ ୨୦୦ ଗିଗାୱାଟ୍‌ର ସମ୍ଭାବନା ରହିଥିବାବେଳେ ଆଗାମୀ ଦିନରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଆହୁରି ଅଭିବୃଦ୍ଧି ଘଟିବ ବୋଲି ଗ୍ରୀଡ୍‌କୋ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା କହିଛନ୍ତି। ଆଇଫରେଷ୍ଟର ସିଇଓ ତଥା ସଭାପତି ଚନ୍ଦ୍ରଭୂଷଣ କହିଲେ, ଏକ ସବୁଜ ଅର୍ଥନୀତି ଗଠନ ପାଇଁ ସବୁଜ ପରିବେଶ ଆବଶ୍ୟକ ଏବଂ ସ୍ୱଚ୍ଛ ଶକ୍ତି ହେଉଛି ଏହାର ପ୍ରମୁଖ ସ୍ରୋତ। ବର୍ତ୍ତମାନଠାରୁ ଆଗାମୀ ୫ବର୍ଷ ମଧ୍ୟରେ ଅକ୍ଷୟ ଶକ୍ତିର ଚାହିଦା ବୃଦ୍ଧି ପାଇବ ବୋଲି ସେ ମତ ରଖିଛନ୍ତି। ଆଇଆର୍‌ଇଡିଏର ସିଏମ୍‌ଡି ପ୍ରଦୀପ କୁମାର ଦାସ ଓ ଏସ୍‌ଇସିଆଇର ସିଏମ୍‌ଡି ଆର୍.ପି. ଗୁପ୍ତା ଯୋଗଦେଇ ସୌରଶକ୍ତିର ଆବଶ୍ୟକତା ସମ୍ପର୍କରେ କହିଥିଲେ। ସମ୍ମିଳନୀରେ ୧୫୦ରୁ ଊର୍ଦ୍ଧ୍ୱ ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ରର ଉପଭୋକ୍ତା, ୧୦୦ରୁ ଅଧିକ ସୌରଶକ୍ତି ଉତ୍ପାଦନକାରୀ ସଂସ୍ଥା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# କାଠଯୋଡ଼ି ଉପରେ ହେବ ଆଉ ୨ ସେତୁ: ମନ୍ତ୍ରୀ ହରିଚନ୍ଦନ

### ନୂଆବଜାରରୁ ପ୍ରେସ୍ ଛକ ସଂଯୋଗୀ ନୂତନ ରେଳ ଓଭରବ୍ରିଜ୍ ଲୋକାର୍ପିତ

କଟକ,୨୩।୧୨ (କାର୍ତ୍ତିକ ସାହୁ)

କଟକ ସହରରୁ ଭିଡ଼ କମାଇବା ପାଇଁ କାଠଯୋଡ଼ି ନଦୀ ଉପରେ ଆଉ ଦୁଇଟି ସେତୁ ନିର୍ମାଣର ପରିକଳ୍ପନା କରାଯାଇଛି। ଏଥିସହ ଜୁଡିସିଆଲ ଏକାଡେମୀଠାରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ୪ ଥାକିଆ ରାସ୍ତା ଏବଂ ଜୁଡିସିଆଲ ଏକାଡେମୀଠାରୁ ଯୋବ୍ରା ପର୍ଯ୍ୟନ୍ତ ୬ ଥାକିଆ ରାସ୍ତା କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଲିଙ୍କ୍‌ରୋଡ୍‌ଠାରୁ କଟକ ନେତାଜୀ ବସ୍ ଟର୍ମିନାଲ ପର୍ଯ୍ୟନ୍ତ ଦୋହରା ରାସ୍ତା କାମ ଖୁବ୍‌ଶୀଘ୍ର ସାରିବା ପାଇଁ କାର୍ଯ୍ୟ କରୁଥିବା କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ଏସ୍‌ସିବି ମେଡିକାଲର ଦ୍ୱିତୀୟ କ୍ୟାମ୍ପସ କାମ ୨୦୨୫ ନଭେମ୍ବର ସୁଦ୍ଧା ଶେଷ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଯଦି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କମ୍ପାନୀ କାର୍ଯ୍ୟ ଶେଷ ନ କରେ ତେବେ ଦଣ୍ଡିତ ହେବାକୁ ପଡ଼ିବ। କଟକକୁ ସୁନ୍ଦର ରୂପ ଦେବା ପାଇଁ ପ୍ରଚେଷ୍ଟା କରାଯିବ ବୋଲି ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।



ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରେଳ ଓଭରବ୍ରିଜ୍‌କୁ ଲୋକାର୍ପଣ କରୁଛନ୍ତି।

କଟକ ନୂଆବଜାରଠାରୁ ପୁରୁଣା ଜଗନ୍ନାଥ ସଡ଼କର ଗୋଶାଳା ନିକଟସ୍ଥ ରେଳ ଓଭରବ୍ରିଜ୍ ସୋମବାର ଲୋକାର୍ପିତ ହୋଇଯାଇଛି। ମନ୍ତ୍ରୀ ହରିଚନ୍ଦନ ଏହାକୁ ଲୋକାର୍ପଣ କରି କହିଛନ୍ତି, ଉଚ୍ଚମାନର ଓ ଦୀର୍ଘସ୍ଥାୟୀ ଭିତ୍ତିଭୂମି ନିର୍ମାଣ ଜରିଆରେ ରାଜ୍ୟର ବିକାଶକୁ ଆଗେଇ ନେବା ଲାଗି ରାଜ୍ୟ ସରକାର ସଂକଳ୍ପବଦ୍ଧ। ବର୍ତ୍ତମାନ ଓଡ଼ିଶା ସମଗ୍ର ଦେଶରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବାବେଳେ ଏଭଳି ସୁଦୃଢ଼ ଯୋଗାଯୋଗ ବ୍ୟବସ୍ଥା ପ୍ରତ୍ୟେକ କୋଣର ଲୋକଙ୍କୁ ପରସ୍ପର ସହ ଯୋଡ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହି କାର୍ଯ୍ୟକ୍ରମରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ସାମାଜିକ କର୍ମୀ ନୟନ କିଶୋର ମହାନ୍ତି, ଅଭିନେତା ଶ୍ରୀତମ ଦାସ, ପୂର୍ତ୍ତ ବିଭାଗର ସୁପରିଟେଣ୍ଡିଂ ଇଞ୍ଜିନିୟର ଜ୍ୟୋତି ରଞ୍ଜନ ପତିଙ୍କ ସମେତ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କଟକ ଓ ଜଗତ୍‌ସିଂହପୁର ଜିଲାର ଯୋଗାଯୋଗକୁ ଅଧିକ ସୁଦୃଢ଼ କରିବା ସହ ଉପୁଜୁଥିବା ଟ୍ରାଫିକ ସମସ୍ୟାର ସମାଧାନ ନିମନ୍ତେ ଗୋଶାଳା ନିକଟରେ ନୂତନ ରେଳ ଓଭରବ୍ରିଜ୍‌ଟି ୬୦ କୋଟି ୯୩ ଲକ୍ଷ ୬୫ ହଜାର ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ଏହି ସେତୁ କଟକ ସହର ଓ ଜଗତ୍‌ସିଂହପୁର ଜିଲା ମଧ୍ୟରେ ଯାତାୟାତ ସମୟକୁ କମ୍ କରିବା ସହ ଟ୍ରାଫିକ ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ନୂଆବଜାର ଛକରୁ ପ୍ରେସ୍ ଛକକୁ ସଂଯୋଗ କରୁଥିବା ୫୧୧ ମିଟର ଦୈର୍ଘ୍ୟବିଶିଷ୍ଟ ଏହି ସେତୁ ଦ୍ୱାରା ବିଭିନ୍ନ ଅଞ୍ଚଳର ଛାତ୍ରୀଛାତ୍ର, କର୍ମଜୀବୀ, ରୋଗୀ, ବରିଷ୍ଠ ନାଗରିକଙ୍କ ଗମନାଗମନ ସୁଗମ ହେବା ସହ ବ୍ୟବସାୟିକ କାରବାର ସହଜ ହେବ।

# ଦ୍ୱିତୀୟ ମେରିଟ୍ ଲିଷ୍ଟ ପ୍ରକାଶ କର: ହାଇକୋର୍ଟ

### କନିଷ୍ଠ ଶିକ୍ଷକ ପଦବୀ ପୂରଣ ମାମଲା

କଟକ,୨୩।୧୨ (କାର୍ତ୍ତିକ ସାହୁ)

ରାଜ୍ୟରେ ଖାଲି ପଡ଼ିଥିବା କନିଷ୍ଠ ଶିକ୍ଷକ ପଦବୀ ପୂରଣ ପ୍ରସଙ୍ଗରେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ଆଦେଶ ପ୍ରଦାନ କରିଛନ୍ତି। ନୂଆ କଟ୍ ଅଫ୍ ମାର୍କ ସ୍ଥିର କରି ଦ୍ୱିତୀୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇଁ ହାଇକୋର୍ଟ ଏ ସଂକ୍ରାନ୍ତୀୟ ମାମଲାର ଶୁଣାଣିବେଳେ ସୋମବାର ଆଦେଶ ଦେଇଛନ୍ତି। ନିଯୁକ୍ତିରୁ ବଞ୍ଚିତ ଆଶାୟୀଙ୍କ ପିଟିଶନ ଉପରେ ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଏପରି ଆଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟର ବିଭିନ୍ନ ସ୍କୁଲରେ ଖାଲି ପଡ଼ିଥିବା ପ୍ରାୟ ୨୦ ହଜାର କନିଷ୍ଠ ଶିକ୍ଷକ ପଦବୀ ପୂରଣ ପାଇଁ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ। ମାତ୍ର ଚୟନ ପ୍ରକ୍ରିୟାରେ ବିବାଦ ଦେଖାଦେବାରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ମତେ ନିଯୁକ୍ତି ଆରମ୍ଭ ହୋଇଥିଲା। ତେବେ ବିଭିନ୍ନ କାରଣରୁ ଏପର୍ଯ୍ୟନ୍ତ ୪ ହଜାରରୁ ଊର୍ଦ୍ଧ୍ୱ ପଦବୀ ପୂରଣ ହୋଇପାରିନାହିଁ। ଫଳରେ ଖାଲି ପଦବୀଗୁଡ଼ିକ ପୂରଣ ପାଇଁ ଆଶାୟୀ ପରୀକ୍ଷାର୍ଥୀମାନେ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ନିଯୁକ୍ତି ପ୍ରକ୍ରିୟାରେ ତ୍ରୁଟି ନେଇ କନିଷ୍ଠ ଶିକ୍ଷକ ଆଶାୟୀ ସଂଘ ରାଜରାସ୍ତାକୁ ଓହ୍ଲାଇଥିଲା। ହାଇକୋର୍ଟଙ୍କ ଆଦେଶ ସତ୍ତ୍ୱେ ବି ନିଯୁକ୍ତି କାର୍ଯ୍ୟ ହୋଇପାରି ନ ଥିଲା। ହାଇକୋର୍ଟଙ୍କ ପରାମର୍ଶ ଅନୁଯାୟୀ ସମ୍ପୂର୍ଣ୍ଣ ପଦବୀ ପୂରଣ ପାଇଁ ସରକାର କାର୍ଯ୍ୟ କରିବାକୁ ଗତ ଜୁନ୍ ୧୮ ତାରିଖରେ ରାୟ ଦେଇଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପଦବୀ ପୂରଣ ହୋଇପାରି ନ ଥିଲା। ରାଜ୍ୟ ସରକାର ଅକ୍ଟୋବର ୫ରେ ରାଜ୍ୟର ବିଭିନ୍ନ ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୬ ହଜାର ୯ ଜଣ କନିଷ୍ଠ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ।

DSPL-272

ଓଡ଼ିଶା ସରକାର



ଜାତୀୟ ଉପଭୋକ୍ତା ଦିବସ-୨୦୨୪
ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
ବାର୍ତ୍ତା



ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆମ ରାଜ୍ୟରେ ଡିସେମ୍ବର ୨୪ ତାରିଖ ଦିନ ଜାତୀୟ ଉପଭୋକ୍ତା ଦିବସ-୨୦୨୪ ପାଳନ କରାଯାଉଛି । ଉପଭୋକ୍ତାମାନଙ୍କୁ ସେମାନଙ୍କର ଅଧିକାର ଓ କର୍ତ୍ତବ୍ୟ ବିଷୟରେ ସଚେତନ କରି ସେମାନଙ୍କ ସ୍ୱାର୍ଥର ସୁରକ୍ଷା କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ।

ଉପଭୋକ୍ତା ଅଧିକାରୀକୁ ଅଧିକ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ର ପ୍ରବର୍ତ୍ତନ କରାଯାଇଅଛି । ଉପଭୋକ୍ତାମାନଙ୍କୁ ସଚେତନ କରିବା ନିମନ୍ତେ ସରକାରଙ୍କ ତରଫରୁ ନିଜସ୍ୱ ମାଧ୍ୟମ, ସ୍ୱେଚ୍ଛାସେବୀ ସଂଗଠନ ତଥା ଖାଉଟି କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କ ସହାୟତାରେ ରାଜ୍ୟ ଓ ଜିଲ୍ଲାସ୍ତରରେ ଉପଭୋକ୍ତାଙ୍କ ଅଧିକାର ଓ କର୍ତ୍ତବ୍ୟ ଉପରେ କର୍ମଶାଳା ଓ ଆଲୋଚନାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଅଛି । ସେହିପରି ଉପଭୋକ୍ତାଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଥିବା ଜିଲ୍ଲା ଉପଭୋକ୍ତା ପରାମର୍ଶ କେନ୍ଦ୍ରଗୁଡ଼ିକୁ ଲୋକାଭିମୁଖୀ କରାଇବା ପାଇଁ ମଧ୍ୟ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି ।

ଚଳିତ ବର୍ଷ ଜାତୀୟ ଉପଭୋକ୍ତା ଦିବସ-୨୦୨୪ର ବିଷୟବସ୍ତୁ ହେଉଛି ଉପଭୋକ୍ତା ନ୍ୟାୟ ପାଇଁ ଭର୍ଚୁଆଲ ଶୁଣାଣି ଏବଂ ଡିଜିଟାଲ ଅଧିଗମନ (Virtual Hearing & Digital Access to Consumer Justice) ।

ଏହି ଦିବସର ଯଥାର୍ଥ ପ୍ରତିପାଳନ ଉପଭୋକ୍ତାମାନଙ୍କୁ ସଚେତନ କରିବା ସଙ୍ଗେ ସଙ୍ଗେ ସେମାନଙ୍କ ସ୍ୱାର୍ଥକୁ ସୁରକ୍ଷିତ କରିବ ବୋଲି ମୋର ଦୃଢ଼ ଆଶା ଓ ବିଶ୍ୱାସ । ଖାଉଟି ସୁରକ୍ଷା ଆନ୍ଦୋଳନକୁ ଅଧିକ ସକ୍ରିୟ କରିବା ପାଇଁ ମୁଁ ସମସ୍ତଙ୍କର ସହଯୋଗ କାମନା କରୁଛି ।

ବନ୍ଦେ ଉତ୍କଳ ଜନନୀ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-07001/13/0015/2425

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ବିକାଶ ପରିଷଦ, ଭୁବନେଶ୍ୱରର ୨୬ତମ ଶାରଦୀୟ ଅଧିବେଶନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସକାଳ ୯ଟା।
- ବାଗ୍ମୀ ବିଶ୍ୱନାଥ କରଙ୍କ ପ୍ରତିମୂର୍ତ୍ତି ଅନାବରଣ, ସ୍ଥାନ: ବିଧାନସଭା ଗେଟ୍-୧ ଓ ୨, ସମୟ: ସକାଳ ୯ଟା ୩୦।
- ଯୁବ ସଦନ ଉତ୍ସବ ୨.୦, ସ୍ଥାନ: ଗୀତଗୋବିନ୍ଦ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଓଡ଼ିଶୀ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବାବା ସାହେବ ଆମ୍ବେଡ଼କରଙ୍କୁ କେନ୍ଦ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅପମାନ ବିରୋଧରେ ସିପିଆଇଏମ୍ ଭୁବନେଶ୍ୱର ଲୋକାଲ କମିଟି ପକ୍ଷରୁ ପ୍ରତିବାଦ, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ବାବା ସାହେବ ଆମ୍ବେଡ଼କରଙ୍କ ଅପମାନକୁ ବିରୋଧ କରି ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ଗଣଧାରଣା, ସ୍ଥାନ: ଏଡିଏମ୍ଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଚିଲିକା ସୁରକ୍ଷା ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନାଗଭୂଷଣ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା' ଜାଗୁଳାଇ ସରସ୍ୱତୀ ଶିଶୁ ମନ୍ଦିରର ଷୋଡ଼ଶ ବାର୍ଷିକୋତ୍ସବ, ସ୍ଥାନ: ବାଲିଅନ୍ତା ବ୍ଲକର ଅଲାରପୁରସ୍ଥିତ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା।
- ବିମୋହନ ପକ୍ଷରୁ ୮ମ ବିମୋହନ କଳା ସମ୍ମାନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ୟୁନିଟ୍-୩, ସମୟ: ସନ୍ଧ୍ୟା ୬ଟା ୩୦।
- ଅଷ୍ଟାଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି ଲୋକାର୍ପଣ, ସ୍ଥାନ: କଟକ ବେଲ୍‌ଭ୍ୟୁ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- କୁପାରୀ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ଦିବସ, ସ୍ଥାନ: ହାଇସ୍କୁଲ ପରିସର, ଖଇରା, ସମୟ: ସକାଳ ୯ଟା।
- ଖଇରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଓ ମାତୃ ସମ୍ମିଳନୀ, ସ୍ଥାନ: ସ୍କୁଲ ପରିସର, ଖଇରା, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ମଡର୍ନ ପବ୍ଲିକ ସ୍କୁଲର ୨୬ତମ ବାର୍ଷିକ ଉତ୍ସବ, ସ୍ଥାନ: ମେଘଡମ୍ବରୁ କ୍ୟାମ୍ପସ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦଯାପନୀ, ସ୍ଥାନ: ବିଜୟ କୁମାର ଏକାଡେମୀ, ସୋହରିଆ, ଭୋଗରାଇ, ସମୟ: ବିଳମ୍ବିତ ରାତି ପର୍ଯ୍ୟନ୍ତ।

## ଭଦ୍ରକ

- ସାଧନା ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ, ସ୍ଥାନ: ନିଲୋକ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଭୂମିକନ୍ୟା ସଙ୍ଗଠନ ପକ୍ଷରୁ ଜରାଶ୍ରମରେ କମ୍ବଳ ବଣ୍ଟନ, ସ୍ଥାନ: ଚଢ଼େଇଆ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଶ୍ରୀ ହନୁମାନଙ୍କ ମନ୍ଦିରରେ ପୂଜା, ହୋମ, ରାମ ଚରିତ ପାଠ ପ୍ରଶିକ୍ଷଣ, ସ୍ଥାନ: ହାବଲେଶ୍ୱର, ହାଟଡ଼ିହୀ, ସମୟ : ସକାଳ ୬ ଏବଂ ଅପରାହ୍ନ ୫ ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବଣିଆ ପାଟର ୨୭ତମ ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦୁଝର ସହର ବଣିଆ ପାଟ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା।
- ସ୍ମୃତିଚାରଣ ସଭା ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: ଜଳକଳଙ୍ଗ, ହାଟଡ଼ିହୀ, ସମୟ : ଅପରାହ୍ନ ୫ ଟା।

## ମୟୂରଭଞ୍ଜ

- ମୟୂରଭଞ୍ଜ ପୁସ୍ତକ ମେଳା ଆନୁକୂଲ୍ୟରେ ମନ ଆଙ୍କି ପ୍ରତିଯୋଗିତା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୩ଟା।
- ମୟୂରଭଞ୍ଜ ପୁସ୍ତକ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟାରୁ ରାତି ୧୦ଟା।

## ବ୍ରହ୍ମପୁର

- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ୟୁସିପି ଇଞ୍ଜିନିୟରିଂ ସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଭଞ୍ଜନଗର ଓମ୍ ଶାନ୍ତି କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ବନାଗ୍ନି ପ୍ରତିରୋଧ ଓ ନିରାକରଣ ସଚେତନତା, ସ୍ଥାନ: ଆସିକା ବ୍ଲକ ଚାରିମଇଲିସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ସୁନ୍ଦରିଖାଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲର ୧୯୮୮ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ଗଲ୍ଫ ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା କ୍ରିକେଟ ସୁପରଲିଗ ମ୍ୟାଚରେ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ବନାମ ଗୋପବନ୍ଧୁ କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ଅଙ୍କୁର ଶିକ୍ଷା ନିକେତନର ବାର୍ଷିକ ଉତ୍ସବ, ସ୍ଥାନ: ଶିକ୍ଷା ନିକେତନ ପରିସର, ଖଡ଼ିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।

## ଯାଜପୁର

- କୁଆଖିଆ, ମହୋତ୍ସବ ମଞ୍ଚର ପ୍ରଥମ ସନ୍ଧ୍ୟା ଭଜନ ସମାରୋହ, ସ୍ଥାନ:ସାରଙ୍ଗପୁର ମେଲଣ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ଜନ ଆରୋଗ୍ୟ ସମିତି ବୈଠକ,ସ୍ଥାନ: ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଯାଜପୁର କୁସୁମା ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ନୟାଗଡ଼ ଡିଏଭି ପବ୍ଲିକ ସ୍କୁଲ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ: ସକାଳ ସାଢ଼େ ୭ଟା। ବୀର ଅନୁସାରେ ପଠାଣୀ ସାମନ୍ତଙ୍କ ଜନ୍ମ ଜୟନ୍ତୀ, ସ୍ଥାନ: ଖଣ୍ଡପଡ଼ା ପଠାଣି ସାମନ୍ତ ସ୍ମୃତି ମନ୍ଦିର ଓ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା।
- ନୟାଗଡ଼ ଜିଲା ମହୋତ୍ସବରେ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା ଓ କୃଷି ମେଳାର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।

## ରାୟଗଡ଼ା

- ତ୍ରୟୋଦଶ ରାଜ୍ୟସ୍ତରୀୟ ବଂଶଧରା ବସନ୍ତ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କନ୍ୟକା ପରମେଶ୍ୱରୀ ମନ୍ଦିର, ଗୁଣପୁର, ସମୟ: ଅପରାହ୍ନ ୪ଟା।

## କୋରାପୁଟ

- କୋରାପୁଟ ଜିଲାପରିଷଦର ବିଭିନ୍ନ ଯୋଜନାର ଅଗ୍ରଗତି ନେଇ ସମୀକ୍ଷା ବୈଠକ, ସ୍ଥାନ : କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, ସମୟ : ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷର କୃଷି ଯନ୍ତ୍ରପାତି ମେଳା, ସ୍ଥାନ : ଅଇଁଠାପାଲି ସ୍ଥିତ ପିଏଚ୍‌ଡି ପଡିଆ, ସମୟ : ପୂର୍ବାହ୍ନ ୧୧ଟା।
- ଲୋକ ମହୋତ୍ସବର ବୈଠକ, ସ୍ଥାନ : ଜିଲାପାଳ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଜିଏମ୍‌ୟୁ ଆର୍ଟ ଗେଲେରୀ, ସମୟ : ପୂର୍ବାହ୍ନ ୧୧ଟା।
- ବୀର ସୁରେନ୍ଦ୍ର ସାଏ ୨୭ତମ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗୀତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ବିନିକା ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ୨୮ତମ ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍‌ର ତୃତୀୟ ଦିବସ, ସ୍ଥାନ: ଲୁତୁରପଙ୍କ ହାଇସ୍କୁଲ ଖେଳ ପଡିଆ, ସମୟ:ପୂର୍ବାହ୍ନ ୧୦ଟା।
- ୧୧ତମ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ, ସ୍ଥାନ: କମିରା ଖେଳ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଭାରତୀ ଚିନ୍ତନ ଶିକ୍ଷା ନିକେତନର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ସୋନପୁର ପିପିଲିପାଲି ସ୍ଥିତ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା।
- ସୁବର୍ଣ୍ଣପୁର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ଭାଗବତ ପାରାୟଣ, ସ୍ଥାନ: ଲୁତୁରପଙ୍କ,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଧନୁଯାତ୍ରା ମହୋତ୍ସବର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ଉଲୁଣ୍ଡା, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ, ସ୍ଥାନ: ତଳିପଡ଼ା(କୁମ୍ଭାରପଡ଼ା), ନିଲିବନ୍ଧ ଛକ, ବରଗଡ଼, ସମୟ: ସକାଳ ୮ଟା।
- ସୁଶାସନ ସପ୍ତାହ ପାଳନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ସୋହେଲା, ସମୟ: ସକାଳ ୯ଟା।
- ସୁଶାସନ ସପ୍ତାହ ପାଳନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ପଦ୍ମପୁର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଧନୁଯାତ୍ରା କଳାକାରଙ୍କ ରିହର୍ସାଲ, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧୀଛକ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମହିଷାସୁର ରାଜ ଦରବାର କାର୍ଯ୍ୟକ୍ରମ, ସ୍ଥାନ: ମର୍ହାଟିକ୍ରା ଖଲିଆପାଲି, ଜହ୍ନାପଡ଼ା, ଅତାବିରା, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ରେଲୱେ ଓଡ଼ିଆ ସଂସ୍କୃତିର ଗୀତା ଯଜ୍ଞ, ସ୍ଥାନ: କନକ ଦୁର୍ଗା ମଣ୍ଡପ, ବେହେରାମାଲ, ସମୟ: ସକାଳ ୮ଟା।
- ୩ ବିଗ୍ରହଙ୍କ ନବମୀ ପୂଜା, ସ୍ଥାନ: କୁକୁରଜଙ୍ଗା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ଏମ୍‌ସିଏଲ୍‌ରୁ ବିସ୍ଥାପିତ ଠିକା କର୍ମଚାରୀଙ୍କ ଅନଶନ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ, ବେହେରାମାଲ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୯ଟା।

## ସୁନ୍ଦରଗଡ଼

- ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ସୁନ୍ଦରଗଡ ଶାଖା ତରଫରୁ ଜାତୀୟ ଉପଭୋକ୍ତା ଦିବସ ,ସ୍ଥାନ:ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ଭବନ,ସମୟ:ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ଚ୍ୟାମ୍ବର ଅଫ୍ କମର୍ସର ଖବରଦାତା ସମ୍ମିଳନୀ, ସ୍ଥାନ: ପାନପୋଷ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ପନ୍ଦନ ବହୁପ୍ରାନ୍ତୀୟ ନାଟ୍ୟ ନୃତ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ବ୍ଲକସ୍ତରୀୟ ପାଚିକା ତଥା ସହାୟିକାମାନଙ୍କ ପାଇଁ ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ପ୍ରଶିକ୍ଷଣ ଶିବିର ଏବଂ ରନ୍ଧନ ପ୍ରତିଯୋଗିତା, ସ୍ଥାନ: ତିଲେଇବଣି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଛତୁ ଚାଷ ଉତ୍ପାଦନ ସମ୍ପର୍କିତ ୫ ଦିନିଆ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୨୦ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଗ୍ରାହକ ଦିବସ ପାଳନ, ସ୍ଥାନ: ଜିଲା ପରିଷଦ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ବାମଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଜୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ବ୍ଲକସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୧୦ଟା।

## ନୂଆପଡ଼ା

- ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ ଅଷ୍ଟମ ରଜନୀ, ସ୍ଥାନ: କୋମନା ବ୍ଲକ ତରବୋଡ଼ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।
- ଜାତୀୟ ଉପଭୋକ୍ତା ଅଧିକାର ଦିବସ, ସ୍ଥାନ: ପଞ୍ଚାୟତ ସମିତ କାର୍ଯ୍ୟାଳୟ ରାଜୀବ ସେବାକେନ୍ଦ୍ର ନୂଆପଡା, ସମୟ: ପୂର୍ବାହ୍ନ ୧୧ଟା।
- କେସିଏସ୍ଏ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳପଡିଆ ଖଡିଆଲ, ସମୟ: ସକାଳ ୯ଟା।
- ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଜିଲାପାଳ କର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନୂଆପଡ଼ା ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ଯୁବ ଉତ୍ସବ, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ନୂଆପଡ଼ା, ସମୟ: ସକାଳ ୯ଟା ୩୦।

## ବୌଦ୍ଧ

- ବୌଦ୍ଧ ବ୍ଲକର ଖୁଣ୍ଟବନ୍ଧ ମାର୍କେଟ ୟାର୍ଡଠାରେ ଧାନକ୍ରୟ ଶୁଭାରମ୍ଭ, ସ୍ଥାନ: ଖୁଣ୍ଟବନ୍ଧ ମାର୍କେଟ ୟାର୍ଡ, ବୌଦ୍ଧ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ହରଭଙ୍ଗା ବ୍ଲକର ବୀରନରସିଂହପୁର ମାର୍କେଟ ୟାର୍ଡଠାରେ ଧାନକ୍ରୟ ଶୁଭାରମ୍ଭ, ସ୍ଥାନ: ବୀରନରସିଂହପୁର ମାର୍କେଟ ୟାର୍ଡ, ସମୟ: ମଧ୍ୟାହ୍ନ ୧୨ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ହସ୍ତା ନକ୍ଷତ୍ରରେ ଚନ୍ଦ୍ର ଥିବାରୁ କୌଣସି ବିବାଦର ସମାଧାନ ପାଇଁ ଆଲୋଚନାରେ ନିମଗ୍ନ ରହିପାରନ୍ତି। ଶେଷ ସମୟରେ କୌଣସି ସୁଯୋଗ ପାଇ ମଧ୍ୟ ହରାଇବା ସକାଶେ ବ୍ୟଥିତ ହେବାକୁ ପଡ଼ିପାରେ। ଆବଶ୍ୟକତା ଉପଲବ୍ଧିକରି ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ସହକର୍ମୀଙ୍କ ଦ୍ୱାରା ସମାଲୋଚିତ ହୋଇପାରନ୍ତି।

**ବୃଷ** ଧନିଷ୍ଠା ନକ୍ଷତ୍ରସ୍ଥ ଶୁକ୍ର ଯୋଗୁ କୌଣସି ଘଟଣାକୁ କେନ୍ଦ୍ରକରି ସକାଳୁ ମନଟା ବିଗିଡ଼ିଯାଇପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ସାଙ୍ଗକୁ ପରିବାରରେ ଶାନ୍ତି ମଧ୍ୟ ଫେରିଆସିବ। ପର ବୋଲରେ ପଡ଼ି ନୀଚ ସଂସର୍ଗରୁ ଦୂରେଇରହିବା ଭଲ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିପାରିବ ନାହିଁ।

**ମିଥୁନ** ଅନୁରାଧା ନକ୍ଷତ୍ରସ୍ଥ ବାଣୀକାରକ ବୁଧ ପ୍ରଭାବରେ ଆଜିର କର୍ମକ୍ଷେତ୍ରରେ ବିନୟପୂର୍ଣ୍ଣ ବ୍ୟବହାର ଦ୍ୱାରା କାମ ହାସଲ କରିପାରନ୍ତି। ପରିବାରର ଆବଶ୍ୟକତା ପୂରଣ ସକାଶେ ଧାରକରଜ କରିବେ। ସାମାଜିକ ସ୍ତରରେ ମଉଳିଯାଇଥିବା ଆଶା ପୁଣି କଅଁଳିଉଠିବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତାକଲେ ଅପମାନିତ ହେବା ଆଶଙ୍କା ରହିଛି।

**କର୍କଟ** ଚନ୍ଦ୍ର କବନ୍ଧଗ୍ରହ ଯୁକ୍ତଜନିତ ମନ ଭଲ ନ ଥିବାରୁ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ। ପୁରୁଣା ସମସ୍ୟାଗୁଡ଼ିକ ତୁଟିଯାଇଥଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ଅବଶ୍ୟ ବନ୍ଧୁ ମାନଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷକରିପାରିବେନି।

**ସିଂହ** ପୁଷ୍ୟା ନକ୍ଷତ୍ରସ୍ଥ ମଙ୍ଗଳ ହେତୁ ଆଲୋଚନାର ଶେଷଭାଗରେ କୌଣସି ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇନେବେ। ଅଫିସରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିବେ। ପରିବାରର ଆବଶ୍ୟକତା ଅନୁଯାୟୀ କରଜ କରିବେ। ଯେଉଁ ପରିସ୍ଥିତି ହେଉ ନିଜକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ।

**କନ୍ୟା** ଚନ୍ଦ୍ର ସହ ବୁଧଙ୍କ ସଂଯୋଗଜନିତ କର୍ମକ୍ଷେତ୍ରରେ ବନ୍ଧୁ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ହାତକୁ ନେଇଥିବା ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଆଲୋଚନା ସମୟରେ ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଦୀର୍ଘଦିନ ହେଲା ଖୋଜୁଥିବା ଜିନିଷ ଆଜି ଅପରାହ୍ନେ ହଠାତ୍ ପାଇଯିବେ।

**ତୁଳା** ବୃହସ୍ପତିଙ୍କ ଦୃଷ୍ଟିରେ ବୁଧ ଥିବାରୁ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ଈର୍ଷାଳୁ ସହକର୍ମୀଙ୍କ ଦ୍ୱାରା ଗୁଜବ ମନକୁ ଆତଙ୍କିତ କରିପାରେ। ଆଜିର ଯାତ୍ରା, ପ୍ରଶାସନ, କଳା, ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବେ। ପାରିବାରିକ ସମସ୍ୟାକୁ ସୁଧାରିନେବାରେ ପଡ଼ୋଶୀ ସହାୟତା କରିବେ।

**ବିଛା** ଅଧିକାଂଶ ସମୟରେ ଟେନ୍‌ସନ ମଧ୍ୟରେ ଚଳିଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବା ଠିକ୍ ହେବ ନାହିଁ। ଗୃହସୀମା, କିମ୍ବା ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିପାରେ।

**ଧନୁ** ଭାଗ୍ୟସ୍ଥାନରେ ରାଶ୍ୟାଧିପତି ଥିବାରୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳାଷିତ ଫଳ ପାଇବେ ଏବଂ ଆମୋଦର ମଉଜ ଜୁଟିବ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ। ପ୍ରଶାସନ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହେବ।

**ମକର** ପ୍ରତ୍ୟେକ କ୍ଷେତ୍ରରେ ଅଯଥା ସନ୍ଦେହକଲେ ନିଜେ ହିଁ କ୍ଷତିରେ ପଡ଼ିବେ। ମୂଲ୍ୟବାନ୍ ଜିନିଷଟି ପରକୁ ଦେଇ ଆବଶ୍ୟକ ସମୟରେ ନ ପାଇ ଅପଦସ୍ଥ ହୋଇପାରନ୍ତି। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ରାହୁଙ୍କ ପ୍ରଭାବରୁ ସାଧାରଣ ଘଟଣାକୁ ବୃହତ୍ ଆକାରରେ ଚିନ୍ତାକରିବେ।

**କୁମ୍ଭ** ଆପଣଙ୍କ ମାନସିକ ସ୍ଥିତି ପ୍ରାୟତଃ ଭଲ ରହିବା ଯୋଗୁ କାମ ମଧ୍ୟ ସୁବିଧାରେ ସମ୍ପନ୍ନ ହୋଇଯିବ। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ।

**ମୀନ** ସାମାନ୍ୟ ବଚସାକୁ କେନ୍ଦ୍ରକରି ଆଜି ସକାଳୁ ପାରିବାରିକ ଶାନ୍ତି ବ୍ୟାହତହେବ। ଆନୁଷ୍ଠାନିକ ସ୍ତରରେ ସବୁ ସମସ୍ୟା ଓ ଆଲୋଚନା ଜାଣି ମଧ୍ୟ ନୀରବତା ଅବଲମ୍ବନ କରିବେ। ଅଫିସ୍‌ରେ କୌଣସି ବ୍ୟତିକ୍ରମ ଅବଲୋକନକରି ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଶନି ଦୃଷ୍ଟ ବୁଧ ହେତୁ ବ୍ୟବସାୟ,ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

ଆଜି ଡିସେମ୍ବର ୨୪ ତାରିଖ, ରାଷ୍ଟ୍ରୀୟ ଉପଭୋକ୍ତା ଦିବସ, ପୌଷ କୃଷ୍ଣ ନବମୀ ମଙ୍ଗଳବାର। ରାଶି ନକ୍ଷତ୍ର-ହସ୍ତା/କନ୍ୟା, ଦିବା ଘ.୧୨।୧୭ ଗତେ ଚିତ୍ରା ନକ୍ଷତ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୨୨ ଗତେ, ଘ.୦୭।୦୫ ମଧ୍ୟେ, ଦିବା ଘ.୦୯।୦୪ ଗତେ, ଘ.୧୧।୨୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୨୮ ଗତେ, ଘ.୦୩।୪୯ ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ୫ମ, ୮ମରେ ରହିବ...

ଏବଂ ସୈନିକ ସ୍କୁଲ୍ ସମେତ ଦେଶର ୩,୦୦୦ରୁ ଊର୍ଦ୍ଧ୍ୱ ସ୍କୁଲ୍‌ରେ ଏହି ବିଜ୍ଞପ୍ତି ଲାଗୁ ହେବ। ସ୍କୁଲ୍ ଶିକ୍ଷା ରାଜ୍ୟ ବିଷୟ ହୋଇଥିବାରୁ ଏନେଇ ରାଜ୍ୟଗୁଡ଼ିକ ଏହା ଉପରେ ନିଷ୍ପତ୍ତି ନେଇପାରିବେ।

### ନୂଆ ନିୟମ ପିଲାଙ୍କ ପାଠପଢ଼ାର ଗୁରୁତ୍ୱ ବଢ଼ାଇବ

ଭୁବନେଶ୍ୱରସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୫ର ଶିକ୍ଷକ ପ୍ରକାଶ ରଞ୍ଜନ ଦାଶ କହିଛନ୍ତି, ଜାତୀୟ ଶିକ୍ଷା ନୀତିର ନୂଆ ନିୟମ ଲାଗୁ ହେଲେ ୫ରୁ ୮ମ ଶ୍ରେଣୀ ପିଲା ଫେଲ୍ ହେଲେ ସେମାନେ ସେହି ଶ୍ରେଣୀରେ ରହିବେ। ଫଳରେ ଛୋଟ ଶ୍ରେଣୀରୁ ହିଁ ସେମାନେ ପାଠର ଗୁରୁତ୍ୱକୁ ଠିକ୍ ଭାବେ ବୁଝିପାରିବେ। ସେମାନଙ୍କ ମଧ୍ୟରେ ପାଠପଢ଼ିବା ନେଇ ଆଗ୍ରହ ବଢ଼ିବ। ତେଣୁ ଏହି ନୂତନ ନିୟମ ସମସ୍ତ ବିଦ୍ୟାଳୟରେ ଲାଗୁ ହେବା ଅତ୍ୟନ୍ତ ଜରୁରୀ। ଏଯାବତ ବିଦ୍ୟାଳୟଗୁଡିକରେ ଏହି ନିୟମ ଲାଗୁ ହୋଇନାହିଁ। ଏନେଇ ବିଦ୍ୟାଳୟକୁ ନୋଟିସ ଆସିବା ପରେ ହିଁ କାର୍ଯ୍ୟକାରୀ କରାଯିବ ବୋଲି ସେ କହିଛନ୍ତି।

### ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇବ

ଓଡ଼ିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟ କହିଛନ୍ତି, ଶିକ୍ଷା ଅଧିକାର ଆଇନରେ ପରିବର୍ତ୍ତନ ଆଣି ସରକାର ପିଲାଙ୍କ ଶିକ୍ଷା ଅଧିକାରକୁ କ୍ଷୁର୍ଣ୍ଣ କରୁଛନ୍ତି। ଏହାଦ୍ୱାରା ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇବ। ଶିଶୁ ଶ୍ରମିକ ଓ କନ୍ୟା ଶିକ୍ଷା ଗ୍ରହଣ କ୍ଷେତ୍ରରେ ନକାରାତ୍ମକ ପ୍ରଭାବ ପକାଇବ। ପିଲାର ଶିକ୍ଷା ଗ୍ରହଣ ପାଇଁ ଶିକ୍ଷାଦାନ ବ୍ୟବସ୍ଥା ପ୍ରଥମେ ଦାୟୀ। ରାଜ୍ୟ ସରକାର ବିଦ୍ୟାଳୟରେ ଆବଶ୍ୟକ ଭିତ୍ତିଭୂମି ଓ ଶିକ୍ଷକ ଯୋଗାଇ ଦେଇପାରୁନାହାନ୍ତି। କେବଳ ରାଜଧାନୀ ଦିଲ୍ଲୀ ଓ ଭୁବନେଶ୍ୱରର ବିଦ୍ୟାଳୟ ଶିକ୍ଷା କଥା ନ ଭାବି ମାଲକାନାଗିରି, ସୁକମା ଭଳି ଉପାନ୍ତ ଅଞ୍ଚଳର ସ୍କୁଲକୁ ବିଚାରକୁ ନେଇ ନିଷ୍ପତ୍ତି ନିଅନ୍ତୁ। ତେଣୁ ନୂଆ ନିୟମ ଉପାନ୍ତ ଅଞ୍ଚଳର ପିଲାଙ୍କୁ ପାଠ ଛାଡି ଦାଦନ ଖଟିବାକୁ ଓ ଅପରାଧୀ ହେବାକୁ ବାଧ କରିବ।

## ୫ ଜିଲାରେ ପ୍ରବଳ...

କରାଯାଇଛି। ସେହିପରି ଖୋର୍ଦ୍ଧା, ପୁରୀ, ବାଲେଶ୍ୱର, ବୌଦ୍ଧ, ଯାଜପୁର, କଟକ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ମାଲକାନଗିରି ଆଦି ଜିଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ୨୬ ତାରିଖରେ ଗଞ୍ଜାମ ଓ ଗଜପତିରେ ପ୍ରବଳ ବର୍ଷା ଆଶଙ୍କା ରହିଥିବାରୁ ସମ୍ପୃକ୍ତ ୨ ଜିଲାକୁ ୟେଲୋ ୱାର୍ଣ୍ଣିଂ ରହିଛି ଓ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ହାଲୁକା ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ସୋମବାର ବଲାଙ୍ଗୀର ଜିଲାରେ ଘନ କୁହୁଡି ଏବଂ ସୁନ୍ଦରଗଡ଼ ଓ ସୋନପୁର ଜିଲାର କିଛି କିଛି ସ୍ଥାନରେ ହାଲୁକା କୁହୁଡ଼ି ଦେଖାଯାଇଥିଲା। ଆସନ୍ତା ୨ଦିନ କନ୍ଧମାଳ, ରାୟଗଡ଼ା, କୋରାପୁଟ, ବଲାଙ୍ଗୀର, ବରଗଡ଼ ଓ ସୋନପୁରରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ହେବ ବୋଲି ସୂଚନା ଦିଆଯାଇଛି।

## ଉଜୁଡ଼ା ଫସଲ...

ଚାଷୀଙ୍କୁ ସହାୟତା ପାଇଁ ଡାକ ପକାଇଥିଲେ। କେତେଜଣ ଚାଷୀଙ୍କ ସହାୟତାରେ ସେ ବାପାଙ୍କୁ ଉଦ୍ଧାର କରି ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସେତେବେଳକୁ ବାପାଙ୍କ ଜୀବନ ଚାଲିଯାଇଥିଲା ବୋଲି ସାନପୁଅ ଅମିନ କହିଛନ୍ତି। ପୂର୍ଣ୍ଣଚନ୍ଦ୍ରଙ୍କ ୯ଜଣିଆ ପରିବାର କେବଳ କୃଷି ଉପରେ ନିର୍ଭରଶୀଳ ଥିବାବେଳେ ସେ ପ୍ରାୟ ୩ ଏକର ଜମିରେ ଖରିଫ ଧାନ ଚାଷ କରିଥିଲେ। ସ୍ଥାନୀୟ ବ୍ୟାଙ୍କ ଶାଖା, ସେବା ସମବାୟ ସମିତି ଓ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀରୁ ଦୁଇଲକ୍ଷ ଟଙ୍କାରୁ ଅଧିକ ଋଣ କରି ଚାଷରେ ଲଗାଇଥିଲେ। ତେବେ ବର୍ଷା ଯୋଗୁ ଫସଲ ଉଜୁଡ଼ିଯିବା ପରେ ପରିବାର ପ୍ରତିପୋଷଣ ଓ ଋଣ ଶୁଝିବା ଚିନ୍ତା ତାଙ୍କୁ ବ୍ୟସ୍ତବିବ୍ରତ କରିପକାଇଥିଲା। ଏହି ଚିନ୍ତାରେ ସେ ଆଖିବୁଜିଲେ ବୋଲି ତାଙ୍କ ପରିବାର ଲୋକେ କୋହଭରା କଣ୍ଠରେ କହିଛନ୍ତି। ଏଭଳି ଦୁଃଖଦ ପରିସ୍ଥିତିରେ ପରିବାର ଲୋକେ ଭାଙ୍ଗିପଡ଼ିଛନ୍ତି। ଏପର୍ଯ୍ୟନ୍ତ ଆଶ୍ୱାସନା ଦେବା ପାଇଁ ତାଙ୍କ ଘରକୁ କେହି ପ୍ରଶାସନିକ ଅଧିକାରୀ ଆସି ନ ଥିବାବେଳେ ବାପାଙ୍କ ମୃତ୍ୟୁର ତଦନ୍ତ ସହ ସହାୟତା ଯୋଗାଇଦେବାକୁ ସରକାରଙ୍କୁ ଅନୁରୋଧ କରିବୁ ବୋଲି ପୂର୍ଣ୍ଣଚନ୍ଦ୍ରଙ୍କ ବଡ଼ପୁଅ ଶଙ୍କର୍ଷଣ ଦଳେଇ କହିଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ତଦନ୍ତ ପରେ ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ କହିଛନ୍ତି। ସେହିପରି ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର କହିଛନ୍ତି, ଏହା ଦୁଃଖଦ ଘଟଣା। ତେବେ ଅଦିନିଆ ବର୍ଷାରେ ଫସଲ କ୍ଷୟକ୍ଷତିର ଆକଳନ ସରକାରୀ ସ୍ତରରେ ଚାଲିଛି। କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ସରକାର ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ। ଚାଷୀ ପୂର୍ଣ୍ଣଚନ୍ଦ୍ରଙ୍କ ମୃତ୍ୟୁର ତଦନ୍ତ ରିପୋର୍ଟ ଆଧାରରେ ସହାୟତା ଯୋଗାଇଦେବାକୁ ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି।

## ଲଘୁଚାପ ବର୍ଷା...

କ୍ଷୟକ୍ଷତିର ଠିକ୍ ଆକଳନ ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଧାନ ବିକ୍ରିଯୋଗ୍ୟ ହେଲେ ସେନେଇ ପଦକ୍ଷେପ ନିଆଯିବ। ଯେଉଁମାନଙ୍କ ଧାନ ବିକ୍ରି ହୋଇପାରିବ ସେଥିପାଇଁ ଜିଲାପାଳମାନେ ସ୍ୱତନ୍ତ୍ର ଧାନଦେବେ। ଧାନ ସମ୍ପୂର୍ଣ୍ଣ ନଷ୍ଟ ହୋଇ ନ ଥିଲେ ବିକ୍ରି କରିବା ପାଇଁ ବ୍ୟବସ୍ଥା କରାଯିବ। ସମ୍ପୂର୍ଣ୍ଣ ନଷ୍ଟ ହୋଇଥିଲେ ଏବଂ ବିକ୍ରି ଯୋଗ୍ୟ ହୋଇ ନ ଥିଲେ ତା'ର ସମ୍ପୂର୍ଣ୍ଣ କ୍ଷତିପୂରଣ ଚାଷୀଙ୍କୁ ଦିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ସେହିପରି ମଣ୍ଡି ସମସ୍ୟାକୁ ନେଇ ମନ୍ତ୍ରୀ କହିଛନ୍ତି, ବର୍ଷା ହେଲେ ମଣ୍ଡିରେ ଅବ୍ୟବସ୍ଥା ହେବ। ପକ୍କା ଗୋଦାମ ନିର୍ମାଣ କରୁଛୁ। ବର୍ଷା ଆସିଲେ ମଧ୍ୟ ଧାନ ସେଠାରେ ରହିବ। ହଜାରେ କୋଟି ଟଙ୍କା ମଣ୍ଡିର ଉନ୍ନତି ପାଇଁ ଦିଆଯାଇଛି। ଖୁବ୍‌ଶୀଘ୍ର ଧାନ ବିକ୍ରି ପାଇଁ ଆସୁଥିବା ଚାଷୀଙ୍କ ସମସ୍ୟା ଦୂର ହେବ। ମଣ୍ଡିରୁ କଟ୍‌ନି ଛଟ୍‌ନି, ଦଲାଲି ପ୍ରଥା ଉଚ୍ଛେଦ ହେବ। ଲଘୁଚାପ ବର୍ଷା କାରଣରୁ ଉପକୂଳ ଜିଲାର ବହୁ ଚାଷଜମି ଜଳମଗ୍ନ ହୋଇଛି। ବିଲରୁ ପାଣି ଛାଡ଼ି ନ ଥିବାରୁ ମୁଣ୍ଡରେ ହାତ ଦେଇ ବସିଛନ୍ତି ଚାଷୀ। ଚଳିତବର୍ଷ ଧାନର ସହାୟକ ମୂଲ୍ୟ ବଢ଼ିଥିବାରୁ ଦି ପଇସା ଅଧିକ ପାଇବା ପାଇଁ ଚାଷୀମାନେ ଆଶା କରିଥିଲେ। ତେବେ ଅଦିନିଆ ବର୍ଷା ସେମାନଙ୍କ ଆଶାରେ ପାଣି ପକାଇ ଦେଇଛି।

## ରାଜ୍ୟରେ ସ୍ଥାପନ...

ବାତ୍ୟା ନେଇ ପ୍ରାକ୍ ସୂଚନା ସହଜରେ ମିଳିପାରିବ। ରାଜ୍ୟରେ ବିପର୍ଯ୍ୟୟ ପରିଚାଳନାକୁ ଆହୁରି ସୁଦୃଢ଼ କରିବା ପାଇଁ ଏହା ବିଶେଷ ସହାୟକ ହେବ। ଏବେ ରାଜ୍ୟର ପାରାଦୀପ ଓ ଗୋପାଳପୁରରେ ୨ଟି ଡପଲର ରାଡାର କାର୍ଯ୍ୟକ୍ଷମ ଅଛି। ସମ୍ବଲପୁର ଯୋଗୀପାଲିରେ ଡପଲର ରାଡାର ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶୁଭ ଦେଇଛନ୍ତି। ୨୦୧୩-୧୪ରୁ ସମ୍ବଲପୁରରେ କୋଠା ନିର୍ମାଣ ହୋଇଥିଲେ ମଧ୍ୟ ଏ ଯାଏ ଡପଲର ରାଡାର ଲାଗିପାରି ନାହିଁ। ରାଡାର ସ୍ଥାପନ ହେଲେ ପଶ୍ଚିମ ଓଡ଼ିଶାର ୧୫ ଜିଲାରେ ବିଜୁଳି, ଘଡ଼ଘଡ଼ି, ବର୍ଷା, ବନ୍ୟା ଓ ବାତ୍ୟା ନେଇ ଆଗୁଆ ସୂଚନା ମିଳିପାରିବ। ରାଡାର ଦ୍ୱାରା ୨୫୦ କିଲୋମିଟର ଦୂର ପର୍ଯ୍ୟନ୍ତ ସୂଚନା ଜାଣିହେବ। ହୀରାକୁଦ ବନ୍ଧର ସୁରକ୍ଷା ସ୍ଥିତି ମଧ୍ୟ ରାଡାରରୁ ଜଣାପଡ଼ିବ। ସମ୍ବଲପୁରରେ ୬ମାସ ମଧ୍ୟରେ ଏହି ରାଡାର କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି।

## ଜଷ୍ଟିସ୍ ଭି. ରାମସୁବ୍ରମଣ୍ୟନ୍...

ଜଷ୍ଟିସ୍ ରାମସୁବ୍ରମଣ୍ୟନ୍ ୨୦୧୯ରୁ ୨୦୨୩ ସର୍ବୋଚ୍ଚ ଅଦାଲତର ବିଚାରପତି ରହିଥିଲେ। ଏହା ପୂର୍ବରୁ ସେ ହିମାଚଳପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ। ୨୦୦୬ରେ ସେ ମାଡ୍ରାସ୍ ହାଇକୋର୍ଟର ଅତିରିକ୍ତ ବିଚାରପତି ନିଯୁକ୍ତ ହୋଇଥିଲେ ଏବଂ ନିଜ ନିବେଦନକ୍ରମେ ଅବିଭକ୍ତ ଆନ୍ଧ୍ରପ୍ରଦେଶ ହାଇକୋର୍ଟକୁ ବଦଳି ହୋଇଥିଲେ। ଆନ୍ଧ୍ରପ୍ରଦେଶରୁ ଅଲଗା ହୋଇ ତେଲଙ୍ଗାନା ଗଠନ ହେବା ପରେ ୨୦୧୯ରେ ରାମସୁବ୍ରମଣ୍ୟନ୍ ତେଲଙ୍ଗାନା ହାଇକୋର୍ଟର ବିଚାରପତି ରହିଥିଲେ। ସ୍କାଇପେ'ରେ ମାମଲା ଶୁଣାଣି କରିବାରେ ସେ ପ୍ରଥମ ବିଚାରପତି। ରାମସୁବ୍ରମଣ୍ୟନ୍‌ଙ୍କ ଖଣ୍ଡପୀଠ ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ଜୋର୍ ଦେଇଥିଲେ। ସାରା ବିଶ୍ୱରେ ମାନହାନି ମାମଲା ଏକ ଟ୍ରେଣ୍ଡ ହୋଇଯାଇଥିବାରୁ ତାହାକୁ ଅପରାଧମୁକ୍ତ କରାଯିବା ଉଚିତ ବୋଲି ଉକ୍ତ ଖଣ୍ଡପୀଠ କହିଥିଲେ। ଏନ୍‌ଏଚ୍‌ଆର୍‌ସିର ନୂଆ ଅଧ୍ୟକ୍ଷ ଚୟନ ପାଇଁ ଗତ ୧୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଉଚ୍ଚକ୍ଷମତାସମ୍ପନ୍ନ କମିଟି ବୈଠକ ବସିଥିଲା। ଏଥିରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଯୋଗଦେଇଥିଲେ।

## ଏକାଧିକ ବିବାହ...

ବ୍ୟବସାୟୀମାନଙ୍କୁ ସେ ଟାର୍ଗେଟ୍ କରି ନିଜ ଜାଲରେ ଫସାଉଥିଲେ। ସେହିପରି ପ୍ରତ୍ୟେକ ଥର ବିବାହ ପରେ ସୀମା ଯୌତୁକ ଏବଂ ଶାରୀରିକ ନିର୍ଯାତନା ଆଦି ମିଥ୍ୟା ମାମଲା ରୁଜୁ କରିବା ନେଇ ଧମକ ଶ୍ୱଶୁର ଘର ଲୋକଙ୍କୁ ଦେଉଥିଲେ ବୋଲି ପୋଲିସ କହିଛି।

# ଧରାଦେଉନି ଜିନ୍ନତ

# ୩ ରାଜ୍ୟ ଟିମ୍ ନାକେଦମ୍

ବାରିପଦା, ୨୩।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଶିମିଳିପାଳରୁ ବାହାରି ଝାଡ଼ଖଣ୍ଡ ଓ ପରେ ପଶ୍ଚିମବଙ୍ଗରେ ବୁଲୁଥିବା ମହାବଳ ବାଘୁଣୀ ଜିନ୍ନତକୁ ଧରିବାରେ ବନ ବିଭାଗ ସଫଳ ହୋଇପାରୁନାହିଁ। ଓଡ଼ିଶା, ପଶ୍ଚିମବଙ୍ଗ ଓ ଆସାମର ତିନୋଟି ଟିମ୍ ଟ୍ରାଙ୍କୁଲାଇଜ୍ କରିବା ପାଇଁ ୨୪ ଘଣ୍ଟିଆ ପ୍ରୟାସ ଜାରି ରଖି ନାକେଦମ୍ ହୋଇ ପଡ଼ିଲେଣି। ଜିନ୍ନତ ବୁଲୁଥିବା ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇଥିବାବେଳେ ସେଠାକାର ସମସ୍ତ ସ୍କୁଲ, କଲେଜ ଓ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ବନ୍ଦ ରଖାଯାଇଛି। ଏହି ବାଘୁଣୀକୁ ନେଇ ଆତଙ୍କ ଖେଳି ଯାଇଥିବାବେଳେ ବନବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରିବାକୁ ସଚେତନ କରାଯାଉଛି। ଦୀର୍ଘ ପଥ ଅତିକ୍ରମ କରି ବୁଲୁଥିବା ଜିନ୍ନତ ଖାଦ୍ୟ ପାଇଁ କୌଣସି ପ୍ରକାର ଅଘଟଣ ଘଟାଇ ପାରେ ବୋଲି କୁହାଯଉଛି। ତେବେ ଜିନ୍ନତ ସୁସ୍ଥ ଅଛି ଏବଂ ଖୁବ୍‌ଶୀଘ୍ର ତାକୁ ଟ୍ରାଙ୍କୁଲାଇଜ୍ କରି କାବୁ କରାଯିବ ବୋଲି ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

ସୂଚନା ଅନୁଯାୟୀ, ଗତ ନଭେମ୍ବର ୧୪ରେ ୩ ବର୍ଷର ମହାବଳ ବାଘୁଣୀ ଜିନ୍ନତକୁ ମହାରାଷ୍ଟ୍ରର ତଡ଼ବା ଅନ୍ଧାରୀ ଜଙ୍ଗଲରୁ ଶିମିଳିପାଳକୁ ଅଣାଯାଇ ଚହଲା ଅଞ୍ଚଳରେ ନିର୍ମିତ ଏନ୍‌କ୍ଲୋଜରରେ ରଖାଯାଇଥିଲା। ୧୦ଦିନ ରହିବା ପରେ ନଭେମ୍ବର ୨୪ରେ ଶିମିଳିପାଳ କୋର୍ ଅଞ୍ଚଳରେ ତାକୁ ଛଡ଼ାଯାଇଥିଲା। ବାଘ ବଂଶରେ ଜେନେଟିକ୍ ଡାଇଭର୍ସିଟି ପରିବର୍ତ୍ତନ ଲକ୍ଷ୍ୟ ନେଇ ବନ ବିଭାଗ ଜିନ୍ନତର ଚଳପ୍ରଚଳ ଉପରେ ନଜର ରଖିଥିଲା। ତେବେ ଡିସେମ୍ବର ୯ ତାରିଖ ରାତିରେ ସେ ଶିମିଳିପାଳ ସୀମା ପାର୍ କରି ଝାଡ଼ଖଣ୍ଡ ଅଭୟାରଣ୍ୟରେ ପହଞ୍ଚିଥିଲା। ଦେହରେ ଲାଗିଥିବା ରେଡିଓ କଲାର ମାଧ୍ୟମରେ ତା'ର ସ୍ଥିତି ଅନୁଧ୍ୟାନ କରି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କର୍ମଚାରୀ ଓ ଅଧିକାରୀମାନେ ଝାଡ଼ଖଣ୍ଡରେ ପହଞ୍ଚିଥିଲେ। ଝାଡ଼ଖଣ୍ଡ ଚକୁଲିଆ ରେଞ୍ଜ ରାଜାବସା ଓ ଟିଆବାନ୍ଧି ଜଙ୍ଗଲରେ ୧୦ଦିନ ରହିବା ସମୟରେ ହାତୀ ଦେଖି ସେ ଭୟଭୀତ ହୋଇପଡ଼ିଥିଲା। ସେଠାରେ ଓଡ଼ିଶା ଏବଂ ଝାଡ଼ଖଣ୍ଡ ବନ ବିଭାଗ ବାଘୁଣୀକୁ ଟ୍ରାଙ୍କୁଲାଇଜ୍ କରିବାକୁ ଶତ ଚେଷ୍ଟା କରିବା ପରେ ମଧ୍ୟ ଫେଲ ମାରିଥିଲା। ଡିସେମ୍ବର ୨୦ରେ ଜିନ୍ନତ ଝାଡ଼ଖଣ୍ଡ ଛାଡ଼ି ପଶ୍ଚିମବଙ୍ଗ ମୁହାଁ ହୋଇ ଝାଡ଼ଗ୍ରାମ ଜଙ୍ଗଲରେ ପ୍ରବେଶ କରିଥିଲା। ୨୧ରେ ସ୍ଥାନୀୟ ବେଲପାହାଡ଼ି ରେଞ୍ଜ ଅଞ୍ଚଳରେ ପହଞ୍ଚିବାରୁ ସେଠାକାର ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ୨୨ରେ ଝାଡ଼ଗ୍ରାମ ଅଞ୍ଚଳ ଛାଡ଼ି ପୁରୁଲିଆ ଜିଲା ବନ୍ଦବାନ ଜଙ୍ଗଲରେ ପହଞ୍ଚିଥିଲା। ସେଠାରୁ କିଛି ଦୂର ଯାଇ ରାଇକା ପାହାଡ଼ ସଂଲଗ୍ନ କ୍ୱିଲାପାଳ ଜଙ୍ଗଲରେ ଅଟକି ରହିଛି। ବାଘୁଣୀକୁ ଧରିବା ପାଇଁ ବନ ବିଭାଗର ଏକ୍ସପର୍ଟ କର୍ମଚାରୀ ଓ ଅଧିକାରୀମାନେ ନିୟୋଜିତ ରହିଛନ୍ତି। ସୋମବାର ସକାଳ ସୁଦ୍ଧା ଜିପିଏସ୍ ମାଧ୍ୟମରେ ବନ ବିଭାଗର ଅଧିକାରୀମାନେ ତା'ର ସ୍ଥିତି ଜାଣିବାକୁ ପାଇଥିଲେ। ରବିବାରଠାରୁ ସେ ସ୍ଥାନ ପରିବର୍ତ୍ତନ କରିନାହିଁ। ବନ ବିଭାଗ ଅଧିକାରୀମାନେ ପାହାଡ଼ ନିକଟବର୍ତ୍ତୀ ଅଞ୍ଚଳରେ ପହଞ୍ଚିଛନ୍ତି। ବାଘୁଣୀ ଦୀର୍ଘ ପଥ ଚାଲି ଚାଲି ଜଙ୍ଗଲରେ ଯାଉଥିବାରୁ ଶିକାର କରି ନ ପାରି ଭୋକିଲା ଥିବା ଜଣାପଡ଼ିଛି। ତେବେ ଜିନ୍ନତକୁ ଧରିବା ପାଇଁ ଚେଷ୍ଟା କରିବାରେ କୌଣସି ତ୍ରୁଟି ରଖାଯାଉ ନାହିଁ। ଜଙ୍ଗଲ ଛାଡ଼ି ସମତଳ ଅଞ୍ଚଳକୁ ଆସିଲେ ଧରିବା ପାଇଁ ଯୋଜନା କରାଯାଉଛି। ଆହାର ପାଇଁ ପିଞ୍ଜରା ମଧ୍ୟରେ ଛେଳି ବନ୍ଧା ଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ତିନୋଟି ପିଞ୍ଜରା ପ୍ରସ୍ତୁତ ରଖାଯାଇଛି। ଜିନ୍ନତ ପିଞ୍ଜରା ପାଖକୁ ଆସି ଶିକାର ନ କରି ଫେରିଯାଉଛି। ତେବେ ଘଞ୍ଚ ଜଙ୍ଗଲ ଯୋଗୁ ବାଘୁଣୀ ସହ ସମ୍ପର୍କ ବିଚ୍ଛିନ୍ନ ହେଉଛି। ବନ ବିଭାଗ ଅଧିକାରୀମାନେ ଅତ୍ୟାଧୁନିକ ଉପକରଣ ବ୍ୟବହାର କରି ଜିନ୍ନତର ଗତିବିଧି ଉପରେ ନଜର ରଖିଛନ୍ତି। ଜିନ୍ନତକୁ ସୁରକ୍ଷିତ ଭାବେ ଶିମିଳିପାଳ ଜଙ୍ଗଲକୁ ପଠାଇବା ପାଇଁ ପ୍ରୟାସ କରାଯାଉଛି ବୋଲି ପୁରୁଲିଆ ବନଖଣ୍ଡ ଅଧିକାରୀ ଅଞ୍ଜନ ଗୁହା କହିଛନ୍ତି।

ବନ ବିଭାଗର ପ୍ରଚେଷ୍ଟା ନିଶ୍ଚିତ ସଫଳ ହେବ। ଶିମିଳିପାଳକୁ ଆଣିବା ପରେ ତୁରନ୍ତ ଜଙ୍ଗଲରେ ନ ଛାଡ଼ି ଏନ୍‌କ୍ଲୋଜରରେ ଲମ୍ବା ଦିନ ଧରି ଶିମିଳିପାଳର ଜୀବଜନ୍ତୁ ଓ ଜଙ୍ଗଲ ସହ ମିଶିବାର ସୁଯୋଗ ସୃଷ୍ଟି କଲେ ମିଶନ ସଫଳ ହେବାର ସମ୍ଭାବନା ରହିଛି ବୋଲି ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।


ଜିନ୍ନତ


ଜିନ୍ନତକୁ ଟ୍ରାଙ୍କୁଲାଇଜ୍ ପାଇଁ ଯାଇଥିବା ଟିମ୍‌ର ସଦସ୍ୟମାନେ।

# ମାଳଦ୍ୱୀପରେ ଫସିଛନ୍ତି ଖଲ୍ଲିକୋଟର ୧୧ ଶ୍ରମିକ

## ଉଦ୍ଧାର ପାଇଁ ଗଞ୍ଜାମ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟିଲେ ପରିବାର


ଗଞ୍ଜାମ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟିବାକୁ ଆସିଥିବା ପରିବାର ଲୋକେ।

ଛତ୍ରପୁର, ୨୩।୧୨ (ଦିଲୀପ ସାମଲ)

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକର ୧୧ ଜଣ ଦାଦନ ଶ୍ରମିକ ପେଟ ପୋଷିବା ପାଇଁ ସୁଦୂର ମାଳଦ୍ୱୀପକୁ ଯାଇ ସେଠାରେ ଫସି ରହିଛନ୍ତି। ସେମାନେ ସେଠାରେ ଏକ କମ୍ପାନୀରେ ପ୍ରାୟ ୮ ମାସ ହେଲା ଶ୍ରମିକ ଭାବେ କାମ କରୁଥିଲେ। ହେଲେ କମ୍ପାନୀ କର୍ତ୍ତୃପକ୍ଷ ଠିକ୍‌ରେ ଦରମା ଦେଉନାହିଁ। ଏପରିକି କମ୍ପାନୀ ଖାଇବାକୁ ମଧ୍ୟ ଦେଉନାହିଁ। ରହିବା ପାଇଁ ଯେଉଁ ଘର ଦେଇଛି, ଉକ୍ତ ଘରଭଡ଼ା ନ ଦେଲେ ବିଦ୍ୟୁତ୍ କାଟି ଦେଉଛି। ଗାଁକୁ ଫେରିଯିବାକୁ କହିଲେ କମ୍ପାନୀ ତରଫରୁ ଧମକ ମିଳୁଛି। ଏଭଳି ନାନା ନିର୍ଯାତନାର ଶିକାର ହେଉଥିବା ଓଡ଼ିଆ ଶ୍ରମିକମାନେ ଭିଡିଓ କରି ସେମାନଙ୍କୁ ଫେରାଇ ନେବାକୁ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି। ସୋମବାର ଉକ୍ତ ଶ୍ରମିକମାନଙ୍କ ପରିବାରବର୍ଗ ଗଞ୍ଜାମ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଛତ୍ରପୁରସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ମାଳଦ୍ୱୀପରେ ଫସିଥିବା ପରିବାର ସଦସ୍ୟଙ୍କୁ ଉଦ୍ଧାର କରିବା ପାଇଁ ଜିଲା ଶ୍ରମ ଅଧିକାରୀଙ୍କୁ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, ଖଲ୍ଲିକୋଟ ବ୍ଲକର ୧୧ ଯୁବକଙ୍କ ସହ ଖୋର୍ଦ୍ଧା ଓ ଅନ୍ୟାନ୍ୟ ଜିଲା ସମେତ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଆଦି ରାଜ୍ୟର ୪୫ ଜଣ ଯୁବକ ଠିକାଦାରଙ୍କ ଜରିଆରେ ଗତ ଏପ୍ରିଲରେ ମାଳଦ୍ୱୀପ ଯାଇଥିଲେ।

# ହାତୀ ଭାଙ୍ଗିଲା ଘର, ଚାପି ହୋଇ ବୃଦ୍ଧା ମୃତ

ସମ୍ବଲପୁର, ୨୩।୧୨
(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଲିପିଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଧମାକଟା ଗ୍ରାମରେ ରବିବାର ବିଳମ୍ବିତ ରାତ୍ରିରେ ଏକ ଦୁଃଖଦ ଘଟଣା ଘଟିଛି। ଗାଁରେ ପଶି ଦନ୍ତାହାତୀ ଏକ ଘର କାନ୍ଥ ଭାଙ୍ଗି ଦେବାରୁ ଏହା ତଳେ ଚାପି ହୋଇ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାଲନୀ ମିଞ୍ଜ(୮୦)। ସାଲନୀ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ। ରବିବାର ରାତିରେ ସେ ଘରେ ଶୋଇଥିଲେ। ଏକ ଦନ୍ତାହାତୀ ରାତି ପ୍ରାୟ ୨ଟାରେ ଧମାକଟା ଗାଁକୁ ଆସି ସାଲନୀଙ୍କ ଘର ଭାଙ୍ଗିଥିଲା। କାନ୍ଥ ଭାଙ୍ଗି ତାଙ୍କ ଉପରେ ପଡ଼ିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭଙ୍ଗା କାନ୍ଥତଳୁ ବୃଦ୍ଧାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯୁଯୁମୁରା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିପୂର୍ବରୁ ଉକ୍ତ ଦନ୍ତା ଲିପିଣ୍ଡା ଗ୍ରାମର ଜୟଦେବ ମାଝୀଙ୍କ ଘରର କାନ୍ଥ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ମାତ୍ର ଠିକଣା ସମୟରେ ତାଙ୍କ ପରିବାର ଲୋକେ ଘରୁ ବାହାରି ପଳାଇ ଯିବାରୁ ବର୍ତ୍ତି ଯାଇଛନ୍ତି। ଗତ ଶନିବାର ଉକ୍ତ ହାତୀ ଆକ୍ରମଣରେ ଯୁଯୁମୁରା ବ୍ଲକ କଂସରର ବୃଦ୍ଧା ମୁଡ଼କି ମୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା। ଗତ ରାତିର ଏହି ଘଟଣା ପରେ ଅଞ୍ଚଳରେ ବୃଦ୍ଧି ପାଉଥିବା ହାତୀ ଉପଦ୍ରବ ଯୋଗୁ ସ୍ଥାନୀୟ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି। ସୋମବାର ବନ ବିଭାଗ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିଛନ୍ତି।

# କଟକରେ ଶୋଭାପାଇବ ଅଟଳ ବିହାରୀ ବାଜପେୟୀଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି

## ଆଜି ମୁଖ୍ୟମନ୍ତ୍ରୀ କରିବେ ଲୋକାର୍ପଣ

କଟକ, ୨୩।୧୨ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବେଲ୍‌ଭ୍ୟୁ ଛକଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି ଶୋଭାପାଇବ। ମଙ୍ଗଳବାର ଆୟୋଜିତ ହେବାକୁଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପ୍ରତିମୂର୍ତ୍ତିକୁ ଲୋକାର୍ପଣ କରିବେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ସିଏମ୍‌ସି ମେୟର ସୁବାସ ସିଂଙ୍କ ସମେତ କଟକ ଜିଲାର ବିଧାୟକମାନେ ଯୋଗଦେବେ।

କଟକର ଶିଳ୍ପୀ ସଞ୍ଜୀବ ବିଶ୍ୱାଳଙ୍କ ନେତୃତ୍ୱରେ ଭାସ୍କର୍ଯ୍ୟ ଶିଳ୍ପୀ ଲକ୍ଷ୍ମୀଧର ରଣା, ଧର ମହାରଣା, ଅଜୟ ରଣା, ଶ୍ରୀକାନ୍ତ ରଣାଙ୍କ ସମେତ ୨୨ ଜଣ ଶିଳ୍ପୀ ସ୍ଥାନୀୟ କାଠଗଡ଼ା ସାହିସ୍ଥିତ କାରଖାନାଠାରେ ଏହି ପ୍ରତିମୂର୍ତ୍ତି ତିଆରି କରାଯାଇଛି। ଏହାର ଓଜନ ୯୦ କୁଇଣ୍ଟାଲ ଏବଂ ଉଚ୍ଚତା ୧୦ ଫୁଟ୍ ୬ ଇଞ୍ଚ ରହିଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ଏନେଇ ଶିଳ୍ପୀ ସଞ୍ଜୀବ ବିଶ୍ୱାଳ କହିଛନ୍ତି, କଟକ ଓ ସମ୍ବଲପୁର ସହର ପାଇଁ ବାଜପେୟୀଙ୍କ ଦୁଇଟି ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ବ୍ରୋଞ୍ଜ୍ ଉପରେ ପାଟିନା ରଙ୍ଗ ଦିଆଯାଇଛି, ଯାହାକି ପ୍ରତିମୂର୍ତ୍ତିକୁ ବେଶ୍ ଆକର୍ଷିତ କରିବ। ୩୫ ଦିନ ମଧ୍ୟରେ ଦୁଇଟି ପ୍ରତିମୂର୍ତ୍ତି ନିର୍ମାଣ କରାଯାଇ ସ୍ଥାପନ ହେବା ସ୍ଥାନରେ ରଖାଯାଇଛି।



# ମିସ୍ ଟିନ୍ ଇଣ୍ଡିଆ ରନର୍ସ ଅପ୍ ଟାଇଟଲ୍ ହାତେଇଲେ ସୋନାକ୍ସି

ମାଲକାନଗିରି, ୨୩।୧୨
(ଦୁର୍ଯ୍ୟୋଧନ ପାତ୍ର)

ଜି-ଷ୍ଟୁଡିଓରେ ଆୟୋଜିତ ଫରଏଭର ମିସ୍ ଟିନ୍ ଇଣ୍ଡିଆ ୨୦୨୪ ରନର୍ସ ଅପ୍ ଟାଇଟଲ୍ ହାତେଇଛନ୍ତି ମାଲକାନଗିରି ଜିଲାର ସୋନାକ୍ସି ମହାପାତ୍ର। ଆୟୋଜିତ ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଅନେକ ଝିଅ ଅଂଶଗ୍ରହଣ କରିଥିବା ବେଳେ ମାଲକାନଗିରି ଜିଲାର ସୋନାକ୍ସି (୧୩) ଏଥିରେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ୩୦ ରାଜ୍ୟରୁ ଆସିଥିବା ପ୍ରତିଯୋଗୀଙ୍କୁ ପଛରେ ପକାଇ ରନର୍ସ ଅପ୍ ଟାଇଟଲ୍ ହାତେଇଛନ୍ତି ସୋନାକ୍ସି। ଦେଶରୁ ଆସିଥିବା ୭୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କ ମଧ୍ୟରେ ସୋନାକ୍ସି ଥିଲେ ସର୍ବ କନିଷ୍ଠ। ସୋନାକ୍ସି ମାଲକାନଗିରିର ଏକ ଘରୋଇ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ପଢୁଛନ୍ତି।


ସୋନାକ୍ସି ମହାପାତ୍ର

# ଗୋଟିଏ ଦିନରେ ଗଞ୍ଜା ଗାଁରେ ୩ ମୃତ

## ପୁଅ ମୃତ୍ୟୁରେ ମ୍ରିୟମାଣ ମା' ଆଖିବୁଜିଲେ

ରାଜକନିକା, ୨୩।୧୨ (ସଞ୍ଜୟ କୁମାର ଦାଶ)

ପୁଅର ମୃତ୍ୟୁରେ ମ୍ରିୟମାଣ ହୋଇପଡ଼ିଥିବା ମା' ଆଖି ବୁଜିଛନ୍ତି। ଶ୍ମଶାନରେ ଉଭୟ ମୃତଦେହ ସତ୍କାର ସ୍ଥାନଠାରୁ ଶହେ ମିଟର ଦୂରରେ ସେହି ଗାଁର ଜଣେ ବ୍ୟକ୍ତି ଗାଈ ଚରାଉଥିବା ବେଳେ ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇଛି। ଏହି ଖବର ରାଜକନିକା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଗଞ୍ଜା ଗାଁରେ ଶନିବାର ବିଳମ୍ବିତ ରାତ୍ରିରେ ଦୀର୍ଘଦିନ ଧରି ଲିଭର ସଂକ୍ରମଣରେ ଚିକିତ୍ସିତ ହେଉଥିବା ନବକିଶୋର ରାଉତ (୩୬)ଙ୍କ କଟକ ବଡ଼ ମେଡିକାଲରେ ମୃତ୍ୟୁ ହୋଇଥିଲା। ରବିବାର ତାଙ୍କ ମୃତଦେହ ଆସି ଗାଁ ଶ୍ମଶାନରେ ସଂସ୍କାର ହେଉଥିଲା। ପୁଅର ମୃତଦେହ ଶ୍ମଶାନରେ ସଂସ୍କାର ସରିବା ବେଳକୁ ମା' ସତ୍ୟଭାମା (୬୮) ହଠାତ ଟଳି ପଡ଼ିଥିଲେ। ସତ୍ୟଭାମାଙ୍କୁ ଶ୍ମଶାନରେ ସତ୍କାର ଚାଲିଥିବା ବେଳେ ଏହି ଖବର ଶୁଣି ଗାଈ ଚରାଉଥିବା ଗାଁର ସନାତନ ଜେନାଙ୍କୁ ହୃଦ୍‌ଘାତ ହୋଇଥିଲା। ତାଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଗାଁ ଲୋକ ସନାତନଙ୍କ ମୃତଦେହକୁ ସଂସ୍କାର କରିଥିଲେ। ତେବେ ଗୋଟିଏ ଦିନରେ ଗାଁର ୩ ଜଣଙ୍କ ମୃତ୍ୟୁ ଘଟଣା ସମସ୍ତଙ୍କୁ ଶୋକାଭିଭୂତ କରି ଦେଇଛି।

# ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ବିଶ୍ୱରେ ଏକ ମଡେଲ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୧୨ (ଅନିଲ ଦାସ)

ବିପର୍ଯ୍ୟୟ ପରିଚାଳନାରେ ବିଶ୍ୱରେ ଓଡ଼ିଶା ଏକ ମଡେଲ ରୂପେ ପରିଗଣିତ ହେଉଛି। ବୈଜ୍ଞାନିକ ଓ ପାଣିପାଗ ବିଶେଷଜ୍ଞଙ୍କ ଆକଳନକୁ ପାଥେୟ କରି ପ୍ରାକୃତିକ ବିପର୍ଯ୍ୟୟ ବେଳେ ବହୁ ପରିମାଣରେ ଧନଜୀବନହାନିରୁ ରକ୍ଷା କରାଯାଇ ପାରୁଛି। କେନ୍ଦ୍ର ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଓ ଭାରତ ପାଣିପାଗ ବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ ଭାରତ ପାଣିପାଗ ବିଭାଗ (ଆଇଏମ୍‌ଡି)ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସୋମବାର ଲୋକସେବା ଭବନ କନ୍‌ଭେନଶନ ହଲରେ ଆୟୋଜିତ ଉପଯୋଗକର୍ତ୍ତା କର୍ମଶାଳାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏହା କହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ପ୍ରତିବର୍ଷ ଓଡ଼ିଶାରେ ବନ୍ୟା, ବାତ୍ୟା, ମରୁଡ଼ି ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ଆମର ପାଣିପାଗ ବିଶେଷଜ୍ଞଙ୍କ ଯୋଗୁ ବିପର୍ଯ୍ୟୟର ପରିଚାଳନା ହୋଇପାରୁଛି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ସର୍ବଦା ସାଥିରେ ରହି ସମୟକୁ ସମୟ ଠିକ୍ ଅନୁମାନ ଯୋଗାଇ ଦେଉଥିବାରୁ ପାଣିପାଗ ବିଭାଗକୁ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ଦେଓରଞ୍ଜନ କୁମାର ସିଂହ ଧନ୍ୟବାଦ ଜଣାଇଛନ୍ତି। ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଓଡ଼ିଶା କେବଳ ଏକମାତ୍ର ରାଜ୍ୟ; ଯେଉଁଠି ସମସ୍ତ ୩୦ ଜିଲାରେ ପର୍ଯ୍ୟବେକ୍ଷଣ କେନ୍ଦ୍ର (ଅବଜରଭେଟୋରୀ କେନ୍ଦ୍ର) ରହିଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମନୋରମା ମହାନ୍ତି ସ୍ୱାଗତ ଭାଷଣ ଏବଂ ସଞ୍ଜୀବ ଦ୍ୱିବେଦୀ ଧନ୍ୟବାଦ ଦେଇଛନ୍ତି।

# ସଡ଼କ ଦୁର୍ଘଟଣାରେ କାଉନ୍‌ସିଲରଙ୍କ ମୃତ୍ୟୁ

ବିନିକା, ୨୩।୧୨ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ୧୧ନଂ ୱାର୍ଡର ବିଜେଡି କାଉନ୍‌ସିଲର ବିକାଶ କର୍ଣ୍ଣଙ୍କର ଏକ ସଡ଼କ ଦୁର୍ଘଟଣାର ମୃତ୍ୟୁ ଘଟିଛି। ତାଙ୍କୁ ୩୦ବର୍ଷ ହୋଇଥିଲା। ରବିବାର ରାତିରେ ବୀରମହାରାଜପୁର କୃଷିମେଳାରୁ ନିଜ ଗାଁ ରହିଲାକୁ ଫେରୁଥିବାବେଳେ ଉଲୁଣ୍ଡା ଥାନା ଚଢ଼େଇପଙ୍କ ଛକ ନିକଟରେ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭିମ୍‌ସାରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିକାଶଙ୍କର ମୃତ୍ୟୁ ଘଟିଥିଲା। ସୋମବାର ବୁର୍ଲାରେ ବ୍ୟବଚ୍ଛେଦ ପରେ ମୃତଦେହ ଜନ୍ମମାଟି ରହିଲାକୁ ଅଣାଯାଇଥିଲା। ଏନ୍‌ଏସିର ଅନେକ କାଉନସିଲର, କର୍ମଚାରୀ ଓ ଅଞ୍ଚଳବାସୀ ତାଙ୍କର ଶେଷ ଦର୍ଶନ କରିଥିଲେ। ପରେ ଏକ ଶୋକାକୁଳ ପରିବେଶରେ ପାପକ୍ଷୟ ଘାଟରେ ଅନ୍ତିମ ସତ୍କାର କରାଯାଇଥିଲା। ମୃତକଙ୍କ ବାପା ଗୁନା କର୍ଣ୍ଣ ମୁଖାଗ୍ନି ଦେଇଥିଲେ। ମୃତ କାଉନ୍‌ସିଲରଙ୍କ ସମ୍ମାନାର୍ଥେ ସୋମବାର ଏନ୍‌ଏସି କାର୍ଯ୍ୟାଳୟ ବନ୍ଦ ରହିଥିଲା। ସ୍ୱର୍ଗତ କର୍ଣ୍ଣଙ୍କ ଧର୍ମପତ୍ନୀ ଓ ଦେଢ଼ବର୍ଷର ଏକ କନ୍ୟା ସନ୍ତାନ ଅଛନ୍ତି।


ବିକାଶ କର୍ଣ୍ଣ

# ବଡ଼ମୂଳକୁ ୩ ବର୍ଷ ପରେ ଆସିଲେ ଇଣ୍ଡିଆନ୍ ସ୍କିମର

## ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ସାତକୋଶିଆ ଗଣ୍ଡ

ଗଣିଆ, ୨୩।୧୨ (ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣାଞ୍ଚଳ ଅନ୍ତର୍ଗତ ବଡ଼ମୂଳ ଅଞ୍ଚଳକୁ ୩ ବର୍ଷ ବ୍ୟବଧାନ ପରେ ବିଦେଶାଗତ ଇଣ୍ଡିଆନ ସ୍କିମର ପୁଣି ଆସିଥିବା ଦେଖିବାକୁ ମିଳିଛି। ସାତକୋଶିଆ ଗଣ୍ଡକୁ ପ୍ରତିବର୍ଷ ସାଇବେରିଆ, ଲଦାଖ ଓ ହିମାଳୟ ଆଦି ସ୍ଥାନରୁ ଆସୁଥିବା ବିଦେଶାଗତ ଅତିଥି ପକ୍ଷୀଙ୍କ ମଧ୍ୟରେ ଇଣ୍ଡିଆନ ସ୍କିମର ଅନ୍ୟତମ। ଏହି ପକ୍ଷୀ ନଭେମ୍ବର ୧୫ ଶୀତଋତୁ ବେଳକୁ ସାତକୋଶିଆ ଗଣ୍ଡର ବଡ଼ମୂଳ, ସୁନାଖଣିଆ, ଟିକରପଡ଼ା ଓ କଟକ ଜିଲାର ମୁଣ୍ଡଳି ନିକଟରେ ଦେଖାଦେଇଥାନ୍ତି। ହେଲେ ସହାବସ୍ଥାନର ବ୍ୟତିକ୍ରମ ହେତୁ ଏହି ଇଣ୍ଡିଆନ ସ୍କିମର ୩ ବର୍ଷ ଧରି ବଡ଼ମୂଳ ଅଞ୍ଚଳକୁ ଆସୁ ନ ଥିବା ଦେଖାଯାଇଥିଲା। ମହାନଦୀର ବାଲୁକାଶଯ୍ୟାରେ ଦଳ ଦଳ ହୋଇ ବିଚରଣ କରୁଥିବା ଏହି ପକ୍ଷୀ ପର୍ଯ୍ୟଟକମାନଙ୍କୁ ବେଶ୍ ଆକର୍ଷିତ କରିଥାନ୍ତି।

ସାତକୋଶିଆ ଗଣ୍ଡକୁ ଆସୁଥିବା ଏହି ବିଦେଶାଗତ ପକ୍ଷୀ ପୁଣି ଆସୁଛନ୍ତି କି ନାହିଁ ଜାଣିବା ପାଇଁ ମହାନଦୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ୨୦୧୪-୧୫ ମସିହାରେ ବାର୍ଡ ରିଙ୍ଗିଙ୍ଗ୍ କରାଯାଇଥିଲା। ଚିହ୍ନଟ କରାଯାଇଥିବା ଏହି ପକ୍ଷୀ ୨୦୨୧ ପର୍ଯ୍ୟନ୍ତ ବଡ଼ମୂଳ ଅଞ୍ଚଳକୁ ଆସୁଥିବାବେଳେ ୩ ବର୍ଷ ଧରି ଉଭାନ୍ ହୋଇଯାଇଥିଲେ। ସେହିପରି ଚିହ୍ନିତ ହୋଇଥିବା ଆଉ କେତେକ ପକ୍ଷୀ କଟକ ଜିଲା ମୁଣ୍ଡଳି ଅଞ୍ଚଳରେ ସହାବସ୍ଥାନ କରିବା ସହ ପ୍ରଜନନ କରୁଥିବା ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ପକ୍ଷୀଗୁଡ଼ିକ ମହାନଦୀର ଜନଶୂନ୍ୟ ଅଞ୍ଚଳଗୁଡିକରେ ଦଳ ଦଳ ହୋଇ ବାଲୁକାଶଯ୍ୟାରେ ବିଚରଣ କରିଥାନ୍ତି। ପ୍ରତି ଦଳରେ ପ୍ରାୟ ୬୦ରୁ ୭୦ଟି ପକ୍ଷୀ ରହିଥାନ୍ତି। ବିଚରଣ ସମୟରେ ଏହି ପକ୍ଷୀମାନଙ୍କର କଳରବ ଓ ମହାନଦୀର ନୀଳ ଜଳରାଶି ଉପରେ ଦଳ ଦଳ ହୋଇ ବୁଲୁଥିବାର ଦୃଶ୍ୟ ବେଶ୍ ରୋମାଞ୍ଚକର। ସାତକୋଶିଆ ଗଣ୍ଡରେ ଅବାଧ ପ୍ରବେଶ ଓ ପ୍ରତିକୂଳ ପରିବେଶ ଯୋଗୁ ଏହି ପକ୍ଷୀମାନେ ବେଶିଦିନ ନ ରହି ପ୍ରତ୍ୟାବର୍ତ୍ତନ କରି ଯାଇଥାନ୍ତି। ବିଦେଶାଗତ ପକ୍ଷୀମାନଙ୍କର ସୁରକ୍ଷା ପାଇଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଗଲେ ପ୍ରତିବର୍ଷ ଇଣ୍ଡିଆନ ସ୍କିମର ସାତକୋଶିଆକୁ ନିରଙ୍କୁଶ ଭାବେ ଆସନ୍ତେ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି।



# ଦୁର୍ଘଟଣା ହ୍ରାସ ଦିଗରେ ପଦକ୍ଷେପ ନିଆଯାଉଛି: ମନ୍ତ୍ରୀ ଜେନା

ଭୁବନେଶ୍ୱର, ୨୩।୧୨ (ସୁନିତ୍ ମିଶ୍ର)

ସଡ଼କ ସୁରକ୍ଷା ଓ ଦୁର୍ଘଟଣା ହ୍ରାସ ଦିଗରେ ସରକାର ପ୍ରତିବଦ୍ଧ ଥିବାବେଳେ ସବୁପ୍ରକାର ପ୍ରତିରୋଧୀ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ବିଭୂତିଭୂଷଣ ଜେନା ଉଲ୍ଲେଖ କରିଛନ୍ତି। ସୋମବାର ପୂର୍ବାହ୍ନରେ ରାଜ୍ୟ ପରିବହନ ପ୍ରାଧିକରଣ ଓ ଆଇଆଇଟି-ମାଡ୍ରାସ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଜେନା ସଡ଼କ ସୁରକ୍ଷାକୁ ଦୃଢ଼ କରିବା ସହିତ ଯାନ ଚାଳନା ସତର୍କତା ଏବଂ ସଚେତନତା ଅଭିଯାନକୁ ଏପରି ପ୍ରୟାସ ସାହାଯ୍ୟ କରିବ ବୋଲି କହିଛନ୍ତି।

ଖାରବେଳ ଭବନସ୍ଥିତ ବାଣିଜ୍ୟ ଓ ପରିବହନ ବିଭାଗର ସମ୍ମିଳନୀ ପ୍ରକୋଷ୍ଠରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଜେନା କହିଛନ୍ତି, ଏହି ବୁଝାମଣାପତ୍ର ବଳରେ ରାଜ୍ୟବ୍ୟାପୀ ସୂଚନା, ଶିକ୍ଷା ଓ ସଞ୍ଚାର ଅଭିଯାନକୁ ପ୍ରଭାବୀ କରାଯିବ। ବିକଶିତ ଓଡ଼ିଶା ନିମନ୍ତେ ସଡ଼କ ସୁରକ୍ଷାର ୪ଟି ମଡେଲ ଯଥା- ଇଞ୍ଜିନିୟରିଂ ତଦାରଖ ଓ କାର୍ଯ୍ୟାନୁଷ୍ଠାନ, ଜରୁରିକାଳୀନ ପ୍ରଯତ୍ନ ଓ ମାନବିକ ଦିଗକୁ ପ୍ରାଧାନ୍ୟ ଦିଆଯିବ। ସଡ଼କ ସୁରକ୍ଷା କ୍ଷେତ୍ରରେ ଗାଡ଼ିଚାଳନାର ନିୟନ୍ତ୍ରଣ ଓ ତଦାରଖ, ଚାଳକମାନଙ୍କ ବ୍ୟବହାର ପରିବର୍ତ୍ତନ ସାଙ୍ଗକୁ ଦୁର୍ଘଟଣା ହ୍ରାସ ଦିଗରେ ଏହି ପ୍ରୟାସ ଫଳପ୍ରଦ ହେବ। ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁର ଏକ ପରିସଂଖ୍ୟାନ ଦେଇ ମନ୍ତ୍ରୀ ଜେନା ସେ ଦିଗରେ ସବୁମହଲର ସହଯୋଗ ଲୋଡ଼ିଛନ୍ତି। ତୃଣମୂଳସ୍ତରରୁ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଉପରେ ମନ୍ତ୍ରୀ ଜେନା ଗୁରୁତ୍ୱାରୋପ କରିଛନ୍ତି।

କାର୍ଯ୍ୟକ୍ରମ ଆରମ୍ଭରେ ପରିବହନ କମିଶନର ଅମିତାଭ ଠାକୁର ପ୍ରାରମ୍ଭିକ ସୂଚନା ଦେବା ସହିତ ବୁଝାମଣାପତ୍ରର ଉଦ୍ଦେଶ୍ୟ ଜଣାଇଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ବୁଝାମଣାପତ୍ର ସ୍ୱାକ୍ଷର ବଳରେ ରାଜ୍ୟରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ସଶକ୍ତ କରାଯାଇପାରିବ ବୋଲି ଆଶା ପ୍ରକାଶ କରିଛନ୍ତି। ଆଇଆଇଟି ମାଡ୍ରାସର ପ୍ରଫେସର ଭେଙ୍କଟେଶ ବାଲସୁବ୍ରମଣ୍ୟମ୍ ୩ ବର୍ଷ ନିମନ୍ତେ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ଏବଂ ଏଥିରେ ରାଜ୍ୟବ୍ୟାପୀ ଶିକ୍ଷଣ ବ୍ୟବସ୍ଥା, କର୍ମଶାଳା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଅଭିଯାନ ଆୟୋଜନ କରାଯିବ ବୋଲି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ବିଭାଗ ତଥା ରାଜ୍ୟ ପରିବହନ ପ୍ରାଧିକରଣର ବରିଷ୍ଠ ଅଧିକାରୀମାନଙ୍କ ସମେତ ଆଇଆଇଟି ମାଡ୍ରାସର ଅନ୍ୟତମ ପ୍ରତିନିଧି ଅତୁଲ ସିଂହ ମଧ୍ୟ ଉପସ୍ଥିତ ଥିଲେ।

## ପରିବହନ ପ୍ରାଧିକରଣ ଓ ଆଇଆଇଟି ମାଡ୍ରାସ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ



ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। -ଶ୍ରୀମା



# ପତ୍ରେ ପତ୍ରେ ଠକ

ବର୍ତ୍ତମାନ ସମୟରେ ଡିଜିଟାଲ ଆରେଷ୍ଟ ଏକ ଭୟଙ୍କର ଅନ୍‌ଲାଇନ ଅପରାଧ ଭାବେ ଉଭା ହେଲାଣି। ଏଥିରେ ଠକମାନେ ନିଜକୁ ପୋଲିସ, ସିବିଆଇ, ଆର୍‌ବିଆଇ କିମ୍ବା ନାର୍କୋଟିକ୍ସ ବିଭାଗ ଅଧିକାରୀ ଭାବେ ଦର୍ଶାଇ ସହଜରେ କାବୁ କରିହେଉଥିବା ବ୍ୟକ୍ତିଙ୍କ ପାଖକୁ ଇ-ମେଲ୍, ଟେକ୍ସଟ୍ ମେସେଜ୍ କିମ୍ବା ଫୋନ୍ କରୁଛନ୍ତି। ସେହି ବ୍ୟକ୍ତିମାନଙ୍କୁ କୁହାଯାଉଛି ଆପଣଙ୍କ ନାମରେ ଆର୍ଥିକ ହେରଫେର, ବେଆଇନ ସାମଗ୍ରୀ କାରବାର ସଂକ୍ରାନ୍ତ ଅଭିଯୋଗକୁ ନେଇ ତଦନ୍ତ ଚାଲିଛି। ତେଣୁ ଗିରଫ ହେବା ଭଳି ପ୍ରମାଣ ଥିବାରୁ ଆପଣ ବର୍ତ୍ତିବା ସହଜ ନୁହେଁ ବୋଲି କହି ବଡ଼ ଭୟ ସୃଷ୍ଟି କରୁଛନ୍ତି। ଏସବୁ ଶୁଣି କିମ୍ବା ଇ-ମେଲ୍ ବା ମେସେଜ୍ ଦେଖି ଯଦି ସମ୍ପୃକ୍ତ ବ୍ୟକ୍ତି ଭୟଭୀତ ହୋଇଯାଉଥିବା ଠକମାନେ ଜାଣିପାରୁଛନ୍ତି, ସେତିକିବେଳେ ସେ ଯେଭଳି ଘରୁ ବାହାରି ନ ପାରିବେ ସେଭଳି ଏକ ବାତାବରଣ ଗଢ଼ି ତୋଳୁଛନ୍ତି। ଫଳରେ ନିଜ ବିରୋଧରେ ସାଂଘାତିକ ଅଭିଯୋଗ ଆସିଥିବା ଜାଣି ବ୍ୟକ୍ତି ଜଣକ ତଥାକଥିତ ଅଧିକାରୀ ବୋଲାଉଥିବା ଠକ କଥାରେ ରାଜି ହୋଇଯାଉଛନ୍ତି। ଅର୍ଥ ଯାଉ ପଛେ ଇଜ୍ଜତ ରହିଯାଉ ଭାବି ଟଙ୍କା ଦେବାକୁ ପଛାଉନାହାନ୍ତି। ପ୍ରତାରିତ ବ୍ୟକ୍ତି ଯେତେବେଳେ ଜାଣୁଛନ୍ତି ଯେ ସେ ଠକାମିର ଶିକାର ହୋଇଯାଇଛନ୍ତି, ସେତେବେଳେ 'ନେଢ଼ି ଗୁଡ଼ କହୁଣିକୁ ବୋହିଯାଉଛି'।

ଇଣ୍ଡିଆନ ସାଇବର କ୍ରାଇମ୍ କୋର୍ଡିନେଶନ ସେଣ୍ଟର ତଥ୍ୟ ଅନୁଯାୟୀ, ୨୦୨୪ ଜାନୁଆରୀରୁ ଏପ୍ରିଲ୍ ମଧ୍ୟରେ ଡିଜିଟାଲ ଆରେଷ୍ଟ ସମେତ ସାଇବର ଠକାମିରେ ଭାରତର ନାଗରିକମାନେ ୧,୭୫୦ କୋଟିରୁ ଅଧିକ ଟଙ୍କା ହରାଇଛନ୍ତି। ଏହି ଅବଧି ମଧ୍ୟରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଥିବା ସାଇବର କ୍ରାଇମ ପୋର୍ଟାଲରେ ୭,୪୦,୦୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ କରାଯାଇଛି। ସଦ୍ୟ ଘଟଣାକ୍ରମେ ଡିସେମ୍ବର ୨୩ରେ ବେଙ୍ଗାଲୁରୁରେ ଏକ ଡିଜିଟାଲ ଆରେଷ୍ଟ ସମ୍ପର୍କିତ ଘଟଣା ସମସ୍ତଙ୍କୁ ଚକିତ କରିଦେଇଛି। ମିଳିଥିବା ସୂଚନା ଅନୁଯାୟୀ, ନଭେମ୍ବର ୨୫ରୁ ଡିସେମ୍ବର ୧୨ ମଧ୍ୟରେ ଜଣେ ସଫ୍ଟୱେର ଇଞ୍ଜିନିୟରଙ୍କଠାରୁ ସାଇବର ଠକମାନେ ତିନୋଟି ପର୍ଯ୍ୟାୟରେ ବିଭିନ୍ନ ଉପାୟରେ ୧୧ କୋଟି ୮ ଲକ୍ଷ ଟଙ୍କା ଲୁଟିନେଇଛନ୍ତି। ମନିଲଣ୍ଡରିଂ ମାମଲାରେ ତାଙ୍କ ଆଧାର ନମ୍ବର ଜଡ଼ିତ ଥିବା ଦର୍ଶାଇ ସେମାନେ ଏହି ଇଞ୍ଜିନିୟରଙ୍କୁ ଟାର୍ଗେଟ କରିଥିଲେ। ପରେ ଇଞ୍ଜିନିୟର ନାମ ଗୋପନ ରଖି ନିଜକୁ ବିକ୍ରମ ଭାବେ ଦର୍ଶାଇ ବେଙ୍ଗାଲୁରୁର ଉତ୍ତର-ପୂର୍ବ ସିଇଏନ୍ କ୍ରାଇମ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। କିଛି ମାସ ତଳେ ପଦ୍ମଭୂଷଣରେ ସମ୍ମାନିତ 'ବର୍ଦ୍ଧମାନ ଗ୍ରୁପ୍'ର ଅଧ୍ୟକ୍ଷ ଏସ୍‌ପି ଓସ୍ୱାଲ ମଧ୍ୟ ଡିଜିଟାଲ ଆରେଷ୍ଟରେ ୭ କୋଟି ଟଙ୍କା ହରାଇଥିଲେ। ଉଲ୍ଲେଖଯୋଗ୍ୟ, ସାଇବର ଅପରାଧ ବଢ଼ୁଥିବାରୁ ଆର୍‌ବିଆଇ ଡିଜିଟାଲ ଆରେଷ୍ଟ ଉପରେ ବାରମ୍ବାର ସଚେତନାମୂଳକ ସୂଚନା ଦେଇ ଚାଲିଛି। ଏହା ସତ୍ତ୍ୱେ ଯଦି ଜଣେ ପ୍ରଯୁକ୍ତିବିତ୍ ଓ ପ୍ରତିଷ୍ଠିତ ଶିଳ୍ପପତି ଠକାମିର ଶିକାର ହୋଇ ବିପୁଳ ପରିମାଣର ଟଙ୍କା ହରାଉଛନ୍ତି, ସେଭଳି ସ୍ଥଳେ ଦେଶର ସାଧାରଣ ଲୋକଙ୍କ ଅର୍ଥ ସୁରକ୍ଷିତ ରହିବ ବୋଲି କୌଣସି ଗ୍ୟାରେଣ୍ଟି ରହୁନାହିଁ।

> **ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ଭାରତରେ ସାଇବର ପୋଲିସ ଅଧିକାରୀଙ୍କର ପ୍ରଯୁକ୍ତିଗତ ଜ୍ଞାନ ଊଣା ରହୁଥିବା ଅନେକ ସାଇବର ଅପରାଧ ଆକାରରୁ ସ୍ପଷ୍ଟ ହେଉଛି। ତେଣୁ ଏଭଳି ଟେକ୍ନୋ କ୍ରାଇମ୍‌କୁ ନିୟନ୍ତ୍ରଣ କରିବାକୁ ହେଲେ ସାଇବର ନିରାପତ୍ତାକୁ ସୁଦୃଢ଼ କରିବାକୁ ପଡ଼ିବ। କେବଳ ଆଇନ ନୁହେଁ, ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ତରରେ ସତର୍କ ରହିବା ଜରୁରୀ।**

ମନେପକାଇ ଦିଆଯାଇପାରେ ଯେ, ଭାରତରେ ୨୦୧୫ ଜୁଲାଇ ୧ରେ ଡିଜିଟାଲ ଇଣ୍ଡିଆ ଯୋଜନା ଲାଗୁ ହୋଇଥିଲା। ଆର୍ଥିକ କାରବାରକୁ ସୁଗମ କରିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଶୁଭାରମ୍ଭ କରାଯାଇଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ଅନେକ ନାଗରିକ ଏବେ ଅନ୍‌ଲାଇନ ଆର୍ଥିକ ଅପରାଧର ଶିକାର ହେଉଛନ୍ତି। ଏ ଦେଶରେ ମାତ୍ର ୩୮ ପ୍ରତିଶତ ପରିବାର ଡିଜିଟାଲ ସାକ୍ଷର ହୋଇପାରିଛନ୍ତି। ଏହା ଡିଜିଟାଲ ଅକ୍ଷମତାକୁ ଦର୍ଶାଉଛି। ଅନ୍ୟପକ୍ଷରେ ଜଣଙ୍କ ବ୍ୟକ୍ତିଗତ ଗୋପନୀୟ ତଥ୍ୟ ଅନେକ ସମୟରେ ଅନ୍ୟ ହାତକୁ ଚାଲିଯାଉଥିବାରୁ ଅର୍ଥ ଚାଲିଯିବାର ଭୟ ସର୍ବଦା ଘାରୁଛି। ଡିଜିଟାଇଜେଶନରେ ବ୍ୟାଙ୍କଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ଆଧାର ସଂଯୋଗ ଠକଙ୍କୁ ସୁହାଉଛି। ଦେଶରେ ଦୁର୍ବଳ ବ୍ୟାଙ୍କ ବ୍ୟବସ୍ଥାଠାରୁ ଆରମ୍ଭ କରି ଅନ୍‌ଲାଇନ୍ କାରବାର ନିରାପତ୍ତାବିହୀନ ହୋଇପଡ଼ିଛି। ନିକଟ ଅତୀତର ଉଦାହରଣ ଦେଖିଲେ ୨୦୨୩ରେ ଛଦ୍ମନାମରେ ପରିଚିତ 'ଡାର୍କ ୱେବ୍ ୦୦୦୧' ଭାରତର ୮୧ କୋଟିରୁ ଅଧିକ ଲୋକଙ୍କ ଆଧାର ଓ ପାସ୍‌ପୋର୍ଟ ମହଜୁଦ ରଖିଥିବା ଘୋଷଣା କରିଥିଲା। ସେତେବେଳେ ପ୍ରିଭେସି ବା ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ଉପରେ ପ୍ରଶ୍ନ ଉଠିଥିଲା। ଏହା ସୂଚିତ କରିଥିଲା ଯେ, ଭାରତ ସରକାର ବ୍ୟକ୍ତିଗତ ତଥ୍ୟ ଗୋପନ ରଖିବାରେ ଅସମର୍ଥ। ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ଭାରତରେ ସାଇବର ପୋଲିସ ଅଧିକାରୀଙ୍କର ପ୍ରଯୁକ୍ତିଗତ ଜ୍ଞାନ ଊଣା ରହୁଥିବା ଅନେକ ସାଇବର ଅପରାଧ ଆକାରରୁ ସ୍ପଷ୍ଟ ହେଉଛି। ତେଣୁ ଏଭଳି ଟେକ୍ନୋ କ୍ରାଇମ୍‌କୁ ନିୟନ୍ତ୍ରଣ କରିବାକୁ ହେଲେ ସାଇବର ନିରାପତ୍ତାକୁ ସୁଦୃଢ଼ କରିବାକୁ ପଡ଼ିବ। କେବଳ ଆଇନ ନୁହେଁ, ପ୍ରତ୍ୟେକ ବ୍ୟକ୍ତି ନିଜ ସ୍ତରରେ ସତର୍କ ରହିବା ମଧ୍ୟ ଜରୁରୀ। କାରଣ ସରକାରୀ ବ୍ୟବସ୍ଥା ଅପରାଧକୁ ରୋକିବା ଲାଗି ଡାଳ ଡାଳରେ ଯାଉଥିଲା ବେଳେ ଚୋର ବା ଠକ ପତ୍ରେ ପତ୍ରେ ଯାଉଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | 7 | 1 | 3 | | 9 |
| | | | | 3 | | 7 | | |
| | 9 | | | 4 | | | | |
| | | 4 | 8 | | | | 6 | |
| | | | 9 | | 4 | | | |
| 8 | | | | | | | | |
| 5 | | 3 | | | | 2 | | |
| 4 | | | | | | | 3 | 6 |
| | 1 | 6 | | | 7 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 3 | 8 | 2 | 6 | 9 | 1 | 4 |
| 6 | 4 | 2 | 3 | 1 | 9 | 5 | 8 | 7 |
| 1 | 9 | 8 | 4 | 7 | 5 | 6 | 2 | 3 |
| 7 | 8 | 9 | 1 | 3 | 2 | 4 | 6 | 5 |
| 4 | 6 | 1 | 5 | 9 | 7 | 8 | 3 | 2 |
| 3 | 2 | 5 | 6 | 4 | 8 | 1 | 7 | 9 |
| 2 | 1 | 4 | 9 | 6 | 3 | 7 | 5 | 8 |
| 9 | 5 | 7 | 2 | 8 | 1 | 3 | 4 | 6 |
| 8 | 3 | 6 | 7 | 5 | 4 | 2 | 9 | 1 |

ଗତକାଲିର ଉତ୍ତର



ନିରାକାର ଦାସ

# ବୃଦ୍ଧାବସ୍ଥାର ଅନୁଚିନ୍ତା

ଆମ ସମାଜରେ ଦେଖିବାକୁ ମିଳୁଛି ବୃଦ୍ଧାବସ୍ଥାର ଅସହାୟତା। ବୃଦ୍ଧାବସ୍ଥାରେ ସନ୍ତାନମାନେ ହିଁ ଏକମାତ୍ର ଭରସା। ଯେତେ ବୃଦ୍ଧାଶ୍ରମ କି ଆଶ୍ରମ ହେଉ ତାହା କେବେ ବି ନିଜ ଘରର ସୁଖ ଦେଇ ପାରିବ ନାହିଁ। ବୃଦ୍ଧାବସ୍ଥାରେ ସନ୍ତାନ ନିଜ ମାତାପିତାଙ୍କୁ ଘରୁ ବାହାର କରିଦେବା କାର୍ଯ୍ୟକୁ ଏକ କ୍ରାଇମ୍ (ଅପରାଧ)ଭାବେ ଆଇନ ଗ୍ରହଣ କରିବା କଥା। ଯେଉଁ ମାତାପିତାମାନେ ଘରେ ବି ରୁହନ୍ତି, ସେମାନେ ଅଶାନ୍ତି ଓ ଅପ୍ରୀତିକର ପରିସ୍ଥିତିରୁ ଦୂରେଇ ରହିବାକୁ ଯାଇ ନିରୋଳାରେ ଲୋତକ ଗଡ଼ାନ୍ତି। ରୋଗ ପାଇଁ ପଇସା ଖର୍ଚ୍ଚ ହେଉ କି ଘରକୁ ପଇସା ଦେବା କଥା ହେଉ, ସବୁଥିରେ ନାନାଦି କଥା ଶୁଣିବାକୁ ପଡ଼େ ମା'ବାପାଙ୍କୁ। ଏମିତି ଅନେକ କଥା ଭୋଗିବାକୁ ପଡ଼େ ବୃଦ୍ଧାବସ୍ଥାରେ।

ବୃଦ୍ଧାବସ୍ଥାରେ ଏମିତି ଅସହାୟତା କାହିଁକି ଆସେ ଓ ଏଥିପାଇଁ ଦାୟୀ କିଏ ? ଏ କଥା ଆମେ କ'ଣ କେବେ ଚିନ୍ତା କରିଛୁ ନା ଗଭୀର ଭାବେ ଅନୁଧ୍ୟାନ କରିଛୁ ? ବୋଧହୁଏ ଠିକ୍ ଭାବେ ଏହି ଅବସ୍ଥାକୁ ଅନୁଶୀଳନ କରିନୁ। କେବଳ ଭାଗ୍ୟ ଦୋଷ ଉପରେ ଛାଡ଼ି ଦେଇ ନିଜ ନିଜର କଠୋର କର୍ତ୍ତବ୍ୟ ନିକଟରୁ ଦୂରେଇ ଯାଇଛୁ ଓ ଯାଉଛୁ ମଧ୍ୟ। ପ୍ରଥମ କଥା ହେଲା ସନ୍ତାନଟି ମା'ବାପାଙ୍କର ଜିନ୍ ନେଇ ଜନ୍ମ ନିଏ। ଏଣୁ ଏହି ଜିନ୍‌ର ଅନୁରୂପ ପରିପ୍ରକାଶ ଘଟିବ। ଯେଉଁ ମଞ୍ଜି ପୋତାଯାଇଥାଏ ସେହି ଗଛ ଉଠେ। ଆମ୍ବ ଗଛରେ ଆମ୍ବଡ଼ା ଫଳେନି। ତେଣୁ ମା'ବାପାଙ୍କର ଗୁଣବତ୍ତା ହେଉଛି ସନ୍ତାନର ମୂଳ ଉତ୍ସ। ଦ୍ୱିତୀୟ କଥା ହେଲା ସନ୍ତାନଟି ପରିବେଶରୁ ସମସ୍ତ ଗୁଣ ଓ କାର୍ଯ୍ୟକଳାପ ଆହରଣ କରେ। ମାତାପିତାଙ୍କ ଗୁଣ ସହ ପରିବେଶର ପ୍ରଭାବର ସମସ୍ତ ଚେନତାନକୁ ବହନ କରି ସନ୍ତାନଟି ବଡ଼ହୁଏ। ତେଣୁ ଆମେ ଯେମିତି ପରିବେଶ ପ୍ରଦାନ କରିବା ପିଲାଟି ସେମିତି ତିଆରି ହେବ। ଆମ ଅଜାଣତରେ ଆମର ସମସ୍ତ କୁ ଓ ସୁ କାର୍ଯ୍ୟକୁ ପିଲାଟି ଅନୁକରଣ କରୁଥାଏ। ଆମେ ଛୋଟ ପିଲାଟି କିଛି ଜାଣୁନି, ବୁଝୁନି ଭାବି ତା' ସମ୍ମୁଖରେ ଆମେ ଆମର ମନ୍ଦ କର୍ମ କରିଥାଉ। ଏତିକି ମନେରଖିବା ଦରକାର ପିଲାଟି ମା' ପେଟରୁ ଭୂମିଷ୍ଠ ହେଲା ପରେ ସେ ତା'ର ଚତୁଃପାର୍ଶ୍ୱକୁ ଦେଖିବା ଓ ଅନୁକରଣ କରିବା ଆରମ୍ଭ କରିଦେଇଥାଏ। ଆମର ପ୍ରତ୍ୟେକଟି କାର୍ଯ୍ୟକୁ ସେ ଦେଖେ ଓ ଶୁଣେ ଏବଂ ତାହା ତା'ର ମସ୍ତିଷ୍କ ବା ମେମୋରିରେ ଲିପିବଦ୍ଧ ହେଉଥାଏ। ଉଚ୍ଚ ସଂସ୍କାର ଓ ମାନବତା ପିଲା ତା' ନିଜ ପରିବାରରୁ



ଶିଖିଥାଏ। ଆମ ଆଚରଣ ଓ ଉଚ୍ଚାରଣ ଦୁଇଟିରେ ସେ ପ୍ରଭାବିତ ହୁଏ। ସ୍ମୃତିପଟ୍ଟରେ ଯେଉଁ ସବୁ ମନ୍ଦ ହେଉ କି ଆଦର୍ଶ ପିଲା ଜନ୍ମ କାଳରୁ ଶିଖି ଶିଖି ଯୁବାବସ୍ଥାରେ ତାହା ପାକଳ ହୋଇଯାଇଥାଏ। ସେହି ପାରିପାର୍ଶ୍ୱିକ ଶିକ୍ଷା ହିଁ ତା'ର ବ୍ୟକ୍ତିତ୍ୱକୁ ନିର୍ମାଣ ଆମ ଅଜାଣତରେ କରିସାରିଥାଏ। ଯୁବାବସ୍ଥାରେ ତା'ର ଆଚରଣରେ ଆମେ ବ୍ୟଥିତ ହେବା ଅର୍ଥହୀନ। କାରଣ ଆମ କର୍ମର ହିଁ ସେ ଏକ ପ୍ରତିଫଳନ। କହିବାକୁ ଗଲେ ''ବାପ ଯେମିତି ପୁଅ ସେମିତି।'' ସନ୍ତାନର ଆଚରଣ ବେଳେ ବାଲ୍ୟାବସ୍ଥାକୁ ଫେରିଗଲେ ଦେଖିବା ଆମର ଅବିକଳ ରୂପ।

ବୃକ୍ଷଟିର ବିଶାଳତା ପ୍ରାପ୍ତି ନିମନ୍ତେ ପରିବେଶ ଜରୁରୀ। ତେଣୁ ଆମେ ଆମର ସନ୍ତାନକୁ କେମିତି ପରିବେଶ ପ୍ରଦାନ କରିଛୁ ତାକୁ ଆମ୍ଭ ଅନୁଶୀଳନ କଲେ ବୁଝାପଡ଼ିବ। ପୌଢ଼ାବସ୍ଥାରେ ଭାଗ୍ୟକୁ ଦୋଷ ଦେଇ ମୁଣ୍ଡରେ ହାତ ମାରିଲେ କିଛି ହୁଏନା। ନିଜେ ଅନୈତିକ ହୋଇ ସନ୍ତାନଠାରୁ ନୈତିକତା ଆଶା କରିବା ପାଗଳାମିର ପ୍ରଳାପ। ତେଣୁ ପ୍ରତ୍ୟେକ ମାତାପିତା ନିଜ ନିଜ ଆଚରଣକୁ ଶୁଦ୍ଧ ରଖିବା ଦ୍ୱାରା ନିଜର କଲ୍ୟାଣ ହୋଇଥାଏ। ଏଇଠି ଏକ ପ୍ରଶ୍ନ ଉଠିପାରେ ମାତାପିତା ଏମିତି ଅନୈତିକ, ଅଶୋଭନୀୟ ଆଚରଣ କାହିଁକି କରୁଛନ୍ତି ତାଙ୍କ ଶିଶୁଟିଏ ସାମ୍ନାରେ ? ସେମାନେ ବି ତାଙ୍କ ମାତାପିତା, ପରିବେଶରୁ ଶିଖିଥିବେ। ତେଣୁ ଏଠି ମାତାପିତାଙ୍କର ବା କି ଦୋଷ ? ବାସ୍ତବରେ ଆମ ସାମାଜିକ ବ୍ୟବସ୍ଥା ହିଁ ଦାୟୀ। ଆମ ବ୍ୟବସ୍ଥାରେ ମଣିଷକୁ ମଣିଷ କରିବା ପରିବର୍ତ୍ତେ ପଶୁ ତୁଲ୍ୟ କରି ରଖିବା ନିମନ୍ତେ ସମସ୍ତ ପ୍ରକାର ଅନୁକୂଳ ବାତାବରଣ ତିଆରି କରାଯାଉଛି। ଗୋଟିଏ ବ୍ୟକ୍ତିର ଅଜ୍ଞାନତା ଓ ଅମାନବିକତା ତା'ର ଶହ ଶହ ପିଢ଼ିକୁ ସଂକ୍ରମିତ କରିଥାଏ। ଭାଷଣ ଓ ପ୍ରବଚନରେ ନୈତିକ ଶିକ୍ଷା ମହଜୁଦ କିନ୍ତୁ ସାମାଜିକ, ପାରିବାରିକ ଦୈନନ୍ଦିନ ଆଚରଣରେ ଏହା ନ ଥାଏ। ଅଶ୍ଳୀଳତା, ଅନ୍ଧବିଶ୍ୱାସ, କୁସଂସ୍କାର, ପାଶବିକତା ଆମ ସାମାଜିକ ଅଭ୍ୟନ୍ତରକୁ ଏତେ ଆକ୍ରାନ୍ତ କରିଛି ଯେ ସେଥିରୁ ନିସ୍ତାର ପାଇବା କଠିନ। ଅତ୍ୟନ୍ତ ନିଷ୍ଠାବାନ୍ ଓ ଯତ୍ନବାନ୍ ମାତାପିତା ନ ହେଲେ ସନ୍ତାନ କୁପରିବେଶର ଶିକାର ହୋଇଯାଇଥାଏ। ତେଣୁ ଏ ସମାଜ ବ୍ୟବସ୍ଥା ହିଁ ଭୁଲ୍। ତେଣୁ ଭୁଲ୍ କଥା ମଣିଷକୁ ଶିଖାଇ ଏକ ଯନ୍ତ୍ର ମଣିଷ ନିର୍ମାଣ କରୁଛି। ଯନ୍ତ୍ର ମଣିଷ କାହୁଁ ବୁଝିବ ହୃଦୟର ଭାଷା, କରୁଣାର କାରୁକାର୍ଯ୍ୟ, ପ୍ରେମର ପରାକାଷ୍ଠା, ମନର ମାଧୁର୍ଯ୍ୟତା, ସମ୍ପର୍କର ସୌନ୍ଦର୍ଯ୍ୟତା। ସେଥିପାଇଁ ଆମେ ଯଦି ଏମିତି ସାମାଜିକ ଅନୈତିକତା ବିରୋଧରେ ସଂଗ୍ରାମ କରି ଏକ ସୁନ୍ଦର ସମାଜ ସ୍ୱପ୍ନରେ ଆଚରଣ ଓ ଉଚ୍ଚାରଣ ସମାନ ରଖିବା ତେବେ ଆମ ଅଲକ୍ଷ୍ୟରେ ଏକ ସଂସ୍କାରୀ ସନ୍ତାନଟିଏ ଗଢ଼ି ସାରିଥିବା। ଆମେ ଯଦି ମୋର ମୋର ହୋଇ ସ୍ୱାର୍ଥାନ୍ଧ ହେବା, ସମାଜ କଲ୍ୟାଣ କଥା ଭାବିବାନି ତେବେ ସନ୍ତାନଟି ଆହୁରି ସ୍ୱାର୍ଥପର ହୋଇ ବାହାରିବ ସେତେବେଳେ ଯେତେ ମୁଣ୍ଡରେ ହାତ ପିଟିଲେ କିଛି ଲାଭ ହେବନି।

ଅଙ୍ଗେନିଭା କଥାଟିଏ। ମୁଁ ସମ୍ବଲପୁର ରେଳ ମଣ୍ଡଳରେ ଜନ ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ କରୁଥାଏ। ମୋ ବସାଘର ନିକଟରେ ଛୋଟ ସାଇକେଲ୍ ମରାମତି ଦୋକାନଟି ଖୋଲି ରହୁଥାଏ ମୋ ମାମୁଁ ଗାଁର ବ୍ୟକ୍ତି ଜଣକ। ତାଙ୍କ ନିକଟରେ ବେଳେ ବେଳେ ତାଙ୍କ ବାପା ଆସି ରହୁଥାନ୍ତି। ହିସାବରେ ମୋ ବୋଉର ବଡ଼ଭାଇ। ସନ୍ଧ୍ୟା ସକାଳେ ବୋଉ ପାଖରେ ବସି ଚା, ପାନ ଖାଇଲା ବେଳେ ଲୁହଗଡ଼ାନ୍ତି। ନିଜ ପୁଅ ଓ ବୋହୂର ବ୍ୟବହାରରେ ଅତିଷ୍ଠ। ବେଳେ ବେଳେ କୁହେ ମୁଁ ଆତ୍ମହତ୍ୟା କରିଦେବି। ମୋ ବୋଉ ତାଙ୍କୁ ବୁଝାଏ। ସେ କୁହନ୍ତି - ''ତୋ ଭଳି ପୁଅଟିଏ ମୋର ଜନ୍ମ ହୋଇଥିଲେ, ମୁଁ କେତେ ଆନନ୍ଦରେ ଥାନ୍ତି। ମୋ କପାଳ ମନ୍ଦ।'' ଦେଖ ତୁମ ଘରକୁ କେତେ ବାହାର ଲୋକ ଆସୁଛନ୍ତି, ସମସ୍ତେ କେତେ ଆଦର ପାଇ ଯାଉଛନ୍ତି। କିନ୍ତୁ ମୁଁ ତ ବାପା। ନିଜ ବାପାର ଉପସ୍ଥିତି ପୁଅ ସହି ପାରୁନି ଖର୍ଚ୍ଚ ହୋଇଯିବ ବୋଲି। ମୁଁ ଦିନେ ଏମାନଙ୍କ କଥା ଶୁଣି ଦେଲି। ସିଏ ଗଲା ପରେ ମୋ ବୋଉକୁ କହିଲି - ''ତୁ କ'ଣ ଦେଖିନୁ ଏଇ ବୁଢ଼ା ତା ଯୁବାବସ୍ଥାରେ କେମିତି ଦାଣ୍ଡରେ ଲଙ୍ଗଳା ମୁକୁଳା ହୋଇ କଦର୍ଯ୍ୟ ଭାଷାରେ କଳିକରେ। ନିଜ ଭାଇମାନଙ୍କୁ କି ଅଶ୍ଳୀଳ ଭାଷା ପ୍ରୟୋଗ କରେ। ତା' ପିଲା ତ ଶିଖିଥିବ ନା।'' ମୋ ବୋଉ କହେ- ତା' କର୍ମ ଯେମିତି ଫଳ ଭୋଗୁଛି ସେମିତି, କିଏ କ'ଣ କରିବ। ଆମେ ଖାଲି ଆହା ପଦେ କହିବା କଥା।

**ଅଳସୁଆ ପ୍ରାଇମେରୀ ସ୍କୁଲ୍ ସାମ୍ନା, ଦାରୁଠେଙ୍ଗ, ଭୁବନେଶ୍ୱର**



ପ୍ର. ରମେଶ ଚନ୍ଦ୍ର ପରିଡ଼ା

# ଜଳ ଆସିଲା କେଉଁଠୁ

ପୃଥିବୀକୁ 'ଜଳଗ୍ରହ' ବୋଲି କୁହାଯାଏ। କାରଣ ସୌରଜଗତ ଏବଂ ଅଦ୍ୟାବଧି ଏହା ବାହାରେ ଆବିଷ୍କୃତ ଶତାଧିକ ଗ୍ରହମାନଙ୍କ ମଧ୍ୟରେ ଏକମାତ୍ର ଏଥିରେ ହିଁ ରହିଛି ପ୍ରଚୁର ପରିମାଣ (ପ୍ରାୟ ୭୧%) ତରଳ ଜଳ। ଏହାର ପୃଷ୍ଠଦେଶରେ ବାସ କରୁଥିବା ପ୍ରାୟ ପ୍ରତ୍ୟେକ ସଜୀବ ଜୀବନଧାରଣ ପାଇଁ ଏହା ଆବଶ୍ୟକ କରେ ଏବଂ ତାଙ୍କ ଶରୀରର ମୁଖ୍ୟଭାଗ ଏଥିରେ ଗଢ଼ା।

ଜଳ ପୃଥିବୀପୃଷ୍ଠରେ ଯେ କିପରି ଉତ୍ପତ୍ତି ହେଲା ତାହାର ରହସ୍ୟ ଉଦ୍‌ଘାଟନ ଲାଗି ବିଭିନ୍ନ କ୍ଷେତ୍ରର ବୈଜ୍ଞାନିକମାନେ ଦୀର୍ଘଦିନ ଧରି ଅଧ୍ୟୟନ ଚଳାଇ ଆସିଛନ୍ତି। କିନ୍ତୁ, ତଥାପି ତାହାର ସମ୍ପୂର୍ଣ୍ଣ ଠିକ୍ ଉତ୍ତର ଆଜିପର୍ଯ୍ୟନ୍ତ ମିଳିପାରିନାହିଁ। ତେବେ ତାହା ଅନେକ ମତବାଦ ସୃଷ୍ଟି କରିବାକୁ ସମର୍ଥ ହୋଇପାରିଛି, ଯାହାର ସର୍ବାଗ୍ରରେ ରହିଛି ଦୁଇଟି। ତହିଁରୁ ପ୍ରଥମଟି ଅନୁସାରେ ପୃଥିବୀ ଜଳର କୌଣସି ପୁରୋଗାମୀ ପଦାର୍ଥ ସହିତ ଜନ୍ମଲାଭ କରିଥିଲା ଏବଂ ତତ୍ପରେ ତହିଁରୁ ତାହା ସୃଷ୍ଟିହେଲା। ଅନ୍ୟଟି ଅନୁସାରେ ଆମ ଗ୍ରହଟି ସୃଷ୍ଟି ହେଲା ପରେ ଗ୍ରହାଣୁ ଏବଂ ଧୂମକେତୁ ଭଳି ମହାକାଶ ପିଣ୍ଡମାନଙ୍କ ପତନ ମାଧ୍ୟମରେ ଜଳ ଏଠାକୁ ଆସିଛି। ପୁନଶ୍ଚ ପୃଥିବୀ ସୂର୍ଯ୍ୟଠାରୁ ଉପଯୋଗୀ ଦୂରତାରେ (ଏହାକୁ 'ବାସୋପଯୋଗୀ ମଣ୍ଡଳ' କୁହାଯାଏ) ଅବସ୍ଥାନ କରୁଥିବାରୁ ତହିଁରେ ଜଳ ତରଳାବସ୍ଥାରେ ରହିପାରୁଛି ଏବଂ ଅନ୍ୟପକ୍ଷରେ ସମ୍ପୂର୍ଣ୍ଣ ରୂପେ ବରଫରେ ପରିଣତ ହେଉନାହିଁ।

ଗ୍ରହାଣୁମାନେ ଜଳ ଆଣିଲେ: ଆଜକୁ ପ୍ରାୟ ୪.୬ ହଜାର- ନିୟୁତ (ବିଲିୟନ) ବର୍ଷ ପୂର୍ବେ ବାଷ୍ପ ଏବଂ ଧୂଳିର ବାଦଲମାନଙ୍କ ପତନ ହେତୁ ସୂର୍ଯ୍ୟ ଜନ୍ମନେଲା। ତହିଁରୁ ରହି ଯାଇଥିବା ବଳକା ପଦାର୍ଥରୁ ପ୍ରାୟ ୪.୫ ହଜାର - ନିୟୁତ ବର୍ଷ ପୂର୍ବେ ସୃଷ୍ଟି ହେଲା ପୃଥିବୀ ସମେତ ସୌରଜଗତ। ଆଦ୍ୟକାଳରେ (୪ରୁ ୩ ହଜାର-ନିୟୁତ ବର୍ଷ ପୂର୍ବେ) ଏହାର ଆଭ୍ୟନ୍ତର ଅତ୍ୟନ୍ତ ବିକ୍ଷୁବ୍ଧ ଥିଲା ଏବଂ ଗ୍ରହମାନେ ନିଜର କକ୍ଷ ପରିବର୍ତ୍ତନ କରୁଥିଲେ। ଏହି ମହାକର୍ଷଣୀୟ ଧକମ୍‌ଧକ୍କା ବରଫଯୁକ୍ତ ସାନ ସାନ ମହାକାଶପିଣ୍ଡ ବା ଶିଳାମାନଙ୍କୁ ସୌରମଣ୍ଡଳର ଅନ୍ତର୍ଦ୍ଦେଶ ଆଡ଼କୁ ନିକ୍ଷେପ କରୁଥିଲା। ସମ୍ଭବତଃ ଏଗୁଡ଼ିକରୁ ଅନେକ ପୃଥିବୀ ସହିତ ଧକ୍କା ଖାଇ ଏଥିରେ ଜଳ ସୃଷ୍ଟି କଲେ। ବୈଜ୍ଞାନିକମାନେ ଏହାକୁ କହୁଛନ୍ତି 'ଦ' ଲେଟ୍ ହେଭି ବମ୍ବାର୍ଡମେଣ୍ଟ' ମତବାଦ। ଧୂମକେତୁମାନେ ମଧ୍ୟ ପୃଥିବୀକୁ ଜଳ ଆଣିପାରିଥାନ୍ତି ବୋଲି ଆଗରୁ ବିଶ୍ୱାସ କରାଯାଉଥିଲା। ତେବେ ୧୯୮୬ ମସିହାରେ 'ଜିଓଟୋ' ମହକାଶ ମିଶନ 'ହ୍ୟାଲି' ଧୂମକେତୁରେ ଏବଂ ୨୦୧୪ରୁ ୨୦୧୬ ମଧ୍ୟରେ 'ରୋସେଟ୍ଟା' ମହାକାଶ ମିଶନ 'ଚୁରିୟୁମୋଭ୍ ଜେରାସିମେଂକୋ' ଧୂମକେତୁରେ ପହଞ୍ଚି ସେଗୁଡ଼ିକର ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରିଥିଲେ। ସେଥିରୁ ଜଣାପଡ଼ିଥିଲା ଯେ ଏଗୁଡ଼ିକରେ ଥିବା ଜଳର ରାସାୟନିକ ସ୍ୱାକ୍ଷର, ଅର୍ଥାତ୍ ଉଦ୍‌ଜାନ ଓ ଡିଉଟେରିୟମ୍ (ଭାରି ଉଦ୍‌ଜାନ)ର ଅନୁପାତ ପୃଥିବୀର ଜଳଠାରୁ ଭିନ୍ନ। ଏଣୁ ଏବେ ମନେକରାଯାଉଛି ଯେ, ସମ୍ଭବତଃ ଆମ ଗ୍ରହକୁ ଜଳ ଆଣିବା କାର୍ଯ୍ୟ କେବଳ ଗ୍ରହାଣୁ ଏବଂ



ଉଲ୍‌କାମାନଙ୍କ ଦ୍ୱାରା ହିଁ ସାଧିତ ହୋଇଛି। ପୁନଶ୍ଚ ଗ୍ରହାଣୁ 'ରିୟୁଗୁ'ରୁ 'ହାୟାବୁସା-୨' ମିଶନ ଦ୍ୱାରା ସଂଗୃହୀତ ନମୁନାର ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଏଥିରେ ଥିବା ଜଳ ପୃଥିବୀର ସମୁଦ୍ରଜଳ ସହିତ ସମ୍ପୂର୍ଣ୍ଣ ଖାପ୍ ଖାଉଛି। ଏଣୁ ମନେକରାଯାଏ ଯେ, ଏପ୍ରକାର ଗ୍ରହାଣୁମାନେ ବୋଧହୁଏ ଯଥେଷ୍ଟ ପରିମାଣରେ ଜଳ ଆଣି ପୃଥିବୀରେ ପହଞ୍ଚାଇଛନ୍ତି। ଏହା ବ୍ୟତୀତ ୨୦୨୩ ମସିହା ସେପ୍ଟେମ୍ବରରେ ଆମେରିକୀୟ ମହାକାଶ ସଂସ୍ଥା 'ନାସା' ଦ୍ୱାରା ପ୍ରେରିତ ମହାକାଶଯାନ 'ବେନ୍ନୁ' ଗ୍ରହାଣୁରୁ ନମୁନା ସଂଗ୍ରହ କରିଥିଲା । ବିଶ୍ଳେଷଣରୁ ସେଥିରେ ଥିବା ଜଳ ଏବଂ ଜୈବିକ ପଦାର୍ଥମାନଙ୍କର ପୃଥିବୀର ସେହି ଉପାଦାନଗୁଡ଼ିକ ସହିତ ସମାନତା ଥିବାର ଜଣାପଡ଼ିଛି। ଅତଏବ ଗ୍ରହାଣୁମାନେ ପୃଥିବୀକୁ ଯଥେଷ୍ଟ ମାତ୍ରାରେ ଜଳ ଯୋଗାଇଥିବାର ଏହାକୁ ଅନ୍ୟତମ ପ୍ରମାଣ ରୂପେ ଗ୍ରହଣ କରାଯାଇପାରିବ।

ପୃଥିବୀ ନିଜେ ନିଜେ ଜଳ ସୃଷ୍ଟି କଲା: ଏହି ମତବାଦ ଅନୁସାରେ ପୃଥିବୀ ନିଜେ ନିଜର ଜଳ ସୃଷ୍ଟି କରିଛି । ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ରମାନଙ୍କ ସାହାଯ୍ୟରେ ଦେଖାଯାଇଛି ଯେ, ସୌରଜଗତ ବାହାରେ ନୂଆ ସୃଷ୍ଟି ହୋଇଥିବା ଗ୍ରହମାନଙ୍କରେ ରହିଛି ପ୍ରଚୁର ଆଣବିକ ଉଦ୍‌ଜାନ। ଏଣୁ କେତେକ ବୈଜ୍ଞାନିକ ମତଦିଅନ୍ତି ଯେ, ପୃଥିବୀ ମଧ୍ୟ ତା' ସୃଷ୍ଟିର ଆଦ୍ୟକାଳରେ ଏଥିରେ ସମୃଦ୍ଧ ଥିଲା। ଏହା ତା'ର 'ମାଗ୍‌ମା' ସାଗରମାନଙ୍କ ସହିତ ପ୍ରତିକ୍ରିୟା କରି ପ୍ରଚୁର ପରିମାଣ ଜଳ ସୃଷ୍ଟି କରିପାରିଥାଏ ।

'ମାଗ୍‌ମା' ହେଉଛି ପୃଥିବୀ ପୃଷ୍ଠଦେଶର ତଳେଥିବା ତରଳ ବା ଅର୍ଦ୍ଧତରଳ ଶିଳା ଏବଂ ଏହାର ଆବରଣର ଅଧିକାଂଶ ଭାଗ ଏଥିରେ ଭରା । ଏହା ମୁଖ୍ୟତଃ କଠିନ ଖଣିଜ ପଦାର୍ଥ, ବାଷ୍ପର ଫୋଟକା ଏବଂ ତରଳ ସିଲିକେଟ୍‌ରେ ତିଆରି। ଏହାର ସଂରଚନା ନିର୍ଭର କରେ ଏହାକୁ ସୃଷ୍ଟି କରୁଥିବା ଶିଳା ଏବଂ ତାହା ତରଳିବାର ଅବସ୍ଥା ଉପରେ। ତେବେ ସାଧାରଣ ଭାବେ 'ମାଗ୍‌ମା' ୮ଟି ମୁଖ୍ୟ ମୌଳିକ ଉପାଦାନରେ ତିଆରି । ସେଗୁଡ଼ିକ ହେଲା ଅମ୍ଳଜାନ, ସିଲିକନ୍, ଆଲୁମିନିୟମ୍, ଲୌହ, କ୍ୟାଲ୍‌ସିୟମ୍, ସୋଡିୟମ୍, ମାଗ୍ନେସିୟମ ଏବଂ ପଟାସିୟମ୍।

ୱାଶିଂଟନ୍‌ସ୍ଥିତ 'କାର୍ଣ୍ଣେଗୀ ଇନ୍‌ଷ୍ଟିଚ୍ୟୁଟ ଫର୍ ସାଇନ୍ସ'ର ଗବେଷକମାନେ ଉଦ୍‌ଜାନରେ ସମୃଦ୍ଧ ବାୟୁମଣ୍ଡଳଯୁକ୍ତ ନୂତନ ଭାବେ ସୃଷ୍ଟି ହୋଇଥିବା ସୌରମଣ୍ଡଳ ବାହାର ଶିଳାରେ ତିଆରି ଗ୍ରହମାନଙ୍କରେ କିଛି ମାତ୍ରାରେ ଜଳର ସନ୍ଧାନ ପାଇଛନ୍ତି। ଏପରିକି ଉଚ୍ଚ ତାପମାତ୍ରା ଏବଂ ଚାପ ମଧ୍ୟରେ ଏହା ତହିଁରେ ତରଳ ଅବସ୍ଥାରେ ରହିଛି । ଏହି ଗବେଷକମାନେ କମ୍ପ୍ୟୁଟର ସିମୁଲେଶନ୍ ମାଧ୍ୟମରେ ଆଦ୍ୟକାଳର ପୃଥିବୀରେ ସେହି ଭଳି ଉଦ୍‌ଜାନ ସମୃଦ୍ଧ ବାୟୁମଣ୍ଡଳ ଥିବାର ସମ୍ଭାବନା କଥା ଜାଣିପାରିଛନ୍ତି । ଅତଏବ ଏଥିରେ ମଧ୍ୟ ସେହିପରି ଭାବେ ତହିଁରୁ ଜଳ ସୃଷ୍ଟି ହୋଇଥାଇପାରେ ବୋଲି ମନେକରାଯାଏ। ସେମାନଙ୍କ ମତରେ ଅମ୍ଳଜାନ ମଧ୍ୟରେ ଉଦ୍‌ଜାନ ଜଳିଲେ ତହିଁରୁ ଜଳ ସୃଷ୍ଟିହୁଏ। ନଚେତ୍ ଏ ଦୁଇଟିର ମିଶ୍ରଣରେ ବିଦ୍ୟୁତ୍‌ସ୍ପନ୍ଦନ ପ୍ରୟୋଗ କିମ୍ବା ଯଥେଷ୍ଟ ତାପ ପ୍ରଦାନ ଦ୍ୱାରା ପ୍ରତିକ୍ରିୟା ଆରମ୍ଭ ଲାଗି ଆବଶ୍ୟକ ପରିମାଣରେ ସକ୍ରିୟକାରୀ ଶକ୍ତି ଉତ୍ପନ୍ନ କରିବା ମାଧ୍ୟମରେ ମଧ୍ୟ ତାହା ହୋଇପାରେ। ସମ୍ଭବତଃ ଆଦ୍ୟ ଅବସ୍ଥାରେ ପୃଥିବୀ ଏଥିପାଇଁ ସକ୍ଷମ ଥିଲା । ତେଣୁ ତହିଁରେ ଜଳ ସୃଷ୍ଟି ହେଲା।

ଏହା ବ୍ୟତୀତ ପୃଥିବୀପୃଷ୍ଠରେ ଜଳର ଉତ୍ପତ୍ତିକୁ ନେଇ ଆହୁରି ଅନେକ ମତବାଦ ରହିଛି । ତେବେ, ତହିଁରୁ କୌଣସିଟି ଏହାର ଏକମାତ୍ର ଉତ୍ସ ହୋଇଥିବାର ପ୍ରମାଣିତ ହୋଇ ପାରି ନାହିଁ।

**ମୋ: ୯୯୩୭୩୦୧୪୬୦**

## ଏଇ ଭାରତରେ

୮୭ ବର୍ଷ ବୟସ୍କା ଡା. ମାୟା ଟଣ୍ଡନ ସଡ଼କ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରୁଛନ୍ତି। ଏହା ସହ ଦୁର୍ଘଟଣାରେ ପ୍ରାଥମିକ ଚିକିତ୍ସା ଯୋଗାଇ ଲୋକଙ୍କ ଜୀବନ ରକ୍ଷା କରିବା ସମ୍ପର୍କରେ ସେ ଲୋକଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ମାୟା ଏବେ ସୁଦ୍ଧା ୧,୩୩,୦୦୦ ଲୋକଙ୍କୁ ପ୍ରଶିକ୍ଷଣ ଦେଇସାରିଲେଣି। 'ସହାୟତା ଟ୍ରଷ୍ଟ' ମାଧ୍ୟମରେ ସେ ଏହି କାର୍ଯ୍ୟ କରୁଛନ୍ତି। ଆନାସ୍ଥେସିଓଲୋଜିଷ୍ଟ ଡା. ମାୟାଙ୍କ ଜନ୍ମ ରାଜସ୍ଥାନର ଆଜ୍‌ମେରରେ। ଜୟପୁରର ସାୱାଇ ମାନ ସିଂ ହସ୍ପିଟାଲରେ କାର୍ଯ୍ୟକରି ୧୯୮୫ରେ ଅବସର ନେବା ପରେ ପାଖାପାଖି ୩୦ ବର୍ଷ ହେବ ସେ ସଡ଼କ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ସଡ଼କ ସୁରକ୍ଷା ଉପରେ ପ୍ରଥମେ ପ୍ରଶିକ୍ଷଣ ଦେବା ଆରମ୍ଭ କରିଥିଲେ ରାଜସ୍ଥାନ ପୋଲିସ ଏକାଡେମୀରୁ। ଏହି ଏକାଡେମୀର ଅନୁରୋଧ କ୍ରମେ ସେ ପୋଲିସଙ୍କୁ ପ୍ରଶିକ୍ଷଣ ଦେଇଥିଲେ ଏବଂ ଏହା ଥିଲା ତାଙ୍କର ପ୍ରଥମ ଅଭିଯାନ। ସେ କେବଳ ରାଜସ୍ଥାନରେ ସୀମିତ ରହିନାହାନ୍ତି, ବରଂ ଦେଶର ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଡ଼କ ସୁରକ୍ଷା ଓ ଦୁର୍ଘଟଣାରେ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ମାଗଣାରେ ପ୍ରଶିକ୍ଷଣ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୪ ଡିସେମ୍ବର ୧୯୭୫**

- ମଧ୍ୟପ୍ରଦେଶର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶ୍ୟାମଚରଣ ଶୁକ୍ଳା ଶପଥ ଗ୍ରହଣ କରିଛନ୍ତି।
- ତୈଳ ଓ ପ୍ରାକୃତିକ ଗ୍ୟାସ୍ କମିଶନ ତାଞ୍ଜାନିଆର ସୋଗେ ସଂଘ ଦ୍ୱୀପରେ ତୈଳକୂପ ଖନନ କାର୍ଯ୍ୟ ପରିଚାଳନା କରିବା ନେଇ ଏକ ଚୁକ୍ତି ସ୍ୱାକ୍ଷରିତ।
- ସନ୍ତ୍ରାସବାଦୀ ଗେରିଲାମାନେ ମୁଣ୍ଡ ଜାମିନ ରଖିଥିବା ତୈଳ ଉତ୍ପାଦନକାରୀ ରାଷ୍ଟ୍ରଗୁଡ଼ିକର ସବୁ ମନ୍ତ୍ରୀ ଓ କର୍ମକର୍ତ୍ତାଙ୍କୁ ଖଲାସ କରିଦେଇଥିବା ଅଷ୍ଟ୍ରିଆ ସରକାରଙ୍କ ସୂତ୍ରରୁ ପ୍ରକାଶ।

## ଚିରନ୍ତନୀ

ଅନ୍ତରେ କେତେ କାରଣ ବିହୀନ ବାସନା
ଦେଲା ଲେଖି
ଅର୍ଥବିହୀନ କେତେ ସୁଖ କେତେ ଯାତନା
ହେଲା ସେ କି।
-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅପଶବ୍ଦ ବ୍ୟବହାରକାରୀଙ୍କୁ ଆର୍ଥିକ ଦଣ୍ଡ

ମହାଶୟ,

ଅପଶବ୍ଦର ବ୍ୟବହାରକୁ ରୋକିବା ପାଇଁ ମହାରାଷ୍ଟ୍ରର ଅହିଲ୍ୟାନଗର ଜିଲାର ସୌନ୍ଦଲା ଗ୍ରାମର ସରପଞ୍ଚ ଏକ ଅଭିନବ ଉପାୟ ଆପଣେଇଛନ୍ତି। ଅପଶବ୍ଦ ବ୍ୟବହାରକାରୀକୁ ୫୦୦ ଟଙ୍କାର ଜରିମାନା ଦେବାର ଦଣ୍ଡ ବ୍ୟବସ୍ଥା କରିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ଯାହା ଅନ୍ୟ ଅଞ୍ଚଳରେ ମଧ୍ୟ ଲାଗୁ ହେବା ଉଚିତ ବିଶେଷ କରି ଗ୍ରାମାଞ୍ଚଳମାନଙ୍କରେ। କାରଣ ଏବେ ଗାଁକୁ ଗଲେ ପିଲାଦିନର ସ୍ମୃତି ଓ ବର୍ତ୍ତମାନର ଅନୁଭୂତିରେ ଆକାଶ ପାତାଳ ଫରକ ଆସିଯାଇଛି। କାରଣ ତ ଅନେକ ଅଛି, ହେଲେ ପରିବର୍ତ୍ତନର ଶୁଭାରମ୍ଭ ଭାଷା ବ୍ୟବହାରରୁ କଲେ ଭଲ ହେବ। ଲୋକଙ୍କ ଭାଷା ସୁଧୁରିବା ସହିତ କିଛି ରାଜସ୍ୱ ମଧ୍ୟ ଆଦାୟ ହୋଇପାରିବ ।

**-ସ୍ମୃତିରଞ୍ଜିତା, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

**ତରଭା, ୨୩।୧୨(ମାନଭଞ୍ଜନ ମିଶ୍ର)**

ଦାଦନ ଶ୍ରମିକଭାବେ ତାମିଲନାଡୁରେ କାମ କରୁଥିବା ସୁବର୍ଣ୍ଣପୁର ଜିଲା ତରଭା ଥାନା ପୁଆ ଗାଁର ଧ୍ରୁବଲେଶ୍ୱର ସେଠଙ୍କ ଗତ ୧୭ ତାରିଖ ମୃତ୍ୟୁ ଘଟିଥିବା ଖବର ମିଳିଥିଲା। ପରିବାର ଲୋକେ ତାଙ୍କୁ ସେଠାରେ ହତ୍ୟା କରିଥିବା ଅଭିଯୋଗ କରିଥିଲେ। ହେଲେ ତାଙ୍କ ମୃତଦେହ ଏଠାକୁ ଅଣାଯାଇ ପାରୁ ନ ଥିଲା। ପ୍ରଶାସନର ହସ୍ତକ୍ଷେପ ପରେ ସୋମବାର ଧ୍ରୁବଲେଶ୍ୱରଙ୍କ ମୃତଦେହ ଜନ୍ମମାଟି ପୁଆରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତରଭା ତହସିଲଦାର ତଥା ମାଜିଷ୍ଟ୍ରେଟ ତୁଳା ମୁଦୁଲି, ବିଡ଼ିଓ ଗଙ୍ଗାରାମ ବୁଡ଼େକ, ସ୍ଥାନୀୟ ସରପଞ୍ଚ ପ୍ରଭୁଦତ୍ତ ଡାଙ୍ଗ ଶୋକାତୁର ପରିବାରଙ୍କୁ ଭେଟି ସମବେଦନା ଜଣାଇଥିଲେ। ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଓ ସରପଞ୍ଚ ୨ ହଜାର ଟଙ୍କା ପ୍ରଦାନ କରିଥିଲେ। ଜିଲା ଶ୍ରମ ଅଧିକାରୀ ଦିଲେଶର ଖାଖା, ସହକାରୀ ଶ୍ରମ ଅଧିକାରୀ ସପ୍ରୀତ ପ୍ରଧାନ ମୃତକଙ୍କ ପରିବାରକୁ ପ୍ରଥମ ପର୍ଯ୍ୟାୟରେ ୨୦ହଜାର ଟଙ୍କା ସରକାରୀ ସହାୟତା ପ୍ରଦାନ କର ଆଗାମୀ ଦିନରେ ନିୟମ ମୁତାବକ ସରକାରୀ



ମୃତଦେହକୁ ସତ୍କାର ପାଇଁ ନେବାକୁ ପ୍ରସ୍ତୁତ କରାଯାଉଛି।

ସାହାଯ୍ୟ ଯୋଗାଇ ଦିଆଯିବ ବୋଲି କହିଥିଲେ। ପରେ ମୃତଦେହ ଗାଁ ନିକଟ ସୁକତେଲ ନଦୀକୂଳ ନିଆଯାଇ ସତ୍କାର କରାଯାଇଥିଲା। ବଡଭାଇ କୁଶଲେ ସେଠ ମୁଖାଗ୍ନି ଦେଇଥିଲେ। ତରଭା ବ୍ଲକ ପୁଆର ଧ୍ରୁବଲେଶ୍ୱର

### ତାମିଲନାଡୁରେ ହତ୍ୟାର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା

୮ବର୍ଷ ହେଲା ତାମିଲନାଡରେ ଦାଦନ ଶ୍ରମିକ ଭାବେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗତ ୧୭ ତାରିଖ ଶ୍ରୀକାନ୍ତ ମହାକୁର ନାମକ ବ୍ୟକ୍ତି ଧବଳେଶ୍ୱରଙ୍କୁ ମାରି ଦିଆଯାଇଛି ବୋଲି ଫୋନ ଯୋଗେ ପୁଆରେ ଥିବା ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଖବର ପାଇବା ପରେ ବଡ ଭାଇ କୁଶଲେଶ୍ୱର ସେଠ ମେଣ୍ଡା ଫାଣ୍ଡି ଅଧିକାରୀଙ୍କୁ ଜଣାଇଥିଲେ। ମୋ ଭାଇକୁ ହତ୍ୟା କରାଯାଇଛି ଓ ତଙ୍କେ ମୃତଦେହ ଆଣିବା ପାଇଁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଫାଣ୍ଡି ଅଧିକାରୀ ଏସଆଇ ରବୀନ୍ଦ୍ର ସାହୁ ତରଭା ଆଇଆଇସିଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଆରମ୍ଭ କରିଥିଲେ। ୧୮ତାରିଖରେ କୁଶଳେଶ୍ୱର ଓ ପରିବାରର ଅନ୍ୟ କେତେଜଣ ଜିଲାପାଳ ଅନ୍ୟା ଦାସ ଓ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ମୃତଦେହ ଏଠାକୁ ଆଣିବା ପାଇଁ ନିବେଦନ କରିଥିଲେ।

# ମହାନଦୀ ନେତ୍ର ଚିକିତ୍ସାଳୟର ପ୍ରତିଷ୍ଠା ଦିବସ





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଅମରପାଲି, ୨୩।୧୨(ପୀତାମ୍ବର ସାହୁ)**

### ନେତ୍ର ଚିକିତ୍ସା କ୍ଷେତ୍ରରେ ଅନୁଷ୍ଠାନ ଏକ ମାଇଲଖୁଣ୍ଟ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପଣ୍ଡାପାଲିଠାରେ ଥିବା ମହାନଦୀ ନେତ୍ର ଚିକିତ୍ସାଳୟର ୨୦ତମ ପ୍ରତିଷ୍ଠା ଦିବସ ସହିତ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଦୁଇ ଦିନଧରି ଏହି ସମାରୋହ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପ୍ରଥମ ଦିବସରେ ଅନୁଷ୍ଠାନ କର୍ମଚାରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଚାରକ ଭାବେ ସପ୍ତଦୀପା ସାହିତ୍ୟ ସଂସଦ ସଭାପତି ଡ.ଦ୍ୱିତୀକୃଷ୍ଣ ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ସୁରୁ ସାହୁ, ନୃତ୍ୟ ନିର୍ଦ୍ଦେଶକ ଦଶରଥ ମେହେର, ଲେପ୍ରା କୋଅର୍ଡିନେଟର ମାଧବ ଚନ୍ଦ୍ର ମିଶ୍ର ଦାୟିତ୍ୱ ତୁଲାଇଥିଲେ। ବାର୍ଷିକ ଉତ୍ସବ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ହୋଇଥିଲା। ଶିବିରକୁ ଏସ୍‌ଡିପିଓ ବାସୁଦେବ ଛତ୍ରିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ୩୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠା ଦିବସ ସଭାରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି, ଆଇସିଏମଆର ଭୋପାଳର ପୂର୍ବତନ ନିର୍ଦ୍ଦେଶକ ଡ.ପ୍ରଭା ଦେଶିକନ, ସୁବର୍ଣ୍ଣପୁର ସିଡିଏମ ଏଣ୍ଡ ପିଏଚଓ ପ୍ରଦୀପ କୁମାର ଗୁରୁ, ସିଏସଆର ମୁଖ୍ୟ ଆଦାନୀ ଫାଉଣ୍ଡେଶନର ଜୟନ୍ତ ମହାନ୍ତି, ଜୁହାର ଫାଉଣ୍ଡେଶନ ଡାଇରେକ୍ଟର ପ୍ରଦୀପ କୁମାର ପଣ୍ଡା,ଏମଏନସି ଏଡଭାଇଜରି କମିଟି ସଦସ୍ୟ ସଞ୍ଜୟ କୁମାର ପଣ୍ଡା, ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ଲେପ୍ରା ସୋସାଇଟି ଓଡ଼ିଶାର ଆମ୍ବାସଡର ଗୋରେଖନାଥ ସାହୁ, ଲେପ୍ରା ସୋସାଇଟି ଚେୟାରମ୍ୟାନ ଜଗଦୀଶ ପ୍ରଧାନ,ଲେପ୍ରା ସୋସାଇଟି ଚିଫ ଏକଜିକ୍ୟୁଟିଭ ପ୍ରଶାନ୍ତ ନାଏକ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଦେବେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ସମାଜକୁ ଉଲ୍ଲେଖନୀୟ ଅବଦାନ ପାଇଁ ହେଲ୍ପ ଟୁ ଅଦର୍ ବିନକା, ଆର୍ଯ୍ୟନ ଫାଉଣ୍ଡେଶନ ରେଢ଼ାଖୋଲ, ମାନବ ସେବା ସଦନ କଣ୍ଟାମାଳ, ଜନ କଲ୍ୟାଣ ଟ୍ରଷ୍ଟ ବେଲପଡା, ବୁଢାରଜା ୟୁଥ ଆସୋସିଏଶନ, ମାହେଶ୍ୱରୀ ସେନା,ଶ୍ରୀୟା ଫାଉଣ୍ଡେଶନ ଆଦି ଅନୁଷ୍ଠାନକୁ ମାନପତ୍ର ସହ ସମ୍ମାନୀତ କରାଯାଇଥିଲା।

# ଆମ୍ବେଡକରଙ୍କୁ ତାଚ୍ଛଲ୍ୟର ପ୍ରତିବାଦ

**ସୋନପୁର, ୨୩।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ରାଜ୍ୟ ସଭାରେ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକରଙ୍କ ପ୍ରତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ତାଚ୍ଛଲ୍ୟ କରିବା ସହ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଦେଶବାସୀଙ୍କ ହୃଦୟକୁ ଆଘାତ ଦେଇଥିବା ସୁବର୍ଣ୍ଣପୁର ଏସ୍‌ସି, ଏସ୍‌ଟି ଓ ଓବିସି ଏକତା ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ମନ୍ତ୍ରୀଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ତାଙ୍କ ଇସ୍ତଫା ଦାବି ହୋଇଛି। ମଞ୍ଚ ଏହାର ପ୍ରତିବାଦ କରିବା ସହ ସୁବର୍ଣ୍ଣପୁର ସହର ବିଜୁ ପଟ୍ଟନାୟକ ଛକରେ ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ



ବିଜୁ ପଟ୍ଟନାୟକ ଛକରେ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ପ୍ରତିବାଦ କରୁଛନ୍ତି।

କୁଶ ପୁତ୍ତଳିକା ଦାହ କରିଛି। ପ୍ରାରମ୍ଭରେ ମଞ୍ଚର କର୍ମକର୍ତ୍ତାମାନେ ଆମ୍ବେଡକର ଛକ ଠାରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲାର୍ପଣ କରିବା ସହ ସହର ପରିକ୍ରମା କରିଥିଲେ। ଅଚ୍ୟୁତ ଛତ୍ରଙ୍କ ନେତୃତ୍ୱରେ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ମହେନ୍ଦ୍ର ସୁନା, ମୁନିଲାଲ ମହାନନ୍ଦ, ଶାନ୍ତନୁ ବାଗ, ବାସନ୍ତି ମହାନନ୍ଦ, ବୈକୁଣ୍ଠ ବାରିକ୍, କୁଶଳେଶ୍ୱର ସୁନା, ଉତ୍ତମ ତାଣ୍ଡି, ସଂଗ୍ରାମ କୁମ୍ଭାର, ହରିବୋଲ ନାଗ, ସରୋଜ ପଧାନ, ସୁରେନ୍ଦ୍ର ଜଗଦଲା ଓ ଗରିବ ବାଗ ପ୍ରମୁଖ ସାମିଲ ହୋଇଥିଲେ।

# ବିଶାଖାପାଟଣାକୁ ହରାଇ ଛତିଶଗଡ଼ ସେମିରେ

### ୨୮ତମ ସର୍ବ ଭାରତୀୟ ଲୁଟୁରପଙ୍କ କ୍ରିକେଟ କପ୍

■ଶଶାଙ୍କ ଚନ୍ଦ୍ରକରଙ୍କ ବିସ୍ଫୋରକ ଶତକ

**ଅମରପାଲି, ୨୩।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଟୁରପଙ୍କ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ୨୮ତମ ଜୟ ଜଗନ୍ନାଥ ଲୁଟୁରପଙ୍କ କ୍ରିକେଟ କପ୍‌ର ସୋମବାର ଥିଲା ଦ୍ୱିତୀୟ ଦିବସ। ସୋମବାର ମ୍ୟାଚ ୟୁସିଆଇ ଛତିଶଗଡ଼ ଓ ଏନସିଏ ବିଶାଖାପାଟଣା ମଧ୍ୟରେ ହୋଇଥିଲା। ଏଥିରେ ବିଶାଖାପାଟନାକୁ ହରାଇ ଛତିଶଗଡ଼ ସେମି ଫାଇନାଲରେ ପ୍ରବେଶ କରିଛି। ବିଶାଖାପାଟଣା ଟସ ଜିଣି ଛତିଶଗଡ଼କୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ଛତିଶଗଡ଼ ଟି-୨୦ଓଭରରେ ୯ ଉଇକେଟ ହରାଇ ୨୧୭ ରନ କରିଥିଲା। ଦଳର ଶଶାଙ୍କ ଚନ୍ଦ୍ରକର ୫୫ବଲରୁ ୧୨୧ ରନ କରିଥିବା ବେଳେ ବିପକ୍ଷ ବିଶାଖାପାଟନାର ଚନ୍ଦୁ ପ୍ରିତମ ୩ଟି ଓ ଭି.ଶଙ୍କର ୨ ଉଇକେଟ ନେଇଥିଲେ। ଜବାବରେ ବିଶାଖାପାଟଣା ଦଳ ୧୫.୫ ଓଭରରେ ସମସ୍ତ ଉଇକେଟ ହରାଇ ୯୮ ରନ କରିଥିଲା। ଦଳର ଭି.ଶଙ୍କର ୨୧ ଓ କିଙ୍ଗୁ ୨୦ ରନ କରିଥିଲେ। ବିପକ୍ଷ ଛତିଶଗଡ଼ ଦଳର ଶଶାଙ୍କ ତିୱାରୀ ୩ ଟି ଉଇକେଟ ନେଇଥିଲେ।

ଦିତୀୟ ଫର୍ମାଟ ଟି-୧୦ ମ୍ୟାଚରେ ଛତିଶଗଡ଼ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୦୯ ରନ କରିଥିଲା। ଦଳର ୟଶ ଠାକୁର ୨୩,ଶଶାଙ୍କ ତିୱାରୀ ଓ ବିଙ୍କୁ ଉଭୟ ୧୫ ରନ ଲେଖାଏ କରିଥିଲେ। ବିପକ୍ଷ ଦଳର ଡି. ଗାଙ୍ଗୁ ନାଇଡୁ ୩ ଟି ଉଇକେଟ ନେଇଥିଲେ। ଜବାବରେ ବିଶାଖାପାଟଣା ନିର୍ଦ୍ଧାରିତ





ଛତିଶଗଡ଼ର ଶଶାଙ୍କ ଚନ୍ଦ୍ରକରଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରାଯାଉଛି।

ଓଭରରେ ୫ ଉଇକେଟ ହରାଇ ୧୦୧ରନ କରିଥିଲା। ଛତିଶଗଡ଼ର ଶଶାଙ୍କ ତିୱାରୀ ୩ଟି ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ଛତିଶଗଡ଼ ମ୍ୟାଚର ବିଜେତାଭାବେ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କୃତ ବିତରଣ ଉତ୍ସବରେ ଜିଲା ବିଜେଡି ଉପସଭାପତି କିଶୋର ହୋତା, ଆଇନଜୀବୀ ଇଂ.ଆଶ୍ରୟ ମହାନନ୍ଦ, ସ୍ୱେଚ୍ଛାସେବୀ ସୁବାସ ପଣ୍ଡା ଓ ସଞ୍ଜୟ ବଡ଼ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ ଛତିଶଗଡର ଶଶାଙ୍କ ଚନ୍ଦ୍ରକରଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରିଥିଲେ। ମ୍ୟାଚରେ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ପୃଥ୍ୱୀରାଜ ମିଶ୍ର ଓ ବିଶ୍ୱଜିତ ପୁରୋହିତ, ଜୟ ପ୍ରକାଶ ସାହୁ ସ୍କୋରିଂ, ଶୁଭେନ୍ଦୁ ଶେଖର ସାହୁ ଓ ଅଂଶୁମାନ ସାହୁ ଅନଲାଇନ ସ୍କୋରିଂ ଏବଂ ପୀତାମ୍ବର ସାହୁ, ମାନସ ନନ୍ଦ ଓ ପ୍ରାଣବନ୍ଧୁ ସାହୁ ଧାରା ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ସ୍ୱାର୍ଟନ ଭୁବନେଶର ଓ ପାଞ୍ଚର କ୍ରିକେଟ କ୍ଲବ, ହଜାରିବାଗ (ଝାରଖଣ୍ଡ)ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକ ସଭାପତି ସୁଶିଲ ପ୍ରଧାନ ପ୍ରକାଶ କରିଛନ୍ତି।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ଅମରପାଲି, ୨୩।୧୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେର, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଆରକ୍ଷୀ ଅଧ୍ୟକ୍ଷକ କେ.କେ. ହରିପ୍ରସାଦ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୫୧ ପଞ୍ଜିକୃତ ଅଭିଯୋଗ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ୩୯ ଓ ୧୨ଟି ସାମୂହିକ ଥିଲା। ଅଭିଯୋଗଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।



ଅଭିଯୋଗ ଶୁଣାଣିରେ ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

ବିଡିଓ, ବୀରମହାରାଜପୁର ପ୍ରିୟଦର୍ଶିନୀ ମିର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶୁଣାଣି କାର୍ଯ୍ୟକ୍ରମରେ ଉପଜିଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି, ତହସିଲଦାର ବୀରମହାରାଜପୁର ପୁନମ ମହାପାତ୍ର, ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।


**कार्यपालक अभियंता का कार्यालय**
**लघु सिंचाई प्रमण्डल, मेदिनीनगर**
**e-mail I.D. - eemidmed-cemr-jhr@nic.in**

पत्रांक :— 682 मेदिनीनगर, दिनांक :—21 / 12 / 2024

**शुद्धि पत्र**

इस कार्यालय के द्वारा आमंत्रित ई0 निविदा सूचना सं0:— WRD/ MID/MEDININAGAR/B.D./S.L.I.-01/2024-25 जिसका PR. N0:-341354 Minor Irrigation (2024-25)#D है, अपरिहार्य कारणवश निम्न संशोधन किया जाता है:—

| | | |
|---|---|---|
| 1 | वेबसाईट में ई—निविदा प्रकाशन की तिथि एवं समय | 13/01/2025 (02.00 PM) |
| 2 | वेबसाईट में ई—निविदा प्राप्ति की अंतिम तिथि एवं समय | 22/01/2025 (03.00 PM) |
| 3 | ई—निविदा खुलने की तिथि एवं समय | 24/01/2025 (04.00 PM) |

निविदा की अन्य शर्ते पूर्ववत् रहेगी। कार्यपालक अभियंता, लघु सिंचाई प्रमण्डल, मेदिनीनगर।

PR.NO.342650 District(24-25):D



**OFFICE OF THE SUPERINTENDING ENGINEER DHENKANAL (R&B) DIVISION, DHENKANAL**

No. B-795 Email: eedklpwd@gmail.com

**INVITATION FOR BIDS THROUGH e-Procurement**

Bid Identification No. SEDKL (R&B), 28/2024-25

**Invitation for Bids**

| | | |
|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha invites percentage rate bids in Double Cover System in ONLINE MODE only for construction of Building Works as detailed below. | |
| 2. | Nature of Work | Building Works |
| 3. | No. of Work | 01 No. |
| 4. | Bid Cost | Rs.10,000/- each |
| 5. | Class of Contractor | 'B' Class |
| 6. | Availability of Bid Documents in the website | From 10.00 A.M. of 30.12.2024 to 5.00 P.M. of 13.01.2025 |
| 7. | Date of Opening of Bid | Dt.15.01.2025 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | |

OIPR-34016/11/0021/2425 Sd./- Superintending Engineer Dhenkanal (R&B) Division, Dhenkanal



**ODISHA HYDRO POWER CORPORATION LTD.**
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO : BARINIPUT, DIST. : KORAPUT - 764 006, ODISHA,
PHONE : 242001 (O), FAX : (06854) 242038, E-MAIL : sgmel_ukhep@ohpcltd.com
CIN : U40101OR1995SGC003963

**TENDER CALL NOTICE NO. 25/2024-25 DATED : 19/12/2024**

**No.CAD-1958** : Sealed tenders are invited in Single PART bid sealed envelopes from the reputed firms/agencies for the following works of UKHE Project, Bariniput.

| Sl. No. | Name of the works to be executed under UKHEP, Bariniput | Cost of tender paper (Rs) (Non-Refundable) | EMD (in Rs.) (Refundable) |
|---|---|---|---|
| | Rewinding & complete repair of 1 No. 185kW (250 HP) old Cooling Water motor for Unit 1, Pump-B and Make up pump motor No. 1 of Firefighting system" of UKHE Project, Bariniput | 2360.00/- (2000/- + GST @ 18%) | 01% of quoted value |

Sale of tender paper : From 27.12.2024 to 11:00 Hrs. of 10.01.2025
Last date of submission of tender : Up to 12:00 Hrs. of 10.01.2025
Date & Time of opening of tender : At 12:30 Hrs. of 10.01.2025
For details of the tender documents, terms and conditions please visit our website www.ohpcltd.com. If the date of opening of tender happens to be a holiday, the next working day will be the corresponding effective date.

OIPR-04002/11/0044/2425 Sd./- C & P Head, Upper Kolab HE Project, Bariniput



**GOVERNMENT OF ODISHA** No.A-745
**OFFICE OF THE CHIEF CONSTRUCTION ENGINEER**
**UPPER INDRAVATI PROJECT**
At/PO : Mukhiguda, Dist : Kalahandi,Odisha, Pin-766026
e-mail address : cceuip1987@gmail.com/louiipbbsr@gmail.com

1. Type of Work : Road works. 2. Total No. of Works : 04 Nos. 3. Approximate value of work : Rs. 2.51 to 2.52 Cr (Excluding GST). 4. Tender Paper Cost : Rs. 10,000/- (online). 5. Bid Security / E.M.D : Rs. 2,51,072.00 - Rs. 2,52,109.00 (online). 6. Period of Completion : 10 (Ten calendar months). 7. Class of Contractor : 'B' & 'A' Class

| Procurement Officer | e-Procurement Notice No. | Bid Amount | Availability of online viewing of Tender prior to Bidding | | Bid clarification | Submission & Availability bid on-line | Date & time of opening of Technical Bid |
|---|---|---|---|---|---|---|---|
| | | | From | To | | | |
| 1 | 2 | 3 | 4 | 5 | 6 | 7 | 8 |
| CHIEF CONSTRUCTION ENGINEER, UPPER INDRAVATI PROJECT, AT/PO - MUKHIGUDA, DIST. - KALAHANDI, ODISHA, PIN - 766026 | CCE UIP-04(01-04)/2024-25, Dt. 17.12.2024 | Rs. 2.51 cr to Rs. 2.52 cr (Excluding GST) | 26.12.2024 (10.00 AM) | 10.01.2025 (up to 5.00 P.M.) | 26.12.2024 to 30.12.2024 During office hour | 26.12.2024 (10.00 A.M.) to 10.01.2025 (up to 5.00 P.M.) | 15.01.2025 at 12.00 Noon |

Date of opening of technical bid : **Dt. 15.01.2025 at 12.00 P.M.** in the O/o the Chief Construction Engineer, UIP, Mukhiguda, Kalahandi, Odisha, PIN-766026
Date of opening of financial bid : To be decided after finalization of Technical Bid.
Further details can be seen from the Govt. Website : www.tendersorissa.gov.in

OIPR-32352/11/0010/2425 Sd./-Chief Construction Engineer Upper Indravati Project Mukhiguda



See Career Appointment on every Wednesday & Saturday



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE, BHUBANESWAR**

No. A-764 **'e' Procurement Notice No. ACECIC-09/2024-25**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid Documents (Rs.) | Class of Contractor | Bid documents available online for bidding | | Date of Opening of Technical Bid | Period of Completion of Work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, Bhubaneswar | PID-05/ 2024-25 | C.C. Lining of Sukal Distributary from RD 2.50 Km to 6.50 Km. | 778.49 | 778500/- (Online) | 10000/- (Online) | "A" & "Special" Class | 26.12.2024 at 10.00 hours | 09.01.2025 at 17.00 hours | 10.01.2025 at 11.00 hours | 12 (Twelve Calendar Months) |

e-mail ID: **secic_dowr@yahoo.com**
Further details conditions can be seen from Govt. website **www.tenderorissa.gov.in**.

OIPR-32160/11/0009/2425 Sd./- Additional Chief Engineer, Central Irrigation Circle



**Ministry of Road Transport and Highways**
**Government of India**

**NOTICE INVITING TENDER (NIT)**

**Tender Reference No:-NH/Deoghar/08/2024-25/DPR Dated :- 21.12.2024**

1. **Executive Engineer National Highway Division Deoghar** has been assigned the work of **Consultancy Services for DPR Preparation for Construction of High Level Bridge at Km 35.980 (Rampur River) and Km 43.270 (Simlaung River) of NH-333A in the State of Jharkhand on EPC mode including Bridges, Land Acquisition, Forest Clearance and Utility Shifting etc.**(asper**Annexure-I**).
2. Proposals are hereby invited from eligible Consultants who meet the guidelines contained in Public Procurement (Preference to Make in India) Order, 2017 (amended on 16.09.2020) for preparation of Detailed Project Report of **Consultancy Services for DPR Preparation for Construction of High Level Bridge at Km 35.980 (Rampur River) and Km 43.270 (Simlaung River) of NH-333A in the State of Jharkhand on EPC mode including Bridges, Land Acquisition, Forest Clearance and Utility Shifting etc.** Consultant submitting Proposal in sole capacity or as a member of joint venture or as an associate shall meet the guidelines contained in Public Procurement (Preference to Make in India) Order, 2017 (amended on 16.09.2020).The Letter of Invitation (LOI) and Terms of Reference (ToR) including Request for Proposal(RFP) is available online one-tender portal of https://eprocure.gov.in.The document can also be downloaded from https://infracon.nic.in. Cost of the Document in the form of a Non-refundable document fee of Rs.5,000 (Rupees Five Thousand only) in the form of Non-Tax receipt through NTRP portal i.e. www.bharatkosh.gov.in and 18 % GST in favour of Regional Pay & Accounts Officer Kolkata in the form of DD. Non-Tax receipt must be furnished in a separate envelop while submitting the proposal.
3. **The RFP has also been uploaded on "INFRACON"**(www.infracon.nic.in). Assuch before submitting the proposal the Consultant shall mandatorily register and enlist themselves(the firm and all key personnel),on the MoRTH portal "INFRACON" and furnish registration details along with its RFP. A copy of Infracon Operation Procedure is also enclosed for bidder's reference.
4. *All the bidders registered on Infracon shall form a Team on Infracon and which would be assigned unique Infracon Team ID. Bidders while submitting the proposal shall quote the Infracon Team ID.*
5. Bid must be submitted online at e-tender portal of **Executive Engineer National Highway Division Deoghar** https://eprocure.gov.in on or before 15:00, 15.01.2025
6. The following schedule is to be followed for this assignment:
   i) Dead line for downloading of bid:15:00, 15.01.2025
   ii) Last date for submission of queries:12:00, 08.01.2025
   iii) Pre bid meeting: 12:30, 08.01.2025
   iv) Deadline for Submission of bids :15:00, 15.01.2025
   v) Date of Opening : 17:00,16.01.2025
   vi) Place of Opening : Office of Chief Engineer, National Highway Wing, Jharkhand, Ranchi

**Mob No:8789224908**
**E-mail: eenhdeoghar@gmail-com**

Yours sincerely, Sd/- Executive Engineer National Highway Division, Deoghar

PR 342688 Deoghar(24-25)#D

# ପୋଷ୍ଟରେ ରହୁନାହାନ୍ତି ଟ୍ରାଫିକ୍ ପୋଲିସ

ରାଉରକେଲା,୨୩।୧୨(ଦିନେଶ ମିଶ୍ର)

ରାଉରକେଲା ସ୍ମାର୍ଟସିଟି ମାନ୍ୟତା ପାଇବାର ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ଏଠାରେ ଟ୍ରାଫିକ୍ ସମସ୍ୟାରେ ସୁଧାର ଆସିପାରିନାହିଁ। ଏଭଳି ଦୃଶ୍ୟ ସହରର ବିଶ୍ରା ଛକ, ଡିଏଭି ଡଙ୍ଗା ଛକ, ଛେଣ୍ଡ ଛକ, ସାତ-ସତର ଛକ, ଉଦିତନଗର ଛକ, ପାନପୋଷ ଛକ ଭଳି ପ୍ରମୁଖ ଛକମାନଙ୍କରେ ଦେଖିବାକୁ ମିଳୁଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ଛକମାନଙ୍କରେ ପ୍ରତିଦିନ ଟ୍ରାଫିକ ପୋଲିସ ମୁତୟନ କରାଯାଉଥିଲେ ମଧ୍ୟ ରାସ୍ତାକଡ ନଚେତ ଗଛମୂଳେ ଠିଆ ହୋଇ ସେମାନେ ଡ୍ୟୁଟି କରୁଛନ୍ତି। ଛକରେ ଥିବା ଟ୍ରାଫିକ ପୋଷ୍ଟରେ ସେମାନେ ନ ରହି ପୋଷ୍ଟଠାରୁ ଶହେ ମିଟର ଦୂରରେ ରହୁଥିବାରୁ ଭିଡ଼ ନିୟନ୍ତ୍ରଣ କରିବାରେ ସମସ୍ୟା ଉପୁଜୁଛି। ଫଳରେ ମନଇଚ୍ଛା ଯିଏ ଯେମିତି ପାରିଲା ଗାଡି ଚାଳନା କରି ଯାତାୟାତ କରୁଛନ୍ତି। ଏହାଦ୍ୱାରା ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣାମାନ ଘଟୁଛି।

ରାଉରକେଲା ସହରର ପ୍ରମୁଖ ଛକମାନଙ୍କରେ ଲାଗିଥିବା ଟ୍ରାଫିକ୍ ସିଗ୍ନାଲ ଜଳୁନାହିଁ। କେବଳ ସେକ୍ଟର-୩ ସ୍ଥିତ ଟ୍ରାଫିକ ଟାୱାର ଛକରେ ଟ୍ରାଫିକ୍ ସିଗ୍ନାଲ ଜଳୁଥିବାବେଳେ ଅନ୍ୟ ପ୍ରାୟ ୧୫ଟି ପ୍ରମୁଖ ଛକରେ ସିଗ୍ନାଲ ଲାଇଟ୍ ଅଚଳ ହୋଇ ପଡିରହିଛି। ସିଗ୍ନାଲ କାମ କରୁ ନ ଥିବାରୁ ଅମାନିଆ ଗାଡି ଚାଳକମାନେ ଖୋଲାଖୋଲି ଟ୍ରାଫିକ ନିୟମକୁ ଉଲ୍ଲଙ୍ଘନ କରୁଛନ୍ତି। ସହରରେ ବିଭିନ୍ନ ସମୟରେ ଅପରାଧମୂଳକ କାର୍ଯ୍ୟକୁ ରୋକିବା ପାଇଁ ଯେଉଁ ସ୍ଥାନରେ ସିଗ୍ନାଲ ଲାଇଟ୍ ବ୍ୟବସ୍ଥା କରାଯାଇଛି ସେଠାରେ ସିସି କ୍ୟାମେରା ରହିଛି। କିନ୍ତୁ ବିଭିନ୍ନ ଛକରେ ଲାଗିଥିବା ସିସି କ୍ୟାମେରାଗୁଡିକ କାର୍ଯ୍ୟକାରୀ ହେଉନାହିଁ। ଏହି ସିସି କ୍ୟାମେରାଗୁଡିକ କାର୍ଯ୍ୟକାରୀ ନ ହେବା ଓ ଟ୍ରାଫିକ ସିଗ୍ନାଲ ନ ଜଳିବାରୁ ପୋଲିସ ଟ୍ରାଫିକ ନିୟନ୍ତ୍ରଣ ସହ ବିଭିନ୍ନ ଅପରାଧମୂଳକ କାର୍ଯ୍ୟ ରୋକିବାରେ ଅସମର୍ଥ ହେଉଛି। ମାସକ ତଳେ ସହରର ଟ୍ରାଫିକ ଗେଟ୍ ଛକରେ ଦିନ ଦ୍ୱିପ୍ରହରେ ଜଣେ ଯୁବକଙ୍କୁ କିଛି ଦୁର୍ବୃତ୍ତ ଗୁଳିକରି ହତ୍ୟା କରିବା ଓ ଉଦିତନଗର ଆରଏମ୍‌ସି ଛକରେ ଜଣେ ବ୍ୟବସାୟୀଙ୍କଠାରୁ ଲକ୍ଷାଧିକ ଟଙ୍କା ଛଡାଇ ଫେରାର ହୋଇଯିବା ଘଟଣା ଗୋଟିଏ ଗୋଟିଏ ଉଦାହରଣ। ତେଣୁ ସହରରେ ଦୀର୍ଘବର୍ଷ ଧରି ପ୍ରମୁଖ ଛକମାନଙ୍କରେ ଲାଗିଥିବା ଟ୍ରାଫିକ୍ ସିଗ୍ନାଲ ଓ ସିସି କ୍ୟାମେରା କାର୍ଯ୍ୟକାରୀ କରିବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ରାଉରକେଲା ଟ୍ରାଫିକ ଇନ୍ସପେକ୍ଟର ଲକ୍ଷ୍ମୀଧର ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ସହରର ବିଭିନ୍ନ ଛକରେ ଥିବା ଟ୍ରାଫିକ୍ ପୋଷ୍ଟରେ ଟ୍ରାଫିକ୍ ପୋଲିସ ରହିବା ନେଇ ଆମେ ଦୃଷ୍ଟି ଦେବୁ। ଆସନ୍ତା ଜାନୁଆରୀ ଶେଷ ସୁଦ୍ଧା ସହରର ଟ୍ରାଫିକ ପୋଷ୍ଟରେ ପୋଲିସ ରହିବା ସହ ସିଗ୍ନାଲ ଓ ସିସି କ୍ୟାମେରା ବ୍ୟବସ୍ଥା ବ୍ୟବସ୍ଥା ହୋଇଯିବ ବୋଲି ବେହେରା କହିଥିଲେ।



ଛେଣ୍ଡ ଛକରେ ଥିବା ଟ୍ରାଫିକ୍ ପୋଷ୍ଟ।

# ସାହିତ୍ୟ ଛାତ୍ରୀଛାତ୍ରଙ୍କୁ ଠିକ୍ ମାର୍ଗ ଦେଖାଇଥାଏ

ରାଉରକେଲା,୨୩।୧୨(ଦିନେଶ ମିଶ୍ର)


ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

**ରାଉରକେଲା ସାହିତ୍ୟ ସଂସଦର ଶିଶୁ ମହୋତ୍ସବ ଓ ସ୍ୱାରସତ ସମାରୋହ**

ଛେଣ୍ଡ ସ୍ଥିତ ଧାମରା ସଂଘ ପରିସରରେ ରାଉରକେଲା ସାହିତ୍ୟ ସଂସଦ ପକ୍ଷରୁ ଶିଶୁ ମହୋତ୍ସବ ଓ ସ୍ୱାରସତ ସମାରୋହ ସଭାପତି ଅନୀଲ କୁମାର ଦାଶଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଇଞ୍ଜିନିୟର ଗୋପିନାଥ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭାଷା ଯେତେ ସରଳ ହେବ ଆମ ସାହିତ୍ୟ ସେତେ ବୁଦ୍ଧିମନ୍ତ ହେବ। ସାହିତ୍ୟ ବୁଦ୍ଧିମନ୍ତ ହେଲେ ଆମ ସଂସ୍କୃତି ସମୃଦ୍ଧ ହେବ। ଆମ ସଂସ୍କୃତି ସମୃଦ୍ଧ ହେଲେ ଆମ ପିଲାମାନଙ୍କର ଠିକ୍ ମାର୍ଗ ଦର୍ଶକ ସାଜିବ ବୋଲି ଅତିଥି ଦାଶ ତାଙ୍କ ବକ୍ତବ୍ୟରେ ମତପ୍ରକାଶ କରିଥିଲେ। ପ୍ରଫେସର ଡ. ଶ୍ୟାମ ପ୍ରସାଦ ସ୍ୱାଇଁ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ରଶ୍ମିତା ପଣ୍ଡା ଯୋଗଦେଇ ଭାଷା ସାହିତ୍ୟକୁ ନେଇ ତାଙ୍କ ଦୀର୍ଘଦିନର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସଂସଦର ସଭାପତି ବିଜୟ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। କବି ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଂସଦର ସମ୍ପାଦିକା ନିରୁପମା ପତି ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ୧୫ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ରମେଶ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ କଲ୍ୟାଣୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କବି ଓ ସୁଲେଖିକା ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସଭାପତିତ୍ୱରେ କବିତା ଆସର ହୋଇଥିଲା। କବି ବସନ୍ତ ବିଶ୍ୱକର୍ମା, ଗୀତିକବି ରୀନାରାଣୀ ସ୍ୱାଇଁ, ଅଧ୍ୟାପିକା ଶେଫାଳି ବାରିକଙ୍କ ସଂଯୋଜନାରେ ୩୨ ଜଣ କବି ନିଜସ୍ୱ କବିତା ପାଠ କରିଥିଲେ। ସୁକାନ୍ତ ଖୁଣ୍ଟିଆ, ଅକ୍ଷୟ ସାମଲ, ଶିବ ସୁନ୍ଦର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିଜୟ ବରାଳ, ବ୍ରଜକିଶୋର ପାଣି, ସୂର୍ଯ୍ୟନାରାୟଣ ପଣ୍ଡା, ବିଦ୍ୟାଧର ପାଢୀ, ନିକୁଞ୍ଜ ବିଶ୍ୱାଳ, ସୁରେନ୍ଦ୍ର ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। ନିରୁପମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭ୍ୟୁଦୟ ୟୁଥ୍ କ୍ଲବ ପକ୍ଷରୁ ଜିଲାସ୍ତରୀୟ ଖେଳକୁଦ ସମାରୋହ

ରାଉରକେଲା,୨୩।୧୨(ବିପ୍ଳବ ରଞ୍ଜନ ଦାଶ)



ରାଉରକେଲା ସେକ୍ଟର-୧୪ ଖେଳ ପଡିଆରେ ସୋମବାର ଅଭ୍ୟୁଦୟ ୟୁଥ କ୍ଲବ ପକ୍ଷରୁ ତ୍ରିସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖେଳକୁଦ ସର୍ବଦା ସୁସ୍ଥ ଜୀବନ ଯାପନ ପାଇଁ ଖୋରାକ ଯୋଗଇଥାଏ। ବିଶେଷ କରି ପ୍ରତ୍ୟେକ ସ୍କୁଲ, କଲେଜ ଓ କ୍ଲବମାନଙ୍କରେ ଏହାର ଉପଯୋଗ ହେବା ଆବଶ୍ୟକ ବୋଲି ବିଧାୟକ କହିଥିଲେ। ଏକଲ ଅଭିଯାନର ଜିଲା ସଭାପତି ଦାମୁ ତିର୍କୀ ସ୍ୱାଗତ ଭାଷଣ ଓ ସମ୍ପାଦକ ବାବାଜୀ ସାହୁ ଅନୁଷ୍ଠାନର ଲକ୍ଷ୍ୟ ଉପରେ କହିଥିଲେ। ଖେଳକୁଦ ପ୍ରତିଯୋଗିତାରେ ୧୪ ବ୍ଲକର ମୋଟ ୨୫୩ ଜଣ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର କୃତୀ ଖେଳାଳିମାନେ ଆସନ୍ତା ୨୬, ୨୭ ଓ ୨୮ ତାରିଖରେ ଅନୁଗୋଳରେ ରାଜ୍ୟସ୍ତରୀୟ ଏବଂ ସେଠାରୁ ଉତ୍ତୀର୍ଣ୍ଣ ଖେଳାଳିମାନେ ଫେବୃଆରୀରେ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ଜାତୀୟସ୍ତର ଖେଳକୁଦରେ ଅଂଶଗ୍ରହଣ କରିବେ। ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସିଆଇଏସ୍ଏଫ୍‌ର ବରିଷ୍ଠ କମାଣ୍ଡାଣ୍ଟ ଅଶୋକ ଜାଲୱାନିଆ ମୁଖ୍ୟ ଅତିଥି, ଆର୍‌ଏସ୍‌ପି ଅଫିସର ଆସୋସିଏଶନ ସଭାପତି ଅବକାଶ ବେହେରା ସମ୍ମାନିତ ଅତିଥି ଓ ଖବରଦାତା ପ୍ରସନ୍ନ କୁମାର ତ୍ରିପାଠୀ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ରେଫରି ସସ୍ମିତା ଜେନା, ବିରଞ୍ଚି କୁମାର ବେହୁରା ଖେଳ ପରିଚାଳନା କରିଥିଲେ। ଖେଳକୁଦ ସଭାପତି ସୁଜିତ ଚୌଧୁରୀ, ସମ୍ପାଦକ ରାଜେନ୍ଦ୍ର କିଶୋର, ତତ୍ତ୍ୱାବଧାରକ ବୈଷ୍ଣବ ଚରଣ ସାହୁ, କବିଚନ୍ଦ୍ର ମାହାନ୍ତ ସହଯୋଗ କରିଥିଲେ। ରାଜ୍ୟ ଅଭିଯାନ ପ୍ରମୁଖ ସଦସ୍ୟ ରାଜୀବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବାର୍‌ହା ମାଂସ ଜବତ: ଜଣେ ଗିରଫ

କୁଆଁରମୁଣ୍ଡା,୨୩।୧୨(ମହେନ୍ଦ୍ର କୁମାର ସାହୁ)

ରାଉରକେଲା ବନଖଣ୍ଡ ଅନ୍ତର୍ଗତ କୁଆଁରମୁଣ୍ଡା ରେଞ୍ଜ ଅନ୍ତର୍ଗତ ଗୁଡ଼ଛାପଲ ଗ୍ରାମରେ ବାରହାକୁ ମାରି ମାଂସ କାଟୁଥିବା ବେଳେ ବନ କର୍ମଚାରୀମାନେ ସେଠାରେ ଚଢ଼ାଉ କରି ସାଢ଼େ ୪ କିଗ୍ରା ମାଂସ ଜବତ କରିବା ସହ ଅଭିଯୁକ୍ତ ମହାମ୍ନା ଭୋକ୍ତା(୫୬)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଏଥିସହ ପୋଲିସ ଘଟଣା ସ୍ଥଳରୁ ଲୁହା ଫାସ,ଟାଙ୍ଗିଆ,କଟୁରୀ,ଚାପଡ ଆଦି ଜବତ କରିଥିଲା। ଏନେଇ ବନବିଭାଗ ପକ୍ଷରୁ ଏକ ମାମଲା (୯୯କେ/୨୦୨୪-୨୫) ରୁଜୁ ହୋଇଛି ବୋଲି କୁଆଁରମୁଣ୍ଡା ରେଞ୍ଜର ପଞ୍ଚନାରାୟଣ ସୂଚନା ଦେଇଛନ୍ତି। ଏହି ଚଢ଼ାଉ ରାଉରକେଲା ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ରାଉରକେଲା ଏସିଏଫ ସୁର୍ଜିତ ସାହୁ,ରେଞ୍ଜର ପଞ୍ଚନାରାୟଣ ସରାଫ ବନପାଳ ଦୁଃଖୁ କିଶାନ,ବନରକ୍ଷୀ ଗୁଲସନ କୁମାର ସାହୁ ପ୍ରମୁଖ ସାମିଲ ଥିଲେ।

# ଉପଜିଲାପାଳଙ୍କୁ ଦେଲେ ଦାବିପତ୍ର



ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଉରକେଲା,୨୩।୧୨(ସଙ୍ଗୀତା ଜେନା)

**ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ ଦିବସ**

ସମଗ୍ର ଦେଶରେ ୫ ଦଫା ଦାବି ନେଇ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ସୋମବାର ପ୍ରତିବାଦ ଦିବସ ଅନୁଷ୍ଠିତ ହୋଇଛି। ଏହିଅବସରରେ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସେମାନଙ୍କ ଦାବିକୁ ସମର୍ଥନ କରି ବିକ୍ଷୋଭରେ ସାମିଲ ହୋଇଥିଲେ। ପରେ ସଙ୍ଗଠନ ପକ୍ଷରୁ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କୃଷକ ଆନ୍ଦୋଳନ ପ୍ରତ୍ୟାହାର ସମୟରେ କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବା, ନୋଇଡା ଓ ଗ୍ରେଟର ନୋଇଡାର ଚାଷୀ ଆନ୍ଦୋଳନ ଉପରେ ଦମନ ବନ୍ଦ କରିବା, ଜାତୀୟ କୃଷି ବଜାର ନୀତିକୁ ପ୍ରତ୍ୟାହାର କରିବା, ସଂଯୁକ୍ତ କୃଷକ ମୋର୍ଚ୍ଚାର ନେତୃତ୍ୱଙ୍କ ସହ ଆଲୋଚନା କରି କୃଷକମାନଙ୍କ ସମସ୍ୟା ସମାଧାନ କରିବା, କୃଷକ ନେତା ଜଗଜିତ ସିଂହ ଦଲେୱାଲଙ୍କ ଜୀବନ ରକ୍ଷା କରିବା, ସର୍ବନିମ୍ନ ସହାୟକ ମୂଲ୍ୟକୁ ସୁନିଶ୍ଚିତ କରିବା, କଟନି ଛଟନି ବନ୍ଦ କରିବା ଏବଂ ସୁନ୍ଦରଗଡ ଜିଲାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଆଦି ଦାବି କରାଯାଇଥିଲା। ଶେଷରେ ଜାତୀୟ କୃଷି ବଜାର ନୀତି ପେପରରେ ବିଧାୟକ ଓ ଅନ୍ୟ ନେତାମାନେ ଅଗ୍ନି ସଂଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସିପିଆଇ ତଥା ଏଆଇକେଏସ୍ ନେତା ପ୍ରଦୋଷ ମହାନ୍ତି, ଓଡିଶା କୃଷକ ସଭାର ଜିଲା ସାଧାରଣ ସମ୍ପାଦକ ସୁରେନ୍ଦ୍ର ଦାଶ, ଏଆଇକେକେଏମ୍ଏସ୍‌ର ନେତା ସୁବାଷ ଚନ୍ଦ୍ର ଦଣ୍ଡପାଟ, ଓଡିଶା କୃଷକ ସଭାର ଜିଲା ଉପସଭାପତି ବୁଦ୍ଧନି ମୁଣ୍ଡାରୀ, ଏଆଇକେଏସ୍ ନେତା ଦଶରୁ କିଷାନ, ଓଡିଶା କୃଷକ ସଭାର ଶାନ୍ତି ମିଞ୍ଜ, ରାଜୀବ ବସନ୍ତରାୟ, ସିପିଆଇ ନେତା ଅନୁପମ ଦତ୍ତ, ଏଆଇକେଏସ୍ ନେତା ଜୋନ୍ ଆଇୟୁବ ଯୋଯୋ ଅଂଶଗ୍ରହଣ କରିଥିଲେ।

# ୨୬ରେ ସାଇନିଂ ରକର୍ସ ଏକାଡେମୀର ଫ୍ୟାଶନ ଶୋ

ରାଉରକେଲା,୨୩।୧୨(ଦିନେଶ ମିଶ୍ର)



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା ଶକ୍ତିନଗରରେ ସାମାଜିକ ଅନୁଷ୍ଠାନ ସାଇନିଂ ରକର୍ସ ଏକାଡେମୀ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷା ଲିନା ବିଶ୍ୱାଳ ଯୋଗଦେଇ ସୂଚନା ଦେଇଥିଲେ, ସେକ୍ଟର- ୫ ସ୍ଥିତ ଭଞ୍ଜଭବନ ପରିସରରେ ଆସନ୍ତା ୨୬ ତାରିଖ ସନ୍ଧ୍ୟା ୫ଟାରେ ସାଇନିଂ ରକର୍ସ ଏକାଡେମୀର ୮ମ ବାର୍ଷିକୋତ୍ସବ ଓଡ଼ିଶା ସାଇନିଂ ଆଇକନ୍ ସିଜନ୍ -୮ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ଲାଗି ୩ ମାସ ପୂର୍ବରୁ ସମଗ୍ର ଓଡିଶାରୁ ଅଡିଶନ ହୋଇଥିଲା। ସେଥିରେ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୦ ଜଣ ଚୟନ ହୋଇଥିଲେ। ଏହି ପ୍ରତିଯୋଗୀଙ୍କୁ ନେଇ ଫ୍ୟାଶନ ଶୋ ସହିତ ଓଡିଶୀ, ସମ୍ବଲପୁରୀ ଓ ଟ୍ରାଇବାଲ ଫ୍ୟାଶନ ଶୋ ପ୍ରଦର୍ଶିତ ହେବ ବୋଲି ଅଧ୍ୟକ୍ଷା ତଥା ଫ୍ୟାଶନ କୋରିଓଗ୍ରାଫର ଲିନା ବିଶ୍ୱାଳ କହିଥିଲେ। ଗୀତାଞ୍ଜଳି ଆଚାର୍ଯ୍ୟ, ରୋହିତ କୁମାର, ସୋନୁ ମୁଖାର୍ଜୀ, ପ୍ରଜ୍ଞାପରମିତା ଦାସ, ଡ. ଏଲୱାଇ ଆଚାର୍ଯ୍ୟ, ଗୀତା ଜଶୱାଲ, ପ୍ରବାଳ ରଞ୍ଜନ ବାରିକ, ଗୀତାଞ୍ଜଳି ପରିଡା, ନନ୍ଦାନନ୍ଦନ ରାଉତ, ସୌମ୍ୟରଞ୍ଜନ ମହାନ୍ତି, ବର୍ଣ୍ଣାଳି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

**कार्यपालक अभियंता का कार्यालय**
**लघु सिंचाई प्रमण्डल, मेदिनीनगर**
e-mail I.D. - eemidmed-cemr-jhr@nic.in

पत्रांक :– 682 मेदिनीनगर, दिनांक :–21/12/2024

**शुद्धि पत्र**

इस कार्यालय के द्वारा आमंत्रित ई0 निविदा सूचना सं0:– WRD/MID/MEDININAGAR/B.D./S.L.I.-01/2024-25 जिसका PR. N0:-341354 Minor Irrigation (2024-25)#D है, अपरिहार्य कारणवश निम्न संशोधन किया जाता है:–

| | | |
|---|---|---|
| 1 | वेबसाईट में ई–निविदा प्रकाषन की तिथि एवं समय | 13/01/2025 (02.00 PM) |
| 2 | वेबसाईट में ई–निविदा प्राप्ति की अंतिम तिथि एवं समय | 22/01/2025 (03.00 PM) |
| 3 | ई–निविदा खुलने की तिथि एवं समय | 24/01/2025 (04.00 PM) |

निविदा की अन्य शर्तें पूर्ववत् रहेगी।

कार्यपालक अभियंता,
लघु सिंचाई प्रमण्डल, मेदिनीनगर।

PR.NO.342650 District(24-25):D

**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**

No. B-795 Email: eedklpwd@gmail.com

**INVITATION FOR BIDS THROUGH e-Procurement**

Bid Identification No. SEDKL (R&B), 28/2024-25

**Invitation for Bids**

| | | |
|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha invites percentage rate bids in Double Cover System in ONLINE MODE only for construction of Building Works as detailed below. | |
| 2. | Nature of Work | Building Works |
| 3. | No. of Work | 01 No. |
| 4. | Bid Cost | Rs.10,000/- each |
| 5. | Class of Contractor | 'B' Class |
| 6. | Availability of Bid Documents in the website | From 10.00 A.M. of 30.12.2024 to 5.00 P.M. of 13.01.2025 |
| 7. | Date of Opening of Bid | Dt.15.01.2025 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | |

Sd./- Superintending Engineer
Dhenkanal (R&B) Division, Dhenkanal

OIPR-34016/11/0021/2425

**ODISHA HYDRO POWER CORPORATION LTD.**
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO : BARINIPUT, DIST. : KORAPUT - 764 006, ODISHA,
PHONE : 242001 (O), FAX : (06854) 242038, E-MAIL : sgmel_ukhep@ohpcltd.com
CIN : U40101OR1995SGC003963

**TENDER CALL NOTICE NO. 25/2024-25 DATED : 19/12/2024**

**No.CAD-1958** : Sealed tenders are invited in Single PART bid sealed envelopes from the reputed firms/agencies for the following works of UKHE Project, Bariniput.

| Sl. No. | Name of the works to be executed under UKHEP, Bariniput | Cost of tender paper (Rs) (Non-Refundable) | EMD (in Rs.) (Refundable) |
|---|---|---|---|
| | Rewinding & complete repair of 1 No. 185kW (250 HP) old Cooling Water motor for Unit 1, Pump-B and Make up pump motor No. 1 of Firefighting system" of UKHE Project, Bariniput | 2360.00/- (2000/- + GST @ 18%) | 01% of quoted value |

Sale of tender paper : From 27.12.2024 to 11:00 Hrs. of 10.01.2025
Last date of submission of tender : Up to 12:00 Hrs. of 10.01.2025
Date & Time of opening of tender : At 12:30 Hrs. of 10.01.2025
For details of the tender documents, terms and conditions please visit our website www.ohpcltd.com. If the date of opening of tender happens to be a holiday, the next working day will be the corresponding effective date.

OIPR-04002/11/0044/2425 Sd./- C & P Head, Upper Kolab HE Project, Bariniput

No.A-745

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**UPPER INDRAVATI PROJECT**
At/PO : Mukhiguda, Dist : Kalahandi,Odisha, Pin-766026
e-mail address : cceuip1987@gmail.com/louiipbbsr@gmail.com

1. Type of Work : Road works. 2. Total No. of Works : 04 Nos. 3. Approximate value of work : Rs. 2.51 to 2.52 Cr (Excluding GST). 4. Tender Paper Cost : Rs. 10,000/- (online). 5. Bid Security / E.M.D : Rs. 2,51,072.00 - Rs. 2,52,109.00 (online). 6. Period of Completion : 10 (Ten calendar months). 7. Class of Contractor : 'B' & 'A' Class

| Procurement Officer | e-Procurement Notice No. | Bid Amount | Availability of online viewing of Tender prior to Bidding | | Bid clarification | Submission & Availability bid on-line | Date & time of opening of Technical Bid |
|---|---|---|---|---|---|---|---|
| | | | From | To | | | |
| 1 | 2 | 3 | 4 | 5 | 6 | 7 | 8 |
| CHIEF CONSTRUCTION ENGINEER, UPPER INDRAVATI PROJECT, AT/PO - MUKHIGUDA, DIST. - KALAHANDI, ODISHA, PIN - 766026 | CCE UIP-04(01-04)/2024-25, Dt. 17.12.2024 | Rs. 2.51 cr to Rs. 2.52 cr (Excluding GST) | 26.12.2024 (10.00 AM) | 10.01.2025 (up to 5.00 P.M.) | 26.12.2024 to 30.12.2024 During office hour | 26.12.2024 (10.00 A.M.) to 10.01.2025 (up to 5.00 P.M.) | 15.01.2025 at 12.00 Noon |

Date of opening of technical bid : **Dt. 15.01.2025 at 12.00 P.M.** in the O/o the Chief Construction Engineer, UIP, Mukhiguda, Kalahandi, Odisha, PIN-766026
Date of opening of financial bid : To be decided after finalization of Technical Bid.
Further details can be seen from the Govt. Website : www.tendersorissa.gov.in

Sd./-Chief Construction Engineer
Upper Indravati Project
Mukhiguda

OIPR-32352/11/0010/2425

See Career Appointment on every Wednesday & Saturday

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE, BHUBANESWAR**

No. A-764 **'e' Procurement Notice No. ACECIC-09/2024-25**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid Documents (Rs.) | Class of Contractor | Bid documents available online for bidding | | Date of Opening of Technical Bid | Period of Completion of Work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, Bhubaneswar | PID-05/ 2024-25 | C.C. Lining of Sukal Distributary from RD 2.50 Km to 6.50 Km. | 778.49 | 778500/- (Online) | 10000/- (Online) | "A" & "Special" Class | 26.12.2024 at 10.00 hours | 09.01.2025 at 17.00 hours | 10.01.2025 at 11.00 hours | 12 (Twelve Calendar Months) |

e-mail ID: **secic_dowr@yahoo.com**
Further details conditions can be seen from Govt. website **www.tenderorissa.gov.in.**

OIPR-32160/11/0009/2425 Sd./- Additional Chief Engineer, Central Irrigation Circle

**Ministry of Road Transport and Highways**
**Government of India**

**NOTICE INVITING TENDER (NIT)**

Tender Reference No:-NH/Deoghar/08/2024-25/DPR Dated :- 21.12.2024

1. **Executive Engineer National Highway Division Deoghar** has been assigned the work of **Consultancy Services for DPR Preparation for Construction of High Level Bridge at Km 35.980 (Rampur River) and Km 43.270 (Simlaung River) of NH-333A in the State of Jharkhand on EPC mode including Bridges, Land Acquisition, Forest Clearance and Utility Shifting etc.**(asper**Annexure-I**).
2. Proposals are hereby invited from eligible Consultants who meet the guidelines contained in Public Procurement (Preference to Make in India) Order, 2017 (amended on 16.09.2020) for preparation of Detailed Project Report of **Consultancy Services for DPR Preparation for Construction of High Level Bridge at Km 35.980 (Rampur River) and Km 43.270 (Simlaung River) of NH-333A in the State of Jharkhand on EPC mode including Bridges, Land Acquisition, Forest Clearance and Utility Shifting etc.** Consultant submitting Proposal in sole capacity or as a member of joint venture or as an associate shall meet the guidelines contained in Public Procurement (Preference to Make in India) Order, 2017 (amended on 16.09.2020).The Letter of Invitation (LOI) and Terms of Reference (ToR) including Request for Proposal(RFP) is available online one-tender portal of https://eprocure.gov.in.The document can also be downloaded from https://infracon.nic.in. Cost of the Document in the form of a Non-refundable document fee of Rs.5,000 (Rupees Five Thousand only) in the form of Non-Tax receipt through NTRP portal i.e. www.bharatkosh.gov.in and 18 % GST in favour of Regional Pay & Accounts Officer Kolkata in the form of DD. Non-Tax receipt must be furnished in a separate envelop while submitting the proposal.
3. **The RFP has also been uploaded on "INFRACON"**(www.infracon.nic.in). Assuch before submitting the proposal the Consultant shall mandatorily register and enlist themselves(the firm and all key personnel),on the MoRTH portal "INFRACON" and furnish registration details along with its RFP. A copy of Infracon Operation Procedure is also enclosed for bidder's reference.
4. *All the bidders registered on Infracon shall form a Team on Infracon and which would be assigned unique Infracon Team ID. Bidders while submitting the proposal shall quote the Infracon Team ID.*
5. Bid must be submitted online at e-tender portal of **Executive Engineer National Highway Division Deoghar** https://eprocure.gov.in on or before 15:00, 15.01.2025
6. The following schedule is to be followed for this assignment:
   i) Dead line for downloading of bid:15:00, 15.01.2025
   ii) Last date for submission of queries:12:00, 08.01.2025
   iii) Pre bid meeting: 12:30, 08.01.2025
   iv) Deadline for Submission of bids :15:00, 15.01.2025
   v) Date of Opening : 17:00,16.01.2025
   vi) Place of Opening : Office of Chief Engineer, National Highway Wing, Jharkhand, Ranchi

**Mob No:8789224908**
**E-mail: eenhdeoghar@gmail-com**

Yours sincerely,
Sd/-
Executive Engineer
National Highway Division, Deoghar

PR 342688 Deoghar(24-25)#D

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ କରି ତାଡିନେଲେ ଆଖି



ଲୋଇସିଂହା, ୨୩।୧୨ (ସୁଶାନ୍ତ ବାରିକ)

ସୋମବାର ସନ୍ଧ୍ୟାରେ ବଲାଙ୍ଗୀର -ବରଗଡ ୨୬ନଂ. ଜାତୀୟ ରାଜପଥ ଲୋଇସିଂହା ଥାନା ଅନ୍ତର୍ଗତ ଲୋଇସିଂହା ବ୍ରିଜ ନିକଟରେ ଜଣେ ବ୍ୟକ୍ତିଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରିଛନ୍ତି। ଆହତ ବ୍ୟକ୍ତି ଜଣକ ହେଲେ ବୁଦେଲବାହାଲି ଗ୍ରାମର ଈଶ୍ୱର ଝାଙ୍କର୍। ପୋଲିସ ସୂଚନା ଅନୁଯାୟୀ, ଈଶ୍ୱର ବୁର୍ଡା ଗ୍ରାମର ଶ୍ୱଶୁର ଘର ବୁଦେଲବାହାଲିକୁ ଚାଲିକି ଆସୁଥିବା ବେଳେ ବ୍ରିଜ ନିକଟରେ ଦୁଇଜଣ ଦୁର୍ବୃତ୍ତ ହଠାତ ତାଙ୍କ ପାଟିରେ କିଛି ପୁରାଇ ଦେଇଥିଲେ। ଈଶ୍ୱର ଅଚେତ ହୋଇପଡ଼ିବା ପରେ ଡାହାଣ ପଟ ଆଖି ତାଡ଼ି ଦେଇଛନ୍ତି। ଫଳରେ ତାଙ୍କର ମୁହଁରେ ଆଘାତ ଲାଗିଛି। ଏହା ପରେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଈଶ୍ୱରଙ୍କୁ ଉଦ୍ଧାର କରି ଲୋଇସିଂହା ଡ଼ାକ୍ତରଖାନା ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବଲାଙ୍ଗୀର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ବାଇକ୍ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ଲୋଇସିଂହା, ୨୩।୧୨ (ସୁଶାନ୍ତ ବାରିକ)

ବଲାଙ୍ଗୀର -ବରଗଡ଼ ୨୬ନଂ. ଜାତୀୟ ରାଜପଥ ଲୋଇସିଂହା ଥାନା ଲୋଇସିଂହା -ବୁର୍ଡ଼ା ମଝିରେ ସୋମବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ବାଇକ୍ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ହେଲେ ଘୁଣ୍ଟୁରାମୁଣ୍ଡା ଗ୍ରାମର ରାଜ କୁମାର ହୋତା। ଗୁରୁତର ବ୍ୟକ୍ତି ବୁର୍ଡା ଗ୍ରାମର ଭାଗରଥୀ ସାହୁ। ସୁବର୍ଣ୍ଣପୁର ଜିଲା ରାମପୁର ନିକଟସ୍ଥ ସାରସମାଲର ମନୋଜ ଭୋଇ ବଲାଙ୍ଗୀର ପଟୁ ଡୁଙ୍ଗୁରିପାଲି ପଟକୁ ଯାଉଥିବାବେଳେ ପ୍ରଥମେ ସାଇକେଲରେ ଯାଉଥିବା ଭାଗିରଥି ସାହୁଙ୍କୁ ଧକ୍କା ଦେଇଥିଲେ। ସାଇକେଲ ଆରୋହୀ ଗୁରୁତର ଆହତ ହୋଇ ପଡ଼ିଥିବା ବେଳେ ସେଠାରୁ ଫେରାର ମାରିଥିଲେ । ପରେ ଚାଲିଚାଲି ଯାଉଥିବା ରାଜକୁମାର ହୋତାଙ୍କୁ ଧକ୍କା ଦେଇ ନିଜେ ପଡ଼ି ଯାଇଥିଲେ। ଦୁର୍ଘଟଣା ଘଟାଇଥିବା ବାଇକ୍ ଆରୋହୀ ମନୋଜ ଆହତ ମଧ୍ୟ ହୋଇଛନ୍ତି।

### ତୋଷାଳୀ ବିଦ୍ୟାମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ

ଗୁଡଭେଲା, ୨୩।୧୨ (ମନୋଜକୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ସହରର ତୋଷାଳୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁଶିଷ୍ୟ ମଧ୍ୟରେ ଉତ୍ତମ ସମ୍ପର୍କ ରହିଲେ ଶିକ୍ଷାନୁଷ୍ଠାନ ସହିତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜଳମୟ ହୋଇପାରିବ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବରେ ଗୁଡଭେଲା ବ୍ଲକ ଉପାଧକ୍ଷ ଟୁକୁରାମ ପାଣିଗ୍ରାହୀ, ତୋଷାଳୀ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ପ୍ରଫୁଲ୍ଲ ମହାପାତ୍ର, ଉପଦେଷ୍ଟା ଶ୍ୟାମସୁନ୍ଦର ପ୍ରଧାନ, ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର, ହେମନ୍ତ ସାହୁ, ବିଧାୟକଙ୍କ ପ୍ରତିନିଧି ଜିତେନ୍ଦ୍ର ମହାପାତ୍ର, ବଲ୍ଲବି ସାହୁ, ପୁଷ୍ପାଞ୍ଜଳି ମହାପାତ୍ର, ଦମୟନ୍ତି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ମଞ୍ଚାସୀନ ଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ଭୋଇ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ବେଣୁଧର ରଣା, ଗିରିଶ ରଣା, ସ୍ମୃତିରେଖା ଷଡ଼ଙ୍ଗୀ, ଝରଣା ସୁନା, ପ୍ରତୀକ ପ୍ରଧାନ, ପୁଷ୍ପେନ୍ଦ୍ର ପ୍ରଧାନ, ଉର୍ମିଳା ଭୋଇ, ପୁଷ୍ପେନ୍ଦୁ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା । ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସୁରେନ୍ଦ୍ର ଭୋଇ, କାମଦେବ ପ୍ରଧାନଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ରୋହିତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ରେଲ୍‌ୱେ ଜମିରୁ ଜବରଦଖଲ ଉଚ୍ଛେଦ

କଣ୍ଟାବାଞ୍ଜି, ୨୩।୧୨ (ଗୁରୁଦୟାଲ ହଂସ)

**କଣ୍ଟାବାଞ୍ଜି ରେଲଷ୍ଟେଶନ ଅମୃତ ଭାରତ ଯୋଜନାର ନିର୍ମାଣ କାର୍ଯ୍ୟ ଆରମ୍ଭ**



କଣ୍ଟାବାଞ୍ଜି ରେଲୱେ ଷ୍ଟେଶନ ପରିସରରେ ଥିବା ଜବରଦଖଲ ଦୋକାନଗୃହକୁ ରେଲ ପ୍ରଶାସନ ଉଚ୍ଛେଦ କରୁଛି।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଲଷ୍ଟେଶନ ପରିସରରେ ଦୀର୍ଘ ୫୦ରୁ ୬୦ ବର୍ଷ ଧରି ଜବରଦଖଲ କରିଥିବା ଦୋକାନଗୃହକୁ ରେଳ ପ୍ରଶାସନ ଦ୍ୱାରା ସୋମବାର ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ ପାଇଁ ବାରମ୍ବାର ବର୍ଷବର୍ଷ ଧରି ନୋଟିସ କରି ଆସିଥିଲେ ସୁଦ୍ଧା ଉଚ୍ଛେଦ ହୋଇ ନ ଥିଲା। ଅମୃତ ଭାରତ ଯୋଜନାର ନିର୍ମାଣ କାର୍ଯ୍ୟ ଆରମ୍ଭ ଯୋଗୁ ସୋମବାର ତାର ଅନ୍ତ ଘଟିଛି। ପୂର୍ବତଟ ରେଲଜୋନ ଭୁବନେଶ୍ୱର ଅଧିନସ୍ଥ ସମ୍ବଲପୁର ଡିଭିଜନର ଅନ୍ୟତମ ମୁଖ୍ୟ ରେଲଷ୍ଟେଶନ ହେଉଛି କଣ୍ଟାବାଞ୍ଜି। ଏହି ଷ୍ଟେଶନରେ ପୂର୍ବରୁ ଥିବା ବିଏନଆର, ଦକ୍ଷିଣ ପୂର୍ବ ରେଳପଥ ଏବଂ ବର୍ତ୍ତମାନର ପୂର୍ବତଟ ରେଳ ଅଧିନରେ ୭୫୦ରୁ ଊର୍ଦ୍ଧ୍ୱ ରେଲୱେ ଜମି ରହିଛି। ଏହି ରେଲୱେ ଜମିର ଶତ ପ୍ରତିଶତ ଜମିରେ କେତେକ ଜବର ଦଖଲକାରୀ ବର୍ଷବର୍ଷ ଧରି ଦୋକାନ ଗୃହ ନିର୍ମାଣ କରି ବ୍ୟବସାୟ କରିଆସୁଥିଲେ। କଣ୍ଟାବାଞ୍ଜି ଅମୃତ ଭାରତ ରେଳ ଷ୍ଟେଶନରେ ସାମିଲ ହେବା ପରେ ଏବଂ ରେଳ ୱାଗନ ମରାମତି କାରଖାନା ନିର୍ମାଣ ପାଇଁ ଜମିର ଆବଶ୍ୟକ ହେଉଥିବାରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ବିଭିନ୍ନ ସମୟରେ ନୋଟିସ ଜାରି କରିଆସୁଥିଲେ । କିନ୍ତୁ ଜବରଦଖଲକାରୀମାନେ ରେଳ ପ୍ରଶାସନ ତରଫରୁ ଜମି ଦେଲେ ହିଁ ଯାଗା ଛାଡ଼ିବୁ ବୋଲି ବିଭିନ୍ନ ସମୟରେ ଆନ୍ଦୋଳନ ଏବଂ ଡିଆରଏମଙ୍କୁ ଲିଖିତ ଅଭିଯୋଗ କରିଆସୁଥିଲେ। କିନ୍ତୁ ଜବର ଦଖଲକାରୀମାନେ ସୋମବାର ମଧ ଜମି ଦାବି କରି ଆନ୍ଦୋଳନରେ ବସିଥିଲେ। ହେଲେ ରେଲପ୍ରଶାସନ ପୂର୍ବ ନିର୍ଦ୍ଧାରିତ ଉଚ୍ଛେଦ ତାରିଖ ଅନୁସାରେ ଉଚ୍ଛେଦ କରିଛି। ଏହି ଉଚ୍ଛେଦ ବେଳେ କଣ୍ଟାବାଞ୍ଜି ତହସିଲଦାର ତଥା ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଅଲି ମାଝି, ରେଳ ପ୍ରଶାସନର ବରିଷ୍ଠ ଅଧିକାରୀ ଜେ.ପ୍ରସନ୍ନ ରାଓ(ଏଡିଇନ), ଆଇ.ଓ.ଡବ୍ଲୁ ମାନସ କୁମାର ବେହେରା, ରାୟଗଡ଼ା ଜିଆରପି ଡିଏସପି.ଟିଟିଲାଗଡ ଜି.ଆର.ପି ଓ କଣ୍ଟାବାଞ୍ଜି ଜିଆରପି ୩ ପ୍ଲାଟୁନ ପୋଲିସ ଏବଂ ଆଇଆରବି ପୋଲିସ ମୁତୟନ ଥିଲେ। ଶାନ୍ତିଶୃଙ୍ଖଳାର ସହ ରେଲଷ୍ଟେସନ ପରିସରରେ ଥିବା ଜବରଦଖଲ ଦୋକାନ ଉଚ୍ଛେଦ ହୋଇଥିବା ବେଳେ ଆଗାମୀ ଦିନରେ ସମସ୍ତ ଜବରଦଖଲ ଉଚ୍ଛେଦ ହେବ ବୋଲି ରେଲପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ କହିଥିଲେ।

# ବଜ୍ରକାପ୍ତା ଉଦ୍ଧାର: ୫ ଗିରଫ





ଗିରଫ ଅଭିଯୁକ୍ତ ଏବଂ ବନବିଭାଗ ଦ୍ୱାରା ଉଦ୍ଧାର ହୋଇଥିବା ବଜ୍ରକାପ୍ତା।

ବଲାଙ୍ଗୀର/ଟିଟିଲାଗଡ଼, ୨୩।୧୨ (ବୀରେନ୍ଦ୍ର ଝାକର/ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବନାଞ୍ଚଳ ଅନ୍ତର୍ଗତ ବର୍ଣ୍ଡେଇ ସଂରକ୍ଷିତ ଜଙ୍ଗଲରୁ ଏକ ବଜ୍ରକାପ୍ତା ଧରି ବିକ୍ରୀ ଉଦ୍ୟମବେଳେ ବନବିଭାଗ ହାତରେ ଧରାପଡିଛି। ଟିଟିଲାଗଡ଼ ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ସୁବୁଦ୍ଧି ଏନେଇ ସଇଁତଲା ପୋଲିସ ସହାୟତାରେ ଚଢ଼ାଉ ସହ ବଜ୍ରକାପ୍ତାକୁ ଉଦ୍ଧାର କରିଛନ୍ତି। ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ସଇଁତଲା ଥାନା ଅନ୍ତର୍ଗତ ବେଲଗାଁ ପଞ୍ଚାୟତ ମାଲପଡା ଗ୍ରାମର ପିତା ପୁତ୍ର ଦେବରାଜ ଭୋଇ ଏବଂ ପିଲୁ ଜଙ୍ଗଲରୁ ବଜ୍ରକାପ୍ତା ଧରି ଘରେ ଲୁଚାଇ ବିକ୍ରୀ ପାଇଁ ଯୋଜନା କରିଥିଲେ। ଏନେଇ ମଧ୍ୟସ୍ଥ ବେଲପଡା ଥାନା ଅନ୍ତର୍ଗତ ଭୂତେଶ୍ୱର ବାରିକ, କଣ୍ଟାବାଞ୍ଜି ଥାନା ଅଞ୍ଚଳର ବିଘ୍ନେଶ୍ୱର ମହାନନ୍ଦ, ଖରିଆର ଥାନା ବାଙ୍କପୁର ଗ୍ରାମର ରୋହିତ ବେହେରାଙ୍କ ଜରିଆରେ ଛତିଶଗଡ଼ ଅଞ୍ଚଳରେ ବଜ୍ରକାପ୍ତାକୁ ୩୫ ଲକ୍ଷ ଟଙ୍କାରେ ବିକ୍ରୀ ପାଇଁ ଯୋଜନା କରିଥିଲେ। ଖବରପାଇ ଟିଟିଲାଗଡ଼ ବନାଞ୍ଚଳ ଅଧିକାରୀ ସୁବୁଦ୍ଧି, ବନପାଳ ରଞ୍ଜିତ ସିଂଦେଓ, ବେଲଗାଁ ଫାଣ୍ଡି ଅଧିକାରୀ ଜୀବର୍ଦ୍ଧନ ମେହେର ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ବଜ୍ରକାପ୍ତାକୁ ଉଦ୍ଧାର କରିଛନ୍ତି। ଆହତ ବଜ୍ରକାପ୍ତାର ଚିକିତ୍ସା ପାଇଁ ବଲାଙ୍ଗୀର ପଠାଯାଇଛି। ଏନେଇ ବନ ବିଭାଗ ପକ୍ଷରୁ ୨ ଅଭିଯୁକ୍ତ, ୩ ମଧ୍ୟସ୍ଥଙ୍କ ସମେତ ମୋଟ ୫ ଜଣଙ୍କୁ ବନ୍ୟପ୍ରାଣୀ ସୁରକ୍ଷା ଆଇନରେ ଗିରଫ ସହ ସଇଁତଲା କୋର୍ଟ ଚାଲାଣ କରାଯାଇଛି।

# ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା




ଅତିଥିଙ୍କ ଗହଣରେ ପ୍ରତିଯୋଗୀ।

ଟିଟିଲାଗଡ଼, ୨୩।୧୨ (ସନ୍ତୋଷ ପଟ୍ଟନାୟକ)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ସହରରେ ଦ୍ୱିତୀୟ ଥର ପାଇଁ ଇଣ୍ଡିଆନ ବଡି ବିଲଡିଂ ଆସୋସିଏଶନ ଦ୍ୱାରା ଅନୁବନ୍ଧିତ କଳିଙ୍ଗ ବଡି ବିଲଡିଂ ଆସୋସିଏଶନ ପକ୍ଷରୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରୀୟ ଏସ୍‌ଏମ୍ ବଡି ବିଲଡିଂ ଏବଂ ଫିଟନେସ ଫେଡେରେଶନ ଏସ୍‌ଏମ କ୍ଲାସିକ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରତିଯୋଗୀ ଯୋଗଦାନ କରିଥିଲେ। ମେନ୍ସ ଫିଜିକ ୧୭୨ ସିଏମ କ୍ୟାଟେଗୋରୀ 'ଏ' ବର୍ଗରେ ପୁରୀର ସତ୍ୟଜିତ ମିଶ୍ର, କ୍ୟାଟେଗୋରି 'ବି'ରେ ବରୁଣ ମହାକୁର, ମହିଳା ବର୍ଗରେ ବରଗଡ଼ର ଅନିତା ମିଶ୍ର, ମାଷ୍ଟର ବର୍ଗରେ ସଂଗ୍ରାମ ସାମନ୍ତରାୟ ଚାମ୍ପିୟନ ବିବେଚିତ ହୋଇଥିଲେ। ସେହିପରି ୫୫ କେଜି ବର୍ଗରେ ନିରଞ୍ଜନ ଅଗସ୍ତି, ୬୦କେଜି ବର୍ଗରେ ଡରବିନ ମହାନ୍ତି, ୬୫ କେଜି ବର୍ଗ ବିଜୟ ପଣ୍ଡା, ୭୦ କେଜି ବର୍ଗ ସୋମନାଥ ଜାଲି, ୭୫ କେଜି ବର୍ଗ ସତ୍ୟଜିତ ମିଶ୍ର, ୮୦ କେଜି ବର୍ଗ ସନ୍ତୋଷ ବକ୍ସି, ୮୫ କେଜି ବର୍ଗ ଶଙ୍କର ମେହେର, ୮୫କେଜି ଉର୍ଦ୍ଧ୍ୱ ବର୍ଗରେ କିରଣ କୁମାର ଚାମ୍ପିୟନ ବିବେଚିତ ହୋଇଛନ୍ତି। ବିଚାରକ ଭାବରେ ସେବା ନିବୃତ୍ତ ବାୟୁସେନା ଅଧିକାରୀ ତଥା ପୂର୍ବତନ ମିଷ୍ଟର ଇଣ୍ଡିଆ ସନ୍ତୋଷ ମହାନ୍ତି, ଏମ୍.କେ ସ୍ୱାଇଁ, ନିଶାନ୍ତ ବହିଦାର, ନୀଳକଣ୍ଠ ବାରିକ, ଅମିତାଭ ପରିଡ଼ା, ବାଳକୃଷ୍ଣ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ମୂଲ୍ୟାୟନ କରିଥିଲେ। କାର୍ଯ୍ୟକ୍ରମରେ ଓମଭେଲି ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଲାୟନ୍ସ ଦୀପକ ସାହୁ ମୁଖ୍ୟଅତିଥି ତଥା ସମ୍ମାନିତ ଅତିଥି ଭେଟେରାନ ରେସଲିଙ୍ଗ ଚାମ୍ପିୟନ ସତ୍ୟବୀର ଅଗ୍ରୱାଲ, ନେସନାଲ ରେସଲିଙ୍ଗ ଚାମ୍ପିୟନ ରାକେଶ ଅଗ୍ରୱାଲ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

### ଲାଠୋର ଧନୁଯାତ୍ରା ଆରମ୍ଭ

ଲାଠୋର, ୨୩।୧୨ (ଭୁବନେଶ୍ୱର ବାରିକ)

ଖପ୍ରାଖୋଲ ବ୍ଲକ ଲାଠୋରରେ ୧୫ ତମ ଧନୁଯାତ୍ରା ସୋମବାର ଆରମ୍ଭ ହୋଇଯାଇଛି। ଜୟ ମା' ବସ୍ତ୍ରେନ ଧନୁଯାତ୍ରା କମିଟି ସଭାପତି ହରି ବାରିକଙ୍କ ତତ୍ତ୍ୱାବଧାନରେ ଏହା ହେଉଛି। ଯାତ୍ରାର ମୁଖ୍ୟ ଆକର୍ଷଣ କଂସ ଭୂମିକାରେ ପୁଇନ୍ତଳା ବ୍ଲକ ଭଲେର ଗୁଡ଼ି ଫଟକରା(କ) ଗ୍ରାମର କଳାକାର ଅନିଲ କୁମାର ନାଏକ ଅଭିନୟ କରୁଛନ୍ତି। ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଧନୁଯାତ୍ରାରେ ସମାଜସେବୀ ଶଙ୍କରଲାଲ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧନୁଯାତ୍ରାର ଶୁଭ ଉଦ୍‌ଘାଟନ କରିଥିଲେ। ପ୍ରଥମ ରଜନୀରେ ଦେବକୀ ବସୁଦେବଙ୍କ ବିବାହ ଏବଂ ଉଗ୍ରସେନ ଗାଦିଚ୍ୟୁତ ନାଟକ ମଞ୍ଚସ୍ଥ ହୋଇଥିଲା। ଅଞ୍ଚଳର ଲୋକେ ଧନୁଯାତ୍ରା ଦେଖିବା ପାଇଁ ଭିଡ଼ ଜମାଇଛନ୍ତି। ଲୋକଙ୍କ ମନୋରଞ୍ଜନ ପାଇଁ ମଞ୍ଚରେ ବିଭିନ୍ନ ପ୍ରକାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଯାତ୍ରାରେ ମୀନା ବଜାର ସହ ବିଭିନ୍ନ ପ୍ରକାର ଦୋଳିର ବ୍ୟବସ୍ଥା ରହିଛି। ଏହି ଅବସରରେ ସମ୍ପାଦକ ସଚ୍ଚିକାନ୍ତ ଦାସ, କେସିଅର ବିଦ୍ୟାଧର ଗୁର୍ଲା, ସହସମ୍ପାଦକ ନୀଳମଣି ବେହେରା, ସଦସ୍ୟ ରୋହିତ ମେହେର, ଶିବା ଠାକୁରଙ୍କ ସହ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହି ସହଯୋଗ କରୁଛନ୍ତି।

### ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଓ ଆଲୋଚକ।

ଲୋଇସିଂହା, ୨୩।୧୨ (ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ରୋତ ମହାବିଦ୍ୟାଳୟର ଓଡିଆଭାଷା ଓ ସଂସ୍କୃତି ବିଭାଗ ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ସୋମବାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ବିଭାଗର ମୁଖ୍ୟ ପ୍ରମୋଦ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି, ଅଧ୍ୟକ୍ଷ ତଥା ପ୍ରାକ୍ତନ ଓଡିଆ ପ୍ରାଧ୍ୟାପକ ଧନଞ୍ଜୟ ସାହୁ ମୁଖ୍ୟ ଆଲୋଚକ ଭାବେ ଯୋଗଦାନ କରି ଜଗନ୍ନାଥ ସଂସ୍କୃତିର ମହାନତା ଓ ଗୁଣଗାରିମା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଛାତ୍ର ବୀରେନ୍ଦ୍ର ତ୍ରିପାଠୀ ଓ ଛାତ୍ରୀ ଲିଲିମା ନାଏକ ଭିତ୍ତିପ୍ରବନ୍ଧ ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝରଣା ସାହୁ, ସାଗରିକା ପୋଢ, ସରସ୍ୱତୀ ମାଝୀ, ଜ୍ୟୋତ୍ସ୍ନା ସାହୁ ପ୍ରମୁଖଙ୍କ ସମେତ ଅଧ୍ୟାପକ ବାମଦେବ ମେହେର ଓ ଡକ୍ଟର ସୋମନାଥ ପଧାନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ସମ୍ମାନକୁ ଡକ୍ଟର ଲିଙ୍ଗରାଜ ମେହେର ସଂଯୋଜାନ କରିଥିଲେ। ଛାତ୍ରୀ ରୁବି ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଗତ ୧୮ତାରିଖରେ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ମାଟିର ମଣିଷ ଉପନ୍ୟାସ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

### ଜୁରିଆ ଧାନମଣ୍ଡି ପରିଦର୍ଶନ କଲେ ତହସିଲଦାର

ଖପ୍ରାଖୋଲ, ୨୩।୧୨ (ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲୁହାସିଂହା ପଞ୍ଚାୟତ ଜୁରିଆ ଧାନ ମଣ୍ଡି ସୋମବାର ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ପରିଦର୍ଶନ କରିଛନ୍ତି । ଜୁରିଆ ଧାନ ମଣ୍ଡି ଚଳିତ ମାସ ୭ ତାରିଖ ଆରମ୍ଭ ହୋଇଥିବା ବେଳେ ଧାନ ବିକ୍ରୟ ପାଇଁ ୨୪୪ ଜଣ ଚାଷୀ ପଞ୍ଜୀକୃତ କରିଥିବା ସୂଚନା ମିଳିଛି। ଧାନ କ୍ରୟ ପାଇଁ ୩୪ ହଜାର ୮୬୦ କୁଇଣ୍ଟାଲ ଟାର୍ଗେଟ ଆସିଥିବା ବେଳେ ୧୦ହଜାର ୬୪୨ କୁଇଣ୍ଟାଲ ଧାନ ସେବା ସମବାୟ ସମିତି ତରଫରୁ କିଣା ଯାଇଥିବା ସୂଚନା ମିଳିଛି। ଚାଷୀମାନେ ଧାନ ବିକ୍ରୟ ପାଇଁ ଆଣିଥିବା ବେଳେ ମଣ୍ଡି କିପରି ଭାବରେ ଚାଲିଛି ତହସିଲଦାର ମିଶ୍ର ପଚାରି ବୁଝିଥିଲେ। ତହସିଲଦାରଙ୍କ ଗସ୍ତ ସମୟରେ ସେବା ସମବାୟ ସମିତି ସଭାପତି କନ୍ଦର୍ପ ସୁଆର, ରାଜକିଶୋର ମେହେର, ଜୟନ୍ତ ପାଲ ମେହେର, ଚକ୍ରଧର ବରିହା, ଲିଙ୍ଗରାଜ ମେହେର, ପରକ୍ଷିତ ପଧାନ, ଲେକୃ ପଧାନ ଓ ଅନ୍ୟ ଚାଷୀମାନେ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ସରକାରୀ ଆୟୁର୍ବେଦିକ କଲେଜ ଛାତ୍ରୀଛାତ୍ର

ବଲାଙ୍ଗୀର, ୨୩।୧୨ (ବୀରେନ୍ଦ୍ର କୁମାର ଝାଙ୍କର)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କୁ ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ ଡାକ୍ତରୀ ଛାତ୍ରୀଛାତ୍ରମାନେ ସ୍ଥାନୀୟ ସର୍କିଟ ହାଉସଠାରେ ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରର ଡାକ୍ତରୀ ଛାତ୍ରୀଛାତ୍ର ଏହି ଶିକ୍ଷାନୁଷ୍ଠାନର ବିଭିନ୍ନ ସମସ୍ୟା ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆଲୋଚନା କରିବା ସହ ଏହାର ସମାଧାନ ସକାଶେ ଦୃଷ୍ଟି ଆକର୍ଷଣ କରିଥିଲେ। ହାଉସ ସର୍ଜନ ଏବଂ ପିଜି ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ, ଇନ୍‌କ୍ରିମେଣ୍ଟ ବିଷୟରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦାବି ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ମନ୍ତ୍ରୀ ମହାଲିଙ୍ଗ ପ୍ରତିଶ୍ରୁତି ଦେଇଥିଲେ। ନୂଆ ପଦବୀ ସୃଷ୍ଟି ପାଇଁ କରାଯାଇଥିବା ଆଲୋଚନାକୁ ରାଜ୍ୟ ସରକାର ଗମ୍ଭୀରତାର ସହ ନେଉଛନ୍ତି ବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ।



ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କୁ ସରକାରୀ ଆୟୁର୍ବେଦିକ କଲେଜ ଛାତ୍ରୀଛାତ୍ରମାନେ ସାକ୍ଷାତ କରୁଛନ୍ତି।

## ବଞ୍ଚିଥିବା ଯାଏ ଲୋକଙ୍କ ସେବା କରିବି: ନରସିଂହ

- ୮୫ ବର୍ଷରେ ପଦାର୍ପଣ କଲେ ନରସିଂହ
- ଜନ୍ମଦିନ ଶୁଭେଚ୍ଛା ଜଣାଇଲେ ଛାତୀଛାତ୍ର, ଶୁଭେଚ୍ଛୁ

ବଲାଙ୍ଗୀର/ଲୋଇସିଂହା, ୨୩।୧୨ (ବୀରେନ୍ଦ୍ର କୁମାର ଝାଙ୍କର/ସୁଶାନ୍ତ ବାରିକ)



ଜନ୍ମଦିନ ଅବସରରେ ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

ବରିଷ୍ଠ ରାଜନେତା, ପୂର୍ବତନ ଆଇନମନ୍ତ୍ରୀ, ପ୍ରତିଷ୍ଠିତ ଆଇନଜ୍ଞ ନରସିଂହ ମିଶ୍ର ସୋମବାର ୮୫ ବର୍ଷରେ ପଦାର୍ପଣ କରିଛନ୍ତି । ଏହି ଅବସରରେ ବହୁ ଶୁଭେଚ୍ଛୁ, ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର, ବିଭିନ୍ନ ରାଜନୈତିକ ଦଳର କର୍ମୀ ଓ ନେତା, ସାମାଜିକ, ସାଂସ୍କୃତିକ ସଙ୍ଗଠନ ପ୍ରତିନିଧି ମିଶ୍ରଙ୍କ ବାସଭବନକୁ ଯାଇ ତାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଥିଲେ।

ଜନ୍ମଦିନ ଶୁଭେଚ୍ଛା ଗ୍ରହଣ କରିବା ଅବସରରେ ପୂର୍ବତନ ମନ୍ତ୍ରୀ ମିଶ୍ର ଜୀବନ ଥିବା ପର୍ଯ୍ୟନ୍ତ ବଲାଙ୍ଗୀର ସମେତ ରାଜ୍ୟବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିବି ବୋଲି କହିଥିଲେ। ସେ ଆହୁରି କହିଥିଲେ, ଲୋକ ପ୍ରତିନିଧି ଥାଏଁ ବା ନ ଥାଏଁ କିଛି ଫରକ ପଡିବ ନାହିଁ। ନିଶ୍ଚିତ ଭାବରେ ସମାଜର ତଳସ୍ତର ଲୋକମାନଙ୍କ ସେବା କରିବା ପାଇଁ ସେ ଆଜୀବନ ବ୍ରତୀ ରହିବେ। ଶୁଭେଚ୍ଛୁମାନଙ୍କ ଶୁଭେଚ୍ଛା ଓ ଅଭିନନ୍ଦନ ତାଙ୍କ ଭିତରେ ଥିବା ଦାୟିତ୍ୱବୋଧକୁ ଆହୁରି ଦ୍ୱିଗୁଣିତ କରିବ ବୋଲି ସେ କହିଥିଲେ। ବରିଷ୍ଠ କଂଗ୍ରେସ ନେତା ମିଶ୍ରଙ୍କ ଜନ୍ମଦିନ ଉପଲକ୍ଷେ ବଲାଙ୍ଗୀର ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ଓ ଡାକ୍ତରଖାନା ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ନେତା ମନୀଷ ମିଶ୍ର, ବୁଲୁ ଦାନୀ, ଅସିତ ମିଶ୍ର, ଜୁଲୁ ପଟ୍ଟନାୟକ, ଅନନ୍ତ ବେହେରା, ଲୋପନ ମିଶ୍ର, ମୀରା ବେହେରା, ଅଙ୍କିତ ସାହୁଙ୍କ ନେତୃତ୍ୱରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ପୂର୍ବତନ ବିଧାୟକ ମିଶ୍ରଙ୍କୁ ବଲାଙ୍ଗୀର ସହର ସମେତ ଦେଓଗାଁ, ଆଗଲପୁର, ବଲାଙ୍ଗୀର ସଦର, ପୁଇଁନ୍ତଲା, ବିନିକା ଓ ଲୋଇସିଂହା ବ୍ଲକ ଅଞ୍ଚଳରୁ ଅନେକ ଶୁଭେଚ୍ଛୁ ଅଭିନନ୍ଦନ ଜଣାଇଥିଲେ। ଲୋଇସିଂହା ଆଥଲେଟିକେ ଆସୋସିଏସନ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ ଫାଟକ ସମ୍ମୁଖରେ ମିଶ୍ରଙ୍କ ଜନ୍ମ ଦିବସ ପାଳନ କରାଯାଇଥିଲା। ଏଥିରେ ମିଶ୍ର ଯୋଗଦାନ କରି ଆଥଲେଟିକ ଆସୋସିଏଶନର କର୍ମକର୍ତ୍ତା ଏବଂ ସ୍ଥାନୀୟ ଅଧିବାସୀଙ୍କ ଉପସ୍ଥିତିରେ କେକ୍ କାଟି ଜନ୍ମଦିନ ପାଳନ କରିଥିଲେ। ଜିଲାରୁ ଜଣେ ସ୍ୱାସ୍ଥ୍ୟମନ୍ତ୍ରୀ ରହିଥିବାରୁ ଜିଲା ମେଡିକାଲକୁ ଯଦି ସୁପର ହସ୍ପିଟାଲରେ ପରିଣତ କରାଯାଇପାରିବ ତେବେ ଜିଲା ନୁହେଁ, ପଡୋଶୀ ଜିଲାର ଜନସାଧାରଣ ମଧ୍ୟ ଉପକୃତ ହୋଇ ପାରିବେ ବୋଲି ମିଶ୍ର ଗଣମାଧ୍ୟମକୁ କହିଥିଲେ ।

## ସଂକ୍ଷେପରେ

### ଜାତୀୟ ଗଣିତ ଦିବସ ପାଳିତ

**ସରଣ୍ଡା, ୨୩।୧୨ (ଯୁଧିଷ୍ଠିର ମହାପାତ୍ର):** ବରଗଡ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡାସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଗଣିତ ଦିବସ ରବିବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶିଶିର କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାରତ ସରାଫ ମୁଖ୍ୟ ଅତିଥି, ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ନାୟକ ଓ କୁଲିତା ଟୁକୁରା ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ବିକାଶ କୁମାର ନାଏକ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ଗଣିତ ଶିକ୍ଷକ ଧର୍ମରାଜ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ସରାଫ ଗଣିତ ବିଷୟଟି କିପରି ସଂଖ୍ୟାର ଖେଳ ସେଥିବ ବ୍ୟାଖ୍ୟା କରିଥିଲେ। ଏହି ଅବସରରେ ଗଣିତ କୁଇଜ୍ ଓ ଗଣିତ ରଙ୍ଗୋଲି ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।

### ଝାରବନ୍ଧ ପୋଲିସର ଜନସମ୍ପର୍କ ଶିବିର

**ଝାରବନ୍ଧ, ୨୩।୧୨ (ଦେବେନ୍ଦ୍ର ସାହୁ):** ବରଗଡ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଝାରବନ୍ଧ ଥାନା ଅନ୍ତର୍ଗତ ଟାମ୍ପରଠାରେ ଜନସମ୍ପର୍କ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାଇ ମିନା ମୁଖ୍ୟଅତିଥି ଭାବେ ଯୋଗଦେଇ ପୋଲିସ ସହ ଜନସାଧାରଣ ସମ୍ପର୍କ ସ୍ଥାପନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହାଦ୍ୱାରା ଅସାମାଜିକ କାର୍ଯ୍ୟକଳାପ ରୋକାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଯୁବ ସମାଜକୁ ଉତ୍ସାହିତ କରିବା ପାଇଁ ଖେଳ ସାମଗ୍ରୀ, ବୃଦ୍ଧାବୃଦ୍ଧମାନଙ୍କୁ ଧୋତି, ଶାଢ଼ି, କମ୍ବଳ, ଛତା, ଟର୍ଚ୍ଚ ଲାଇଟ ଆଦି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକ ସ୍ୱାସ୍ଥ୍ୟ ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଶିବିରକୁ ଉପଖଣ୍ଡ ପୋଲିସ ଅଧିକାରୀ ଅମ୍ରିତ ପାଲ କୌର, ଥାନାଧିକାରୀ କ୍ରେସେନସିନ ସମାରିୟା, ଏଏସ୍‌ଆଇ ଶଶୀକାନ୍ତ ବାରିକ, ଏଏସ୍‌ଆଇ ସମାରୁ ନାଗ ସହଯୋଗ କରିଥିଲେ।

### ଗଣ୍ଡା ସମାଜର କର୍ମକର୍ତ୍ତା ସମ୍ମିଳନୀ

**ଝାରବନ୍ଧ, ୨୩।୧୨ (ଦେବେନ୍ଦ୍ର ସାହୁ):** ଝାରବନ୍ଧ ବ୍ଲକ ଲକ୍ଷେଘର ଗଣ୍ଡା ସମାଜର ବାର୍ଷିକ କର୍ମକର୍ତ୍ତା ସମ୍ମିଳନୀ ଏବଂ ସମୀକ୍ଷା ବୈଠକ ରବିବାର ବିଜାଢୋଲଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଭୋଜରାଜ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଝାରବନ୍ଧ ବ୍ଲକର ପ୍ରତ୍ୟେକ ଗ୍ରାମପଞ୍ଚାୟତରୁ ଆସିଥିବା କର୍ମକର୍ତ୍ତା ସମାଜକୁ ସୁଦୃଢ କରିବା ପାଇଁ ମତାମତ ଦେଇଥିଲେ। ସର୍ବସମ୍ମତି କ୍ରମେ ଲକ୍ଷେ ଘର ଗଣ୍ଡା ସମାଜ ଝାରବନ୍ଧ ବ୍ଲକ କମିଟିର ସଭାପତି ଭାବେ ଭୋଜରାଜ ବାଗଙ୍କୁ ମନୋନିତ କରାଯାଇଥିଲା। ସେହିପରି ସମ୍ପାଦକ ରସିକ କୁମ୍ଭାର, ସହ ସମ୍ପାଦକ ତଥା ମିଡ଼ିଆ ପ୍ରଭାରୀ ମୋତିଲାଲ ବାଗ, ମିଡ଼ିଆ ପ୍ରଭାରୀ ଜୋହାନ କୁମ୍ଭାର, ସଂଯୋଜକ ସାମନ୍ତ ଶେଖର ମୁନାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସେହିପରି କମିଟିରେ ୧୮ଜଣ ସଦସ୍ୟ ରହିଥିବାବେଳେ ଉପଦେଷ୍ଟା ମଣ୍ଡଳୀରେ ୧୦ ଜଣ ରହିଛନ୍ତି।

### ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନର କର୍ମୀ ସମ୍ମିଳନୀ

**ବରଗଡ଼, ୨୩।୧୨ (ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଦିପ୍ତୀପୁରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ରବିବାର ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନର ଜିଲାସ୍ତରୀୟ କର୍ମୀ ସମ୍ମିଳନୀ ଏବଂ ମାତୃ ପ୍ରକୋଷ୍ଠ ଉଦ୍‌ଘାଟିତ ହୋଇଛି। ବରଗଡ଼ ଜିଲା ସଙ୍ଗଠକ ମାତୃପ୍ରେମୀ ଡ. ଉପେନ୍ଦ୍ର ମହାପାତ୍ର ଯଥାର୍ଥ ଦିବ୍ୟକର୍ମ ଉପରେ ଆଲୋକପାତ କରିଥିଲେ। ଏହାସହିତ ଡ. ମହାପାତ୍ର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠାର ଉଦ୍ଦେଶ୍ୟ ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ପଦ୍ମପୁର ବ୍ଲକ ସଙ୍ଗଠକ ମନୋଜ ଭାଇ ଏବଂ ସଙ୍ଗଠିକା ଆହ୍ଲାଦିନୀ ଅପା ଶ୍ରୀଅରବିନ୍ଦଙ୍କ ଦଶକର୍ମ ଧାରା ଉପରେ ଆଲୋଚନା କରିଥଲେ। ବରଗଡ଼ ଜିଲାର ବିଭିନ୍ନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅପା, ଭାଇମାନେ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି ଅବସରରେ ଦିପ୍ତୀପୁରସ୍ଥିତ ମାତୃ ପ୍ରକୋଷ୍ଠକୁ ଉଦ୍‌ଘାଟନ କରାଯାଇଥିଲା। ଚନ୍ଦ୍ରମଣି ସାହୁଙ୍କ ସଭାପତିତ୍ୱ କରିଥିବାବେଳେ ନିର୍ମଳ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ମତ୍ସ୍ୟ, ପ୍ରାଣୀ ସମ୍ପଦର ବିକାଶକୁ ଗୁରୁତ୍ୱ

**ବରଗଡ଼, ୨୩।୧୨ (ପ୍ରେମାନନ୍ଦ ଖମାରୀ)**



କାର୍ଯ୍ୟକ୍ରମରେ ଜଣେ ସଫଳ ଚାଷୀଙ୍କୁ ପୁରସ୍କୃତ କରାଯାଉଛି।

**ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ**

ବରଗଡ଼ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ସୋମବାର ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ବରଗଡ଼ ଏମ୍‌ପିଙ୍କ ପ୍ରତିନିଧି ସୁରେଶ୍ୱର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଚାଷୀମାନଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ କେନ୍ଦ୍ର, ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଲୋକାଭିମୁଖ୍ୟ ଯୋଜନା ଉପରେ ଆଲୋକପାତ କରିଥିଲେ। କଟକସ୍ଥିତ ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଡା. ଗିରିଧାରୀ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକକ ସ୍ୱାସ୍ଥ୍ୟ ଏବଂ ଜୈବିକ କୃଷି ପାଇଁ ଗୋପାଳନ ତଥା ପ୍ରାଣୀ ସମ୍ପଦ ବିକାଶ ସକାଶେ ରହିଥିବା ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ମତ୍ସ୍ୟ ବିଭାଗର କ୍ଷେତ୍ରୀୟ ଉପନିର୍ଦ୍ଦେଶକ ଜ୍ଞାନରଞ୍ଜନ ସାହୁ ବିଭିନ୍ନ ଯୋଜନା ଉପରେ ସୂଚନା ପ୍ରଦାନ କରିଥିଲେ। ଉଦ୍ୟାନ କୃଷି ଅତିରିକ୍ତ ନିର୍ଦ୍ଦେଶକ ଗୋବିନ୍ଦ ପଣ୍ଡା ବିଭାଗୀୟ ଯୋଜନା ଉପରେ ଆଲୋକପାତ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁଶାନ୍ତ ନାୟକ, ଜିଲା ମତ୍ସ୍ୟ ଅଧିକାରୀ ବିଶ୍ୱରଞ୍ଜନ ରଥ ନିଜ ବିଭାଗର ଲୋକାଭିମୁଖୀ ଯୋଜନା ଉପରେ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ ସମାରୋହରେ କୃଷି, ଉଦ୍ୟାନ କୃଷି, କୃଷି ବିଜ୍ଞାନ କେନ୍ଦ୍ର, ଜଳ ବିଭାଜିକା ପ୍ରକଳ୍ପ, ବ୍ୟାଙ୍କ, ଓମଫେଡ୍, ଅନ୍ୟାନ୍ୟ ସରକାରୀ, ବେସରକାରୀ ସଂସ୍ଥା ଦ୍ୱାରା ୨୫ ଷ୍ଟଲ ଖୋଲାଯାଇ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ପ୍ରାଣୀ ସମ୍ପଦ ବିଭାଗ ତରଫରୁ ବିଭିନ୍ନ ପ୍ରକାର ଗାଈ, ମେଣ୍ଢା, ବତକ, କୁକୁଡ଼ା ଏବଂ ଯନ୍ତ୍ରପାତି ପ୍ରଦର୍ଶିତ ହୋଇଥିଲା। ସେହିପରି ମତ୍ସ୍ୟ ବିଭାଗ ତରଫରୁ ବାୟୋଫ୍ଲୋଗ, ରଙ୍ଗୀନ ମାଛ ଏକ୍ୱାରିୟମ, ଗୋଲାକୃତି ମାଛ ଯାଆଁଳ ଉତ୍ପାଦନ ଯନ୍ତ୍ର, ବିଭିନ୍ନ ମତ୍ସ୍ୟ ଉପକରଣ ପ୍ରଦର୍ଶନ କରାଯାଇଥିଲା। ଗୋପାଳନ କ୍ଷେତ୍ରରେ ସଫଳତା ପାଇଥିବା ଦମୟନ୍ତୀ ସିଂ ଚଣ୍ଡକାର, କୁକୁଡ଼ା ପାଳନ ପାଇଁ ବଜରଙ୍ଗବାଲି ସ୍ୱୟଂ ସହାୟକ ଗୋଷ୍ଠୀ, ମତ୍ସ୍ୟଚାଷ ପାଇଁ ହୃଦାରଞ୍ଜନ ମେହେର, ଲୁଭାକାନ୍ତି ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା, ମତ୍ସ୍ୟ, ପ୍ରାଣୀ ସମ୍ପଦ ବିକାଶ ବିଭାଗର ବିଶେଷଜ୍ଞଙ୍କ ମଧ୍ୟରେ ମତ ବିନିମୟ କାର୍ଯ୍ୟକ୍ରମ ହୋଇଥିଲା। ବରଗଡ଼ର ଢ଼ଲିଆଖୁସା, ତୋରାର ବୋଧନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ, ମତ୍ସ୍ୟ ଅଧିକାରୀ, ବିଭାଗୀୟ କର୍ମଚାରୀ ସହଯୋଗ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ମଙ୍ଗଳବାର ଉକ୍ତ ମେଳା ଉଦ୍‌ଯାପିତ ହେବ।

# ଗନ୍ଧମାର୍ଦ୍ଦନରେ ଖଣି ଖନନକୁ ବିରୋଧ କରିବି: ପ୍ରଦୀପ ପୁରୋହିତ

**ବରପାଲି, ୨୩।୧୨ (ଚିତ୍ତରଞ୍ଜନ ସାହୁ)**

ଗନ୍ଧମାର୍ଦ୍ଦନ ପର୍ବତରେ କୌଣସି କମ୍ପାନୀକୁ ଖଣି ଖାଦାନ ପାଇଁ ଅନୁମତି ଦିଆଗଲେ ମୁଁ ବିରୋଧ କରିବି। ଏହି ପର୍ବତ ଉପରେ ପଚାଶ ହଜାର ଜନଜାତି ପରିବାର ନିର୍ଭର କରୁଥିବାରୁ ଏହାକୁ ଖୋଳିବାକୁ ଦିଆଯିବ ନାହିଁ ବୋଲି ସୋମବାର ବରପାଲି ସାମ୍ବାଦିକ ସଂଘର ୩୮ତମ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମତବ୍ୟକ୍ତ କରିଛନ୍ତି। ସଂଘ ସଭାପତି ଚିତ୍ତରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଜେପୁର ବିଧାୟକ ସନତ କୁମାର ଗଡତିଆ, ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ)ର ସଭାପତି କୈଳାଶ ଚନ୍ଦ୍ର ନାୟକ, ପୂର୍ବତନ ଏମ୍‌ପି ଡ. ପ୍ରଭାସ କୁମାର ସିଂହ, ବରପାଲି ନଗରପାଳ ଦିନେଶ ଗହୀର ସମ୍ମାନିତ ଅତିଥି ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କ୍ୟାନ୍‌ସର ପୀଡ଼ିତଙ୍କ ପାଇଁ କାମ କରୁଥିବା ଫାଇଟର୍ସ ଗ୍ରୁପ୍ ଓ ଟ୍ୱିଟର ବୟ ରମେଶ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ବରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ଓ ପଦ୍ମଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବାଲ କିଶୋର ଖାଡଙ୍ଗା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ସଭ୍ୟ ସୂର୍ଯ୍ୟ ଦାଶ, ଯୋଗେଶ ବଢେଇ, ସୁବୋଧ ସାହୁ, ଅଶୋକ ବରାଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ସବରେ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଗଭୀର ନଳକୂପକୁ ହେଉନି ବିଦ୍ୟୁତ୍ ସଂଯୋଗ



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

**ବରଗଡ଼, ୨୩।୧୨ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ଅଣଜଳସେଚିତ ଅଞ୍ଚଳର ଚାଷଜମିକୁ ପାଣି ଯୋଗାଇବାକୁ ଉଠାଜଳସେଚନ ପ୍ରକଳ୍ପ ଯୋଜନାରେ ଗଭୀର ନଳକୂପ ଖୋଳାଯାଇଛି। ମାତ୍ର ଜିଲାର ଅନେକ ସ୍ଥାନରେ ଖୋଳାଯାଇଥିବା ଗଭୀର ନଳକୂପଗୁଡ଼ିକୁ ଏପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଫଳରେ ଯେଉଁ ଆଶା ନେଇ ଚାଷୀମାନେ ଗଭୀର ନଳକୂପ ଖୋଳିଥିଲେ ତାହା ଏପର୍ଯ୍ୟନ୍ତ ଅଧୁରା ରହିଯାଇଛି। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ସୋମବାର ଜିଲାର ସୋହେଲା ବ୍ଲକ ଅନ୍ତର୍ଗତ ତବଡ଼ା ପଞ୍ଚାୟତ ବନାବିରା ଗ୍ରାମର ଚାଷୀମାନେ ସୋମବାର ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ ସହିତ ଗଭୀର ନଳକୂପଗୁଡ଼ିକୁ ତୁରନ୍ତ ବିଦ୍ୟୁତ ସଂଯୋଗ ପାଇଁ ନିବେଦନ କରିଥିଲେ।

୨୦୨୧-୨୨ ଆର୍ଥିକ ବର୍ଷରେ ବନାବିରା ଗ୍ରାମର ଚାଷୀମାନେ ନିଜ ଜମିରେ ଗଭୀର ନଳକୂପ ଖନନ କରିଥିଲେ। ଗଭୀର ନଳକୂପ କାର୍ଯ୍ୟକ୍ଷମ ହେଲେ ସେମାନେ ଚାଷବାସ କରିବେ ବୋଲି ଆଶା ବାନ୍ଧିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଗଭୀର ନଳକୂପଗୁଡ଼ିକୁ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଫଳରେ ସେମାନେ ଚାଷକାର୍ଯ୍ୟ କରି ପାରୁ ନ ଥିବା ଏବଂ ଜମି ପଡ଼ିଆ ରହୁଥିବା କହିଛନ୍ତି। ଏ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ମିଳୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ଗଭୀର ନଳକୂପ ଗୁଡ଼ିକୁ ବିଦ୍ୟୁତ ସଂଯୋଗ ସହିତ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଭୋଜରାଜ ପ୍ରଧାନ, ସୁଶାନ୍ତ ସାହୁ, ଫକୀର ପ୍ରଧାନ, ସୁରପତି ବିଶି, ଘନଶ୍ୟାମ ମେହେର, ସୁରୁ ପ୍ରଧାନ ପ୍ରମୁଖ ଚାଷୀ ଦାବି କରିଛନ୍ତି।

## ଗାଇସିଲେଟରେ ସୁଶାସନ ସପ୍ତାହ ପାଳନ

**ଗାଇସିଲେଟ, ୨୩।୧୨ (ଦୁର୍ଗା ପ୍ରସାଦ ତ୍ରିବେଦୀ)**

ଗାଇସିଲେଟ ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ସୁଶାସନ ସପ୍ତାହ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଡିଓ ଲକ୍ଷ୍ମଣ ମାଝୀ ଓ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ ଯୋଗଦେଇ ୩୬ଟି ଏସ୍‌ଏଚ୍‌ଜି ସଭ୍ୟମାନଙ୍କୁ ୨କୋଟି ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ସେହିପରି ୧୨୯ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ଏହି ଶିବିରରେ ଡା. ଅମିତ କୁମାର ଦାଶ, ଡା. ସମ୍ମିତ ମିଶ୍ର, ଡା. ବଳରାମ ବେହେରା ଓ ଡା. ସତୀଶ କୁମାର ଯୋଷୀ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଲମ୍ବୋଦର ପାତ୍ର, ଆନନ୍ଦ ହୋତା, ଚଞ୍ଚଳ ମେହେର, ଅନୁପମା ସୋରେନ ଓ ସସ୍ମିତା ବାରିକ ସହଯୋଗ କରିଥିଲେ। ସେହିପରି ଶିବିରରେ ୨୧ ଜଣଙ୍କ ଅଭିଯୋଗ ଶୁଣାଣୀ କରାଯାଇଥିଲା। ଗାଇସିଲେଟ ଗ୍ରାମର ପ୍ରିୟଙ୍କା ବରିହା ଓ ସୌରଭ ବରିହାଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଶିବାନୀ ଭୋଇ, ଜିପିଇଓ ପାଣ୍ଡବ ନନ୍ଦ ଓ ଗ୍ରାମ ପଞ୍ଚାୟତର ଇଓମାନେ ସହଯୋଗ କରିଥିଲେ।

# ଏକାଗ୍ରତା ହିଁ ଛାତ୍ର ଜୀବନର ସାର୍ଥକତା



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିଗଣ।

**ବୁରୋମୁଣ୍ଡା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ**

**ଗାଇସିଲେଟ, ୨୩।୧୨ (ଦୁର୍ଗା ପ୍ରସାଦ ତ୍ରିବେଦୀ)**

ଗାଇସିଲେଟ ବ୍ଲକ ବୁରୋମୁଣ୍ଡାସ୍ଥିତ ସରକାରୀ ରାଜକୁମାର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ ମୁଖ୍ୟ ଅତିଥି, ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ଜୟକେତନ ତ୍ରିପାଠୀ ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ଏବିଇଓ ଧବଳେଶ୍ୱର ବରିହା, ଜୟ କୁମାର ସାହୁ, ନେହେରୁ ଦାଶ, ଶିକ୍ଷକ ପ୍ରମୋଦ କୁମାର ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ଦିବାକର ଯୋଷୀ, ସରୋଜ ଶ୍ରୀଭୂଷଣ ସାହୁ, ବରିହାପାଲି ହାଇସ୍କୁଲ ପ୍ରଧାନ ଶିକ୍ଷକ ଅରକ୍ଷିତ ବାରିକ, କନ୍ଦୁମୁଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ହୋତା ଓ ପରିଚାଳନା କମିଟି ସଭାପତି ଆଶୁତୋଷ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ସହକାରୀ ଶିକ୍ଷକ ପଞ୍ଚାନନ ମାଝିଙ୍କ ରଚିତ ଐତିହାସିକ ନାଟ୍ୟ ପୁସ୍ତକ 'ମହାରାଣା ପ୍ରତାପ' ଉନ୍ମୋଚିତ ହୋଇ ଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ମୁଖ୍ୟବକ୍ତା ତ୍ରିପାଠୀ ଏକାଗ୍ରତା ହିଁ ଛାତ୍ର ଜୀବନର ସାର୍ଥକତା ବୋଲି କହିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। କଠଉମାଲ ଉଚ୍ଚ ବିଦ୍ୟାଳୟରୁ ଅବସର ନେଇଥିବା ପ୍ରଧାନ ଶିକ୍ଷକ ନରହରି ନାୟକଙ୍କୁ ସମ୍ମାନୀତ କରାଯାଇଥିଲା। ଶିକ୍ଷୟତ୍ରୀ ନିହାରିକା ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଯୋଗର ସମାଧାନ ପାଇଁ ନିର୍ଦ୍ଦେଶ




ଜନଅଭିଯୋଗ ଶୁଣାଣି ଶିବିରରେ ମଞ୍ଚାସୀନ ଅଧିକାରୀଗଣ।

**ଝାରବନ୍ଧ, ୨୩।୧୨ (ଦେବେନ୍ଦ୍ର ସାହୁ)**

ଝାରବନ୍ଧ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ଉପଖଣ୍ଡ ପୋଲିସ ଅଧୀକ୍ଷକ ଅମ୍ରିତ ପାଲ କୌର, ବରଗଡ଼ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ କୁମ୍ଭାର, ବିଡ଼ିଓ ପୁରୁଷୋତ୍ତମ ମିର୍ଦ୍ଧା, ତହସିଲଦାର ପ୍ରତାପ ଚନ୍ଦ୍ର ପୂଜାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଭତ୍ତା, ଆବାସ ଗୃହ, କୃଷି ଆଧାରିତ ସମୁଦାୟ ୯୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୭୦ଟି ବ୍ୟକ୍ତିଗତ ଏବଂ ୨୯ଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିକାଶ ଡିଗ୍ରୀ କଲେଜରେ ଜାତୀୟ ଗଣିତ ଦିବସ

**ବରଗଡ଼, ୨୩।୧୨ (ପ୍ରେମାନନ୍ଦ ଖମାରୀ)**




ଜାତୀୟ ଗଣିତ ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜର ଗଣିତ ବିଭାଗ ପକ୍ଷରୁ ସୋମବାର ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ବିଭାଗର ମୁଖ୍ୟ ଅଧ୍ୟାପକ ଆଦିତ୍ୟ ପଧାନ ସ୍ୱାଗତ ଭାଷଣ ଦେଇଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଅଧ୍ୟକ୍ଷ ଡି. ନାଗେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଦୈନନ୍ଦିନ ଜୀବନରେ ଗଣିତର ଭୂମିକା ଉପରେ ଆଲୋକପାତ କରିଥିଲେ। ଖରିଆର ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ହରେନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଷୟର ମୂଲ୍ୟବୋଧ ଓ ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର ସଭାପତିତ୍ୱ କରି ଗଣିତ ହିଁ ଜୀବନ, ଜୀବନ ହିଁ ଗଣିତ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସର ଡିନ୍ ଆର୍.ଏସ୍.ଭି. କ୍ରିଷ୍ଣା ଗଣିତ ଏକ ବିଷୟ ଯାହା ଅନ୍ୟ ସମସ୍ତ ବିଷୟକୁ ଯୋଡିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଶ୍ରୀ ରାମାନୁଜନଙ୍କ ପଟ୍ଟଚିତ୍ରରେ ମାଲ୍ୟାର୍ପଣ କରି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ବର୍ଷର ଛାତ୍ର ଅନମୋଲଙ୍କ ଦ୍ୱାରା ରାମାନୁଜଙ୍କ ଉପରେ ସନ୍ଦର୍ଭ ଉପସ୍ଥାପନା କରାଯାଇଥିଲା। ଏହି ଅବସରରେ କୁଇଜ୍ ପ୍ରତିଯୋଗିତା ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଭାଗୀୟ ଅଧ୍ୟାପିକା ଶ୍ୱେତା ଗୌଡ ଓ ଶୁଭଶ୍ରୀ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦାନ କରିଥିଲେ। ଛାତ୍ରୀ ଅନ୍ୱେଷା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶ୍ରୀନିଧି ଧନ୍ୟବାଦ ଅର୍ପଣ କରିଥିଲେ।

# ମନଭଙ୍ଗ ଗ୍ରାମରେ ପୋଲିସର ଜନସମ୍ପର୍କ ଶିବିର

**ପାଇକମାଳ, ୨୩।୧୨ (ବଢ଼ ଶତପଥୀ)**

ପାଇକମାଳ ଥାନା ଅନ୍ତର୍ଗତ ମନଭଙ୍ଗ ଡ୍ୟାମ୍‌ରେ ସୋମବାର ପାଇକମାଳ ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମନଭଙ୍ଗ, କୁଡ଼ାରିଫସା, ପିପଲଖୁଟା, ଲଉଡମାଲ ଓ ମିଠାପାଲି ଗ୍ରାମର ଆବାଳବୃଦ୍ଧବନିତା ଉପସ୍ଥିତ ରହିଥିଲେ। ଏଥିରେ ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ କୌର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୋଲିସ ଓ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଉପରେ ଗୁରୁତ୍ୱ ଦେଇଥିଲେ। ପରେ ସମସ୍ତଙ୍କୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ବରଗଡ଼ ଟାଉନ ଥାନାଧିକାରୀ ସତ୍ୟଜିତ କାଣ୍ଡେଲକର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିପଥଗାମୀ ଯୁବସମାଜ ହିଂସାର ପଥ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଏକ ସୁସ୍ଥ ସମାଜର ଗଠନରେ ବ୍ରତୀ ହୁଅନ୍ତୁ ବୋଲି କହିଥିଲେ। ପାଇକମାଳ ଥାନାଧିକାରୀ ସୁଶାନ୍ତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏସ୍‌ଆଇ ପଞ୍ଚାନନ ଖୁଆସ, ଏସ୍‌ଆଇ ବିନା ତିର୍କି, ଏଏସ୍‌ଆଇ ବିଜୟ କନ୍ଧେର, ଏଏସ୍‌ଆଇ ବୃନ୍ଦାବତୀ ଭୋଇ, ହାବିଲଦାର ସୁଶାନ୍ତ ସାହୁ, କନଷ୍ଟେବଳ ଗୟା ପ୍ରସାଦ ଶବର, ଅନାଦି ସାହୁ ଓ ସଂକଳ୍ପ ସାହୁ ପ୍ରମୁଖ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଉଛି।

# ୩୩ ଦିନ ଚାଲିବ ରେଡ୍ ଡ୍ରପ୍ ମାରାଥନ

**ବରଗଡ଼, ୨୩।୧୨ (ପ୍ରେମାନନ୍ଦ ଖମାରୀ)**




ଖବରଦାତା ସମ୍ମିଳନୀରେ ନିଷ୍ଠା ପରିବାରର କର୍ମକର୍ତ୍ତାବୃନ୍ଦ।

ବରଗଡ଼ର ସ୍ୱେଚ୍ଛାସେବୀ ସଙ୍ଗଠନ ନିଷ୍ଠା ପରିବାର ପକ୍ଷରୁ ୨୦୨୫ ଜାନୁୟାରୀ ୧ତାରିଖରୁ ଫେବୃୟାରୀ ୨ତାରିଖ ପର୍ଯ୍ୟନ୍ତ ୩୩ ଦିନ ଧରି ରେଡ୍ ଡ୍ରପ୍ ମାରାଥନ୍ କରାଯିବ। ଜିଲାର ବିଭିନ୍ନ ସ୍ଥାନରେ ଶିବିର କରାଯାଇ ରକ୍ତ ସଂଗ୍ରହ କରାଯିବ ବୋଲି ସୋମବାର ବରଗଡ଼ ସାମ୍ବାଦିକ ସଂଘ ସଭାକକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଙ୍ଗଠନର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଉକ୍ତ ସଙ୍ଗଠନର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ ସୂଚନା ଦେଇ କହିଥିଲେ, ନିଷ୍ଠା ପରିବାର ସବୁବେଳେ ଅସହାୟ, ଦୁଃଖୀ, ନିରାଶ୍ରୟ ରୋଗୀଙ୍କ ସେବା ସହିତ ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର, ଚକ୍ଷୁ ଚିକିତ୍ସା ଶିବିର, ନିଷ୍ଠା ଜୀବନ ରେଖା ଆମ୍ବୁଲାନ୍ସ ସେବା ଯୋଗାଇ ଆସୁଥିବାବେଳେ କରୋନା କାଳରେ ମଧ୍ୟ ଲୋକଙ୍କୁ ଯଥାସମ୍ଭବ ସେବା ଯୋଗାଇଥିଲା। ତେବେ ଆସନ୍ତା ନବବର୍ଷ ପହିଲାରୁ ନିଷ୍ଠା ପରିବାର ଅଭିନବ ରକ୍ତ ସଂଗ୍ରହ ଅଭିଯାନ ରେଡ୍ ଡ୍ରପ୍ ମାରାଥନ୍ କାର୍ଯ୍ୟକ୍ରମ ଆରମ୍ଭ କରିବ ଏବଂ ଆଗାମୀ ୨୫ତାରିଖ ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ସଙ୍ଗଠନ ସଭାପତି ରକ୍ଷପାଳ ସାହୁ କହିଥିଲେ, ୨୦୧୦ ଜୁନ ୧୪ତାରିଖରୁ ନିଷ୍ଠା ପରିବାର ଲୋକଙ୍କୁ ସେବା ଯୋଗାଇ ଆସୁଛି। ବିଭିନ୍ନ ପର୍ବପର୍ବାଣୀ, ଜନ୍ମଦିନ, ଶ୍ରାଦ୍ଧବାର୍ଷିକୀ ଆଦି କାର୍ଯ୍ୟକ୍ରମରେ ରକ୍ତଦାନ ଶିବିର କରାଯାଉଛି। ଏଭଳି କାର୍ଯ୍ୟକ୍ରମରେ ଦିନକୁ ଦିନ ରକ୍ତଦାନ ପାଇଁ ଲୋକଙ୍କ ଆଗ୍ରହ ବଢ଼ି ଚାଲିଛି। ତେବେ ରେଡ୍ ଡ୍ରପ୍ ମାରାଥନ୍ କାର୍ଯ୍ୟକ୍ରମ ଲୋକଙ୍କ ସେଭଳି ଆଗ୍ରହକୁ ଆହୁରି ଦ୍ୱିଗୁଣିତ କରିବ। ୩୩ଦିନର ରେଡ୍ ଡ୍ରପ୍ ମାରାଥନ କାର୍ଯ୍ୟକ୍ରମରେ ୮ଦିନ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଏବଂ ଅନ୍ୟଦିନ ଗୁଡ଼ିକରେ ଜିଲାର ବିଭିନ୍ନ ଗ୍ରାମରେ ରକ୍ତଦାନ ଶିବିର ହେବ। ବରଗଡ଼, ବୁର୍ଲା, ପଦ୍ମପୁର ଏବଂ ସମ୍ବଲପୁର ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିବେ ବୋଲି ସଭାପତି ସାହୁ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ସଙ୍ଗଠନର ଅନ୍ୟତମ ଉପଦେଷ୍ଟା ସଚି ପଣ୍ଡା, ସମ୍ପାଦକ ଲୋକନାଥ ସାହୁ, କ୍ଷୀରୋଦ୍ର ସାହୁ, ମଦନ ମୋହନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଅହୋରାତ୍ର ଅନଶନରେ ବସିଲେ ୧୧ ୱାର୍ଡ ସଭ୍ୟ

**କେନ୍ଦ୍ରିକଳା ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ**

ବଣାଇଁ,୨୩।୧୨(ପ୍ରଦୀପ ତ୍ରିପାଠୀ)


ଅନଶନରେ ବସିଥିବା ୱାର୍ଡ ସଭ୍ୟାସଭ୍ୟ।

ସୁନ୍ଦରଗଡ଼ ଜିଲା ବଣାଇଁ ବ୍ଲକ କେନ୍ଦ୍ରିକଳା ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସଙ୍ଗରେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଏହାର ପ୍ରତିବାଦ କରିଛନ୍ତି ପଞ୍ଚାୟତର ନାଏବ ସରପଞ୍ଚ ଲବଙ୍ଗ ପାତ୍ରଙ୍କ ସମେତ ୧୧ୱାର୍ଡ ସଭ୍ୟ। ଏହାକୁ ନେଇ ସେମାନେ ଶନିବାର ବଣାଇଁ ଉପ ଜିଲାପାଳ କାର୍ଯ୍ୟାଳୟ ପରିସରରେ ଅନଶନରେ ବସିଥିଲେ। ଏହି ଘଟଣା କ୍ରମେ ବଣାଇଁ ଉପଜିଲାପାଳ ଅକ୍ଷୟ କୁମାର ପିଲ୍ଲେ ସମସ୍ତଙ୍କୁ ଡାକି ଆଲୋଚନା କରିବା ସହ ଡିସେମ୍ବର ୨୨ ପର୍ଯ୍ୟନ୍ତ ସମୟ ମାଗିଥିଲେ। ରବିବାର ସୁଦ୍ଧା ନିଷ୍ପତ୍ତି ନିଆ ନ ଗଲେ ସୋମବାରଠାରୁ ଦାବି ପୂରଣ ପର୍ଯ୍ୟନ୍ତ ଅହୋରାତ୍ର ଅନଶନରେ ବସିବେ ବୋଲି ଚେତାବନୀ ଦେଇଥିଲେ। ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସୋମବାରଠାରୁ ନାଏବ ସରପଞ୍ଚଙ୍କ ସହ ୧୧ ଜଣ ୱାର୍ଡ ସଭ୍ୟାସଭ୍ୟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ତମ୍ବୁ ଲଗାଇ ଅହୋରାତ୍ର ଅନଶନରେ ବସିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ୧୪ ସଭ୍ୟ ଥିବା ଏହି ପଞ୍ଚାୟତର ୧୧ଜଣ ଗତ ଅକ୍ଟୋବର ୭ ଏବଂ ପୁନର୍ବାର ଗତ ଅକ୍ଟୋବର ୨୮ରେ ବଣାଇଁ ଉପଜିଲାପାଳଙ୍କ ନିକଟରେ ସରପଞ୍ଚ ଉଗ୍ରସେନ କିସାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବ ବିଷୟରେ ପ୍ରାଥମିକ ତଦନ୍ତ ପରେ ପ୍ରଶାସନ ପକ୍ଷରୁ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ତାରିଖ ଧାର୍ଯ୍ୟ କରିବା କଥା। କିନ୍ତୁ ଦୀର୍ଘ ଦିନ ବିତି ଯାଇଥିଲେ ମଧ ଏହି ସାମ୍ବିଧାନିକ ସମସ୍ୟାର ସମାଧାନ ପାଇଁ ଦିନ ଧାର୍ଯ୍ୟ ହୋଇ ପାରିଲାନାହିଁ। ଏଣୁ ସେମାନେ ଅନଶନରେ ବସିଛନ୍ତି।

## ଗଜସାଥୀଙ୍କୁ ଆକ୍ରମଣ ଘଟଣା: ୫ଜଣଙ୍କ ନାଁରେ ଏତଲା

ବଣାଇଁ, ୨୩।୧୨(ପ୍ରଦୀପ ତ୍ରିପାଠୀ)

ବଣାଇଁ ବନାଞ୍ଚଳ ଅନ୍ତର୍ଗତ ଜର୍କେକଳା ଗ୍ରାମର ଯୁବକ ଧରଣୀ ପାତ୍ରଙ୍କୁ ରବିବାର ହାତୀ ପାଦରେ ଦଳି ମାରିବା ଘଟଣାକୁ ନେଇ ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ବନବିଭାଗ ପକ୍ଷରୁ ନିୟୋଜିତ ହାତୀ ଘଉଡାଇବା ପାରା କର୍ମଚାରୀ (ଗଜ ସାଥୀ)ମାନଙ୍କୁ ଦାୟୀ କରିଥିଲେ। ମୃତଦେହ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଥିବା ସମୟରେ ଜଣେ ଗଜ ସାଥୀ ତପନ ନାୟକ ଆକ୍ରୋଶର ଶିକାର ହୋଇ ମାଡ ଖାଇଥିଲେ। ଏନେଇ ବଣାଇଁ ଥାନାରେ ତପନ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ.୨୬୦/୨୦୨୪ ରୁଜୁ କରିଛି। ୫ ଜଣଙ୍କ ନାମରେ ଏତଲା ଦାୟର ହୋଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ତଦନ୍ତ ଜାରି ରହିଛି ବୋଲି ବଣାଇଁ ଥାନାର ଭାରପ୍ରାପ୍ତ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି।

# ବଡ଼ଗାଁ ଡିଗ୍ରୀ କଲେଜର ବାର୍ଷିକୋତ୍ସବ


ମୁଖ୍ୟ ଅତିଥିଙ୍କ ସହ ଅଧକ୍ଷା, ଅଧ୍ୟାପକ ଓ ଛାତ୍ରୀଛାତ୍ର।

ବଡ଼ଗାଁ,୨୩।୧୨ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ସୋମବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଓ ମୁଖ୍ୟବକ୍ତାଭାବେ ବଡ଼ଗାଁ କ ଜୋନ୍‌ର ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନକରି ଅତିଥିମାନଙ୍କୁ ମଞ୍ଚକୁ ପାଛୋଟି ନେଇଥିଲେ। କଲେଜ ଅଧକ୍ଷା ବନଜାରାଣୀ ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଅମିୟ କୁମାର ପ୍ରଧାନ ବଡ଼ଗାଁ ସ୍ନାତକ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ଅନବରତ ପ୍ରଚେଷ୍ଟା ଦରକାର ବୋଲି କହିଥିଲେ। ମୁଖ୍ୟ ଅତିଥି ଉପ ବାଚସ୍ପତି ଭୋଇ ଛାତ୍ରୀଛାତ୍ରମାନେ ସଂଘର୍ଷକୁ ସ୍ୱାଗତକରି ସୁନ୍ଦର ଭବିଷ୍ୟତ ନିର୍ମାଣରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଶେଷରେ ସାଂସ୍କୃତିକ ବିଭାଗ ଅଧିକାରୀ ଅଧ୍ୟାପକ ହେମନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ମନୋରଞ୍ଜନ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ବାର୍ତ୍ତା ଦେଇଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଇଟିଆଇ ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକ ଅତିଥିଭାବେ ଯୋଗଦେଇଥିଲେ। ଉକ୍ତ ଶିକ୍ଷାନୁଷ୍ଠାନରେ ସେ ତାଙ୍କ ଛାତ୍ର ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ଭବିଷ୍ୟତ ନିର୍ମାଣରେ ଉଚ୍ଚ ଅଭିଳାଷ ପୋଷଣ ନିତାନ୍ତ ଆବଶ୍ୟକ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ଅଧ୍ୟାପକ ହେମନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ଗଣିତ ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସୁନ୍ଦରଗଡ,୨୩।୧୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟରେ ସୋମବାର ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଏହି ଦିବସ ଅବସରରେ ମହାବିଦ୍ୟାଳୟର ଗଣିତ ବିଭାଗ ତରଫରୁ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଅଧକ୍ଷା ଡ.ଇନ୍ଦିରା ଗଡ଼ନାୟକ ସଭାପତିତ୍ୱ କରି ନିଜ ବକ୍ତବ୍ୟ ମାଧ୍ୟମରେ ଛାତ୍ରୀମାନଙ୍କୁ ଗଣିତକୁ କିପରି ସବୁ କ୍ଷେତ୍ରରେ ଉପଯୋଗ କରିହେବ ସେ ବିଷୟରେ କହିଥିଲେ। ବିଭାଗ ମୁଖ୍ୟ ଡ. ବିଜନ କୁମାର ପଟେଲ ଗଣିତ ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏକ ସେମିନାର ଅନୁଷ୍ଠିତ ହୋଇଥିଲା। କୀଟ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଉତ୍କଳ କେଶରୀ ଦତ୍ତ ବାଲାଂସିଙ୍ଗ ନମ୍ବର ଆଣ୍ଡ ଲୁକସ ନମ୍ବର ଉପରେ ପ୍ରେଜେଣ୍ଟେସନ ଦେଇଥିଲେ। ଏଥିରେ ବହୁ ସଂଖ୍ୟାରେ ପିଲା ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଅନେକ ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ରହିଥିଲେ। ଗଣିତ ବିଭାଗର ଇପ୍ସିତା ମହାନ୍ତି ରାମାନୁଜନଙ୍କ ମ୍ୟାଜିକ ନମ୍ବର ଓ ମ୍ୟାଜିକ ସ୍କୋୟାରେ ଉପରେ ବକ୍ତବ୍ୟ ଦେଇଥିଲେ। ଶେଷରେ ବିଭାଗର ଅଧ୍ୟାପକ ଡ. ସଞ୍ଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଛାତ୍ରୀମାନେ ଉପସ୍ଥିତ ଥିଲେ।

# ୧୨ ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ

ବଡ଼ଗାଁ,୨୩।୧୨(ଅଶୋକ ଷଡ଼ଙ୍ଗୀ)


ଜିଲାପାଳ ଓ ଜିଲା ଅଧିକାରୀଙ୍କ ଉପସ୍ଥିତିରେ ଜଣେ ବୃଦ୍ଧଙ୍କୁ ହ୍ୱିଲ ଚେୟାର ଦିଆଯାଉଛି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ୯୭ଟି ଅଭିଯୋଗର ଶୁଣାଣିକରି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସହାୟତା ସମ୍ପର୍କିତ ୧୨ଟି ଅଭିଯୋଗର ତତ୍‌କ୍ଷଣାତ ସମାଧାନ କରିଥିଲେ। ବଡ଼ଗାଁରେ ଏକ ପାର୍କ ନିର୍ମାଣ ପାଇଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି। ଶଙ୍କରାପୋଷ ସରକାରୀ ଉଚ୍ଚବିଦ୍ୟାଳୟରେ ନୂତନ କୋଠା ନିର୍ମାଣ ପାଇଁ ଗ୍ରାମବାସୀ ଜଣାଇଥିଲେ। ମୁକୁନ୍ଦପୁର ଗ୍ରାମରେ ନିର୍ମାଣ ହେବାକୁ ଥିବା ଏଏନ୍‌ଏମ୍ ଗୃହର ସ୍ଥାନ ପରିବର୍ତ୍ତନକୁ ବିରୋଧକରି କୋଶଳ ସମାଜ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଟୁରିପୋଷ ଗ୍ରାମରେ କ୍ରପ୍ କଟିଂରେ ଅନିୟମିତତା ଅଭିଯୋଗ ହୋଇଛି। ବିଭିନ୍ନ ଗ୍ରାମରେ ରାସ୍ତା ଜବରଦଖଲକାରୀଙ୍କ କବ୍‌ଜାରେ ରହିଥିବା ଅଭିଯୋଗ ହୋଇଛି। ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାରେ ଅବହେଳା, ମେଗା ଜଳସେଚନ ପ୍ରକଳ୍ପ ଉପଯୁକ୍ତ କାର୍ଯ୍ୟକ୍ଷମ କରାଇବା ଆଦି ୯୭ଟି ଦାବି ଅଭିଯୋଗ ହୋଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଏସ୍‌ପି ପ୍ରତ୍ୟୁଷ ଦିବାକର, ଜିଲା ବନାଧିକାରୀ ପ୍ରଦୀପ କୁମାର ମିରାସେ,ଏଡିଏମ୍ ରବି ନାରାୟଣ ସାହୁ, ଜିଲା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ବଡ଼ଗାଁ ବ୍ଲକ୍ ଅଧକ୍ଷା ଦୁଲାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏହି କାର୍ଯ୍ୟକ୍ରମକୁ ବଡ଼ଗାଁ ବିଡିଓ ସୁମତି ପଣ୍ଡା, ତହସିଲଦାର ଝରଣା ପ୍ରଧାନ,ଏବିଡିଓ ଉଷାବତୀ ଗରଡ଼ିଆ ଓ କର୍ମଚାରୀମାନେ ପରିଚାଳନା କରିଥିଲେ। ଜିଲା ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ ଓ ସରପଞ୍ଚ ସମିତି ସଭ୍ୟମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମ ସହ ବଡ଼ଗାଁ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ସୁଶାସନ ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ମୁଣ୍ଡାଗାଁର ଉପାସୀ କିଷାନ ଓ ସାହାଜବାହାଲ ଗ୍ରାମର ତାରସିଲା ସୋରେଙ୍ଗଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିଛନ୍ତି।

# ଛାତ୍ରୀଛାତ୍ରଙ୍କୁ ନିଶାଠାରୁ ଦୂରେଇ ରହିବାକୁ ପରାମର୍ଶ

ବନ୍ଧମୁଣ୍ଡା,୨୩।୧୨(ସୁବ୍ରତ ଦେ)

ବିଶ୍ରା ବ୍ଲକ୍ ଜରାଇକେଲା ପଞ୍ଚାୟତ ସ୍ଥିତ ପ୍ରତିଭା ସୁଦର୍ଶନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ୍ ତିର୍କୀ ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଅବସରରେ ତାଙ୍କ ସହ ଜରାଇକେଲା ସମିତି ସଦସ୍ୟ ସୋମନାଥ ରାହା, ଭାଗୀରଥି ଓରାମ, ଶିକ୍ଷକ ହାଲଧର ମାହାତୋ ଏବଂ ରୋହିତେଶ ମାହାତୋ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷିକା ଏମ୍ କଳ୍ପନା ରାଓ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରତିଭାଶାଳୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ବୋଧିତକରି ମୁଖ୍ୟ ଅତିଥି ବିଧାୟକ ତିର୍କୀ ଛାତ୍ରୀଛାତ୍ରମାନଙ୍କୁ ନିଶାଠାରୁ ଦୂରେଇରହିବାକୁ ଏବଂ ମନ ଦେଇ ପାଠ ପଢ଼ିବା ପାଇଁ କହିଥିଲେ। ସୋମନାଥ ରାହା ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ପ୍ରତି ଆଗ୍ରହ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମର ଆୟୋଜନରେ ସ୍କୁଲର ପ୍ରତିମା ବାରା, ଲକ୍ଷ୍ମୀକାନ୍ତ ପୃଷ୍ଟି, ସମ୍ୟଜିତ ପାତ୍ର, ରବୀନ୍ଦ୍ର ବିଶ୍ୱାଳ, ପ୍ରଭାତ ନାୟକ, ସୀମା ଡଙ୍ଗ୍‌ଡୁଙ୍ଗ୍, ଦିଲୀପ ବାରିକ, ଖଗେଶ୍ୱରୀ ମାହାତୋ, ସୁପ୍ରିୟା ମିଞ୍ଜ, ସୁପ୍ରଭାତ ମିଞ୍ଜ,ସୁମିତା ନନ୍ଦୀ, ହରମ୍ବା ସାବର, ଭାଗୀରଥି ମାହାତୋ ଏବଂ ଡେଭିଡ୍ ଅନୁରାଗ ସିଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।


ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ରାଜଗାଙ୍ଗପୁର ମହୋତ୍ସବ ଝରଝରା ଉଦ୍‌ଯାପିତ

ରାଜଗାଙ୍ଗପୁର,୨୩।୧୨(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ୨୦ ତାରିଖରୁ ଆରମ୍ଭ ହୋଇଥିବା ମହୋତ୍ସବ ଝରଝରା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ଯୋଗଦେଇ ନିଜର ବକ୍ତବ୍ୟରେ ମହୋତ୍ସବ ତଥା ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ନିମିସ ଗଡୋଡିଆ, ଆରଏଚଆଇ ମାଗ୍ନେସିଟା ମୁଖ୍ୟ ବିରେନ୍ଦ୍ର ଯାଦବ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମହୋତ୍ସବର ପତ୍ରିକା ଝରଝରା ଉନ୍ମୋଚନ କରାଯାଇଥିଲା। ବିଭନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମୁମ୍ବାଇରୁ ହାସ୍ୟ କଳାକାର ଏହସାନ କୁରେସି ମହୋତ୍ସବରେ ନିଜର ହାସ୍ୟ କଳାରେ ଲୋକମାନଙ୍କ ମନ ମୋହିଥିଲେ।


ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ


ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଲହୁଣୀପଡା,୨୨।୧୨(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୧ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ମ୍ୟୁନିସିପାଲ ମହାବିଦ୍ୟାଳୟ ଅଧକ୍ଷ ଡ.ସନାତନ ପ୍ରଧାନ, ସମ୍ମାନିତ ଅତିଥିଭାବେ ଲହୁଣୀପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ର ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡିଲେଶ୍ୱର ମାହାନ୍ତଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଉପେନ୍ଦ୍ର କୁମାର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନିରୋଦ ଚନ୍ଦ୍ର ଦୀକ୍ଷିତ ବିବରଣୀ ପାଠ କରିଥିବା ବେଳେ ଯଶୋବନ୍ତ ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀମାନେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଦୀର୍ଘ ୧୦ ବର୍ଷ ଧରି ନିଶୁଳ୍କ ଭାବେ ଶିକ୍ଷା ଦାନ କରି ଆସୁଥିବା ଦିଲୀପ କୁମାର ଖଟୁଆଙ୍କୁ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଅତିଥି ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଭା ଶେଷରେ ଯମୁନା ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଗୁରୁମା ଗୁରୁଜୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ନିକିତା ଇଂଲିଶ୍ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଲହୁଣୀପଡା,୨୩।୧୨(ଦାଶରଥି ପଣ୍ଡା)

ଲହୁଣୀପଡା ନିକିତା ଇଂଲିଶ୍ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ନୀଳଶୈଳ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧକ୍ଷ ଡ.ପ୍ରଦୀପ କୁମାର ନନ୍ଦ, ମୁଖ୍ୟ ବକ୍ତା ବନ୍ଧମୁଣ୍ଡା ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ମନୋଜ କୁମାର ସାମଲ ଯୋଗଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ନିଗେଶ କୁମାର ଚୌରାସିଆଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଅଶୋକ ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମଧୁ ମାଧେସିୟା ଓ ଦୀପିକା ଅଧିକାରୀ ମଞ୍ଚ ପରିଚାଳନା କରିଥିଲେ। ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସଭା ଶେଷରେ ପ୍ରିୟବ୍ରତ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରୀତମ କୁମାର ଦାସ, ହୀରଣ୍ୟମୟୀ ଖଡ଼ିରତ୍ନ, ରୁକ୍ମଣୀ ମାହାନ୍ତ, ନବୀନ କୁମାର ମାହାନ୍ତ, ସଙ୍ଗୀତା ଦାସ, ପ୍ରଭାବତୀ ବେଟି, ସଙ୍ଗୀତା ବର୍ମା, ଦୀପ୍ତିଶିଖା ଟପ୍ପୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ

କୁଆଁରମୁଣ୍ଡା,୨୩।୧୨(ମହେନ୍ଦ୍ର କୁମାର ସାହୁ)

ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ପରିପୂର୍ଣ୍ଣ କରିବାର ପ୍ରୟାସକୁ ନେଇ ଶନିବାର କୁଆଁରମୁଣ୍ଡା ତେଲିପୋଷ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବରେ ହୀରାୟ ପାଳିତ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ ଯୋଗଦେଇ ହିରାୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତାଭାବେ ନୂଆଗାଁ ଡିଗ୍ରୀ କଲେଜର ଅଧ୍ୟାପକ ଅଜିତ କୁମାର ବାର୍ଲା,ସମ୍ମାନିତ ଅତିଥି କୁଆଁରମୁଣ୍ଡା ଡିଗ୍ରୀ କଲେଜ ଅଧକ୍ଷ ପ୍ରଦୀପ ଖେସ୍, କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡ. ଶ୍ରୀମନ୍ତ ପଟ୍ଟନାୟକ, ଏବିଇଓ ତପସ୍ୱିନୀ ମହାନନ୍ଦିଆ, ଅବସରପ୍ରାପ୍ତ ବିଇଓ ସମରେନ୍ଦ୍ର ମଲ୍ଲିକ, ସୁରେନ୍ଦ୍ରନାଥ ମିଶ୍ର, ନମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଦର୍ଶ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଜର୍ଜ ବର୍ଣାଡ ଡୁଙ୍ଗଡୁଙ୍ଗ,ହୁବର ସାୟସ ଟେଟେ,ପ୍ରତିମା ଶର୍ମା, ଆଶୁତୋଷ ମିଶ୍ର, ସସ୍ମିତ ସାହୁ, ଯତୀନ ଗୁରାଣ୍ଡି ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଅଧକ୍ଷା ମଧୁସ୍ମିତା ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରାଯାଇଥିଲା।




# ବିରବିରା ଫୁଟ୍‌ବଲ ଦଳ ବିଜୟୀ

ସୁନ୍ଦରଗଡ଼,୨୩।୧୨(ଜୟ ନାରାୟଣ ମେଣ୍ଡୁଲି)



ଅତିଥିଙ୍କ ଗହଣରେ ବିଜୟୀ ଟିମ୍।

**ସୁନ୍ଦରଗଡ଼ କପ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ**

ସ୍ଥାନୀୟ ଭବାନୀ ଭବନ ଷ୍ଟାଡିୟମରେ ଗତ ୨୧ ତାରିଖ ଠାରୁ ଚାଲିଥିବା ୩ଦିନିଆ ସୁନ୍ଦରଗଡ଼ କପ୍ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିରବିରା ଫୁଟବଲ କପ ଚମ୍ପିୟାନ ହୋଇଛି। ଅନ୍ତିମ ଦିନରେ ପ୍ରଥମ ମ୍ୟାଚରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂ ଉପସ୍ଥିତ ରହି ପ୍ରତିଯୋଗିତାର ଶୁଭାରମ୍ଭ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ୪ ଟି ଦଳ ମଧ୍ୟରେ ମ୍ୟାଚ୍ ହେଇଥିଲା ଏବଂ ଏହା ବ୍ୟତୀତ ଗୋଟିଏ ବନ୍ଧୁତାପୂର୍ଣ୍ଣ ପ୍ରଦର୍ଶନୀ ମ୍ୟାଚ୍ ବନମୁଣ୍ଡା ଅଣ୍ଡର ୧୩ ବନାମ ମର୍ଣ୍ଣିଂ ଷ୍ଟାର ଜୁନିଅର ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା। ପରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେଇଥିଲା। ବିରବିରା ଫୁଟବଲ କ୍ଲବ ବନାମ ମର୍ଣ୍ଣିଂ ଷ୍ଟାର ମଧ୍ୟରେ ସଂଘର୍ଷ ପୂର୍ଣ୍ଣ ଖେଳ ହେଇଥିଲା ଏବଂ ଏହି ଖେଳରେ ବିରାବିରା ଫୁଟବଲ କ୍ଲବ ଦଳ ୨-୧ ଗୋଲରେ ବିଜୟ ହୋଇଥିଲା। ଫାଇନାଲ ମ୍ୟାଚର ଉଦ୍‌ଯାପନୀ ଉତ୍ସବରେ ଭାଜପା ନେତା ବଟ କିଶୋର ମିଶ୍ର ଯୋଗଦେଇଥିଲେ। ବିଜେତା ଟିମ୍ ବିରବିରା ଏଫ୍‌ସି ଦଳକୁ ୫୦୦୦୦/- ନଗଦ ରାଶି ସହିତ ଟ୍ରଫି ଏବଂ ଉପବିଜେତା ମର୍ଣ୍ଣିଂ ଷ୍ଟାର ଦଳ କୁ ୩୦୦୦୦ ସହ ଟ୍ରଫି, ତୃତୀୟ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଟିମକୁ ୧୦୦୦୦/- ଲେଖାଏଁ ପୁରସ୍କାର ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ୩ ଦିନିଆ ପ୍ରତିଯୋଗିତାକୁ କ୍ଲବର ସଭାପତି ପ୍ରସନ୍ନ ବରାଳ ସମେତ ଶଶୀଭୂଷଣ ଭୂୟାଁ, ସତୀଶ ସ୍ୱର୍ଣ୍ଣକାର, ରାହୁଲ ପଣ୍ଡା, ରଜତ ଗୁରୁ, ପ୍ରିୟବ୍ରତ ପଟ୍ଟନାୟକ, ବୁଦ୍ଧିମନ୍ତ ପେଣ୍ଡେଇ, ସନ୍ତୋଷ ପ୍ରଧାନ, ମାନସ ସାଥୁଆ, ରବୀନ୍ଦ୍ର ଓରାମ, ରାଜେନ୍ କେରକେଟା, ପ୍ରଶାନ୍ତ ସା, ଦୀପକ ସା, ବାବୁଲୁ ମହାନ୍ତି, ସସ୍ମିତ ରଥ ପ୍ରମୁଖ ସହଯୋଗ କରି ସଫଳ କରିଥିଲେ।

## ସଂକ୍ଷେପରେ

### ଆଜି ଉଭୟ ପଟୁ ଇସ୍ପାତ ଏକ୍ସପ୍ରେସ୍ ଟ୍ରେନ୍ ବାତିଲ

ସମ୍ବଲପୁର,୨୩।୧୨(ପ୍ରମୋଦ ବହିଦାର)

ଝାରଖଣ୍ଡର ଚକ୍ରଧରପୁର ରେଳ ମଣ୍ଡଳରେ ସୁରକ୍ଷା ଜନିତ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ଡିସେମ୍ବର ୨୪ ତାରିଖ ମଙ୍ଗଳବାର ଉଭୟପଟୁଇସ୍ପାତ ଏକ୍ସପ୍ରେସ୍ ଟ୍ରେନ୍‌କୁ ବାତିଲ କରାଯାଇଛି। ସମ୍ବଲପୁର ରେଳ ମଣ୍ଡଳ କର୍ତ୍ତୃପକ୍ଷ ଏହି ସୂଚନା ଦେଇଛନ୍ତି। ଉକ୍ତ ସୂଚନା ଅନୁସାରେ ସମ୍ବଲପୁର ଦେଇ ଯାତାୟାତ କରୁଥିବା ଟ୍ରେନ୍ ନମ୍ବର ୨୨୮୬୧ ହାୱଡ଼ା-କଣ୍ଟାବାଞ୍ଜି ଓ ଟେନ୍ ନମ୍ବର ୧୨୮୭୨ ଟିଟିଲାଗଡ଼-ହାୱଡ଼ା ଇସ୍ପାତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ ମଙ୍ଗଳବାର ବନ୍ଦ ରହିବ।

### ଯାଦବ ସଂଘ ପକ୍ଷରୁ ରକ୍ତଦାନ ଶିବିର

ସମ୍ବଲପୁର,୨୩।୧୨(ବି.ଶଙ୍କର)

ସମ୍ବଲପୁର ଯାଦବ ସଂଘ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ରକ୍ତଭଣ୍ଡାରରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜୟ ନାରାୟଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ରକ୍ତର ଅନ୍ୟ ବିକଳ୍ପ ନ ଥିବାରୁ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ରକ୍ତଦାନ ଶିବିର ଆୟୋଜନ ଆବଶ୍ୟକତା ରହିଛି ବୋଲି ବିଧାୟକ ମିଶ୍ର କହିଥିଲେ । ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭାଜପା ଯୁବନେତା ସୁଧିର ବହିଦାର, ଡାକ୍ତର ସଞ୍ଜୀବ ମିଶ୍ର, ସତୀଶ ବିଶି, ରାମଦାସ ପଣ୍ଡା, ମହେଶ ପଟେଲ , ବିପିନ ଭାଟିଆ, ଶିବୁ ଅଗ୍ରୱାଲ, ଶିଶିର ବହିଦାର ପ୍ରମୁଖ ଶିବିରରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଯାଦବ ସଂଘ ସଭାପତି ଭୋଲାଶଙ୍କର ମହତମ ଓ ସାଧାରଣ ସମ୍ପାଦକ ହେମନ୍ତ ଗହିରଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ମୋଟ ୫୫ ଜଣ ରକ୍ତଦାନ କରିଥିଲେ । ବରିଷ୍ଠ ସଦସ୍ୟ ବଳରାମ ମଟାରି, ଜୟକିଶୋର ଜାଲ, ଗୁଣନିଧି ରାଉତ, ରାମଚନ୍ଦ୍ର ପୋଢ଼, ବିଜୟଲକ୍ଷ୍ମୀ ବେହେରା, ବିଶ୍ୱାମିତ୍ର ନାଗ ପ୍ରମୁଖ ରକ୍ତଦାନ ଶିବିର ସଫଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

### ବିଜ୍ଞାନ ମେଳାରେ ୫୨ ପ୍ରକଳ୍ପ

ନାକଟିଦେଉଳ, ୨୩।୧୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଳମ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ୧୧ତମ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର୍ ଏହାକୁ ଉଦ୍‌ଘାଟନ କରିଥିଲେ। ମେଳାରେ ୫୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ଭାଜପା ନେତା ପ୍ରମୋଦ ରଥ, ଅନୁଷ୍ଠାନର ସଭାପତି ରମେଶ ପଧାନ, ସମ୍ପାଦକ ସୁଶାନ୍ତ ଭୂତିଆ, ମୁଖ୍ୟ ଉପଦେଷ୍ଟା ଗୌତମମୋହନ ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ରାଜେଶ ସିଂ, ଗୁରୁମା, ଗୁରୁଜୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବିଜ୍ଞାନ ମେଳା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ବଳମ ସିଆରସିସି କେଦାର ସନ ସାହୁ ଓ ବିଜ୍ଞାନ ଶିକ୍ଷକ ନରେଶ ସାହୁ ରହିଥିଲେ। ଉଦ୍‌ଯାପନୀ ଉତ୍ସବରେ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ହିମାଂଶୁ ଗୁରୁଜୀ ସଭା ପରିଚାଳନା ଓ ଜଳନ୍ଧର ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।

### ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୨ର ବାର୍ଷିକ ଉତ୍ସବ

ସମ୍ବଲପୁର, ୨୩।୧୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ ୨ର ନବମ ବାର୍ଷିକ ଉତ୍ସବ ସୋମବାର ବୀର ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ ବିଶ୍ୱେଶ୍ୱରାୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷା ସୁସ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ପାଠ ସହିତ କୌଶଳ ବିକାଶ ଏବଂ ଅନ୍ୟାନ୍ୟ କ୍ରିୟା କଳାପଗୁଡିକର ବିକାଶ ଉପରେ ଧ୍ୟାନ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ କୁଳ ସଚିବ ଡ଼ ନୃପରାଜ ସାହୁ ଯୋଗଦେଇ ମାନବିକ ମୂଲ୍ୟବୋଧକୁ ପ୍ରାଥମିକତା ଦେଇ ଛାତ୍ରୀଛାତ୍ର ମାନଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିବା ପାଇଁ ଶିକ୍ଷକ ଓ ମାତାପିତା ପ୍ରୟାସରତ ରହିବା ପାଇଁ କହିଥିଲେ। ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନଂ ୧ ଅଧ୍ୟକ୍ଷ ରଣରଞ୍ଜୟ ସିଂ ବିଜେତା ପ୍ରତିଭାଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ଦେଶର ସାଂସ୍କୃତିକ ବିବିଧତା ପରିବେଷଣ କରାଯାଇଥିଲା ।

# କୃଷିକ୍ଷେତ୍ରରେ ଜ୍ଞାନକୌଶଳ ଉପଯୋଗ ଜରୁରୀ

ସମ୍ବଲପୁର, ୨୩।୧୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଦାନିପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡୀ ସେବା ସଦନଠାରେ ସୋମବାର ଅଭିନବ କୃଷି ଗବେଷଣା ସଂସ୍ଥା ଜାତୀୟ କୃଷକ ଦିବସ ପାଳିତ ହୋଇଯାଇଛି। ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କ ଜନ୍ମଦିନ ଡିସେମ୍ବର ୨୩ରେ ଜାତୀୟ କୃଷକ ଦିବସ ଅବସରରେ ଅନୁଷ୍ଠାନର ଚତୁର୍ଥ ପ୍ରତିଷ୍ଠା ଦିବସ ମଧ୍ୟ ପାଳିତ ହୋଇଯାଇଛି । ଏହି ଅବସରରେ ଚୌଧୁରୀ ଚରଣ ସିଂହଙ୍କ ସ୍ମୃତି ଚାରଣ କରାଯିବା ସହ ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରାଯାଇ କିଭଳି କୃଷି ଏବଂ କଷକଙ୍କ ଜୀବନ ଧାରଣର ମାନ ବୃଦ୍ଧି କରାଯାଇ ପାରିବ ତାହା ଉପରେ ଆଲେଚନା କରାଯାଇଥିଲା। ଅଭିନବ କୃଷି ସଂସ୍ଥା ନିର୍ଦ୍ଦେଶକ ଅଭିଲାଷ ପ୍ରଧାନଙ୍କ



ଜାତୀୟ କୃଷକ ଦିବସରେ ସାମିଲ ହୋଇଥିବା କୃଷକ ଏବଂ ଅତିଥି ବୃନ୍ଦ।

ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ କୃଷି ଗବେଷକ ଦିବ୍ୟରାଜ ବେରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୁଯୁମୁରା ବ୍ଲକ ସନାତନପାଲିର ସଫଳ ଚାଷୀ ଲିଙ୍ଗରାଜ ସାହୁ ଏବଂ ମାନେଶ୍ୱର ବ୍ଲକ ମୁରା ହଳଦୀ କ୍ୟାମ୍ପର ସରସ୍ୱତୀ ବାରିକଙ୍କୁ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି କୃଷି କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ଉପଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ କୃଷକମାନଙ୍କ ସଫଳତା ଗାଥା ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୁଯୁମୁରା, ମାନେଶ୍ୱର ଏବଂ ଧନକଉଡା ବ୍ଲକର ବହୁ ଚାଷୀ ଉପସ୍ଥିତ ଥିଲେ। ଅଭନବ କୃଷି ସଂସ୍ଥା ପକ୍ଷରୁ ଅଭିଷେକ ସ୍ୱାଇଁ ଏବଂ ଜଟାଭୂଷଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ନାତକ ମହାବିଦ୍ୟାଳୟରେ ଆଲୋଚନାଚକ୍ର

ନାକଟିଦେଉଳ,୨୩।୧୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଲୋକ ମହୋତ୍ସବ କମିଟି ଆନୁକୂଲ୍ୟରେ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ସୋମବାର ରେଢାଖୋଲ ଉପଖଣ୍ଡରେ ଲୋକନାଟକ, ଲୋକନୃତ୍ୟର ସ୍ଥିତି ଓ ବିକାଶ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସେମିନାର ଉପକମିଟି ଆବାହକ ଆଡିଶ କୁମାର ଶତପଥୀଙ୍କ ପରିଚାଳନା ଓ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ରେଢାଖୋଲ ଉପ ଜିଲାପାଳ ରଶ୍ମି ରଞ୍ଜନ ମହନ୍ତ ଯୋଗଦେଇ ଲୋକ ମହୋତ୍ସବରେ ସମ୍ବଲପୁରୀ ଭାଷାର ମହତ୍ତ୍ୱ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଗବେଷକ, ନାଟ୍ୟକାର, ଅଭିନେତା ତଥା ନିର୍ଦ୍ଦେଶକ ଡକ୍ଟର ଦ୍ୱାରିକାନାଥ ନାୟକ ମୁଖ୍ୟ ଆଲୋଚକଭାବେ ଯୋଗଦେଇ ଲୋକ ନାଟକ ଲୋକନୃତ୍ୟର ସ୍ୱରୂପ ଓ ଲୋକ ମହୋତ୍ସବରେ ଲୋକବାଦ୍ୟର ମୌଳିକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ବଲପୁର ଲୋକ ମହୋତ୍ସବ ସହ ସଂଯୋଜକ ଏବଂ ନୃତ୍ୟ ବିଶାରଦ ରଞ୍ଜନ କୁମାର ସାହୁ ଲୋକକଳା ଓ ସଂସ୍କୃତି ବିଲୁପ୍ତ ହେବାର କାରଣ ବିଷୟରେ ଆଲୋଚନା କରିଥିଲେ। ନାକଟିଦେଉଳ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀପେନ କୁମାର ପଟ୍ଟନାୟକ ଓ ଓଡିଆ ବିଭାଗ ମୁଖ୍ୟ ଅଧ୍ୟାପିକା ଡ ପୁଷ୍ପାଞ୍ଜଳି ରବଣା ରେଢାଖୋଲ ତଥା ନାକଟିଦେଉଳ ଅଞ୍ଚଳର ଦଣ୍ଡନୃତ୍ୟ, ଖଞ୍ଜଣୀ, ଧୂନକେଲ, ଘୁଡୁକା ଓ ଆଦିବାସୀ ନାଚ ବିଷୟରେ କହିଥିଲେ । କଲେଜ ଛାତ୍ରୀ ରଚନା ମାଝୀ ଓ ସରୋଜିନୀ ପ୍ରଧାନ ପାଲା ଓ ଦାସକାଠିଆ ବିଷୟରେ ନିବନ୍ଧ ଉପସ୍ଥାପନା କରିଥିଲେ। ରାଜେଶ ନାୟକ ଗୌଡବାଡି ନାଚ ବିଷୟରେ କହିଥିଲେ । କନ୍ଦର୍ପ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ରଣଜିତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# କଳାକୁ ସଂସ୍କୃତି ଜୀବନ୍ତ ରୂପ ଦେଇଥାଏ


ମନ୍ତ୍ରୀ ରବିନାରାୟଣ ନାଏକ କଳାକାରଙ୍କୁ ମେରୁ ସମ୍ମାନ ପ୍ରଦାନ କରୁଛନ୍ତି।

କୁଚିଣ୍ଡା,୨୩।୧୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜଲା କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ଅଭୟ ଆର୍ଟ ଏକାଡେମୀ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ମେରୁ ମହୋତ୍ସବ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। କଣ୍ଠଶିଳ୍ପୀ ରିଙ୍କୁ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, କଳାକୁ ସଂସ୍କୃତି ଜୀବନ୍ତ ରୂପରେଖ ଦେଇଥାଏ। ତେଣୁ ଆଗାମୀ ଦିନରେ ମେରୁ ମହୋତ୍ସବକୁ ବଡ ଆକାରରେ ଆୟୋଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଭୟ ଆର୍ଟ ଏକାଡେମୀ ନିର୍ଦ୍ଦେଶିକା ପଙ୍କଜିନୀ ସାହୁ କଳା ଓ ସଂସ୍କୃତିର ଉନ୍ନତି ହେଲେ କୁଚିଣ୍ଡାର କଳାକାର ଆଗକୁ ଯାଇ ବିଶ୍ୱସ୍ତରରେ ନିଜକୁ ପରିଚିତ କରାଇବାକୁ ସକ୍ଷମ ହେବେ ବୋଲି କହିଥିଲେ। ଏହିଅବସରରେ ମୁଖ୍ୟଅତିଥି ମନ୍ତ୍ରୀ ନାଏକ ସଞ୍ଚାର ଗୁରୁ ଦୁଃଖନାସନ ବେହେରା ଓ ନୃତ୍ୟଗୁରୁ ନିରଞ୍ଜନ ରାଉତଙ୍କୁ ମେରୁ ସମ୍ମାନ, ନୃତ୍ୟ ପାଇଁ ସାନୁମାଲ କର ଓ ସମାଜ ସେବା ପାଇଁ ରଜତ ପାଣିଗ୍ରାହୀଙ୍କୁ ଅଭୟ ଯୁବପ୍ରତିଭା ସମ୍ମାନ ଏବଂ ରଙ୍ଗବତୀ ଗୀତର କଣ୍ଠଶିଳ୍ପୀ ଜିତେନ୍ଦ୍ରିୟ ହରିପାଲଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ।

## ସଞ୍ଜୟ ବାନାର୍ଜୀ ମିଷ୍ଟର ସମ୍ବଲପୁର ବିଜେତା

### ବିଶ୍ୱମ୍ଭର ବହିଦାର ସ୍ମାରକୀ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ସମ୍ବଲପୁର,୨୩।୧୨(ବି.ଶଙ୍କର)

ସମ୍ବଲପୁର ଜିଲା ବଡି ବିଲ୍ଡିଂ ଆସୋସିଏଶନ ପକ୍ଷରୁ ବିଶ୍ୱମ୍ଭର ବହିଦାର ସ୍ମାରକୀ ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ରବିବାର ରାତିରେ ନଗର ଭୀମ ଭୋଇ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି । ପ୍ରତିଯୋଗିତାରେ ସଞ୍ଜୟ ବାନାର୍ଜୀ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ହାସଲ କରିବା ସହିତ ମିଷ୍ଟର ସମ୍ବଲପୁର ବିଜେତା ହୋଇଛନ୍ତି । ସେହିପରି ରାକେଶ ବାଗ ଦ୍ୱିତୀୟ ଓ ଶଶି ମିର୍ଦ୍ଧା ତୃତୀୟ ସ୍ଥାନ ହାସଲ କରିଛନ୍ତି । ଏଥିସହ ମ୍ୟାନ୍ ଫିଜିକରେ ଶଶି ମିର୍ଦ୍ଧା ପ୍ରଥମ, ମିର୍ଜା ଖାନ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ । ଆଗାମୀ ଦିନରେ ବେଲପାହାଡ଼ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ୧୦ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି । ରାଷ୍ଟ୍ରିୟ ସ୍ୱୟଂ ସେବକ ସଂଘର ପୂର୍ବତନ ପଶ୍ଚିମ ପ୍ରାନ୍ତ ସଂଘ ଚାଳକ ତଥା ପରମାଣପୁର ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ବିପିନ ବିହାରୀ ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥିଭାବେ ନୃତ୍ୟଗୁରୁ ରଞ୍ଜନ କୁମାର ସାହୁ ଓ ଭାଜପା ନେତା ସୁଧୀର ବହିଦାର ଯୋଗ ଦେଇଥିଲେ । ଅନ୍ତର୍ଜାତୀୟ ସ୍ତରର ବିଚାରକ କିଶୋର ମିଶ୍ର, ଜାତୀୟସ୍ତରୀୟ ପହିଲମାନ ତୋଳାମଣି ମେହେର ଓ ସୁଜିତ ମହାନ୍ତି ବିଚାରକ ଦାୟିତ୍ୱ ତୁଲାଇ ଥିଲେ । ଆୟୋଜକ ଅନୁଷ୍ଠାନର ସଭାପତି ପ୍ରଦୀପ ବହିଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାକୁ ସଂପାଦକ ଶିଶିର ବାହିଦାର ପରିଚାଳନା କରିଥିଲେ। ସହସମ୍ପାଦକ ସୋମନାଥ ପଟ୍ଟନାୟକ, କାର୍ଯ୍ୟକାରୀ ସଦସ୍ୟ ସୁଧୀର ପଟ୍ଟନାୟକଙ୍କ ସମେତ ସମୀର ହୋତା, ସୌମ୍ୟଜିତ ପଟ୍ଟନାୟକ, ବିଜୁ ତାଣ୍ଡି, ସଂଘମିତ୍ରା ବଳ, ଦିବ୍ୟ ବେହେରା, ନବୀନ ବାଗ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।

## ଚିକିତ୍ସା ମଞ୍ଜରୀର ପୁନଃ ପ୍ରକାଶନ


ଚିକିତ୍ସା ମଞ୍ଜରୀ ପୁସ୍ତକ ଉନ୍ମୋଚନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

ସମ୍ବଲପୁର, ୨୩।୧୨(ଭବାନୀ ଶଙ୍କର ଭୋଇ)

ସିଦ୍ଧେଶ୍ୱରୀ ଧର୍ମ ସଂସଦ ପକ୍ଷରୁ ସ୍ଥାନୀୟ ପବ୍ଲିକ ଲାଇବ୍ରେରୀଠାରେ ଅନୁଷ୍ଠିତ ଏକ ସାରସ୍ୱତ ଉତ୍ସବରେ ୧୭ଶହ ମସିହାରେ ସମ୍ବଲପୁରର ରାଜ୍ୟବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀଙ୍କ ଦ୍ୱାରା ରଚିତ ଚିକିତ୍ସା ମଞ୍ଜରୀର ନୂତନ ସଂସ୍କରଣ ଉନ୍ମୋଚିତ ହୋଇଛି। ଏହି ପୁସ୍ତକକୁ ସତରଶହ ଶତାବ୍ଦୀରେ ସମ୍ବଲପୁରର ରାଜା ଛତ୍ର ସାଏଙ୍କ ସମୟରେ ରାଜବୈଦ୍ୟ ଗୋପୀନାଥ ରଚନା କରିଥିଲେ। ୨୦୦୭ମସିହାରେ ଭାରତ ସରକାର ଏହି ଗ୍ରନ୍ଥକୁ ଜାତୀୟ ସମ୍ପଦଭାବେ ଘୋଷଣା କରିଥିଲେ । ରଘୁନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବର ମୁଖ୍ୟଅତିଥିଭାବେ ଅବସରପ୍ରାପ୍ତ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଚିକିତ୍ସା ମଞ୍ଜରୀ ଏକ ଉତ୍କୃଷ୍ଟ ଗ୍ରନ୍ଥ ଏବଂ ଉପାଦେୟତା ଦୃଷ୍ଟିରୁ ଏହାର ହିନ୍ଦୀ ଓ ଇଂଲିଶରେ ଅନୁବାଦ ହେବା ଆବଶ୍ୟକ ବୋଲି କହିଥିଲେ। ପୁସ୍ତକର ସମୀକ୍ଷା କରି ଡ.ବିଭୁଦତ୍ତ ପ୍ରମୋଦ କୁମାର ମିଶ୍ର କହିଥିଲେ, ବିଷୟ ଆଧାରରେ ଓଡ଼ିଆ ଭାଷାରେ ଲେଖାଯାଇଥିବା ଏହା ସର୍ବପ୍ରଥମ ପୁସ୍ତକ। ସଂସ୍କୃତ ଏବଂ ଓଡ଼ିଆ ଦ୍ୱୈତ ଭାଷାରେ ରଚିତ ଏହି ପୁସ୍ତକ ଏକଦା ଚିକିତ୍ସା କ୍ଷେତ୍ରରେ ପ୍ରଚଳିତ ସର୍ବାଧିକ ଗ୍ରନ୍ଥ ଥିଲା। ଚିକିତ୍ସା ମଞ୍ଜରୀ ଗ୍ରନ୍ଥ ୧୯୨୨ ମସିହାରେ ପ୍ରଥମ ଥର ପ୍ରକାଶିତ ହୋଇଥିବା ବେଳେ ଏହାର ପୁନଃ ପ୍ରକାଶନ ଓ ସମ୍ପାଦନା କରିଛନ୍ତି ଦୀପକ କୁମାର ପଣ୍ଡା। ଏହି ଅବସରରେ ପଣ୍ଡାଙ୍କ ରଚିତ ଆଉ ଦୁଇଟି ପୁସ୍ତକ ସମ୍ବଲପୁର ସମ୍ବଲପୁରର ଦ୍ୱିତୀୟ ସଂସ୍କରଣ ଓ ସମ୍ବଲପୁରରେ ମରାଠା ଶାସନ ମଧ୍ୟ ଲୋକାର୍ପିତ ହୋଇଥିଲା। ଉତ୍ସବରେ ଅନ୍ୟତମ ଅତିଥି ଡ. ଶ୍ୟାମସୁନ୍ଦର ଧର ଏହି ପୁସ୍ତକଗୁଡ଼ିକରେ ଅନାଲୋଚିତ ପ୍ରସଙ୍ଗ ଉପସ୍ଥାପନ କରାଯାଇଥିବା କହିଥିଲେ। ଉତ୍ସବରେ ବୈଦ୍ୟ ରାଜକୁମାର ପଟେଲ ଓ ମୁଦ୍ରା ଅଳଙ୍କରଣ ପାଇଁ ସୁବର୍ଣ୍ଣ ମେହେରଙ୍କୁ ସମ୍ମାନୀତ କରାଯାଇଥିଲା। ସିଦ୍ଧେଶ୍ୱରୀ ଧର୍ମ ସଂସଦ ସଭାପତି ଗୋପୀନାଥ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ସମ୍ପାଦକ ସୁଶାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ଜିଲାପାଳ,ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି


ଅଧିକାରୀମାନେ ବିଭିନ୍ନ ଜନ ଅଭିଯୋଗର ଶୁଣାଣି କରୁଛନ୍ତି।

ନାକଟିଦେଉଳ, ୨୩।୧୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲ ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଜନସାଧାରଣ ଯୋଗଦେଇ ସେମାନଙ୍କର ଆପତ୍ତି ଅଭିଯୋଗଗୁଡ଼ିକ ଜିଲା ପ୍ରଶାସନ ନିକଟରେ ରଖିଥିଲେ। ଶିବିରରେ ମୋଟ ୯୩ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୬ଟି ଗୋଷ୍ଠୀଗତ ଏବଂ ୭୭ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ ଭାମୁ ଶିବିରରେ ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରି ଜନସାଧାରଣଙ୍କ ସମସ୍ୟାଗୁଡ଼ିକ ସମାଧାନ କରିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ରେଢାଖୋଲ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ, ନାକଟିଦେଉଳ ବିଡିଓ କ୍ଷମାନିଧି ଭୋଇ, ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ତହସିଲଦାର ଅମର ଜେ.ଡୁଙ୍ଗଡୁଙ୍ଗ, ରେଢାଖୋଲ ଏସ୍‌ଡ଼ିପିଓ ପ୍ରଶାନ୍ତ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ବିଭାଜନ ସ୍ତରୀୟ ପାଣି ପଞ୍ଚାୟତ ସମାବେଶ

କୁଚିଣ୍ଡା,୨୩।୧୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା କେନ୍ଦୁପତ୍ର ଶ୍ରମିକ ଭବନରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଭାଜନ ଅଧିକ୍ଷଣ ଯନ୍ତ୍ରୀ କୁନ୍ଦନ ସିଂ ନାଏକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ଚାଷୀମାନେ ଜଳର ସୁବିନିଯୋଗ କରି ଚାଷରୁ ଅଧିକ ଲାଭବାନ ହେବାକୁ କହିଥିଲେ। ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ ଓ କୁଚିଣ୍ଡା କୃଷି ଜିଲା ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଚାଷୀମାନେ ଜଳସେଚନ ପ୍ରକଳ୍ପଗୁଡିକର ସଠିକ ସୁପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡର ବିଭିନ୍ନ ପାଣି ପଞ୍ଚାୟତର କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା କୃଷି ପାଇଁ ଜଳ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତାର ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଶୈଳେଶ ରଣା ପ୍ରଥମ, ଇଷକ ବାଘ ଦ୍ୱିତୀୟ ଓ ଶଙ୍କର ରୋହିଦାଶ ତୃତୀୟ,


ଜଣେ ଛାତ୍ରଙ୍କୁ ଉପଜିଲାପାଳ ଗୌରବମୟ ପ୍ରଧାନ ପୁରସ୍କୃତ କରୁଛନ୍ତି।

ବକ୍ତୃତାରେ ତ୍ରିଷ୍ଣାମୟୀ ରଣା ପ୍ରଥମ, ସାବିତ୍ରୀ କିଷାନ ଦ୍ୱିତୀୟ ଓ ତନୁଶ୍ରୀ ଦେବମ ତୃତୀୟ, ଚିତ୍ରାଙ୍କନରେ ଜ୍ୟୋତିକା ଭଇଁଷା ପ୍ରଥମ, ଉର୍ମିଳା ଏକ୍କା ଦ୍ୱିତୀୟ ଓ ଜିଜ୍ଞାସା ଠାକୁର ତୃତୀୟ, ଏବଂ ମୋଡେଲ ପ୍ରଦର୍ଶନୀରେ ତନୁଶ୍ରୀ ଭୋଇ ପ୍ରଥମ, ରାହୁଲ ପଲେଇ ଦ୍ୱିତୀୟ ଓ ସୁଚିତ୍ରା ପୂଝାରୀ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ରେଢାଖୋଲ କ୍ଷୁଦ୍ରଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଗଣେଷ ବୀରକଣ୍ଡିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ କୁଚିଣ୍ଡା କ୍ଷୁଦ୍ରଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୌଦାମିନୀ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।କାର୍ଯ୍ୟକ୍ରମ ପରିଚାଳନାରେ କୁଚିଣ୍ଡା କନିଷ୍ଠଯନ୍ତ୍ରୀ ଗୋପାଳ ତନ୍ତୀ, ଜମନକିରା କନିଷ୍ଠ ଯନ୍ତ୍ରୀ ସଞ୍ଜିବ ଖାଲକୋ ଏବଂ ବାମରା କନିଷ୍ଠ ଯନ୍ତ୍ରୀ ନକୁଳ ଓରାମ ସହଯୋଗ କରିଥିଲେ।

# ଦିଲ୍ଲୀ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

ସମ୍ବଲପୁର, ୨୩।୧୨
(ଭବାନୀ ଶଙ୍କର ଭୋଇ)



ଶାସନ ଟିଠେଇପାଲି ସ୍ଥିତ ଦିଲୀ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ୟୁଥୋପିଆ-୨୪ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ କରି ସଫଳ ହେବାକୁ ପରାମର୍ଶ ହେଇଥିଲେ। ସମ୍ମାନୀତ ଅତିଥି ଭାବେ ଭିଲାଇ ଷ୍ଟିଲ ପ୍ଲାଣ୍ଟର ବରିଷ୍ଠ ପରିଚାଳକ କିଶୋର ଚନ୍ଦ୍ର ଭଣ୍ଡାରୀ ଏବଂ ମୁଖ୍ୟବକ୍ତାଭାବେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟର କୂଳପତି ବିଭୂତି ଭୁଷଣ ପତି ଯୋଗଦେଇଥିଲେ। ସ୍କୁଲ ଅଧ୍ୟକ୍ଷା ସୁଜାତା ଲେଙ୍କା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଆକାଂକ୍ଷା ଗୋୟଲ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ୟୁଥୋପିଆ ୨୦୨୪ ରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ବିଭିନ୍ନ କୌଶଳ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# କୃଷି ଯନ୍ତ୍ରପାତି ମେଳା ସମୟକୁ ନେଇ ପ୍ରଶ୍ନ

ସମ୍ବଲପୁର, ୨୩।୧୨(ଭବାନୀ ଶଙ୍କର ଭୋଇ)

- ବର୍ତ୍ତମାନ ଚାଷୀ କ୍ଷେତ ଏବଂ ମଣ୍ଡିରେ ବ୍ୟସ୍ତ
- କୃଷି ମେଳା କେବଳ ସରକାରୀ ଅର୍ଥର ଅପଚୟ: କୃଷକ ସଙ୍ଗଠନ
- ବିଭିନ୍ନ ବିଷୟକୁ ଧ୍ୟାନରେ ରଖି ସମୟ ଧାର୍ଯ୍ୟ କରାଯାଏ:କୃଷି ଅଧିକାରୀ

ସମ୍ବଲପୁର ପିଏଚ୍‌ଡି ପଡିଆରେ ଚାଲିଥିବା ଜିଲାସ୍ତରୀୟ କୃଷି ଯାନ୍ତ୍ରପାତି ମେଳାର ସମୟକୁ ନେଇ ପ୍ରଶ୍ନ କରିଛି ଜିଲା କୃଷକ ସଙ୍ଗଠନ। ବର୍ତ୍ତମାନ ଚାଷୀମାନେ ଧାନ ସଂଗ୍ରହରେ ନିୟୋଜିତ ରହିଛନ୍ତି। ଟୋକନ ସମସ୍ୟା ଯୋଗୁ ମାର୍କେଟ ୟାର୍ଡକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଧାନ ପହଞ୍ଚାଇବା ନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ଏପରିସ୍ଥଳେ ଅନ୍ୟ କଥା ଚିନ୍ତା କରିବା ପାଇଁ ସମୟ ନାହିଁ। ଏଭଳି ସମୟରେ କୃଷି ବିଭାଗ ଜିଲାସ୍ତରୀୟ କୃଷି ଯାନ୍ତ୍ରୀକରଣ ମେଳା ଆରମ୍ଭ କରିଛି। ୨୫ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। ତେବେ ଏହି ୫ ଦିନିଆ ଜିଲାସ୍ତରୀୟ କୃଷି ଯାନ୍ତ୍ରୀକରଣ ମେଳାରେ ଚାଷୀ ସାମିଲ ହେବା ଅସମ୍ଭବ। କୃଷି ଓ ଯୋଗାଣ ବିଭାଗ ପରସ୍ପର ସମନ୍ୱୟ ରଖି ଚାଷୀଙ୍କୁ ଟୋକନ ପ୍ରଦାନ କରୁଥିବା ବେଳେ କେଉଁ ସମୟରେ ଏଭଳି ମେଳା କଲେ ଚାଷୀମାନେ ଏହା ଦ୍ୱାରା ଉପକୃତ ହୋଇପାରିବେ ତାହା କ'ଣ ବିଭାଗୀୟ ଅଧିକାରୀମାନେ ଜାଣି ପାରୁନାହାନ୍ତି ବୋଲି ଜିଲା କୃଷକ ସୁରକ୍ଷା ସମିତି ସମ୍ପାଦକ ଦେବେନ୍ଦ୍ର ପ୍ରଧାନ କହିଛନ୍ତି। କୃଷକ ବ୍ୟତିରେକ କୃଷି ମେଳା କେବଳ ସରକାରୀ ଅର୍ଥର ଅପଚୟ ବୋଲି ସେ ଅଭିଯୋଗ କରିଛନ୍ତି।

ଉଚିତ ସମୟରେ ମେଳାର ଆୟୋଜନ ନେଇ ପ୍ରସାଶନିକ ବିଫଳତା ଯୋଗୁ କୃଷିରେ ଆଧନିକ ଯାନ୍ତ୍ରୀକରଣ ଏବଂ ସରକାରଙ୍କ ବହୁମୁଖୀ ଯୋଜନାର ଲାଭ ବିଷୟରେ ଚାଷୀ ଜାଣିବାର ସୁଯୋଗ ପାଇବେ ନାହିଁ ବୋଲି ପ୍ରଧାନ ଆଶଙ୍କାବ୍ୟକ୍ତ କରିଛନ୍ତି। କୃଷି ଯନ୍ତ୍ର ଉତ୍ପାଦନକାରୀଙ୍କୁ କୃଷକ, ଏସ୍‌ଏଚ୍‌ଜି, କୃଷି ବିତରଣକାରୀ କମ୍ପାନୀ ଏବଂ କୃଷି ଅନୁସହାୟକ ବିଭାଗଗୁଡିକୁ ଗୋଟିଏ ପ୍ଲାଟଫର୍ମକୁ ଆଣିବା ଲକ୍ଷ୍ୟ କିଭଳି ପୂରଣ ହେବ। ଚାଷୀ କ୍ଷେତରେ ଥିବା ବେଳେ କାହାକୁ ନେଇ ସମନ୍ୱୟ ରକ୍ଷା କରାଯିବ ବୋଲି କୃଷକ ସଙ୍ଗଠନ ପ୍ରଶ୍ନ କରିଛି। ଅନ୍ୟପକ୍ଷରେ ଜିଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର କହିଛନ୍ତି, ନିଶ୍ଚିତ ଭାବେ ବର୍ତ୍ତମାନ ଚାଷୀଙ୍କ ପାଇଁ ବ୍ୟସ୍ତ ସମୟ। ତେବେ ବିଭିନ୍ନ ବିଷୟକୁ ନେଇ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସମୟ ଧାର୍ଯ୍ୟ କରିବାକୁ ପଡିଥାଏ। ତେଣୁ କିଛିଟା ସମସ୍ୟା ହୋଇଛି। ତଥାପି ସ୍ୱୟଂ ସହାୟକ ଗୋଷ୍ଠୀ, ମତ୍ସ୍ୟଚାଷୀ ଏବଂ ଧାନ ବ୍ୟତୀତ ଅନ୍ୟ ଫସଲର ଚାଷୀମାନେ ଏଥିରେ ସାମିଲ ହେଉଛନ୍ତି ବୋଲି ସେ ସଫେଇ ଦେଇଛନ୍ତି ।

# ୨୮ରୁ ୧୨ ପଦ ଖାଲି

## ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ କାର୍ଯ୍ୟାଳୟ



ସୁବର୍ଣ୍ଣପୁର ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ କାର୍ଯ୍ୟାଳୟ।

ସୋନପୁର,୨୩।୧୨(ମୃତ୍ୟୁଞ୍ଜୟ ଶତପଥୀ) ସମଗ୍ର ଶିକ୍ଷା ସୁବର୍ଣ୍ଣପୁର ଜିଲା ପ୍ରକଳ୍ପ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖିବାକୁ ମିଳିଛି। ଅଧିକାରୀ ଓ କର୍ମଚାରୀଙ୍କ ଅଭାବ ଯୋଗୁ ସରକାରଙ୍କ ଯୋଜନା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନି। ବିଶେଷ କରି ଇଞ୍ଜିନିୟର ଓ ଅର୍ଥନୈତିକ ପରାମର୍ଶଦାତା ପଦ ଖାଲି ଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଜିଲାର ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଶ୍ରେଣୀଗୃହ ନିର୍ମାଣ ମନ୍ଥର ଗତିରେ ଚାଲିଛି। ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ଅଧିକାରୀଙ୍କ ଉପରେ ଅଯଥା କାମର ବୋଝ ପଡୁଛି। ତେଣୁ ଜିଲା ପ୍ରକଳ୍ପ କାର୍ଯ୍ୟାଳୟରେ ଖାଲି ପଡିଥିବା ପଦବୀଗୁଡିକୁ ପୂରଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

ଦେଶରେ ବିଦ୍ୟାଳୟ ଶିକ୍ଷାର ସମନ୍ୱିତ ବିକାଶ ପାଇଁ ସରକାର ସମଗ୍ର ଶିକ୍ଷା ଯୋଜନା ପ୍ରଣୟନ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଏହି ଯୋଜନାର କ୍ରିୟାନ୍ୱୟନ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଆସୁଛି। ତେବେ ସରକାରଙ୍କ ପକ୍ଷରୁ ପ୍ରକଳ୍ପ କାର୍ଯ୍ୟାଳୟ ପାଇଁ ମଞ୍ଜୁର ୨୮ ପଦବିରୁ ୧୨ଟି ଖାଲି ଥିବାରୁ ଜିଲାରେ ସରକାରଙ୍କ ଯୋଜନାର ସଫଳ ରୂପାୟନ ହୋଇ ପାରୁନଥିବା ଆଲୋଚନା ହେଉଛି। ସୂଚନା ଅନୁଯାୟୀ ଦୀର୍ଘ ବର୍ଷ ଧରି କାର୍ଯ୍ୟାଳୟର ଅର୍ଥନୈତିକ ପରାମର୍ଶଦାତା(ଏଫସି) ପଦବି ଖାଲି ପଡିଛି। ସେହିପରି ୨୦୨୩ ମେ ମାସରୁ ବରିଷ୍ଠ ବୈଷୟିକ ପରାମର୍ଶଦାତା ପଦ ପୂରଣ ହେଉନି। ଏପରିକି ଜିଲାର ୬ଟି ବ୍ଲକରେ ୬ ଜଣ ବୈଷୟିକ ପରାମର୍ଶଦାତା ମଞ୍ଜୁରୀ ପଦ ଥିବା ବେଳେ ମାତ୍ର ୨ ଜଣ ଅଛନ୍ତି। ମ୍ୟାନେଜମେଣ୍ଟ ଇନଫୋରମେଶନ ସିଷ୍ଟମ(ଏମଆଇଏସ) ପ୍ରୋଗ୍ରାମର ପଦ ଦୀର୍ଘବର୍ଷ ଧରି ଖାଲି ରହିଛି। ୨ଟି ପ୍ରୋଗ୍ରାମ ସହାୟକ ମଞ୍ଜୁରୀ ପଦରୁ ଗୋଟିଏ ଖାଲି ଅଛି। ଏକମାତ୍ର ଭିନ୍ନକ୍ଷମ ବିଭାଗ ସଂଯୋଜକ ପଦ ଖାଲି ପଡିଛି। ୨ ଅଫିସ ସହାୟକ ମଞ୍ଜୁରୀ ପଦରୁ ଗୋଟିଏ ଖାଲି ଅଛି। ପଦବି ପୂରଣ ହେଉନଥିବା ବେଳେ ସରକାର ନୂଆ ନୂଆ ଯୋଜନା ପ୍ରଣୟନ କରୁଛନ୍ତି। କେନ୍ଦ୍ର ସରକାର ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟ ଓ ତରଭା ନବୋଦ୍ୟୟ ବିଦ୍ୟାଳୟକୁ ପିଏମ୍ଶ୍ରୀରେ ରୂପାନ୍ତରିତ କରିଛନ୍ତି। ସେହିପରି ରାଜ୍ୟ ସରକାର ଜିଲାର ୯ଟି ବିଦ୍ୟାଳୟକୁ ପିଏମ୍ଶ୍ରୀ ବିଦ୍ୟାଳୟ ଘୋଷଣା କରିଛନ୍ତି। ସମ୍ପୃକ୍ତ ବିଦ୍ୟାଳୟକୁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କାର ଅନୁଦାନ ମିଳିବ। ତେବେ ସିଭିଲ କାମ କରିବା ପାଇଁ ଜିଲା ପ୍ରକଳ୍ପ କାର୍ଯ୍ୟାଳୟରେ ବରିଷ୍ଠ ବୈଷୟିକ ପରାମର୍ଶଦାତା ଓ ବୈଷୟିକ ପରାମର୍ଶଦାତା ନ ଥିବାରୁ ନିର୍ମାଣ କାର୍ଯ୍ୟର ତଦାରଖ ଓ ଅର୍ଥ ବିନିଯୋଗ ନେଇ ଆଶଙ୍କା ପ୍ରକାଶ ପାଇଛି। ତେଣୁ ସରକାର ବିଦ୍ୟାଳୟ ଶିକ୍ଷାର ବିକାଶ ପାଇଁ ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ପଦବୀଗୁଡିକୁ ପୂରଣ କରିବା ପାଇଁ ଜିଲାର ଶିକ୍ଷାବିତ୍ମାନେ ଦାବି କରିଛନ୍ତି।

# ପିଏମ୍ଶ୍ରୀ ନବୋଦୟ ବିଦ୍ୟାଳୟ ପୂର୍ବତନ ଛାତ୍ର ସମାବେଶ




ସମାବେଶରେ ଉପସ୍ଥିତ ପୂର୍ବତନ ଛାତ୍ରମାନେ।

ତରଭା, ୨୩।୧୨(ମାନଭଞ୍ଜନ ମିଶ୍ର ) : ସୁବର୍ଣ୍ଣପୁର ଜିଲା ତରଭା ପିଏମ୍ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ପୂର୍ବତନ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର ସଂସଦ ସଭାପତି ରାମଚନ୍ଦ୍ର ମୁର୍ମୁ, ପ୍ରକାଶ ଡାଙ୍ଗ, ପ୍ରେମଲାଲ ସେଠ, ଆଶୁତୋଷ ମିଶ୍ର, ଅଭିଲାଷ ରଣା, ସଦାନନ୍ଦ ନାଏକ, ସୁପର୍ଣ୍ଣା ପଧାନଙ୍କ ସମେତ ବହୁ ପୂର୍ବତନ ଛାତ୍ରୀଛାତ୍ର ଏଥିରେ ଉପସ୍ଥିତ ଥିଲେ। ବଲାଙ୍ଗୀର ନବୋଦୟ ବିଦ୍ୟାଳୟ ପୂର୍ବତନ ଛାତ୍ର ତଥା ବର୍ତ୍ତମାନ ସ୍ୱିଡେନରେ କାର୍ଯ୍ୟରତ ବୈଜ୍ଞାନିକ ଡ଼ କାଳୀଚରଣ ପାତ୍ର ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଗୁରୁ ଉପଦେଶ ପାଳନ ସହ ଏକନିଷ୍ଠ ସାଧନାରେ ସଫଳତା ମିଳେ ବୋଲି ମତବ୍ୟକ୍ତ କରିଥିଲେ। ସତ୍ୟଜିତ ଯୁଆଡ଼ି , କୁନାଲ ବାଗ, ଅଂଶୁମାନ ଆଚାର୍ଯ୍ୟ ଓ ଶାଶ୍ୱତୀ ମିଶ୍ର ମଞ୍ଚ ପରିଚାଳନା କରିଥଲେ। ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ସାଧାରଣ ପରିଷଦ ବୈଠକ ୨୦୨୫ ରେ ହେବାକୁ ଥିବା ବିଦ୍ୟାଳୟ ରୌପ୍ୟ ଜୟନ୍ତୀ ପାଳନ ନେଇ ଆଲୋଚନା ହୋଇଥିଲା। ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ଶାଶ୍ୱତ ସାହୁ, ବିକ୍ରମ କେଶରୀ ଭୋଇ, ରାକେଶ କୁମାର ଭୋଇ, ସୂର୍ଯ୍ୟପ୍ରକାଶ ମହାନ୍ତି, ରାକେଶ ଦାସ, ଜ୍ୟୋତିରୋଜା ସାହୁ ତଥା ସମସ୍ତ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଶଙ୍କର୍ଷଣ ସାହୁ ଆଲୁମ୍ନି ଉଦ୍ଦେଶ୍ୟରେ କବିତା ପାଠ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଶିକ୍ଷାରେ ଏଆଇ ଟେକ୍ନୋଲୋଜି ବ୍ୟବହାର ହେବ

## ତରଭା ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଅନ୍ୟମାନେ।

ତରଭା, ୨୩।୧୨(ମାନଭଞ୍ଜନ ମିଶ୍ର) : ସୁବର୍ଣ୍ଣପୁର ଜିଲା ତରଭା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଆସନ୍ତା ୧ ବର୍ଷ ମଧ୍ୟରେ ଓଡ଼ିଶାରେ ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରାଯିବ। ଶିକ୍ଷାରେ ଏଆଇ ଟେକ୍ନୋଲୋଜି ବ୍ୟବହାର ହେବ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଯାହାସବୁ ଅସୁବିଧା ରହିଛି ତାହାର ସମାଧାନ ରାସ୍ତା ଖୁବ୍ଶୀଘ୍ର ବାହାର କରାଯିବ। ଓଡ଼ିଶାର ପ୍ରତ୍ୟେକ ଜିଲାରେ ମେଡ଼ିକାଲ କଲେଜ ନିର୍ମାଣ ସହ ପାରା ମେଡ଼ିକାଲ କର୍ମଚାରୀ ଓ ଡାକ୍ତର ପଦବୀ ପୂରଣ କରାଯିବ ବୋଲି କହିଥିଲେ। ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ଆନନ୍ଦ ପ୍ରକାଶ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ସୋନପୁର ମହାବିଦ୍ୟାଳୟ ସଂସ୍କୃତ ଅଧ୍ୟାପକ କୈଳାସ ଚାନ୍ଦ ଯୋଗଦେଇଥିଲେ। ପରିଚାଳନା ସମିତି ସମ୍ପାଦକ ଲକ୍ଷ୍ମଣ ରଣା ଓ ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାଏକ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ନାଏକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତିଙ୍କ ଅଭିଭାଷଣ ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଚିତ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁଜୀ ସୁରେଶ ମାହାର ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପାଣି ପଞ୍ଚାୟତ ସଚେତନତା ରଥ ପରିକ୍ରମା ଶୁଭାରମ୍ଭ



ସଚେତନତା ରଥର ଶୁଭାରମ୍ଭ କରାଯାଉଛି ।

ବୌଦ୍ଧ,୨୩।୧୨(ଅଜିତ କୁମାର ବାରିକ)

କୃଷିଭିତ୍ତିକ ବୌଦ୍ଧ ଜିଲାରେ ଜଳସେଚନ ଏକ ପ୍ରମୁଖ ସମସ୍ୟା ହୋଇ ରହିଛି। ଜିଲାରେ ଅନେକ ଜଳଉତ୍ସ ରହିଥିଲେ ମଧ୍ୟ ସ୍ଥାୟୀ ଜଳସେଚନ ସୁବିଧା ନ ଥିବାରୁ ପ୍ରାୟ ଜମିରେ ବାର୍ଷିକ ଦୁଇଟି ଫସଲ ହୋଇପାରୁନାହିଁ। ଫଳରେ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ବାଘ ଜଳସେଚନ ପ୍ରକଳ୍ପ, ସାଲୁଙ୍କି ଜଳସେଚନ ପ୍ରକଳ୍ପକୁ ବାଦଦେଲେ କ୍ଷୁଦ୍ର ଜଳସେଚନ ବିଭାଗ ଓ ଉଠାଜଳସେଚନ ବିଭାଗ ଜିଲାରେ ଚାଷ ପାଇଁ ଆବଶ୍ୟକ ହେଉଥିବା ପାଣିର ଅଭାବ ଦୂରୀକରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। କିନ୍ତୁ ଏହି ଜଳଉତ୍ସ ଗୁଡିକରୁ ସରକାରୀ ଉଦ୍ୟମରେ ରହିଥିବା ଜଳସେଚନର ସୁବିଧା ଅଧିକ ଜମିକୁ ସେତେବେଳେ ପାଇପାରିବ ଯେତେବେଳେ ପାଣିର ସୁଷମ ବଣ୍ଟନ ହୋଇପାରିବ। ତେଣୁ ଜମିକୁ ଜଳର ସୁଷମ ବଣ୍ଟନ ପାଇଁ ପାଣି ପଞ୍ଚାୟତ ଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପାଣିପଞ୍ଚାୟତ ଗୁଡିକର ଦାୟିତ୍ୱ ଓ ଚାଷ ପାଇଁ ଜଳର ସୁଷମ ବଣ୍ଟନ ପାଇଁ ଚାଷୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଜିଲାରେ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଉଛି। ସେଥିପାଇଁ ପ୍ରତ୍ୟେକ ଗ୍ରାମରେ କାର୍ଯ୍ୟକ୍ଷମ ରହିଥିବା ପାଣି ପଞ୍ଚାୟତର ଠିକ୍ ଭାବରେ ପରିଚାଳନା ପାଇଁ ବାର୍ତ୍ତାନେଇ ଏକ ସଚେତନତା ରଥକୁ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ସଚେତନତା ରଥର ଶୁଭାରମ୍ଭ ଅବସରରେ ବୌଦ୍ଧ ଜଳସେଚନ ବିଭାଜନ, ଉଠାଜଳସେଚନ ବିଭାଜନ ଓ କ୍ଷୁଦ୍ର ଜଳସେଚନ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ଜିଲାର ତିନୋଟି ବ୍ଲକର ସମସ୍ତ ଗ୍ରାମ ପରିକ୍ରମା କରିବା ସହିତ ପାଣିର ଉପଯୋଗୀତା ଓ ସୁଷମ ବଣ୍ଟନ ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରିବ ବୋଲି ସୂଚନା ଦିଆଯାଇଛି।

# ୮୨୫୦ ଗଞ୍ଜେଇ ଗଛ କାଟିଲା ବାଉଁଶୁଣୀ ପୋଲିସ

ବାଉଁଶୁଣୀ, ୨୩।୧୨(ଦେବାଶୀଷ ନେପାକ)–ବୌଦ୍ଧ ଜିଲା ବାଉଁଶୁଣୀ ପୋଲିସ ପକ୍ଷରୁ ୮୨୫୦ଟି ଗଞ୍ଜେଇ ଗଛ କାଟିଦିଆଯାଇଛି। ସୋମବାର ସନ୍ଧ୍ୟାରେ ବାଉଁଶୁଣୀ ଥାନା ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ଦିନତମାମ ତାଳଗୋରୀ ଗ୍ରାମ ନିକଟ ଜଙ୍ଗଲରେ ହୋଇଥିବା ବେଆଇନ ଗଞ୍ଜେଇ ଚାଷ ଉପରେ ଚଢ଼ାଉ କରାଯାଇଥିଲା। ଉକ୍ତ ଅଞ୍ଚଳରେ ୮.୨୫ ଏକର ଜମିରେ ହୋଇଥିବା ୮୨୫୦ ଗଞ୍ଜେଇ ଗଛକୁ କାଟି ପୋଡ଼ି ନଷ୍ଟ କରିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବାଉଁଶୁଣୀ ଥାନାରେ ଏକ ମାମଲା (ନଂ.୧୮୩/୨୪) ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ଅଞ୍ଜଳି ବିଶ୍ୱାଳ ସୂଚନା ଦେଇଛନ୍ତି।



ଗଞ୍ଜେଇ ଗଛ ନଷ୍ଟ କରାଯାଉଛି।

# ଅରିଗାଁ–ବିନିକା ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଘାଟିତ



ଅତିଥିମାନେ ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ବିନିକା, ୨୩।୧୨ ( ରାମ ଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅରିଗାଁ ମାହେଶ୍ୱରୀ ଖେଳ ପଡରେ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ବରଗଡ ଧନୁଯାତ୍ରା କମିଟି ସାଧାରଣ ସମ୍ପାଦକ ସୁରେଶ୍ୱର ଶତପଥୀ, ସମ୍ମାନୀତ ଅତିଥିଭାବେ ବିଡିଓ ମଣ୍ଟୁ ଖମାରୀ, ତହସିଲଦାର ସୀତାରାମ ଭୋଇ, ଆଇଆଇସି ସାରଙ୍ଗଧର ପାଣିଗ୍ରାହୀ, ମହୋତ୍ସବ କମିଟି କାର୍ଯ୍ୟକାରୀ ସଭାପତି ବିଶ୍ୱମ୍ଭର ମିଶ୍ର, ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ନାଏକ, ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ସନ୍ଧ୍ୟାରେ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଲୌକିକ ନାଟକ ବସୁଦେବଙ୍କ ସହିତ ଦେବକୀଙ୍କ ବିବାହ ପରିବେଷଣ ହୋଇଥିଲା । ବିଭିନ୍ନ ସ୍ଥାନରୁ ୫ଟି ନୃତ୍ୟ ଶିଳ୍ପୀ ଦଳ ଓ ୬ ଜଣ ଗୀତିକାର ଯୋଗଦେଇ ଦର୍ଶକଙ୍କୁ ବମୋହିତ କରିଥିଲେ।

# ତ୍ରୁଟିପୂର୍ଣ୍ଣ କେନାଲ ନିର୍ମାଣକୁ ବିରୋଧ, ବିଡିଓଙ୍କୁ ଦାବିପତ୍ର

ହରଭଙ୍ଗା, ୨୩।୧୨(ନରେନ୍ଦ୍ର କୁମାର ସାହୁ)– ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ହରଭଙ୍ଗା ଗ୍ରାମର କାଳୀମନ୍ଦିର ସମ୍ମୁଖରେ ତ୍ରୁଟିପୂର୍ଣ୍ଣ କେନାଲ ନିର୍ମାଣକୁ ବିରୋଧ କରି ଗ୍ରାମର ସୁଜିତ ମହାପାତ୍ର ହରଭଙ୍ଗା ବିଡିଓ ଏବଂ ହରଭଙ୍ଗା ତହସିଲଦାରଙ୍କଠାରେ ସୋମବାର ଲିଖିତ ଭାବେ ଅଭିଯୋଗ କରିଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ କାଳୀମନ୍ଦିର ସମ୍ମୁଖ ଡ୍ରେନ ନିର୍ମାଣ କାର୍ଯ୍ୟ ମଞ୍ଜୁର ହୋଇଛି। ମାତ୍ର କେନାଲ ଥିବା ସ୍ଥାନରେ କେନାଲ ଖୋଳାଯିବା ପରିବର୍ତ୍ତେ ରାସ୍ତା ମଝିରେ ତ୍ରୁଟିପୂର୍ଣ୍ଣଭାବେ କେନାଲ ଖନନ କରି ଏହାର ନିର୍ମାଣ କରିବା ପାଇଁ କାର୍ଯ୍ୟ ଚଳାଇଥିବାରୁ ଏହାକୁ ବିରୋଧ କରାଯାଇଛି। ଏହାକୁ ସେ ବିରୋଧ କରିବାରୁ ସେମାନେ ଆର୍‌ଆଇଙ୍କ ଅନୁପସ୍ଥିତିରେ ପିଅନ ସାହାଯ୍ୟରେ ମାପଚୁପ୍ କରାଇଥିଲେ। ଯାହାକୁ ନେଇ ଏଥିରେ ସେ ସହମତି ନ ଥିଲେ। ତଥାପି ସେମାନେ କେନାଲ ନିର୍ମାଣ ପାଇଁ ମସୁଧା ଚଳେଇଥିବା ଅଭିଯୋଗ କରିଛନ୍ତି। ଏଭଳି ତ୍ରୁଟିପୂର୍ଣ୍ଣ କେନାଲ ନିର୍ମାଣ ଦ୍ୱାରା ନର୍ଦ୍ଦମାର ଅପରିଷ୍କାର ପାଣି ଗ୍ରାମର ଇଷ୍ଟଦେବୀ ରୁଦ୍ରକାଳୀ ମନ୍ଦିର ସମ୍ମୁଖ ଦେଇ ନିଷ୍କାସନ ହେବ । ଏମିତିକି ରାସ୍ତା ମଝିରେ ଖୋଳାଯାଇଥିବା କେନାଲ ଯୋଗୁଁ ମେରୁଯାତ୍ରା ସମୟରେ ଏଠାରେ ହେଉଥିବା ହୋମଯଜ୍ଞ ଏବଂ ପୂଜାପାଠରେ ମଧ୍ୟ ଏହା ପ୍ରତିବନ୍ଧକ ସାଜିବ ବୋଲି ଅଭିଯୋଗ କରିଛନ୍ତି। ତେଣୁ ଏହି ଘଟଣାର ତଦନ୍ତ କରି ସରକାରୀ ଯାଗା ମାପଚୁପ କରି ଉଭୟପାର୍ଶ୍ୱରେ କେନାଲ ଖନନ କରାଗଲେ ଏହା ଜନସାଧାରଣଙ୍କ ହିତରେ ଲାଗିପାରିବ ବୋଲି ପ୍ରକାଶ କରିଛନ୍ତି। ଏ ଦିଗରେ ହରଭଙ୍ଗା ବିଡିଓ ଏବଂ ହରଭଙ୍ଗା ତହସିଲଦାର ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ହରଭଙ୍ଗା ବିଡିଓ ଶରତ କୁମାର ସେଠୀଙ୍କୁ ପଚାରିବାରୁ ଅଭିଯୋଗ ପାଇଛୁ, ଏହା ଉପରେ ତଦନ୍ତ କରାଯିବ ବୋଲି କହିଥିଲେ ।

**ଏସ୍ଏଲ୍ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୪-୨୮ ତାରିଖ: ୨୩।୧୨।୨୦୨୪

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼୍‌ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍ଏଲ୍ଆର/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା **https://www.ireps.gov.in/** websiteରେ ଅଧିସୂଚିତ ହୋଇଛି। **ବର୍ଗ:** ପାର୍ସଲ, କାଟାଲଗ୍ ନଂ.: ଲିଜ୍-କେଜିପି-୨୪-୨୮। **ଇ-ନିଲାମ ତାରିଖ:** ୦୪।୦୧।୨୦୨୫। **ନିଲାମ ଆରମ୍ଭ ସମୟ:** ୧୧.୦୦ ଘଟିକା। **ନିଲାମ ସମାପ୍ତି ସମୟ:** ୧୨.୩୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-944) **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼୍‌ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONII VSKP2024054, ତା.16.12.2024ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳରେ ଗୁଣୁପୁର-ଥେରୁବାଲି ନ୍ୟୁ ଲାଇନ୍ (73.623 କି.ମି.) ଏବଂ ସିଙ୍ଗାପୁର ରୋଡ୍ (5.5 କି.ମି.) ଠାରେ ଫ୍ଲାଇ-ଓଭର :- ଓଡ଼ିଶା ରାଜ୍ୟର ରାୟଗଡ଼ା ଜିଲ୍ଲାରେ ଜଙ୍ଗଲ ଜମିର ପରିବର୍ତ୍ତନ ଏବଂ ସରକାରଙ୍କ ରେଳବାଇ ଅଧିଗ୍ରହଣ ଅଧିନିୟମ 2008, ହସ୍ତାନ୍ତରୀକରଣ ଏବଂ ଅନୁମତିମୂଳକ ଅଧିକାର ଅନ୍ତର୍ଗତ ଘରୋଇ ଜମିର ଅଧିଗ୍ରହଣ ନିମନ୍ତେ ଜମି ଅଧିଗ୍ରହଣ (CALA) ପାଇଁ ସକ୍ଷମ ପ୍ରାଧିକାରୀଙ୍କୁ ସୁବିଧା ପ୍ରଦାନ କରିବା।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 412.94 ଲକ୍ଷ, EMD(ଟଙ୍କାରେ): 3,56,500/-, କାର୍ଯ୍ୟ ଶେଷ ହେବା ଅବଧି : 18 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.07.01.2025 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପର୍ଯ୍ୟ ଆକାଉଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରୁ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/
ଭୁବନେଶ୍ୱର
PR-109/CH/24-25

GOVERNMENT OF ODISHA
No. i-375

**DEPARTMENT OF P.R. & D.W.**

**INVITATION FOR BIDS (IFB)**

**IDENTIFICATION No. AGLB-03/2024-25**

E-mail address: ori-bangul@nic.in

1. The Block Development Officer, Angul on behalf of the Governor of Orissa invites percentage rate civil bid in single cover system for the works as detailed in the table, from the class of eligible contractors as mentioned in Col. 4 (Four), registered with the State Government and contractors of equivalent grade/class registered with Central Government/MES/Railway, to be eventually drawn up in PWD P-I form, for execution of Building (Civil Work). The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibilty before signing the agreement. Bidders may submit bids for any or all the following works.

| Sl. No. | Name of Works | Approx. Value of Work (Rs. in Lakhs) | Class of Contractor | Bid Security (Rs.) | Cost of Documents (Non-refundable) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of GPLF Building with Market Complex at Balasingha, G.P.: Balasingha | 22.42 | 'B' or 'C' | 22420.00 | Rs.6,000/- (Only be downloaded from www.angul.odisha.gov.in) | Six Calendar Months |
| 2 | Construction of GPLF Building with Market Complex at Baragounia, G.P.: Baragounia | 22.42 | 'B' or 'C' | 22420.00 | | Six Calendar Months |
| 3 | Construction of GPLF Building with Market Complex at Khinda, G.P.: Khinda | 22.42 | 'B' or 'C' | 22420.00 | | Six Calendar Months |
| 4 | Construction of GPLF Building with Market Complex at Matiasahi, G.P.: Matiasahi | 22.42 | 'B' or 'C' | 22420.00 | | Six Calendar Months |
| 5 | Construction of GPLF Building with Market Complex at Pokatunga, G.P.: Pokatunga | 22.42 | 'B' or 'C' | 22420.00 | | Six Calendar Months |
| 6 | Construction of Model A.W.C. Building at Kangula - D, G.P.: Kangula, Bentapur | 15.27 | 'C' or 'D' | 15270.00 | | Six Calendar Months |

For detailed information, please visit the website **https://www.angul.odisha.gov.in.**

Sd./- 18.12.2024
Block Development Officer, Angul

OIPR-19073/11/0003/2425

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ,
ସା.: କୁଳଡେରା, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଗାଡିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ବ୍ୟାଙ୍କ ଦ୍ୱାରା ଜବତ କରାଯାଇଥିବା ନିମ୍ନଲିଖିତ ଗାଡ଼ିଗୁଡ଼ିକ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଭିତ୍ତିରେ ନିମ୍ନଲିଖିତ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ କ୍ରୟ କରିବାକୁ ଆଗ୍ରହୀ ନିଲାମଧାରୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଏହି ସର୍ବସାଧାରଣ ନୋଟିସ୍‌ଟି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ଏକ ନୋଟିସ୍ ଭାବେ ଗ୍ରହଣ କରାଯିବ। ସେମାନଙ୍କୁ ପରାମର୍ଶ କି ସେମାନେ ନିଲାମ ତାରିଖ ଦିନ ନିଲାମ ସ୍ଥାନରେ ଉପସ୍ଥିତ ରହି ନିଲାମ ତାରିଖ ପୂର୍ବରୁ ସମସ୍ତ ବକେୟା ରାଶି ପୈଠ କରନ୍ତୁ ଅନ୍ୟଥା ଗାଡ଼ିଗୁଡ଼ିକ ନିଲାମ କରାଯିବ ଏବଂ ବକେୟା ଯଦି କିଛି ରହିଯାଏ ତାହା ସୁଧ ଏବଂ ଖର୍ଚ୍ଚ ସହିତ ଆଦାୟ କରାଯିବ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା ରାଶି | ପାର୍କିଂ ୟାର୍ଡର ବିବରଣୀ |
|---|---|---|---|---|---|
| ୧. | ଯୋଡା | ସଞ୍ଜୟ ସିଂହ | ASHOK LEYLAND GM 4220/66, ନିର୍ମାଣ ବର୍ଷ: 2020, ପଞ୍ଜିକୃତ ନଂ.: OD09P3246, ଇଞ୍ଜିନ ନଂ.: LDHZ407847, ଚେସିସ୍ ନଂ.: MB1NGCHD3LRDE5606 | ଟ.୧୩,୩୮,୭୫୦/- / ଟ.୧,୩୩,୮୭୫/- | ବୁଲୁ ଷ୍ଟକୟାର୍ଡ ସା: ମଟକାମବେଡା, ପୋ: ବଡବିଲ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୬ |
| ୨. | ଯୋଡା | ନଫସା ଖାତୁନ | ମଡେଲ୍: COMMERCIAL TATA TRUCK, ନିର୍ମାଣ ବର୍ଷ: 2019, ପଞ୍ଜିକୃତ ନଂ.: OD09K5464, ଇଞ୍ଜିନ ନଂ.: 91B84863776, ଚେସିସ୍ ନଂ.: MAT466621K5C04526 | ଟ.୯,୪୫,୦୦୦/- / ଟ.୯୪,୫୦୦/- | ଏସ୍ ଆଣ୍ଡ୍ ଡି ଷ୍ଟକୟାର୍ଡ ସା/ପୋ.: କାନପୁର, ଥାନା: ରାସଗୋବିନ୍ଦପୁର, ଭାୟା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୧୬ |
| ୩. | ଯୋଡା | ରାଜ କୁମାର ଠାକୁର | ASHOK LEYLAND 3718, ନିର୍ମାଣ ବର୍ଷ: 2019, ପଞ୍ଜିକୃତ ନଂ.: OD09K5902, ଇଞ୍ଜିନ ନଂ.: KFEZ409860, ଚେସିସ୍ ନଂ.: MB1NACHD8KEFD5330 | ଟ.୧୧,୦୨,୫୦୦/- / ଟ.୧,୧୦,୫୦୦/- | ବିଦ୍ୟାଧର ବାରିକ ଷ୍ଟକୟାର୍ଡ ସା: ଫୁଲଝର, ପୋ: ରାଇସୁଆଁ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୮୫ |
| ୪. | ତାଳଚେର | ମୀରାରାଣୀ ଆଚାର୍ଯ୍ୟ | MARUTI SUZUKI WAGNOR, ପଞ୍ଜିକୃତ ନଂ.: OD19U9909, ଇଞ୍ଜିନ ନଂ.: K10CN1004562, ଚେସିସ୍ ନଂ.: MA3JMTB1SNB642740 | ଟ.୨,୬୨,୦୦୦/- / ଟ.୨୬,୨୦୦/- | ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଲ ଶାଖା ସା/ପୋ: ବଡହାଲ, ଜିଲ୍ଲା: କେନ୍ଦୁଝର |

ନିଲାମ ତାରିଖ: ୨୭.୦୧.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ, ଇ-ନିଲାମ ପୋର୍ଟାଲ **https://baanknet.com.**

ଅମାନତ ରାଶି, ଦରଖାସ୍ତ ଏବଂ କାଗଜାତ୍ ଜମା କରିବାର ଅନ୍ତିମ ତାରିଖ: ୨୦.୦୧.୨୦୨୫, ପୂର୍ବାହ୍ନ ୧୦.୦୦ ଘଟିକାରୁ ୨୭.୦୧.୨୦୨୫, ଅପରାହ୍ନ ୦୨.୦୦ ଘଟିକା ସୁଦ୍ଧା।

**ନିୟମ ଏବଂ ସର୍ତ୍ତାବଳୀ :** ଇଚ୍ଛୁକ ନିଲାମଧାରୀମାନେ ଗାଡିଗୁଡ଼ିକୁ ଉପରଦର୍ଶିତ ପାର୍କିଂ ୟାର୍ଡ ପରିସରରେ ତା.୨୦.୦୧.୨୦୨୫ ରୁ ତା.୨୪.୦୧.୨୦୨୫, ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ ଯାଞ୍ଚ କରିପାରିବେ। ସଫଳ ନିଲାମଧାରୀଙ୍କ ସପକ୍ଷରେ ନିଲାମ ସ୍ଥିର ହେଲେ ସେ ନିଲାମ ରାଶିର ୨୫% ନିଲାମର ୧ ଦିନ ମଧ୍ୟରେ ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି ୧୫ ଦିନ ମଧ୍ୟରେ ଦାଖଲ କରିବେ ଅନ୍ୟଥା ସଫଳ ନିଲାମଧାରୀଙ୍କ ଦ୍ୱାରା ଜମା କରାଯାଇଥିବା ରାଶି ବାଜ୍ୟାପ୍ତି କରାଯିବ। ସଫଳ କ୍ରେତା, ମାଲିକାନା ହସ୍ତାନ୍ତରିତ ଏବଂବୈଧାନିକ ଦେୟ / ସମସ୍ତ ଆନୁଷଙ୍ଗିକ ଦେୟ ଯଦିଥାଏ ତାହା ବହନ କରିବେ । ସଫଳ ନିଲାମଧାରୀମାନେ ସମ୍ପୂର୍ଣ୍ଣ ନିଲାମ ରାଶି ପୈଠ କରି ଷ୍ଟକ୍ ୟାର୍ଡରୁ ୧୫ ଦିନ ମଧ୍ୟରେ ଗାଡ଼ିଗୁଡ଼ିକ ନେବା ସେମାନଙ୍କର ଦାୟିତ୍ୱ ଅଟେ। ଗାଡି "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଭିତ୍ତିରେ ନିଲାମ କରାଯିବ । ବ୍ୟାଙ୍କ ଯେକୌଣସି ସମୟରେ ନିଜର ସ୍ୱତନ୍ତ୍ର କ୍ଷମତା ବଳରେ ଗାଡିର ନିଲାମ ପ୍ରକ୍ରିୟାକୁ ଗ୍ରହଣ / ରଦ୍ଦ / ବାତିଲ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି । ନିଲାମ ଡାକରେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ । **ପରବର୍ତ୍ତୀ ସୂଚନା ଏବଂ ସ୍ପଷ୍ଟୀକରଣ** ନିମନ୍ତେ ଯୋଗାଯୋଗ କରନ୍ତୁ : ଲକ୍ଷ୍ମୀ ନାରାୟଣ ପ୍ରସାଦ, ମୋ.: ୯୧୦୧୫୮୦୦୧୯

ସ୍ଥାନ: କେନ୍ଦୁଝର
ତାରିଖ: ୨୩.୧୨.୨୦୨୪

ଆଞ୍ଚଳିକ ପ୍ରବନ୍ଧକ
ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଜାନୁଆରୀ ୨୯ରୁ ଉତ୍ସବ ପ୍ରଧାନପାଟ


ବୈଠକରେ ପ୍ରଧାନପାଟ ଉତ୍ସବ ପାଇଁ ଆଲୋଚନା କରାଯାଉଛି।

**ଦେବଗଡ଼, ୨୩।୧୨ (ଶଶାଙ୍କ ଶେଖର ଝାଙ୍କର)**

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଉତ୍ସବ ପ୍ରଧାନପାଟ-୨୦୨୫ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନପାଟ ବଡ଼ବଗିଚା ମୁକ୍ତ ରଙ୍ଗ ମଞ୍ଚରେ ଜାନୁଆରୀ ୨୯ରୁ ଆରମ୍ଭ ହୋଇ ଫେବୃଆରୀ ୨ରେ ଉଦ୍‌ଯାପିତ ହେବ। ଏ ନେଇ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉତ୍ସବ ପ୍ରଧାନପାଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉତ୍ସବ ପାଞ୍ଚଦିନ ଧରି କରିବା ପାଇଁ ସ୍ଥିର କରାଯାଇଛି। ଉତ୍ସବ ଆୟୋଜନ ନିମନ୍ତେ ଜିଲାର ଲୋକ ନୃତ୍ୟ ଦଳ ଏବଂ ଅନ୍ୟ ପ୍ରଦେଶର ଭିନ୍ନ ଭିନ୍ନ ଲୋକ ନୃତ୍ୟ, ଜିଲାରେ ଥିବା ତିନି ବ୍ଲକ ର ସାଂସ୍କୃତିକ ଦଳକୁ ଯୋଗାଯୋଗ କରାଯିବା। ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ ଉତ୍ସବ ଅବସରରେ ପଲିଶ୍ରୀ ମେଳା, ପୁସ୍ତକ ମେଳା, ଖାଦ୍ୟ ମେଳା ଏବଂ ଜିଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀ ଆୟୋଜନ କରାଯିବ। ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ସୁପରିଚାଳନା ନିମନ୍ତେ ଭିନ୍ନଭିନ୍ନ ସବ କମିଟି ଗଠନ କରାଯିବ। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ଜିଲା ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପ ଜିଲାପାଳ ପରକ୍ଷିତ ସାହୁ, ସହକାରୀ ଜିଲାପାଳ ହେମନ୍ତ ସିଂ, ତାପସ ମହନ୍ତ, ଜିଲା ସଂସ୍କୃତି ପରିଷଦ ସଦସ୍ୟମାନେ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍ସବ ପ୍ରଧାନପାଟ ସ୍ମରଣିକା ପାଇଁ ଲେଖା ଆବଶ୍ୟକ

**ଦେବଗଡ଼, ୨୩।୧୨ (ଶଶାଙ୍କ ଶେଖର ଝାଙ୍କର)**

ପ୍ରତିବର୍ଷ ଭଳି ଚଳିତବର୍ଷ ଉତ୍ସବ ପ୍ରଧାନପାଟ-୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଏକ ସ୍ମରଣିକା ପ୍ରକାଶ ପାଇବ। ଏହି ପରିପେକ୍ଷୀରେ ସ୍ମରଣିକା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କ ଆବାହନକ୍ରମେ ଉତ୍ସବ ପ୍ରଧାନପାଟ ସ୍ମରଣିକା ପାଇଁ ଲେଖକ, ଲେଖିକା, କବୟିତ୍ରୀ ଓ ଛାତ୍ରୀଛାତ୍ରଙ୍କଠାରୁ ଦେବଗଡ଼ ଜିଲା କଳା ସଂସ୍କୃତି ଐତୀୟ ପରମ୍ପରା ଓଡ଼ିଆ, ହିନ୍ଦୀ, ଇଂଲିଶ ଭାଷାରେ ଲେଖା ପ୍ରକାଶ ପାଇବ। ପ୍ରବନ୍ଧଗୁଡିକ ସର୍ବାଧିକ ୧୦୦୦ ଶବ୍ଦ ଓ କବିତାଗୁଡିକ ସର୍ବାଧିକ ୨୦ ଧାଡି ମଧ୍ୟରେ ସୀମିତ ରହିବ। ଏହି ଲେଖାଗୁଡିକ ୨୦୨୫ ଜାନୁଆରୀ ୧୦ ତାରିଖ ସୁଦ୍ଧା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଓ ଇମେଲ dipro.dgh୧୧୧@gmail.comରେ ପଠାଇବା ପାଇଁ ଅନୁରୋଧ କରାଯାଇଛି।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ପୁରସ୍କାର ବିତରଣ ଉତ୍ସବ


କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ଛାତ୍ରୀଛାତ୍ର, ଅତିଥି ଏବଂ ଶିକ୍ଷୟିତ୍ରୀ ଶିକ୍ଷକ।

**ସମ୍ବଲପୁର, ୨୩।୧୨ (ବି.ଶଙ୍କର)**

ସମ୍ବଲପୁର ସହର ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ବାର୍ଷିକ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗତ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ସ୍କୁଲ ପରିସର ପଡିଆ, ଟାଉନ ହଲ ପଡିଆ ଏବଂ ହାୱା ମଇଦାନଠାରେ ନର୍ସରୀଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍କୁଲ ଅଧ୍ୟକ୍ଷ ବ୍ରଜ କିଶୋର ହୋତା ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସହକାରୀ ଅଧ୍ୟକ୍ଷ ବିଶେଶ୍ୱର ବସ୍ତିଆ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ବଲପୁର ଟାଉନ ଥାନାଧିକାରୀ ରଞ୍ଜନ କୁମାର ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ଭଲ ପାଠ ପଢ଼ିବା ସଙ୍ଗେ ଖେଳକୁଦରେ ଅଂଶ ଗ୍ରହଣ କରି ଭବିଷ୍ୟତରେ ଏକ ଉତ୍ତମ ନାଗରିକ ହେବାକୁ ମୁଖ୍ୟ ଅତିଥି ବିଶ୍ୱାଳ ଉପଦେଶ ଦେଇଥିଲେ। ଏହି ଅବସରରେ ପୂର୍ବତନ ସମ୍ପାଦକ ଡା. ବାବୁଲୁ ପଟ୍ଟନାୟକ, ସହସମ୍ପାଦକ ନିହାର ରଞ୍ଜନ ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାତ କରିଥିଲେ। ଶେଷରେ କ୍ରୀଡ଼ା ପତାକା ଅବନମିତ କରାଯିବା ପରେ ସ୍କୁଲ ସମ୍ପାଦକ ବୀରେନ୍ଦ୍ର କୁମାର ପାଣିଗ୍ରାହୀ ଚଳିତବର୍ଷ କ୍ରୀଡା ପ୍ରତିଯୋଗିତାର ଉଦ୍‌ଯାପନ ଘୋଷଣା କରିଥିଲେ।

## ସଂକ୍ଷେପରେ

### ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଦସ୍ତଖତ ଅଭିଯାନ




**ଝାରସୁଗୁଡ଼ା, ୨୩।୧୨ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ପ୍ରଦୋଷ କୁମାର ସ୍ମୃତି ସ୍ମାରକୀ ମହାବିଦ୍ୟାଳୟରେ ଶନିବାର ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଦସ୍ତଖତ ଅଭିଯାନ ଆରମ୍ଭ ହୋଇଯାଇଛି। ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡ଼ା ଜିଲାରେ ଜିଲା ସଂଯୋଜକ ଖଗେଶ୍ୱର ନାଏକଙ୍କ ନେତୃତ୍ୱରେ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏଥିରେ ୨୦୦୮ ମସିହାରୁ ୨୦୧୮ ମସିହା ମଧ୍ୟରେ ଓଡ଼ିଶାର ବିଭିନ୍ନ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସକାଶେ ଏହି ଅଭିଯାନ ତାରିଖ ୨୦।୧୨।୨୦୨୪ ରୁ ୫।୧।୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ପୂର୍ବ ସରକାରଙ୍କ ସମୟରେ ଏହି ଦାବିକୁ ବାରମ୍ବାର ବିଭିନ୍ନ ଆନ୍ଦୋଳନ ମାଧ୍ୟମରେ ଜଣାଇବା ସତ୍ତ୍ୱେ ଏହାର କୌଣସି ସୁଫଳ ମିଳି ନ ଥିଲା। ବର୍ତ୍ତମାନ ସରକାରଙ୍କ ଉପରେ ଭରସା ରଖି ଉକ୍ତ କାର୍ଯ୍ୟକ୍ରମ କରାଯାଇଛି। ଏହି ଅବସରରେ ଅଧ୍ୟାପିକା ମମତା ପ୍ରଧାନ, ସୀମା ବିଶ୍ୱାଳ, ଲିଲିମା ରଣବିଡା, ପ୍ରତିଭା ପାଣ୍ଡେ, ବବିତା ରଣା, ଅଧ୍ୟାପକ କାଳୁ ଚରଣ ମହାନ୍ତି, ଅରବିନ୍ଦ କୁମାର ଡଲା ଅଂଶଗ୍ରହଣ କରିଥିଲେ।

### ଜାତୀୟ କୃଷକ ଦିବସ ପାଳିତ

**ସମ୍ବଲପୁର, ୨୩।୧୨ (ବି.ଶଙ୍କର)**

ହୀରାକୁଦ ଅଞ୍ଚଳର ବିକାଶକୁ ଦୃଷ୍ଟିରେ ରଖି ହିଣ୍ଡାଲକୋ ପକ୍ଷରୁ ସୋମବାର ଅନୁଷ୍ଠିତ ହୋଇଯାଇଛି। ହୀରାକୁଦ ହିଣ୍ଡାଲକୋ କମ୍ପ୍ଲେକ୍ସର ୟୁନିଟ ହେଡ ଦେବାଶିଷ ମଲିକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ହିଣ୍ଡାଲକୋ ପାରିପାର୍ଶିକ ଉନ୍ନୟନ ବିଭାଗ ଏବଂ ବାଏଫ ଆୟୋଜିତ ଜାତୀୟ କୃଷକ ଦିବସ ଅବସରରେ ବୁଢ଼ାକଣ୍ଟା ଗ୍ରାମର ପ୍ରକଳ୍ପ ବସୁଧା ଅଧିନରେ ୨୭୭ ଅମୃତଭଣ୍ଡା ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଖ ପାଖ ଗ୍ରାମର କୃଷକ, ମହିଳା ଓ ଶିଶୁମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ହିଣ୍ଡାଲକୋର ମାନବ ସମ୍ବଳ ମହାପ୍ରବନ୍ଧକ ଆଶିଷ ପାଣ୍ଡେ, ଅମିତ କୁମାର, ଆଲୋକ ତ୍ରିପାଠୀ, ସିଏସଆର ଟିମର ସଦସ୍ୟ ଜିତେଶ ରଥ, ଆନନ୍ଦ ଚକ୍ରବର୍ତ୍ତୀ, ସରୋଜ କୁମାର ଆଚାର୍ଯ୍ୟ, ବାଏଫର ଆକାଂକ୍ଷା ବେହେରା, ଶାରୀଙ୍କ ହାସଦା, କୃଷକ ବିରଞ୍ଚି ବିଶ୍ୱାଳ, ସୁଧିର ଖମାରି, ବିଶ୍ୱମ୍ଭର ବନଛୋଡ, ଦିଲୀପ ପରଢିଆ, ବିଷ୍ଣୁ ପ୍ରୀୟା ପ୍ରଧାନ, ଦେବକୀ କିସାନ, ଅହଲ୍ୟା ବନଛୋର ଉପସ୍ଥିତ ଥିଲେ। କୃଷକମାନେ ମଧ୍ୟ ସେମାନଙ୍କର ଅନୁଭୂତି ବାଣ୍ଟିଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ଼, ୨୩।୧୨ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଝରାଗୋଗୁଆ ପଞ୍ଚାୟତ ସମ୍ମିଳନୀ କକ୍ଷରେ ସର୍ବ ପ୍ରଥମେ ଜିଲାସ୍ତରୀୟ କର୍ମଶାଳା ସୁଶାସନ ସପ୍ତାହ ୧୯ ଡିସେମ୍ବରରୁ ୨୪ ଡିସେମ୍ବର ପର୍ଯ୍ୟନ୍ତ ପାଳିତ ହେଉଛି। ଏହି ଅବସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା ସୁଶାସନ ସପ୍ତାହ ପାଳନ ଉଦେଶ୍ୟର ବିଭିନ୍ନ ବିଭାଗର ସରକାରଙ୍କଠାରୁ ମିଳିଥିବା ସୁବିଧାଗୁଡିକ ଯୋଗାଇ ଦେବା ସହ ଓ ସେବା ସେକ୍ଟର ସହିତ ସୁନିତି ଓ ପ୍ରଶାସନିକ ଶକ୍ତିକୁ ଅନୁଷ୍ଠିତ କରି ସରକାରୀ ସେବା ଯୋଗେଇଦେବା ଉପରେ ଆଲୋକପାତ କରିଥିଲେ। ପରେ ଜନଶୁଣାଣି ଶିବିରରେ ୪୩ଟି ଅଭିଯୋଗ ଗ୍ରହଣ କରିବା ସହିତ ତୁରନ୍ତ ବିଭାଗୀୟ ତଦନ୍ତ କରି ସମାଧାନ କରିବାକୁ ସମ୍ପୃକ୍ତ ବିଭାଗ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୩୦ଟି ସାମହିକ ଏବଂ ୧୩ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ଜଣାପଡିଛି। ବିଶେଷ କରି ଅପହଞ୍ଚ ଅଞ୍ଚଳରେ ଆମ୍ବୁଲାନ୍ସ ସେବା, ବସ ସେବା, ପାନୀୟଜଳ, ରାସ୍ତା, ପୋଲ ନିର୍ମାଣ ଏବଂ ରାଶନ କାର୍ଡ ସଂଯୋଗ ଆଦି ଅଭିଯୋଗ କରାଯାଇଥିଲା। ଅଭିଯୋଗ ଶୁଣାଣି ଶିବିରରେ ଡେପୁଟି କଲେକଟର ଅଞ୍ଜୁନୀ କୁଜୁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ବରିହାଙ୍କ ସମେତ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## କୋଶଲ ନର୍ସିଂ କଲେଜର ବାର୍ଷିକ ଉତ୍ସବ

**ସମ୍ବଲପୁର, ୨୩।୧୨ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ମହାନଗର ନିଗମ ନକ୍ସାପାଲିସ୍ଥିତ କୋଶଲ ନର୍ସିଂ କଲେଜରେ ସୋମବାର ଶପଥ ଗ୍ରହଣ ଉତ୍ସବ ସହ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଡ ବସନ୍ତ କୁମାର ବିଷୋଇ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଭିମ୍‌ସାର ମେଡିକାଲର ପ୍ରଫେସର ଡା ଶଶୀଧର ବିଶ୍ୱାଳ ମୁଖ୍ୟ ଅତିଥି, ଭିମସାର ନର୍ସିଂ କଲେଜ ଉପାଧ୍ୟକ୍ଷା ଡା. ମାଳତୀ ପ୍ରଧାନ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଅତିଥିମାନେ ନର୍ସିଂକୁ ମହତ ବୃତ୍ତି ବୋଲି କହିଥିଲେ। ଛାତ୍ରୀଛାତ୍ରମାନେ ସେବା ମନୋବୃତ୍ତି ନେଇ ଭବିଷ୍ୟତରେ କାମ କରିବାକୁ ସେ ପରାମର୍ଶ ହୋଇଥିଲେ। ଶିକ୍ଷୟିତ୍ରୀ ତୁଳସୀ ମିଶ୍ର ନବାଗତ ଛାତ୍ରୀଛାତ୍ରମାନଙ୍କୁ ଶପଥପାଠ କରାଇଥିଲେ। କଲେଜ ସମ୍ପାଦିକ ମୁନୁ ଜେନା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଭାରପ୍ରାପ୍ତ ଅଧ୍ୟକ୍ଷା ସୁଜାତା ସେଠ ଧପ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ଝାରସୁଗୁଡ଼ା, ୨୩।୧୨ (ଆଶିଷ ରଞ୍ଜନ ଦାଶ):** ଲଇକେରା ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଏସ୍‌ପି ସ୍ମିତ ପି ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ଡୁଙ୍ଗଡୁଙ୍ଗ, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ୧୭ଟି ଅଭିଯୋଗ ମଧ୍ୟରୁ ୧୪ଟି ବ୍ୟକ୍ତିଗତ ଓ ୩ଟି ସାମୂହିକ ଥିଲା। ଶିବିରରେ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା। ରେଡ୍‌କ୍ରସ ପାଣ୍ଠିରୁ ଚିକିତ୍ସା ସହାୟତା ବାବଦକୁ ୨ଜଣଙ୍କୁ ଦଶ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅଭିଯୋଗ ସମ୍ବନ୍ଧରେ ତର୍ଜମା ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ କରିବାକୁ କୁହାଯାଇଛି।

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୪-୨୮ ତାରିଖ: ୨୩।୧୨।୨୦୨୪**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା **https://www.ireps.gov.in/** websiteରେ ଅଧିସୂଚିତ ହୋଇଛି। **ବର୍ଗ: ପାର୍ସଲ, କାଟାଲଗ୍ ନଂ.: ଲିଜ୍-କେଜିପି-୨୪-୨୮। ଇ-ନିଲାମ ତାରିଖ: ୦୪।୦୧।୨୦୨୫। ନିଲାମ ଆରମ୍ଭ ସମୟ: ୧୧.୦୦ ଘଟିକା। ନିଲାମ ସମାପ୍ତି ସମୟ: ୧୨.୩୦ ଘଟିକା।** ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-944) **ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

GOVERNMENT OF ODISHA
No. i-375

**DEPARTMENT OF P.R. & D.W.**

**INVITATION FOR BIDS (IFB)**

**IDENTIFICATION No. AGLB-03/2024-25**

**E-mail address: ori-bangul@nic.in**

1. The Block Development Officer, Angul on behalf of the Governor of Orissa invites percentage rate civil bid in single cover system for the works as detailed in the table, from the class of eligible contractors as mentioned in Col. 4 (Four), registered with the State Government and contractors of equivalent grade/class registered with Central Government/MES/Railway, to be eventually drawn up in PWD P-I form, for execution of Building (Civil Work). The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibilty before signing the agreement. Bidders may submit bids for any or all the following works.

| Sl. No. | Name of Works | Approx. Value of Work (Rs. in Lakhs) | Class of Contractor | Bid Security (Rs.) | Cost of Documents (Non-refundable) | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of GPLF Building with Market Complex at Balasingha, G.P.: Balasingha | 22.42 | 'B' or 'C' | 22420.00 | Rs.6,000/- (Only be downloaded from www.angul.odisha.gov.in) | Six Calendar Months |
| 2 | Construction of GPLF Building with Market Complex at Baragounia, G.P.: Baragounia | 22.42 | 'B' or 'C' | 22420.00 | | Six Calendar Months |
| 3 | Construction of GPLF Building with Market Complex at Khinda, G.P.: Khinda | 22.42 | 'B' or 'C' | 22420.00 | | Six Calendar Months |
| 4 | Construction of GPLF Building with Market Complex at Matiasahi, G.P.: Matiasahi | 22.42 | 'B' or 'C' | 22420.00 | | Six Calendar Months |
| 5 | Construction of GPLF Building with Market Complex at Pokatunga, G.P.: Pokatunga | 22.42 | 'B' or 'C' | 22420.00 | | Six Calendar Months |
| 6 | Construction of Model A.W.C. Building at Kangula - D, G.P.: Kangula, Bentapur | 15.27 | 'C' or 'D' | 15270.00 | | Six Calendar Months |

For detailed information, please visit the website **https://www.angul.odisha.gov.in.**

**Sd./- 18.12.2024**
**Block Development Officer, Angul**

OIPR-19073/11/0003/2425

# ପୁରୀ କେନ୍ଦ୍ରୀୟ ବିଦ୍ୟାଳୟ ଚାମ୍ପିୟନ


ଆୟୋଜିତ କ୍ରିକେଟ ପ୍ରତିଯୋଗୀତାରେ ଅତିଥିଙ୍କ ସହ ଖେଳାଳିମାନେ।

### କେନ୍ଦ୍ରୀୟ ବିଦ୍ୟାଳୟ-୧ରେ କ୍ରିକେଟ ପ୍ରତିଯୋଗିତା

**ସମ୍ବଲପୁର, ୨୩।୧୨ (ବି.ଶଙ୍କର):** ସମ୍ବଲପୁର ବରେଇପାଲି ଶିଳ୍ପାଞ୍ଚଳ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୧ରେ କେନ୍ଦ୍ରୀୟ ବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରିୟ ବିଦ୍ୟାଳୟଗୁଡିକରେ କାର୍ଯ୍ୟରତ କର୍ମଚାରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ କେନ୍ଦ୍ରୀୟ ବିଦ୍ୟାଳୟ-୧ ର ପ୍ରାଥମିକ ବିଭାଗ ଏବଂ ସେକେଣ୍ଡାରୀ ବିଭାଗ, ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ପୁରୀ କେନ୍ଦ୍ରୀୟ ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚ ପୁରୀ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ-୧ ସମ୍ବଲପୁରର ପ୍ରାଥମିକ ଦଳ ସହ ହୋଇଥିଲା। ଏହି ମ୍ୟାଚରେ କେନ୍ଦ୍ରୀୟ ବିଦ୍ୟାଳୟ ପୁରୀ ୭ ରନରେ ସମ୍ବଲପୁରକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚ କେନ୍ଦ୍ରୀୟ ବିଦ୍ୟାଳୟ ବନ୍ଧମୁଣ୍ଡା ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର ସିନିୟର ଦଳ ମଧ୍ୟରେ ହୋଇଥିଲା। ଏଥିରେ କେନ୍ଦ୍ରୀୟ ବିଦ୍ୟାଳୟ ବନ୍ଧମୁଣ୍ଡା ବିଜୟୀ ହୋଇ ଫାଇନାଲରେ ପ୍ରବେଶ ହୋଇଥିଲା। ଫାଇନାଲ ମ୍ୟାଚ କେନ୍ଦ୍ରୀୟ ବିଦ୍ୟାଳୟ ପୁରୀ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ବନ୍ଧମୁଣ୍ଡା ମଧ୍ୟରେ ହୋଇଥିଲା। ଏହି ମ୍ୟାଚକୁ କେନ୍ଦ୍ରୀୟ ବିଦ୍ୟାଳୟ ପୁରୀ ଏକତରଫା ଭାବରେ ଜିତି ଚାମ୍ପିୟନ ହୋଇଥିଲା। କେନ୍ଦ୍ରୀୟ ବିଦ୍ୟାଳୟ ପୁରୀର ଷ୍ଟାର କ୍ରିକେଟର ମଣ୍ଡିତ ମନ୍ଦାର ପ୍ଲେୟାର ଅଫ ଦ ଟୁର୍ନାମେଣ୍ଟ ହୋଇଥିଲେ। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ରଣରଞ୍ଜନ ସିଂହ ବିଜୟୀ ଦଳ ଓ ରନର ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONII VSKP2024054, ତା.16.12.2024ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳରେ ଗୁଣୁପୁର-ଥେରୁବାଲି ନ୍ୟୁ ଲାଇନ୍ (73.623 କି.ମି.) ଏବଂ ସିଙ୍ଗାପୁର ରୋଡ଼ (5.5 କି.ମି.) ଠାରେ ଫ୍ଲାଇ-ଓଭର :- ଓଡ଼ିଶା ରାଜ୍ୟର ରାୟଗଡ଼ା ଜିଲ୍ଲାରେ ଜଙ୍ଗଲ ଜମିର ପରିବର୍ତ୍ତନ ଏବଂ ସରକାରଙ୍କ ରେଳବାଇ ଅଧିଗ୍ରହଣ ଅଧିନିୟମ 2008, ହସ୍ତାନ୍ତରୀକରଣ ଏବଂ ଅନୁମତିମୂଳକ ଅଧିକାର ଅନ୍ତର୍ଗତ ଘରୋଇ ଜମିର ଅଧିଗ୍ରହଣ ନିମନ୍ତେ ଜମି ଅଧିଗ୍ରହଣ (CALA) ପାଇଁ ସକ୍ଷମ ପ୍ରାଧିକାରୀଙ୍କୁ ସୁବିଧା ପ୍ରଦାନ କରିବା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 412.94 ଲକ୍ଷ, EMD(ଟଙ୍କାରେ): 3,56,500/-, କାର୍ଯ୍ୟ ଶେଷ ହେବା ଅବଧି : 18 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.07.01.2025 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭଲ୍ୟୁମ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/
ଭୁବନେଶ୍ୱର

PR-109/CH/24-25

ବ୍ୟାଙ୍କ ଅଫ୍ ଇଣ୍ଡିଆ
Bank of India BOI

**ବ୍ୟାଙ୍କ ଅଫ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ,
ସା.: କୁଲଡେରା, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪

**ଗାଡିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ବ୍ୟାଙ୍କ ଦ୍ୱାରା ଜବତ କରାଯାଇଥିବା ନିମ୍ନଲିଖିତ ଗାଡ଼ିଗୁଡ଼ିକ "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଭିତ୍ତିରେ ନିମ୍ନଲିଖିତ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ କ୍ରୟ କରିବାକୁ ଆଗ୍ରହୀ ନିଲାମଧାରୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଏହି ସର୍ବସାଧାରଣ ନୋଟିସ୍‌ଟି ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାଙ୍କୁ ଏକ ନୋଟିସ୍ ଭାବେ ଗ୍ରହଣ କରାଯିବ। ସେମାନଙ୍କୁ ପରାମର୍ଶ କି ସେମାନେ ନିଲାମ ତାରିଖ ଦିନ ନିଲାମ ସ୍ଥାନରେ ଉପସ୍ଥିତ ରହି ନିଲାମ ତାରିଖ ପୂର୍ବରୁ ସମସ୍ତ ବକେୟା ରାଶି ପୈଠ କରନ୍ତୁ ଅନ୍ୟଥା ଗାଡ଼ିଗୁଡ଼ିକ ନିଲାମ କରାଯିବ ଏବଂ ବକେୟା ଯଦି କିଛି ରହିଯାଏ ତାହା ସୁଧ ଏବଂ ଖର୍ଚ୍ଚ ସହିତ ଆଦାୟ କରାଯିବ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାଙ୍କ ନାମ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା ରାଶି | ପାର୍କିଂ ୟାର୍ଡର ବିବରଣୀ |
|---|---|---|---|---|---|
| ୧. | ଯୋଡା | ସଞ୍ଜୟ ସିଂହ | ASHOK LEYLAND GM 4220/66, ନିର୍ମାଣ ବର୍ଷ: 2020, ପଞ୍ଜିକୃତ ନଂ.: OD09P3246, ଇଞ୍ଜିନ ନଂ.: LDHZ407847, ଚେସିସ୍ ନଂ.: MB1NGCHD3LRDE5606 | ଟ.୧୩,୩୮,୭୫୦/- / ଟ.୧,୩୩,୮୭୫/- | ବୁଲୁ ଷ୍ଟକୟାର୍ଡ ସା: ମଟକାମବେଡା, ପୋ: ବଡବିଲ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୬ |
| ୨. | ଯୋଡା | ନଫସା ଖାତୁନ | ମଡ୍ଲେ: COMMERCIAL TATA TRUCK, ନିର୍ମାଣ ବର୍ଷ: 2019, ପଞ୍ଜିକୃତ ନଂ.: OD09K5464, ଇଞ୍ଜିନ ନଂ.: 91B84863776, ଚେସିସ୍ ନଂ.: MAT466621K5C04526 | ଟ.୯,୪୫,୦୦୦/- / ଟ.୯୪,୫୦୦/- | ଏସ୍ ଆଣ୍ଡ ଡି ଷ୍ଟକୟାର୍ଡ ସା/ପୋ.: କାନପୁର, ଥାନା: ରାସଗୋବିନ୍ଦପୁର, ଭାୟା: ବାରିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୧୬ |
| ୩. | ଯୋଡା | ରାଜ କୁମାର ଠାକୁର | ASHOK LEYLAND 3718, ନିର୍ମାଣ ବର୍ଷ: 2019, ପଞ୍ଜିକୃତ ନଂ.: OD09K5902, ଇଞ୍ଜିନ ନଂ.: KFEZ409860, ଚେସିସ୍ ନଂ.: MB1NACHD8KEFD5330 | ଟ.୧୧,୦୨,୫୦୦/- / ଟ.୧,୧୦,୫୦୦/- | ବିଦ୍ୟାଧର ବାରିକ ଷ୍ଟକୟାର୍ଡ ସା: ଫୁଲଝର, ପୋ: ରାଇସୁଆଁ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୮୫ |
| ୪. | ତାଳଚେର | ମୀରାରାଣୀ ଆଚାର୍ଯ୍ୟ | MARUTI SUZUKI WAGNOR, ପଞ୍ଜିକୃତ ନଂ.: OD19U9909, ଇଞ୍ଜିନ ନଂ.: K10CN1004562, ଚେସିସ୍ ନଂ.: MA3JMTB1SNB642740 | ଟ.୨,୬୨,୦୦୦/- / ଟ.୨୬,୨୦୦/- | ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡହାଲ ଶାଖା ସା/ପୋ: ବଡହାଲ, ଜିଲ୍ଲା: କେନ୍ଦୁଝର |

ନିଲାମ ତାରିଖ: ୨୭.୦୧.୨୦୨୫ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ, ଇ-ନିଲାମ ପୋର୍ଟାଲ **https://baanknet.com.**

ଅମାନତ ରାଶି, ଦରଖାସ୍ତ ଏବଂ କାଗଜାତ୍ ଜମା କରିବାର ଅନ୍ତିମ ତାରିଖ: ୨୦.୦୧.୨୦୨୫, ପୂର୍ବାହ୍ନ ୧୦.୦୦ ଘଟିକାରୁ ୨୭.୦୧.୨୦୨୫, ଅପରାହ୍ନ ୦୨.୦୦ ଘଟିକା ସୁଦ୍ଧା।

**ନିୟମ ଏବଂ ସର୍ତ୍ତାବଳୀ :** ଇଚ୍ଛୁକ ନିଲାମଧାରୀମାନେ ଗାଡିଗୁଡିକୁ ଉପରଦର୍ଶିତ **ପାର୍କିଂ ୟାର୍ଡ** ପରିସରରେ **ତା.୨୦.୦୧.୨୦୨୫ ରୁ ତା.୨୪.୦୧.୨୦୨୫, ପୂର୍ବାହ୍ନ ୧୦.୦୦ଘଟିକା ରୁ ଅପରାହ୍ନ ୪.୦୦ ଘଟିକା** ମଧ୍ୟରେ ଯାଞ୍ଚ କରିପାରିବେ। ସଫଳ ନିଲାମଧାରୀଙ୍କ ସପକ୍ଷରେ ନିଲାମ ସ୍ଥିର ହେଲେ ସେ ନିଲାମ ରାଶିର **୨୫%** ନିଲାମର ୧ ଦିନ ମଧ୍ୟରେ ଦାଖଲ କରିବେ ଏବଂ ଅବଶିଷ୍ଟ ରାଶି **୧୫ ଦିନ** ମଧ୍ୟରେ ଦାଖଲ କରିବେ ଅନ୍ୟଥା ସଫଳ ନିଲାମଧାରୀଙ୍କ ଦ୍ୱାରା ଜମା କରାଯାଇଥିବା ରାଶି ବାଜ୍ୟାପ୍ତି କରାଯିବ। ସଫଳ କ୍ରେତା, ମାଲିକାନା ହସ୍ତାନ୍ତରିତ ଏବଂବୈଧାନିକ ଦେୟ / ସମସ୍ତ ଆନୁଷଙ୍ଗିକ ଦେୟ ଯଦିଥାଏ ତାହା ବହନ କରିବେ। ସଫଳ ନିଲାମଧାରୀମାନେ ସମ୍ପୂର୍ଣ୍ଣ ନିଲାମ ରାଶି ପୈଠ କରି ଷ୍ଟକ୍ ୟାର୍ଡରୁ **୧୫ ଦିନ** ମଧ୍ୟରେ ଗାଡ଼ିଗୁଡ଼ିକ ନେବା ସେମାନଙ୍କର ଦାୟିତ୍ୱ ଅଟେ। ଗାଡି **"ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି" ଭିତ୍ତିରେ** ନିଲାମ କରାଯିବ। ବ୍ୟାଙ୍କ ଯେକୌଣସି ସମୟରେ ନିଜର ସ୍ୱତନ୍ତ୍ର କ୍ଷମତା ବଳରେ ଗାଡିର ନିଲାମ ପ୍ରକ୍ରିୟାକୁ ଗ୍ରହଣ / ରଦ୍ଦ / ବାତିଲ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି। ନିଲାମ ଡାକରେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। **ପରବର୍ତ୍ତୀ ସୂଚନା ଏବଂ ସ୍ପଷ୍ଟୀକରଣ** ନିମନ୍ତେ ଯୋଗାଯୋଗ କରନ୍ତୁ : ଲକ୍ଷ୍ମୀ ନାରାୟଣ ପ୍ରସାଦ, ମୋ.: ୯୧୦୧୫୦୮୦୧୯

ସ୍ଥାନ: କେନ୍ଦୁଝର
ତାରିଖ: ୨୩.୧୨.୨୦୨୪

ଆଞ୍ଚଳିକ ପ୍ରବନ୍ଧକ
ବ୍ୟାଙ୍କ ଅଫ୍ ଇଣ୍ଡିଆ

ଚଳଚଞ୍ଚଳ
୨୦୨୪ର ଅନେକ ସ୍ମୃତି ନୟାଗଡ଼ ଜିଲା ଡାଏରିକୁ ସମୃଦ୍ଧ କରିଛି । କଣ୍ଟେଇମୁଣ୍ଡି ବାଇଗଣକୁ ଜିଆଇ ଟ୍ୟାଗ୍ ମାନ୍ୟତା ହେଉ କି ରେଳ ମାନଚିତ୍ରରେ ଦଶପଲ୍ଲା ସାମିଲ ହେବା ଘଟଣା ନୂଆ ଉନ୍ମାଦନା ସୃଷ୍ଟି କରିଛି । ବିଜେଡି ଗଡ଼ରେ ପଦ୍ମ ଫୁଟିବା ଯେତିକି ରାଜନୈତିକ ସମୀକରଣ ସୃଷ୍ଟି କରିଥିଲା ତା'ଠାରୁ ଅଧିକ ଚର୍ଚ୍ଚାରେ ଥିଲା ଚଳିତ ବର୍ଷ ଜିଲାରେ ୪ ହାତୀ ଓ ଗୋଟିଏ କଲରାପତରିଆ ବାଘ ମୃତ୍ୟୁ ଘଟଣା... ।

# ୩ ହାତୀଙ୍କ ଜୀବନ ଗଲା





ଚଳିତ ବର୍ଷ ନୟାଗଡ଼ରେ ୩ ହାତୀଙ୍କ ମୃତ୍ୟୁ ଘଟିଛି । ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ଛାମୁଣ୍ଡିଆ ରେଞ୍ଜ ଢିପିସାହି ସେକ୍ସନର କମ୍ପାର୍ଟମେଣ୍ଟ-୨ ଶୁଖିଲାବନ୍ଧ ନିକଟରେ ଏକ ଦନ୍ତାହାତୀର ମୃତଦେହ ଜବତ ହୋଇଥିଲା ବେଳେ ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ ମୟୂରଝାଲିଆ ଗାଁ ବୋରବୋର ବନ୍ଧ ନିକଟସ୍ଥ ଏକ ଧାନକ୍ଷେତରୁ ଏକ ଦନ୍ତାହାତୀ ଶାବକର ମୃତଦେହ ଜବତ କରାଯାଇଥିଲା । ସେହିଭଳି ଦଶପଲ୍ଲା ରେଞ୍ଜ ପୋଇବାଡି ସଂରକ୍ଷିତ ଜଙ୍ଗଲ ଚମ୍ପିରିଗାଡିଆ ପାହାଡ଼ରେ ଏକ ମାଈ ହାତୀର ମୃତ୍ୟୁ ଘଟିଥିଲା । ପାହାଡ଼ରେ ଖାଦ୍ୟ ଓ ପାଣି ଅଭାବରୁ ହାତୀଟିର ମୃତ୍ୟୁ ହୋଇଥିବା ଜଣାପଡିଥିଲା ।

## ବିଦ୍ୟୁତ୍ କରେଣ୍ଟରେ ଦନ୍ତାହାତୀକୁ ହତ୍ୟା

ନୟାଗଡ଼ ବନଖଣ୍ଡ ଦଶପଲ୍ଲା ରେଞ୍ଜ ବାଣିଗୋଛା ସେକ୍ସନ ଦୁର୍ଗାପ୍ରସାଦ ବିଟ୍ ବାଇଶିପଲ୍ଲୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲର ବିଲୁଆପଡା ଘାଟିରୁ ଏକ ଦନ୍ତାହାତୀର ଗଳିତ ମୃତଦେହକୁ ଜାନୁୟାରୀ ୨୪ରେ ଜବତ କରାଯାଇଥିଲା । ପାରିପାର୍ଶ୍ୱିକ ସ୍ଥିତି ଓ ମୃତଦେହରୁ ଖଣ୍ଡ ବିଖଣ୍ଡିତ ବିଦ୍ୟୁତ୍ ତାର ମିଳିବା ପରେ ହାତୀକୁ ବିଦ୍ୟୁତ୍ କରେଣ୍ଟ ଲଗାଇ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା । ଏହି ଘଟଣାରେ ବନ ବିଭାଗ ୪ଜଣଙ୍କୁ ଗିରଫ କରିବା ସହ ୨ ହାତୀଦାନ୍ତ ଜବତ କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଥିଲା ।

## କଙ୍ଗାରୁ କୋର୍ଟ ନେଲା ଜୀବନ

ପୋଲିସଠାରୁ ନ୍ୟାୟ ନ ପାଇ ନୟାଗଡ଼ ସଦର ଥାନା ନୂଆଗାଁ ବ୍ଲକ ଚାହାଳି ଗାଁର ସୁବାସ ଚନ୍ଦ୍ର ବେହେରା ଗତ ଜାନୁଆରୀ ୨୭ରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । କଙ୍ଗାରୁ କୋର୍ଟର ଅତ୍ୟାଚାର ଓ ବାସନ୍ଦ ପରି ଦୁଃଖକୁ ସହ୍ୟ କରି ନ ପାରି ସେ ବିଷ ପିଇ ଆଖି ବୁଝିବା ଘଟଣା ଚହଳ ସୃଷ୍ଟି କରିଥିଲା । ସୁବାସଙ୍କୁ ଏକଘରକିଆ କରି ନିଆଁ, ପାଣି ବାସନ୍ଦ କରାଯାଇଥିଲା । ଏପରି କି ପରିବାରର ସଦସ୍ୟଙ୍କ ପାଇଁ ସ୍କୁଲ, ଟିଉଶନ ଓ ଦୋକାନ ଯିବାକୁ ବାରଣ କରାଯାଇଥିଲା । ଏହି ଘଟଣାରେ ପୋଲିସ ଗାଁ ସଭାପତିଙ୍କ ସମେତ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।



## କଲରାପତରିଆ ବାଘ ଶିକାର

ନୟାଗଡ଼ ଜିଲା ଖଣ୍ଡପଡ଼ା ରେଞ୍ଜ ସିଂଘାପଡା ଫରେଷ୍ଟ ସାପୁଆ ସଂରକ୍ଷିତ ଜଙ୍ଗଲ ବୁଢ଼ୀଝରି ଗ୍ରାମ ନିକଟସ୍ଥ ନାଳ ପାଖରେ ଏକ କଲରାପତରିଆ ବାଘର ମୃତ୍ୟୁ ଗତ ନଭେମ୍ବର ୨୮ରେ ଘଟିଥିଲା । ମୃତ ବାଘର ଲମ୍ବ ୬ଫୁଟ ୪ ଇଞ୍ଚ ଥିଲା । ଏହି ଘଟଣାରେ ୪ଜଣଙ୍କୁ ବନ ବିଭାଗ ଗିରଫ କରିଥିଲା । ବାର୍ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ଫାଶରେ ପଡ଼ି ବାଘଟି ପ୍ରାଣ ହରାଇଥିଲା ।

## ପାହାଡ଼ ଶୀର୍ଷରେ ରାମ ମନ୍ଦିର



ଜାନୁଆରୀ ୨୨ରେ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ହେଉଥିବାବେଳେ ଠିକ୍ ସେହିଦିନ ଭାପୁର ବ୍ଲକ୍ ଫତେଗଡ଼ ଗିରିଗୋବର୍ଦ୍ଧନ ପାହାଡ଼ ଶୀର୍ଷରେ ୬୫ ଫୁଟର ଭବ୍ୟ ମନ୍ଦିର ଅନୁରୂପ ଭାବେ ପ୍ରତିଷ୍ଠା ହେବା ଘଟଣା ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ନୂଆ ଉନ୍ମାଦନା ସୃଷ୍ଟି କରିଥିଲା । ପ୍ରାଣପ୍ରତିଷ୍ଠା ପରେ ସମୁଦ୍ର ପତ୍ତନରୁ ୧୮୦୦ ଫୁଟ ଉଚ୍ଚରେ ଗୋବର୍ଦ୍ଧନ ପାହାଡ଼ରେ ବିରାଜିଛନ୍ତି ସାଢ଼େ ୬ଫୁଟର ପ୍ରଭୁ ଶ୍ରୀରାମ । ପ୍ରଭୁ ଶ୍ରୀରାମଙ୍କ ସୁନ୍ଦର ଓ ଦିବ୍ୟ ପ୍ରତିମା ଭକ୍ତଙ୍କୁ ବିମୋହିତ କରିଛି ।

## ପିକ୍ନିକ୍ ବସ୍ ନେଲା ୩ ଛାତ୍ରୀଙ୍କ ଜୀବନ

ଜାନୁଆରୀ ୨୬ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୩ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟ ୪ ଛାତ୍ରୀଙ୍କ ସହ ଜଣେ ଅଭିଭାବକ ଓ ଜଣେ ଶିକ୍ଷକ ଗୁରୁତର ହୋଇଥିଲେ। ଏକ ଟ୍ରକ୍ ସହ ପିକ୍ନିକ୍ ବସ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ଏଭଳି ଦୁଃଖଦ ଘଟଣା ଘଟିଥିଲା ।

## ନୂଆ ଏନ୍ଏସି କଣ୍ଟିଲୋ, ଶରଣକୁଳ

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ଶରଣକୁଳ ଓ ଖଣ୍ଡପଡ଼ା ବ୍ଲକର କଣ୍ଟିଲୋକୁ ଏନଏସି ରୂପେ ରାଜ୍ୟ ସରକାର ୨୦୨୪ ନିର୍ବାଚନ ପୂର୍ବରୁ ଘୋଷଣା କରିଛନ୍ତି । ଦୀର୍ଘ ବର୍ଷର ସ୍ୱପ୍ନ ପୂରଣ ହୋଇଥିବାରୁ କଣ୍ଟିଲୋ ଓ ଶରଣକୁଳରେ ଖୁସିର ଲହରି ଦେଖାଯାଇଥିଲା ।



## ସୁରମା ବାଚସ୍ପତି

ଭାଜପାର ନୂଆ ମନ୍ତ୍ରିମଣ୍ଡଳ ଗଠନ ପରେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ବାଚସ୍ପତି ହେଇଥିଲେ । ସେ ନୟାଗଡ଼ ଜିଲାର ପ୍ରଥମ ବାଚସ୍ପତି ତଥା ଜିଲା ପାଇଁ ପ୍ରଥମ ମହିଳା ବାଚସ୍ପତି ହେବାର ସୁନାମ ଅର୍ଜନ କରିଛନ୍ତି । ସୁରମାଙ୍କୁ ପ୍ରଥମେ ଟିକେଟ୍ ମିଳି ନ ଥିଲା । ଦଳୀୟ କର୍ମୀ ଓ ସମର୍ଥକଙ୍କ ଆନ୍ଦୋଳନ ପରେ ସେ ଟିକେଟ୍ ପାଇଥିଲେ ।

## ବିଜେଡି ଗଡ଼ରେ ପଦ୍ମ

୨୦୨୪ ନିର୍ବାଚନରେ ଭାଜପା ହାୱାରେ ନୟାଗଡ଼ ଜିଲାରେ ବିଜେଡିର ଗଡ଼ ଭୁଶୁଡ଼ିଥିଲା । ଜିଲାର ୪ ବିଧାନସଭା ଆସନରୁ ରଣପୁର ଓ ଖଣ୍ଡପଡ଼ା ଭାଜପା ହାତକୁ ଯାଇଥିଲା । ଅନ୍ୟପକ୍ଷେ ହେଭିୱେଟ୍ ନେତା ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଅଳ୍ପକେ ବର୍ତ୍ତି ଯାଇ ପଞ୍ଚମ ଥର ପାଇଁ ବିଧାୟକ ପଦ ହାତେଇ ବିଜେଡି ଗଡ଼କୁ ରକ୍ଷା କରିଛନ୍ତି । ଦଶପଲ୍ଲାରେ ରମେଶ ଚନ୍ଦ୍ର ବେହେରା ବିଜେଡିରୁ ବିଜୟୀ ହୋଇ ୨ୟ ଥର ବିଧାୟକ ହୋଇପାରିଛନ୍ତି । ସେହିପରି କନ୍ଧମାଳ, କଟକ ଓ ପୁରୀ ଲୋକ ସଭା ଆସନରେ ବିଜେଡି ପରାସ୍ତ ହେବା ଘଟଣା ରାଜନୀତିରେ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲା ।

## ପୁରୁଷ ବନ୍ଧୁଙ୍କୁ ଗଛରେ ବାନ୍ଧି ଛାତ୍ରୀଙ୍କୁ ବଳାତ୍କାର

ଫତେଗଡ ଥାନା ପିଠାଖାଇ ସଂରକ୍ଷିତ ଜଙ୍ଗଲରେ ଜଣେ କଲେଜ ଛାତ୍ରୀଙ୍କୁ ଗଣ ବଳାତ୍କାର କରାଯାଇଥିଲା । ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ଅଭିଯୁକ୍ତମାନେ ଗଛରେ ବାନ୍ଧି ତାଙ୍କ ଆଖି ସାମ୍ନାରେ ଏହି ଜଘନ୍ୟକାଣ୍ଡ ଭିଆଇଥିଲେ । ଭାପୁର ଅଞ୍ଚଳର ଜଣେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ନିଜର ପୁରୁଷ ବନ୍ଧୁଙ୍କ ସହ ଫତେଗଡ଼ ରାମ ମନ୍ଦିରକୁ ଦର୍ଶନ କରି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଏଭଳି ଘଟଣା ଘଟିଥିଲା ।



## ସାବାସ୍ ରିତିକ

ରାଜସ୍ଥାନର ସବାଇ ମାଧପୁରଠାରେ ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାର ନୟାଗଡ଼ ସହର ରାଜବଗିଚାର ଏମ. ରିତିକ ରଞ୍ଜନ ମହାପାତ୍ର ସିନିୟର ପୁମ୍ସି ଷ୍ଟାଇଲରେ ଓ ନୂଆ ପୁମ୍ସି ଇଭେଣ୍ଟରେ ୨ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ପାଇ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଥିଲେ । ରାଜସ୍ଥାନର ସବାଇ ମାଧପୁରଠାରେ ୪୦ତମ ଜୁନିୟର ଓ ୩୯ ତମ ସିନିୟର ଜାତୀୟ କିରୋଗୀ ଟାଏକୋଣ୍ଡୋ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସେହିଭଳି ରାଜସ୍ଥାନର ସବାଇ ମାଧପୁରଠାରେ ଅନୁରୂପ ଭାବେ ୧୩ତମ ଜୁନିୟର ଓ ୧୨ତମ ସିନିୟର ପୁମ୍ସି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## କଣ୍ଟେଇମୁଣ୍ଡି ବାଇଗଣକୁ ଜିଆଇ ଟ୍ୟାଗ୍

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋର କଣ୍ଟେଇମୁଣ୍ଡି ବାଇଗଣକୁ ଚଳିତବର୍ଷ ଜାନୁଆରୀ ୨ରେ ଜିଓ ଗ୍ରାଫିକାଲ୍ ଇଣ୍ଡିକେଶନ(ଜିଆଇ) ଟ୍ୟାଗ୍ ମାନ୍ୟତା ମିଳିଥିଲା । ଏନେଇ ୨୦୨୩ ଅଗଷ୍ଟ ୩୧ ଜୋରନାଲ ନଂ. ୧୭୮ରେ ସାଧାରଣ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ୩ମାସ ମଧ୍ୟରେ କେହି ଦାବିଦାର ନ ଥିବାରୁ କଣ୍ଟେଇମୁଣ୍ଡି ବାଇଗଣ ଏହି ଗୌରବ ଅର୍ଜନ କରିଥିଲା । ଏହି ମାନ୍ୟତା ଘୋଷଣା ପରେ ସାଧାରଣରେ ଆନନ୍ଦ ପ୍ରକାଶ ପାଇଥିଲା ।



## ରେଳ ମାନଚିତ୍ରରେ ଦଶପଲ୍ଲା

ଚଳିତ ବର୍ଷ ରେଳ ମାନଚିତ୍ରରେ ଯୋଡ଼ି ହୋଇଥିଲା ଦଶପଲ୍ଲା । ବହୁ ପ୍ରତୀକ୍ଷିତ ଦଶପଲ୍ଲା ଡବଲ ପ୍ଲାଟଫର୍ମ ବିଶିଷ୍ଟ ରେଳ ଷ୍ଟେଶନ, ଷ୍ଟେଶନ ବିଲ୍ଡିଂକୁ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଜାନୁଆରୀ ୬ରେ ଲୋକାର୍ପଣ କରିଥିଲେ । ନୂଆଗାଁ ରୋଡ଼ ଦଶପଲ୍ଲା ରେଳ ସେକ୍ସନକୁ ଅନୁରୂପ ଭାବେ ମନ୍ତ୍ରୀ ଉଦ୍‌ଘାଟନ କରିବା ସହ ପତାକା ଦେଖାଇ ପାସେଞ୍ଜର ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଥିଲେ ।






## ଭିଜିଲାନ୍ସ ଜାଲରେ କୋଟିପତି ଏମ୍‌ଭିଆଇ

ନୟାଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କୋଟିପତି ଜିଲା ମୋଟର ଯାନ ନିରୀକ୍ଷକ(ଏମ୍‌ଭିଆଇ) ପଞ୍ଚାନନ ବେହେରା ଗିରଫ ହେବା ଘଟଣା ଚଳିତ ବର୍ଷର ଚର୍ଚ୍ଚିତ ପ୍ରସଙ୍ଗ ଥିଲା । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜାନୁଆରୀ ୯ରେ ଓଡିଶା ଭିଜିଲାନ୍ସ ପକ୍ଷରୁ ତାଙ୍କ ଘର ସମେତ ଏକକାଳୀନ ୭ଟି ସ୍ଥାନରେ ଚଢ଼ାଉ ହୋଇଥିଲା । ଚଢ଼ାଉରେ ଭୁବନେଶ୍ୱରରେ ୩୧ ପ୍ଲଟରୁ ୧୦ ବେନାମି ପ୍ଲଟ ସହିତ ବିଭିନ୍ନ ୪ ଗାଡ଼ି, ବ୍ୟାଙ୍କ ଓ ଇନ୍ସୁରାନ୍ସ ବାବଦରେ ୭୨ ଲକ୍ଷ ୮୦ ହଜାର ଡିପୋଜିଟ, ଓ ୧୫ଲକ୍ଷ ଟଙ୍କାର ସୁନା, ନଗଦ ଟଙ୍କା ଓ ଅନ୍ୟାନ୍ୟ ଅସ୍ଥାବର ସମ୍ପତ୍ତି ମିଳିଥିଲା ।

## ପରୀ ହତ୍ୟାକାରୀଙ୍କୁ ୨୦ବର୍ଷ ଜେଲ

ବହୁ ଚର୍ଚ୍ଚିତ ନୟାଗଡ଼ ସଦର ଥାନା ଯଦୁପୁର ଗାଁର ୫ ବର୍ଷର ଶିଶୁକନ୍ୟା ପରୀ ବଳାତ୍କାର ଓ ହତ୍ୟା ମାମଲାର ରାୟ ନୟାଗଡ଼ ଚିଲ୍‌ଡ୍ରେନ୍‌ସ କୋର୍ଟରେ ଚଳିତ ବର୍ଷ ପ୍ରକାଶ ପାଇଥିଲା । ସାକ୍ଷୀ, ଦସ୍ତାବିଜ, ହତ୍ୟାକାଣ୍ଡରେ ବ୍ୟବହୃତ ୧୮ ପଦାର୍ଥକୁ ବିଚାରକୁ ନେଇ ଅତିରିକ୍ତ ଜିଲା ଦୌରାଜଜ୍ ଲିଲି ସେନାପତି ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରି ସୁଧାରଗୃହକୁ ପଠାଇଛନ୍ତି । ୨୦୨୦ରେ ଘଟିଥିବା ଏହି ଘଟଣା ରାଜ୍ୟ ରାଜନୀତିରେ ଝଡ଼ ସୃଷ୍ଟି କରିଥିଲା ।

# ଇଭିଏମ୍ ଅଭିଯୋଗ ଆଣିଲା ବିଜେଡି

## ଆଇନର ଆଶ୍ରୟ ନେଉ ବିଜେଡି: ଭାଜପା

ଭୁବନେଶ୍ୱର,୨୩।୧୨(ଅନିଲ ଦାସ)

ଦୀର୍ଘ ୬ ମାସ ପରେ ସାଧାରଣ ନିର୍ବାଚନ-୨୦୨୪ରେ ଅନିୟମିତତା ହୋଇଥିବା ନେଇ ବିଜୁ ଜନତା ଦଳ (ବିଜେଡି) ଅଭିଯୋଗ ଆଣିଛି। ସୋମବାର ଏ ନେଇ ବିଜେଡି ସଂସଦୀୟ ଟିମ୍ ନୂଆଦିଲ୍ଲୀରେ ଭାରତୀୟ ନିର୍ବାଚନ କମିଶନଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛି। ଅପରାହ୍ନରେ ଖବରଦାତା ସମ୍ମିଳନୀ ମାଧ୍ୟମରେ ଦଳ ପକ୍ଷରୁ ଏହି ସୂଚନା ଦିଆଯାଇଛି। ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ସସ୍ମିତ ପାତ୍ର ଓ ସୁଲତା ଦେଓ ଅଭିଯୋଗ କରିଛନ୍ତି, ଲୋକ ସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ-୨୦୨୪ରେ ଅନିୟମିତତା ହୋଇଛି। ଓଡ଼ିଶାରେ ଗତ ଲୋକ ସଭା ଓ ବିଧାନସଭା ନିର୍ବାଚନରେ କେତେକ ଆସନରେ ଭୋଟ୍ ତାରତମ୍ୟ ଦେଖାଯାଇଛି।



ଭୋଟରେ ତାରତମ୍ୟ ଥିବା ଅଭିଯୋଗ ଆଣି ବିଜେଡି ସଂସଦୀୟ ଟିମ୍ ନୂଆଦିଲ୍ଲୀଠାରେ ସୋମବାର ଇସିଆଇଙ୍କୁ ସ୍ମାରକପତ୍ର ଦେଇ ଫେରୁଛନ୍ତି।

ଇଭିଏମ୍‌ରେ ପଡ଼ିଥିବା ଭୋଟ୍ ଓ ଗଣତି ଭୋଟିଂରେ ତାରତମ୍ୟ ଦେଖାଯାଇଛି। ସନ୍ଧ୍ୟା ୫ଟା ଓ ରାତି ୧୧ଟା ୪୫ର ଭୋଟ୍ ଗଣତି ମଧ୍ୟରେ ପାର୍ଥକ୍ୟ ଦେଖିବାକୁ ମିଳିଛି। ୨୦୦୦ ମସିହାରୁ ଭୋଟ୍ ଇଭିଏମ୍‌ରେ ହେଉଥିଲେ ମଧ୍ୟ ଏତେ ତାରତମ୍ୟ ଦେଖାଯାଉ ନ ଥିଲା। କିନ୍ତୁ ନିର୍ଦ୍ଦିଷ୍ଟ କେତୋଟି ସଂସଦୀୟ ଓ ବିଧାନସଭା କ୍ଷେତ୍ରକୁ ନେଇ ଆମେ ଅଭିଯୋଗ ଆଣିଛୁ। ଏ ନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ତଥ୍ୟ ମାଗିଲେ ମିଳୁନାହିଁ ବୋଲି ବିଜେଡି ଅଭିଯୋଗ କରିଛି। ଏହାର ନିରପେକ୍ଷ ତଦନ୍ତ କରାଯାଉ।

ନିର୍ବାଚନରେ ଅନିୟମିତତା ନେଇ ବିଜେଡିର ଖବରଦତା ସମ୍ମିଳନୀ ପରେ ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ ଗଣମାଧ୍ୟମକୁ କହିଛନ୍ତି, ବିଜେଡି ଜନାଦେଶକୁ ଗ୍ରହଣ କରିପାରୁ ନାହିଁ। ନିର୍ବାଚନ ପ୍ରକ୍ରିୟାରେ ଯଦି ତ୍ରୁଟି ରହିଛି, ତା'ହେଲେ ବିଜେଡି ଆଇନର ଆଶ୍ରୟ ନେବା ଦରକାର। କିନ୍ତୁ ବିଜେଡି ତାହା ନ କରି ଖବରଦାତା ସମ୍ମିଳନୀ କରିବାର ଅର୍ଥ ରାଜନୀତି କରୁଛି। ବିଜେଡିରେ ଏବେ ସଙ୍କଟ ପରିସ୍ଥିତି ଦେଖାଯାଇଛି ବୋଲି ସେ କହିଛନ୍ତି।

# ନିର୍ବାଚନ ସରିବାର ୬ ମାସ ପରେ ବିଜେଡିର ଅଭିଯୋଗ କେବଳ ପ୍ରଳାପ ସଦୃଶ: ବଳଭଦ୍ର

ଭୁବନେଶ୍ୱର, ୨୩।୧୨(ସୁନିତ୍ ମିଶ୍ର)

ଗତ ସାଧାରଣ ନିର୍ବାଚନରେ କୌଣସି ଅନିୟମିତତା ହେବାର ସ୍ପଷ୍ଟ ପ୍ରମାଣ ବିଜେଡି ପାଖରେ ନାହିଁ। ଭୋଟ ଗ୍ରହଣ ସମୟ ସନ୍ଧ୍ୟା ୬ ଘଡିକା ପର୍ଯ୍ୟନ୍ତ ରଖାଯାଇଥିବା ବେଳେ ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ଏହା ୫ ଘଡିକା ପର୍ଯ୍ୟନ୍ତ ରହିଥିଲା। ଏହି ସମୟସୀମା ବାହାରେ କୌଣସି ବୁଥ୍‌ରେ ଭୋଟ ହୋଇନାହିଁ, ଯାହାର ସାକ୍ଷୀ ଭାବେ ବିଜେଡିର ଏଜେଣ୍ଟମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ନିର୍ବାଚନ ସରିବାର ୬ ମାସ ପରେ ବିଜେଡି ବର୍ତ୍ତମାନ ଅଭିଯୋଗ କରିବା କେବଳ ପ୍ରଳାପ ସଦୃଶ। ନିର୍ବାଚନରେ ହାରିଯିବା ଏବଂ କ୍ଷମତାରୁ ହଟିଯିବା ଦୁଃଖକୁ ବିଜେଡି ସହ୍ୟ କରିପାରୁନାହିଁ । କେବଳ ଲୋକଲୋଚନରେ ରହିବା ପାଇଁ ତାଙ୍କର ବ୍ୟର୍ଥ ପ୍ରୟାସ ଜାରି ରଖିଛନ୍ତି। ଅନ୍ୟର ସମୟ ଅଯଥାରେ ନଷ୍ଟ ନ କରି ବିଜେଡି ନେତୃବୃନ୍ଦ ନିଜ ହାରିବାର ଆତ୍ମସମୀକ୍ଷା କରିବା ଆବଶ୍ୟକ ବୋଲି ଭାଜପା ନେତା ତଥା ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ କହିଛନ୍ତି।

ଏକ ଖବରଦାତା ସମ୍ମିଳନୀ ଜରିଆରେ ବଳଭଦ୍ର କହିଛନ୍ତି, ଭୋଟ ପରିଚାଳନା ଗୋଟିଏ ନୀତି ନିୟମ ଅନୁସାରେ ହୋଇଥାଏ। ଏହାର ବିସ୍ତୃତ ବିବରଣୀ ପୁସ୍ତିକା ଅନୁସାରେ ନିର୍ବାଚନ ପୂର୍ବରୁ ନିର୍ବାଚନ ଆୟୋଗ ଜାରି କରିଥାନ୍ତି। ବିଜେଡି ସମେତ ଅନ୍ୟାନ୍ୟ ରାଜନୈତିକ ଦଳ ମଧ୍ୟ ଏହି ପୁସ୍ତିକା ପାଇଛନ୍ତି। ଏହି ନିୟମ ବାହାରେ ଯଦି କିଛି ନିର୍ବାଚନ ପରିଚାଳନା ହୋଇଥାଏ ତା'ହେଲେ ଅନିୟମିତତା ହୋଇଛି ବୋଲି ଅଭିଯୋଗ ଆଣିପାରିବେ। ବିନା ତଥ୍ୟ ଆଧାରରେ ଅଭିଯୋଗ କରିବା ବିଜେଡିର ଚିରାଚରିତ ଅଭ୍ୟାସ ଏବଂ ବର୍ତ୍ତମାନ ମଧ୍ୟ ସେହିଭଳି ଅଭିଯୋଗ କରିଛି। ଏଭଳି ଅଭିଯୋଗ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଭାଜପା ନେତା ତଥା ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ କହିଛନ୍ତି।

# କଂଗ୍ରେସର ଆଜିଠୁ ଆମ୍ବେଦକର ସମ୍ମାନ ଯାତ୍ରା



କଂଗ୍ରେସ ଭବନଠାରେ ଖବରଦାତା ସମ୍ମିଳନୀରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଓ ଅନ୍ୟ ନେତାମାନେ।

ଭୁବନେଶ୍ୱର, ୨୩।୧୨(ସୁନିତ୍ ମିଶ୍ର)

ସମ୍ବିଧାନ ପ୍ରଣେତା ଭୀମରାଓ ଆମ୍ବେଦକରଙ୍କ ପ୍ରତି ରାଜ୍ୟ ସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦେଇଥିବା ଅରୁଚିକର ବୟାନ ସମ୍ବିଧାନକୁ ମାନୁଥିବା ଓ ଭଲ ପାଉଥିବା ସମସ୍ତ ଭାରତବାସୀଙ୍କୁ ବ୍ୟଥିତ କରିଛି ବୋଲି କଂଗ୍ରେସ ଏମ୍‌ପି ସପ୍ତଗିରି ଉଲ୍ଲାକା କହିଛନ୍ତି।

କଂଗ୍ରେସ ଭବନଠାରେ ସୋମବାର ଖବରଦାତା ସମ୍ମିଳନୀରେ ସପ୍ତଗିରି କହିଛନ୍ତି, ଶାହାଙ୍କ ମନ୍ତବ୍ୟରୁ ଭାଜପା ଓ ଏହାର ନେତାମାନଙ୍କ ଅସଲ ମାନସିକତା ସ୍ପଷ୍ଟ ଜଣାପଡୁଛି। ତାଙ୍କ ବୟାନ ସମ୍ବିଧାନ, ଗଣତନ୍ତ୍ର, ଦଳିତ, ଆଦିବାସୀ, ପଛୁଆବର୍ଗ ଓ ସଂଖ୍ୟାଲଘୁ ବିରୋଧୀ। ଶାହାଙ୍କ ବୟାନ ପ୍ରତିବାଦରେ ଇସ୍ତଫା ଓ କ୍ଷମା ପ୍ରାର୍ଥନା ଦାବିକରି ମଙ୍ଗଳବାର କଂଗ୍ରେସ ପକ୍ଷରୁ ସବୁ ଜିଲାରେ ଆମ୍ବେଦକର ସମ୍ମାନ ଯାତ୍ରା ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯିବ। ଯେପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସପ୍ତଗିରି କହିଛନ୍ତି।

ଆରଏସ୍‌ଏସ୍ ପ୍ରମୁଖ ଏକ ମଞ୍ଚରେ କହିଥିଲେ, ସମ୍ବିଧାନରେ କିଛି ଭାରତୀୟତା ନାହିଁ। ଏହି ବୟାନ ଭାଜପା ଓ ଆରଏସ୍‌ଏସ୍ ସମ୍ବିଧାନ ବିରୋଧୀ ବୋଲି ପ୍ରମାଣ ଦେଉଛି। ସେଥିପାଇଁ କଂଗ୍ରେସ ସମ୍ବିଧାନ ବଞ୍ଚାଇବାକୁ ଲଢ଼େଇ କରୁଛି। ଜାତିଗତ ଜନଗଣନା କରିବା ପାଇଁ ଦାବି ଉପସ୍ଥାପନା ଦଳ ପକ୍ଷରୁ କରାଯାଉଛି। ବାବା ସାହେବ ଆମ୍ବେଦକର ଆମ ପାଇଁ ଭଗବାନ, ଯଦି ନେହେରୁ, ପଟେଲ, ଆମ୍ବେଦକର ନ ଥାଆନ୍ତେ ତେବେ ତାଙ୍କ ଭଳି ଜଣେ ଆଦିବାସୀ କୋରାପୁଟରୁ ଏମ୍‌ପି ଭାବେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇପାରି ନ ଥାଆନ୍ତେ। ଅମିତ ଶାହାଙ୍କ ବୟାନକୁ ଠିକ୍ ଦର୍ଶାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ୬ଟି ଟୁଇଟ୍ ପ୍ରତିଟି ଭାରତୀୟଙ୍କୁ ନିରାଶ କରିଛି। ଏପର୍ଯ୍ୟନ୍ତ ଶାହା ନା କ୍ଷମା ପ୍ରାର୍ଥନା କରୁଛନ୍ତି ନା ନିଜ ମତ ପ୍ରତ୍ୟାହାର କରୁଛନ୍ତି। ଆମେ ଦୃଢ଼ ଦାବି କରିବାକୁ ଚାହୁଁଛୁ, ଯେଉଁ ସମ୍ବିଧାନର ଶପଥ ନେଇ ଶାହା ସ୍ୱରାଷ୍ଟ୍ର ମନ୍ତ୍ରୀ ଦାୟିତ୍ୱ ତୁଲାଉଛନ୍ତି, ସେଥିରୁ ସେ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସପ୍ତଗିରି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ସମ୍ବିଧାନର ସୁରକ୍ଷା, ଦଳିତ ଆଦିବାସୀମାନଙ୍କ ପ୍ରତି ଅମିତ ଶାହାଙ୍କ ବୟାନକୁ ନିନ୍ଦା କରିବା ସହ ଭାଜପାର ସମ୍ବିଧାନ ବିରୋଧୀ ମାନସିକତାକୁ ଦୃଢ଼ ନିନ୍ଦା କରିଛନ୍ତି। ଏହି ଅବସରରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଏବଂ ବିଧାୟକ ଦଳ ଉପନେତା ଅଶୋକ ଦାସ ଉପସ୍ଥିତ ଥିଲେ।

# ବିଜେଡି ଶାସନର ଚାପ ରହୁଛି: ପଞ୍ଚାୟତିରାଜ ମନ୍ତ୍ରୀ



ବୈଠକରେ ମଞ୍ଚାସୀନ ଅତିଥିମାନେ।

କେସିଙ୍ଗା,୨୩।୧୨
(ତୁମେଶ୍ୱର ସାହୁ)

ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ସୋମବାର କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଗସ୍ତରେ ଆସି ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। କେସିଙ୍ଗା ବ୍ଲକ ସଭାଗୃହରେ ଆୟୋଜିତ ବୈଠକରେ ଯୋଗଦେଇ ମନ୍ତ୍ରୀ ନାଏକ କହିଥିଲେ, ଦୀର୍ଘଦିନ ପରେ ଓଡ଼ିଶାରେ ଭାଜପା ସରକାର ଗଠନ ହୋଇଛି। ସମସ୍ତେ ଏକଜୁଟ ହୋଇ ରାଜ୍ୟକୁ ସୁଶାସନ ଦେବା ସହ ପଶ୍ଚିମ ଓଡ଼ିଶାରେ ଦାଦନ ଶ୍ରମିକ ହଟାଇବା ନେଇ ସେ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘବର୍ଷ ପରେ ଆମେ ଡବଲ ଇଞ୍ଜିନ ସରକାର ପାଇଛନ୍ତି। ତେଣୁ ମିଳିମିଶି କାମ କରିବାକୁ ସେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସୁଭଦ୍ରା ଯୋଜନାରେ ୮୦ଲକ୍ଷ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଦିଆଯାଇଛି। ରାଜ୍ୟରେ ବିଜେଡିର ଏଗ୍ରିମେଣ୍ଟକୁ ବନ୍ଦକରାଇବା ମୁସ୍କିଲ। ବିଜେଡି ଶାସନର ଚାପ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ରହୁଛି ବୋଲି ମନ୍ତ୍ରୀ ନାଏକ କହିଥିଲେ। ଗରିବ କଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ କର୍ମୀମାନଙ୍କୁ କହିଥିଲେ। ବୈଠକରେ ଜିଲା ଭାଜପା ସାଧାରଣ ସମ୍ପାଦକ ଯୁଗଳ କିଶୋର ପୋଢ, ବୋରିଆ ମଣ୍ଡଳ ସଭାପତି ଅଶୋକ ପୋଢ, ଉତ୍‌କେଲା ମଣ୍ଡଳ ସଭାପତି ବିଦ୍ୟାଧର ଶବର, କସ୍ତୁପଡା ମଣ୍ଡଳ ସଭାପତି ହେମସାଗର ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରୁ ମନ୍ତ୍ରୀ ଯାଇ ଯାଦବ ଭବନ ଉଦ୍‌ଘାଟନ କରିଥିଲେ। ପରେ କେସିଙ୍ଗା ପଞ୍ଚାୟତ ସମିତି ସଭାଗୃହରେ ଜିଲାର ୧୩ ବ୍ଲକର ବିଡ଼ିଓ ଓ ଲାଇନ ବିଭାଗ ଅଧିକାରୀଙ୍କ ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ପରେ ମନ୍ତ୍ରୀ କେସିଙ୍ଗା ସହରରେ ଆୟୋଜିତ ବୁଢାଡଙ୍ଗର ଲୋକ ମହୋତ୍ସବ ସ୍ଥଳକୁ ଯାଇଥିଲେ।

# ମାଗଣାରେ ୩ ଶହ ୟୁନିଟ୍ ବିଦ୍ୟୁତ୍ ଯୋଗାଇବା ପ୍ରତିଶ୍ରୁତି ଚଞ୍ଚକତା: ଆପ୍

ଭୁବନେଶ୍ୱର, ୨୩।୧୨(ସୁନିତ୍ ମିଶ୍ର)

ଭାଜପା ସରକାରର ଛାମୁଆ ନେତାମାନେ ନିର୍ବାଚନ ପୂର୍ବରୁ ଖୋଲା ମଞ୍ଚରେ ୩୦୦ ୟୁନିଟ୍ ବିଦ୍ୟୁତ୍ ବିନା ଶୁଳ୍କରେ ଯୋଗାଇଦେବାର ଅଭୟ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଥିଲେ। ସରକାରକୁ ଆସିବାର ପ୍ରାୟ ୬ ମାସରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ତଥାପି ବର୍ତ୍ତମାନ ସୁଦ୍ଧା ଓଡ଼ିଶାର ଉପଭୋକ୍ତାମାନେ ଏ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ୩୦୦ ୟୁନିଟର ମାଗଣା ବିଜୁଳିକୁ ଚାତକ ଭାବେ ଅନାଇ ବସିଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ସରକାର ପ୍ରତିଶ୍ରୁତି ମୁତାବକ ୩୦୦ ୟୁନିଟ୍ ଦେୟମୁକ୍ତ ବିଜୁଳି ଯୋଗାଇ ଦେବା ପରିବର୍ତ୍ତେ ଗ୍ରୀଡ୍‌କୋ ଆଡୁଆଳରେ ବିଦ୍ୟୁତ୍ ମୂଲ୍ୟ ବୃଦ୍ଧି କରି ବୋଝ ଉପରେ ନଳିତା ବିଡା ଲଦିଦେବା ନିଶ୍ଚୟ ନିରୀହ ରାଜ୍ୟବାସୀଙ୍କ ପ୍ରତି ଏକ ଚରମ ଚଞ୍ଚକତା ଭଳି ମନେ ହୁଏ ବୋଲି ଆମ୍ ଆଦ୍‌ମୀ ପାର୍ଟି(ଆପ୍) ରାଜ୍ୟ ଶାଖା ଅଭିଯୋଗ କରିଛି।

ଦଳ ପକ୍ଷରୁ କୁହାଯାଇଛି, ଆପ୍ ନେତୃତ୍ୱାଧୀନ ଦିଲ୍ଲୀ ସରକାର ବିଦ୍ୟୁତ୍ ଉତ୍ପାଦନ କ୍ଷମତା ନ ଥାଇ ମଧ୍ୟ ଓଡ଼ିଶା ଭଳି ବିଦ୍ୟୁତ୍ ବଳକା ରଜ୍ୟଠାରୁ ବିଜୁଳି କ୍ରୟ କରି ଦୀର୍ଘ ୧୦ ବର୍ଷ ଧରି ଉପଭୋକ୍ତାଙ୍କୁ ବିନା ଦେୟରେ ୨୦୦ ୟୁନିଟ୍ ବିଜୁଳି ଓ ଅଧା ଦେୟରେ ୨୦୦ରୁ ୪୦୦ ୟୁନିଟ୍ ବିଜୁଳିର ସେବା ଯୋଗାଇ ଆସୁଛି। ବାହାର ରାଜ୍ୟକୁ ବିଜୁଳି ବିକ୍ରି କରି ମୁନାଫା କମାଉଥିବା ଓଡ଼ିଶା ସରକାର ବିଜୁଳି ବିତରଣ ଖର୍ଚ୍ଚର ଆବଶ୍ୟକତାକୁ ପ୍ରସଙ୍ଗ କରି ନିରୀହଜନତାଙ୍କ ଶୋଷୁଛନ୍ତି।

# ଭାଜପା ମଣ୍ଡଳ ସଭାପତି ନିର୍ବାଚନ ବେଳେ ମାର୍‌ପିଟ

ବ୍ରହ୍ମପୁର,୨୩।୧୨(ନରସିଂହ ସାହୁ)

ବ୍ରହ୍ମପୁରରେ ଭାଜପା ଦୁଇ ଗୋଷ୍ଠୀ ମଧ୍ୟରେ ସୋମବାର ଅପରାହ୍ନରେ ମାର୍‌ପିଟ ହୋଇଛି। ଏଥିରେ କେତେଜଣ ଆହତ ହୋଇଥିବା ଯୁବ କର୍ମୀଙ୍କ ସୂତ୍ରରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ବ୍ରହ୍ମପୁର ବିଧାନସଭା କ୍ଷେତ୍ରର ୭ ମଣ୍ଡଳସ୍ତରୀୟ ସଭାପତି ନିର୍ବାଚନ ଚାଲିଥିଲା। ନିର୍ବାଚନରେ କେବଳ ସକ୍ରିୟ ସଦସ୍ୟମାନେ ମତଦାନ କରିବା ନିୟମ ରହିଥିଲା। ଗିରିରୋଡ଼ସ୍ଥ ଏକ କଲ୍ୟାଣ ମଣ୍ଡପରେ ମତଦାନ ବ୍ୟବସ୍ଥା ହୋଇଥିଲା। ନିର୍ବାଚନ ଅଧିକାରୀ ପ୍ରତାପ ମିଶ୍ର ଉପସ୍ଥିତ ଥିଲେ। ବିଧାୟକଙ୍କ ସମର୍ଥକ ସକ୍ରିୟ ସଭ୍ୟମାନେ ସେଠାରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କୁ ନ ଡାକି ନିର୍ବାଚନ କରାଯାଉଥିବାରୁ ଗଞ୍ଜାମ ସାଙ୍ଗଠନିକ ଜିଲା ଯୁବମୋର୍ଚ୍ଚା ସଭାପତି ଓ ଅନ୍ୟ କେତେଜଣ ପହଞ୍ଚି ପ୍ରତିବାଦ କରିବା ସହ ପାଟିତୁଣ୍ଡ କରିଥିଲେ। ଏହାପରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ତେବେ ଏ ନେଇ ବିଧାୟକ କେ. ଅନିଲ କୁମାରଙ୍କ ସହ ଯୋଗାଯୋଗ କରିବାରୁ ସେ ସେଠାରେ ନ ଥିଲେ ବୋଲି କହିଛନ୍ତି। ଭୁବନେଶ୍ୱର ଯିବା ବେଳେ ଗିରିରୋଡରେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଖବରପାଇ ନିର୍ବାଚନ ଅଧିକାରୀଙ୍କ ସହ କଥା ହୋଇ ସେଠାରୁ ପଳାଇଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଜିଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ସେଭଳି କିଛି ବଡ଼ ଧରଣର ହୋଇନାହିଁ ବୋଲି କହିଛନ୍ତି। ସମସ୍ତ ସକ୍ରିୟ ସଭ୍ୟଙ୍କୁ ନ ଜଣାଇ ନିର୍ବାଚନ କରାଯାଇଥିବାରୁ ପ୍ରତିବାଦ ହୋଇଥିଲା। ତେବେ ଗଣ୍ଡଗୋଳ କଲ୍ୟାଣ ମଣ୍ଡପରୁ ରାଜରାସ୍ତାକୁ ଆସିଥିବା ସେ ସ୍ୱୀକାର କରିଛନ୍ତି। ଏପରି ଘଟଣା ଭାଜପା ରାଜନୀତିକୁ ସରଗରମ କରିଛି। ଜଣାଶୁଣା ନେତାମାନେ ମୁହଁ ଖୋଲୁନଥିଲେ ମଧ୍ୟ ଭାଜପାର ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଛି। ନିର୍ବାଚନ ପରଠାରୁ ଏମ୍‌ପି ଓ ବ୍ରହ୍ମପୁର ବିଧାୟକ ଗୋଟିଏ ପଟରେ ଅଛନ୍ତି। ମନ୍ତ୍ରୀ ବିଭୂତି ଜେନାଙ୍କ ପଟରେ ପୁରୁଣା ନେତା ଓ କର୍ମୀ ଏବଂ ଯୁବମୋର୍ଚ୍ଚା ସଂଗଠନ ରହିଛି। ଉଭୟପକ୍ଷ ପରସ୍ପରକୁ ବିରୋଧ କରୁଛନ୍ତି। ଏଭଳି ସ୍ଥିତିରେ ମଣ୍ଡଳ ସଭାପତି ନିର୍ବାଚନ ହାଇଡ୍ରାମା ପଦାକୁ ଆସିଯାଇଛି।

# କଳାହାଣ୍ଡିରେ ଧାନକିଣା ଅବ୍ୟବସ୍ଥାକୁ ନେଇ ବର୍ଷିଲେ ଭକ୍ତ




ଖବରଦାତା ସମ୍ମିଳନୀରେ ଭକ୍ତ ଦାସଙ୍କ ସହ ଅନ୍ୟ ନେତୃବୃନ୍ଦ।

ଭବାନୀପାଟଣା,୨୩।୧୨
(ଉତ୍ତମ କୁମାର ଦାଶ)

## 'କାଷ୍ଟିଂ କିଟ୍‌ସ' ନିୟମ କଡ଼ାକଡି ପାଳନ କରିବାକୁ ଚେତାବନୀ

କଳାହାଣ୍ଡି ଜିଲାରେ ନଭେମ୍ବର ୨୯ରୁ ଖରିଫ ଧାନ କିଣିବା ପାଇଁ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଥିଲା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଜିଲାର ସମସ୍ତ ଧାନ ମଣ୍ଡି ଖୋଲି ନାହିଁ। ମିଲରମାନେ କଟ୍‌ନି ପାଇଁ ଜିଦରେ ଅଡିବସି ପ୍ରଶାସନକୁ ଚାପ ପକାଉଥିବା କୁହାଯାଉଛି। ଫଳରେ ଜିଲାରେ ଧାନ କିଣାରେ ଅବ୍ୟବସ୍ଥା ଦେଖାଦେଇଛି। ଏହାକୁ ନେଇ ଭାଜପା ସରକାର ଉପରେ ବର୍ଷିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସ।

ସୋମବାର ସନ୍ଧ୍ୟାରେ ଭବାନୀପାଟଣାରେ ଏକ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ଭକ୍ତ। ସେ କହିଛନ୍ତି, ଧାନ କିଣିବାଠାରୁ ଷ୍ଟୋରେଜରେ ରଖିବା ପର୍ଯ୍ୟନ୍ତ ମିଲରମାନଙ୍କ କୌଣସି ଭୂମିକା ନ ଥାଏ। କେନ୍ଦ୍ର ସରକାରଙ୍କ କାଷ୍ଟିଂ କିଟ୍‌ସ ନିୟମ ଅନୁସାରେ ରାଜ୍ୟ ସରକାରଙ୍କ ଜରିଆରେ ଜିଲା ଯୋଗାଣ ବିଭାଗକୁ ଦାୟିତ୍ୱ ଦିଆଯାଇ ଥାଏ। ଜିଲା ଯୋଗାଣ ବିଭାଗ ଜିଲାର ପ୍ୟାକ୍ସ, ସମବାୟ ସମିତି କିମ୍ବା ମହିଳା ଏସ୍‌ଏଚ୍‌ଜି ଜରିଆରେ ଚାଷୀଙ୍କ ଧାନକୁ ମଣ୍ଡିରୁ କିଣି ନିଜ ଗୋଦାମରେ ରଖିଥାନ୍ତି। ଏଥିପାଇଁ ସରକାର ଧାନ କିଣିବା ବାବଦକୁ ୨ରୁ ୩% ବୋନସ ଦେବା ସହ ଉକ୍ତ ଧାନ ଉଠାଇ ଷ୍ଟୋରେଜରେ ରଖିବା ପାଇଁ ସମ୍ପୃକ୍ତ ପ୍ୟାକ୍ସ କିମ୍ବା ସମବାୟ ସଂସ୍ଥାକୁ କୁଇଣ୍ଟାଲ ପିଛା ୧୯୦୦ରୁ ଅଧିକ ବୋନସ ଦେଇଥାନ୍ତି। ଏଥିରେ ମିଲରମାନଙ୍କ କୌଣସି ଭୂମିକା ନ ଥାଏ। ସେହିପରି ଧାନ ଗୋଦାମରେ ଷ୍ଟୋରେଜ ପରେ ଯୋଗାଣ ବିଭାଗ ମିଲରମାନଙ୍କୁ ଚୁକ୍ତି ଅନୁଯାୟୀ ଧାନ ଉଠେଇବା ପାଇଁ ସୂଚନା ଦେଇଥାନ୍ତି। ମିଲର ଜିଲା ଯୋଗାଣ ବିଭାଗର ସୂଚନା ପାଇ ଚୁକ୍ତି ଅନୁସାରେ ଗୋଦାମରୁ ଧାନ ଉଠେଇବା ପାଇଁ ଯାଇଥାନ୍ତି। ସରକାର ମିଲରଙ୍କୁ ଧାନ ଉଠେଇବା ପାଇଁ ସୂତୁଲି, ବସ୍ତା ଓ ଲିଫ୍ଟିଂ ବାବଦକୁ ଟଙ୍କା ଦେଇଥାନ୍ତି । କିନ୍ତୁ ରାଜ୍ୟ ସରକାରଙ୍କ ବ୍ୟାପକ ଦୁର୍ନୀତି ଯୋଗୁ ଆଜି ମିଲରମାନେ ଚାଷୀଙ୍କୁ ଲୁଟ କରିବା ସହ ସମସ୍ତ ନୀତିନିୟମ ଉଲ୍ଲଂଘନ କରି ଚାଷୀଙ୍କୁ ଶୋଷଣ କରିଚାଲିଛନ୍ତି। ଚାଷୀଙ୍କଠାରୁ ନିର୍ଦ୍ଧାରିତ ଦର ଓ ବିନା କଟ୍‌ନିରେ ଧାନ କିଣିବା, ଏଫ୍‌ଏକ୍ୟୁ ଧାନ ନିର୍ଦ୍ଧାରଣ ପାଇଁ ଆନାଲାଇଜର ମେଶିନ ବ୍ୟବହାର ତୁରନ୍ତ ବନ୍ଦ ସହ ମଣ୍ଡିକୁ ମିଲରମାନଙ୍କ ପ୍ରବେଶ ବନ୍ଦ କରାଯାଉ ବୋଲି ସେ ଦାବି କରିଛନ୍ତି। ପ୍ରକାଶ ଯେ, ଆର୍‌ଏମ୍‌ସି, ସମବାୟ ସଂସ୍ଥା ଅଧୀନରେ ଧାନ କିଣି ରଖିବା ପାଇଁ ପର୍ଯ୍ୟାପ୍ତ ପରିମାଣର ଗୋଦାମ ଗୃହ ରହିଛି। ରାଜ୍ୟ ସରକାର, ଜିଲା ପ୍ରଶାସନ ଓ ଜିଲା ଯୋଗାଣ ବିଭାଗ ଯଦି କେନ୍ଦ୍ର ସରକାରଙ୍କ କାଷ୍ଟିଂ କିଟସ ନିୟମ କଡ଼ାକଡି ପାଳନ ନ କରନ୍ତି ତେବେ ଆଗାମୀ ଦିନରେ ଜିଲା ଓ ରାଜ୍ୟରେ ଯେଉଁ ଭୟାବହ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଭକ୍ତ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଭାରତ ଭୂଷଣ ବେମାଲ ଉପସ୍ଥିତ ଥିଲେ।


OFFICE OF THE DHENKANAL MUNICIPAL COUNCIL, DHENKANAL

No.C-1308

E-procurement Notice

Tender Call Notice No. 5814/DKLMPLTY/Date : 20.12.2024

| | | | |
|---|---|---|---|
| 1 | Name of the Work | : | Individual Sanitation work Published the website |
| 2 | No. of works put to tender | : | 03 Nos. individual works |
| 3 | Estimated cost | : | Rs. 18.67 Lakhs to 19.32 Lakhs |
| 4 | Date and time of availability | : | From 11.00 hours of Dt. 21.12.2024 to 17.30 of Dt. 04.01.2025 of bid document in the portal |
| 5 | Last date / Time for receipt of bids | : | 17.30 hours of Dt. 04.01.2025 |
| 6 | Date and time of opening of bid | : | 11.00 hours of Dt. 06.01.2025 |
| 7 | Name and address of the Officer Inviting Bid | : | Executive Officer, Dhenkanal Municipality, Dhenkanal |

Further details can be seen from the e-procurement portal https://tenderodisha.gov.in

Sd./- Executive Officer
Dhenkanal Municipality

OIPR-13146/11/0020/2425

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAJPUR

No.O-954

Letter No. 5859/Date : 17.12.2024

1st Corrigendum to Bid Identification No. Tender Online 07 JJPT of 2024-25 invited this office Letter No. 5621, Dtd. 04.12.2024. The Change as detailed below are hereby made in the above N.I.T

| Procurement Officer | Bid Identification No. | Availability of Tender on-line for bidding | | | | Last date & time of seeking tender clarification | | Date & Time of opening of Technical Bid | | Financial Bid |
|---|---|---|---|---|---|---|---|---|---|---|
| | | From | | To | | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 | 11 |
| | | As earlier | Modified | As earlier | Modified | As earlier | Modified | As earlier | Modified | |
| Superintending Engineer, Rural Works Division, Jajpur | Tender online 07 JJPT of 2024-25 | 16.12.2024 at 10.00 A.M. | 26.12.24 at 10.00 A.M. | 30.12.2024 up to 5.00 P.M. | 06.01.2025 up to 5.00 P.M. | 30.12.2024 up to 1.00 P.M. | 4.01.2025 up to 2.00 P.M. | 31.12.2024 at 11.30 A.M. | 07.01.2025 at 11.30 A.M. | To be intimated later |

Sd./- Superintending Engineer
R.W. Division, Jajpur

OIPR-25047/11/0016/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଅଂଶୁମାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୃଷି ଓ ଗ୍ରାମୀଣ ଶ୍ରମିକଙ୍କ ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ

**ଭୁବନେଶ୍ୱର,୨୩।୧୨(ଅନୁରାଧା ମହାରଣା)**

କୃଷି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଏବଂ ଗ୍ରାମୀଣ ଶ୍ରମିକମାନଙ୍କ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ସମ୍ପର୍କିତ ତଥ୍ୟ ସୋମବାର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଛି। ଉଭୟ କୃଷି ଶ୍ରମିକ ଏବଂ ଗ୍ରାମୀଣ ଶ୍ରମିକଙ୍କ ଖୁଚୁରା ମୁଦ୍ରାସ୍ଫୀତି ଚଳିତ ବର୍ଷ ନଭେମ୍ବରରେ ହ୍ରାସ ପାଇଥିବା ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ ଦର୍ଶାଯାଇଛି। କୃଷି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ଖୁଚୁରା ମୁଦ୍ରାସ୍ଫୀତି ୫.୩୫ ପ୍ରତିଶତ ହ୍ରାସ ପାଇଥିବାବେଳେ ଏବଂ ଗ୍ରାମୀଣ ଶ୍ରମିକଙ୍କ କ୍ଷେତ୍ରରେ ଏହା ୫.୪୭ ପ୍ରତିଶତକୁ ହ୍ରାସ ପାଇଛି।



ଏକ ମାସ ପୂର୍ବରୁ ଅର୍ଥାତ ଅକ୍ଟୋବରରେ କୃଷି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ କ୍ଷେତ୍ରରେ ଏହା ୫.୯୬% ଏବଂ ଗ୍ରାମୀଣ ଶ୍ରମିକଙ୍କ କ୍ଷେତ୍ରରେ ଏହା ୬% ଥିଲା। ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନାନୁସାରେ, କୃଷି ଶ୍ରମିକ (ସିପିଆଇ-ଏଲ) ଏବଂ ଗ୍ରାମୀଣ ଶ୍ରମିକ (ସିପିଆଇ-ଆର୍‌ଏଲ୍) ପାଇଁ ଅଲ ଇଣ୍ଡିଆ ଗ୍ରାହକ ମୂଲ୍ୟ ସୂଚକାଙ୍କ ନଭେମ୍ବରରେ ୫ ପଏଣ୍ଟ ବୃଦ୍ଧି ପାଇ ଯଥାକ୍ରମେ ୧,୩୨୦ ଏବଂ ୧,୩୩୧ରେ ପହଞ୍ଚିଛି। କୃଷି ଶ୍ରମିକ ପାଇଁ ଏହା ୨୦୨୪ ନଭେମ୍ବରରେ ୧,୩୧୫ ପଏଣ୍ଟ ଏବଂ ଗ୍ରାମୀଣ ଶ୍ରମିକମାନଙ୍କ ୧,୩୨୬ ପଏଣ୍ଟ ଥିଲା । ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତି ଅନୁଯାୟୀ, ନଭେମ୍ବରରେ କୃଷି ଶ୍ରମିକ ଏବଂ ଗ୍ରାମୀଣ ଶ୍ରମିକଙ୍କ ପାଇଁ ଗ୍ରାହକ ମୂଲ୍ୟ ସୂଚକାଙ୍କ ଉପରେ ଆଧାରିତ ମୁଦ୍ରାସ୍ଫୀତି ଯଥାକ୍ରମେ ୫.୩୫ ପ୍ରତିଶତ ଏବଂ ୫.୪୭ ପ୍ରତିଶତ ରହିଥିଲା। ଅନ୍ୟପଟେ ୨୦୨୩ ନଭେମ୍ବରରେ ଏହା କୃଷି ଶ୍ରମିକଙ୍କ ପାଇଁ ୭.୩୭% ଏବଂ ଗ୍ରାମୀଣ ଶ୍ରମିକଙ୍କ ପାଇଁ ୭.୧୩% ଥିଲା। ଅକ୍ଟୋବର ୨୦୨୪ ରେ କୃଷି ଶ୍ରମିକଙ୍କ ପାଇଁ ଏହା ୫.୯୬ ପ୍ରତିଶତ ଏବଂ ଗ୍ରାମୀଣ ଶ୍ରମିକଙ୍କ ପାଇଁ ୬% ପ୍ରତିଶତ ଥିଲା।

# ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ,୨୩।୧୨**

ଗତ କିଛି ସପ୍ତାହ ହେଲା କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୪୯୯ (୪୯୮.୫୮) ପଏଣ୍ଟ ବଢି ୭୮,୫୪୦ (୭୮,୫୪୦.୧୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୧୬୬ (୧୬୫.୯୫) ପଏଣ୍ଟ ବୃଦ୍ଧି ଘଟି ୨୩,୭୫୩ (୨୩,୭୫୩.୪୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ବେଦାନ୍ତର ଅଗ୍ନି ନିରାପତ୍ତା ତାଲିମ ଶିବିର



**ଭୁବନେଶ୍ୱର,୨୩।୧୨ (ଅଭୟ ଦାଶ)**

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଅଗ୍ନି ଜାଗରୁକତା ପଦକ୍ଷେପ ଅଧୀନରେ ଏକ ତାଲିମ ଶିବିର 'ଅଗ୍ନି ନରାପତ୍ତା ତାଲିମ 'କାର୍ଯ୍ୟକ୍ରମ ଝାରସୁଗୁଡ଼ାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଶାୟୀ ଛାତ୍ର ଓ କର୍ମଚାରୀମାନଙ୍କୁ ଅତ୍ୟାବଶ୍ୟକ ଅଗ୍ନି ନିରାପତ୍ତା କୌଶଳ ଉପରେ ଆବଶ୍ୟକ ଜ୍ଞାନ ଓ ବ୍ୟବହାରିକ ପଦ୍ଧତି ଉପରେ ଦିଗଦର୍ଶନ ଦେଇଥିଲେ। ଏପରିକି ସ୍ଥାନୀୟ ଗୋଷ୍ଠୀର ସୁରକ୍ଷା ଓ ସ୍ଥିରତା ବୃଦ୍ଧି ଲାଗି କମ୍ପାନୀର ପ୍ରତିବଦ୍ଧତାକୁ ଅଧିକ ସୁଦୃଢ଼ କରିବା ଲାଗି ଏହା ବ୍ୟାପକ ପ୍ରୟାସ କରିଥିଲା। ଏହି ପ୍ରଶିକ୍ଷଣ ଶିବିରକୁ ବେଦାନ୍ତର ସୁରକ୍ଷାବଳ ପରିଚାଳନା କରିଥିଲା। ଏପରିକି ଏଥିରେ ଛାତ୍ର, ଶିକ୍ଷକ ଏବଂ ସହାୟକ କର୍ମଚାରୀଙ୍କ ସହ ୩୦୦ରୁ ଅଧିକ ଉତ୍ସାହୀ ଯୁବକ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନରେ ଜରୁରିକାଳୀନ ପ୍ରତିକ୍ରିୟା ପ୍ରୋଟୋକଲ, ନିରାପଦ ସୁରକ୍ଷା ପ୍ରଣାଳୀ, ଅଗ୍ନି ନିର୍ବାପକ କୌଶଳର ବ୍ୟବହାରିକ ପ୍ରଦର୍ଶନ ଓ ପ୍ରଣାଳୀ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଥିଲେ, ଆମେ ସମସ୍ତଙ୍କ ପାଇଁ ନିରାପଦ ପରିବେଶ ଚାହୁଁ। ଏଥିପାଇଁ ଆବଶ୍ୟକ ହେଉଛି ଉପଯୁକ୍ତ ଜ୍ଞାନକୌଶଳ ବିଷୟରେ ଅବଗତ ହେବା ଓ ଗୋଷ୍ଠୀକୁ ସଶକ୍ତ କରିବା। ଅଗ୍ନି ନିରାପତ୍ତା କାର୍ଯ୍ୟକ୍ରମ ଓ ପ୍ରସ୍ତୁତି ଆମ ସଚେତନତା ସଂସ୍କୃତିର ପରିଚୟ। ଏଥିପାଇଁ ଛାତ୍ର ଓ ଶିକ୍ଷକମାନଙ୍କ ଉତ୍ସାହ ଏବଂ କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ ପ୍ରକୃତରେ ପ୍ରେରଣାଦାୟକ। ଗୋଷ୍ଠୀକୁ ଅଧିକ ସ୍ଥିର କରିବାରେ ଏହି ପଦକ୍ଷେପଗୁଡ଼ିକର ପ୍ରଭାବକୁ ପ୍ରତିଫଳିତ କରିଥାଏ। ସେହିଭଳି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବଡ଼ମାଳର ପ୍ରଧାନଶିକ୍ଷକ କିଶୋର କୁମାର ପଟେଲ କହିଥିଲେ, ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାରୁ ଆମେ ବେଦାନ୍ତ ଆଲୁମିନିୟମକୁ ଧନ୍ୟବାଦ ଜଣାଉଛୁ। ଏପରିକି ଏହା ଆମର ଛାତ୍ର ଓ କର୍ମଚାରୀଙ୍କୁ ବ୍ୟବହାରିକ ଜ୍ଞାନକୌଶଳ ଓ ଅଗ୍ନିକାଣ୍ଡ ସମୟର ପରିସ୍ଥିତିକୁ ପରିଚାଳନା କରିବା ସମ୍ପର୍କରେ ଆତ୍ମବିଶ୍ୱାସ ପ୍ରଦାନ କରିଛି।

# ବଜାରରେ ହୋଣ୍ଡାର ଆକ୍ଟିଭା ୧୨୫

**ଭୁବନେଶ୍ୱର,୨୩।୧୨**



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ନ୍ୟୁ ୨୦୨୫ ଆକ୍ଟିଭା ୧୨୫ (ହୋଣ୍ଡାର ଆକ୍ଟିଭା ୧୨୫)' ର ଅନାବରଣ ନିକଟରେ ହୋଇଯାଇଛି।

ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ଏମଡି/ପରିଚାଳନା ନିର୍ଦ୍ଦେଶକ, ସଭାପତି ତଥା ସିଇଓ ସୁତ୍ସୁମୁ ଓଟାନୀ କହିଛନ୍ତି, ଆମେ ଅତ୍ୟନ୍ତ ଉଲ୍ଲସିତ ସହିତ ଆମର ନୂତନ ଓବିଡି୨ବି ନିୟାମକ ଅନୁରୂପ ଆକ୍ଟିଭା ୧୨୫ର ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ। ଏପରିକି ଏହି ଅଧୁନାତନ ମଡ଼େଲଗୁଡ଼ିକର ପ୍ରଦର୍ଶନ ଗ୍ରାହକମାନଙ୍କ ସନ୍ତୁଷ୍ଟୀକରଣ ପ୍ରତି ଆମର ବଚନବଦ୍ଧତାକୁ ଉପସ୍ଥାପିତ କରୁଛି। ଏଥିରେ ଟିଏଫଟି ଡିସପ୍ଲେ ତଥା ବ୍ଲୁଟୁଥ୍ ସଂଯୋଗୀକରଣ ଏବଂ ୧୨୫ ସିସି ସ୍କୁଟର ବିଭାଗ ଗୁଡ଼ିକୁ ନେଇ ଆମର ଲକ୍ଷ୍ୟ ହେଉଛି ଭାରତର ଗ୍ରାହକମାନଙ୍କ ଚାଳନାର ଅଭିଜ୍ଞତାକୁ ପୁନଃ-ନିର୍ଦ୍ଧାରଣ କରିବା। ସେହିଭଳି ଏଚ୍‌ଏମ୍‌ଏସଆଇର ନିର୍ଦ୍ଦେଶକ (ସେଲ୍ସ ଆଣ୍ଡ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ହୋଣ୍ଡାର ଆକ୍ଟିଭା ୧୨୫ ସବୁବେଳେ ଗ୍ରାହକଙ୍କ ଦ୍ୱାରା ଆଦୃତ ହୋଇଛି ଏବଂ ବର୍ତ୍ତମାନର ଅଧୁନାତନ ଡିଜାଇନକୁ ନେଇ ବ୍ରାଣ୍ଡ ସୁଗମତା ଏବଂ ଷ୍ଟାଇଲର ପରିଭାଷାକୁ ପୁନର୍ବାର ବୃଦ୍ଧି କରିପାରିଛି। ଏପରିକି ବ୍ଲୁଟୁଥ୍ ନାଭିଗେଶନ, ସ୍ୱର ସହଯୋଗ ତଥା ୟୁଏସବି ଟାଇପ-ସି ଚାର୍ଜିଂ ପୋର୍ଟକୁ ନେଇ ଏହା ଆଜିର କୌଶଳରେ ଦକ୍ଷ ଚାଳକମାନଙ୍କ ଦାବିକୁ ଆହୁରି ଅଧିକ ବିସ୍ତାରିତ କରିବାରେ ସହାୟକ ହୋଇପାରିବ। ଆମେ ଦୃଢ଼ ନିଶ୍ଚିତ ଯେ ଏହି ନୂତନ ଆକ୍ଟିଭା ୧୨୫ ବ୍ୟବସ୍ଥିତ ଭାବେ ଆଜିର ଯୁବବର୍ଗଙ୍କ ମଧ୍ୟରେ ପ୍ରିମିୟମ ଗୁଣବତ୍ତା ସହିତ ୧୨୫ସିସି ମୋଟୋରସାଇକେଲ ବିଭାଗରେ ପୁନଃନିର୍ଦ୍ଧାରଣ କରିପାରିବ।

# ଡିପିଆର୍ ବିକଶିତ କରିବ ସିପିସିଏଲ୍

**ଭୁବନେଶ୍ୱର,୨୩।୧୨**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ସମନ୍ୱିତ ଭିତ୍ତିଭୂମି ପରାମର୍ଶଦାତା କ୍ଷେତ୍ରରେ ଅଗ୍ରଣୀ କମ୍ପାନୀ ଚୈତନ୍ୟ ପ୍ରୋଜେକ୍ଟସ କନ୍‌ସଲଟାନ୍ସି ଲିମିଟେଡ (ସିପିସିଏଲ୍) କୁ ନିକଟରେ ଆଉ ଆଉ ଦୁଇଟି ପ୍ରକଳ୍ପ ମିଳିଛି। ଏପରିକି ଉକ୍ତ ସ୍ୱାକ୍ଷର ପ୍ରକଳ୍ପ (ସେତୁ) ପାଇଁ କମ୍ପାନୀ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ବା ଡିପିଆର ବିକଶିତ କରିବ। ଯାହା ଭାରତମାଳା ପ୍ରକଳ୍ପ ଅନ୍ତର୍ଗତ ଚିଲିକା ମଧ୍ୟରେ ସଂଯୋଗ ବ୍ୟବସ୍ଥାର ପରିବର୍ତ୍ତନ ଆଣିବ। ଅପରପକ୍ଷରେ ଦୀର୍ଘଦିନ ଧରି ଚାଲି ଆସୁଥିବା ପରିବହନ ଆହ୍ୱାନର ମୁକାବିଲା ପାଇଁ ଏହି ୨ଟି ସେତୁ ସାତପଡ଼ା ଓ ଜହ୍ନିକୁଦା ମଧ୍ୟରେ ସଂଯୋଗ ସ୍ଥାପନ କରିବ। ସେହିଭଳି ଚିଲିକା ହ୍ରଦ ଭାରତର ବୃହତ୍ତମ ଉପକୂଳବର୍ତ୍ତୀ ଲୁଣି ହ୍ରଦ ଭାବେ ପରିଚିତ ଥିଲାବେଳେ ଦୀର୍ଘଦିନ ଧରି ଅବିଶ୍ୱସନୀୟ ପରିବହନ ବ୍ୟବସ୍ଥା ପାଇଁ ସଂଗ୍ରାମ କରି ସ୍ଥାନୀୟ ଗୋଷ୍ଠୀ ତଥା ପର୍ଯ୍ୟଟକଙ୍କୁ ଏହା ବେଶ୍ ପ୍ରଭାବିତ କରିଆସିଛି। ଏପରିକି ପ୍ରସ୍ତାବିତ ସେତୁଗୁଡ଼ିକର ଆଧୁନିକ ଭିତ୍ତିଭୂମିକୁ ପରିବେଶ ସଂରକ୍ଷଣ ସହ ସମନ୍ୱିତ କରି ବର୍ଷସାରା ନିର୍ଭରଯୋଗ୍ୟ ଚଳାଚଳ ସୁନିଶ୍ଚିତ କରିବ। ଏ ସମ୍ପର୍କରେ ସିପିସିଏଲ୍‌ର ପ୍ରତିଷ୍ଠାତା ତଥା ଏମ୍‌ଡି ସଞ୍ଜୟ କୁମାର ସିହ୍ନା କହିଥିଲେ, ଏହିପରି ପରିବର୍ତ୍ତନଶୀଳ ସାମର୍ଥ୍ୟ ପ୍ରକଳ୍ପରେ ଯୋଗଦାନ କରି ଆମେ ଗର୍ବିତ ଅନୁଭବ କରୁଛୁ। ଏପରିକି ଏହି ସ୍ୱାକ୍ଷରିତ ସେତୁଗୁଡ଼ିକ ଲାଗି ଆମେ ଡିପିଆର ବିକଶିତ ସହିତ ସ୍ଥାୟୀ ପ୍ରଗତି, ଗୋଷ୍ଠୀକୁ ସଂଯୋଗ କରିବା, ଅର୍ଥନୈତିକ ସୁଯୋଗ ଖୋଲିବା ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ପଥ ପରିଷ୍କାର କରିବ। ଏହି ପଦକ୍ଷେପ ପ୍ରଭାବଶାଳୀ ଭିତ୍ତିଭୂମି ବିତରଣ ଲାଗି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ, ଯାହା ଏହାର ପରିବେଶ ସହିତ ସୁସଙ୍ଗତ ଓ ଭବିଷ୍ୟତକୁ ସଶକ୍ତ କରିବ। ସେହିପରି ପରିବେଶ ଉପଯୋଗୀ ଓ ବିପର୍ଯ୍ୟୟ ସ୍ଥିର ସମାଧାନ ଡିଜାଇନ ହୋଇଥିବା ଏହି ପ୍ରକଳ୍ପ ପ୍ରତିଟି ପର୍ଯ୍ୟାୟରେ ସ୍ଥିରତା ଉପରେ ଗୁରୁତ୍ୱ ଦେଇଥାଏ।

# ଓଡ଼ିଶାରେ ଅଟୋମେଟେଡ୍ ଇ-ଷ୍ଟାମ୍ପିଂ ସଲ୍ୟୁଶନର ଶୁଭାରମ୍ଭ

**ଭୁବନେଶ୍ୱର,୨୩।୧୨**

ଓଡ଼ିଶା ସରକାରଙ୍କ ପକ୍ଷରୁ ସ୍ୱିଫ୍ଟ ଇଣ୍ଡିଆର ପ୍ଲାଟ୍‌ଫର୍ମରେ ଷ୍ଟକ ହୋଲ୍ଡିଂ ସହ ସହଭାଗିତାରେ ଇଲେକ୍ଟ୍ରୋନିକ ବ୍ୟାଙ୍କ ଗ୍ୟାରେଣ୍ଟି ପାଇଁ ଅଟୋମେଟେଡ ଇ-ଷ୍ଟାମ୍ପିଂ (ଏଇଏସ୍) ସଲ୍ୟୁଶନର ଶୁଭାରମ୍ଭ କରାଯାଇଛି।

ସ୍ୱିଫ୍ଟ ଇଣ୍ଡିଆ ହେଉଛି ଭାରତୀୟ ଆର୍ଥିକ ଶିଳ୍ପର ଘରୋଇ ବଜାର ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ୱିଫ୍ଟ ଏସ୍‌ସି, ଗ୍ଲୋବାଲ ବ୍ୟାଙ୍କିଂ କୋଅପରେଟିଭ ଓ ଭାରତର ୧୧ଟି ଅଗ୍ରଣୀ ବ୍ୟାଙ୍କ ମଧ୍ୟରେ ଏକ ଯୁଗ୍ମ ଉଦ୍ୟମ। ଏଥିସହିତ ରାଜ୍ୟର ବ୍ୟାଙ୍କଗୁଡିକ ସ୍ୱିଫ୍ଟ ଇଣ୍ଡିଆ ଚ୍ୟାନେଲ ମାଧ୍ୟମରେ ଇଲେକ୍ଟ୍ରୋନିକ ବ୍ୟାଙ୍କ ଗ୍ୟାରେଣ୍ଟି ପାଇଁ ଅଟୋମେଟେଡ ଇ-ଷ୍ଟାମ୍ପିଂ ଜାରି କରିବା ଲାଗି ଏହି ସମାଧାନର କ୍ଷମତାକୁ ଉପଯୋଗ କରିବାକୁ ସକ୍ଷମ ହେବେ।

ଏ ସମ୍ପର୍କରେ ସ୍ୱିଫ୍ଟ ଇଣ୍ଡିଆର ସିଇଓ କିରଣ ସେଟ୍ଟୀ କହିଛନ୍ତି, ସ୍ୱିଫ୍ଟ ଇଣ୍ଡିଆ ଓଡିଶା ସରକାରଙ୍କ ସହ ସହଭାଗିତା କରି ଉତ୍ସାହିତ ଅଛି। ରାଜ୍ୟରେ ବ୍ୟବସାୟ କରିବାର ସହଜତାକୁ ଉନ୍ନତ କରିବା ପାଇଁ ସରକାରଙ୍କ ଉତ୍ସର୍ଗୀକୃତ ପ୍ରୟାସଗୁଡ଼ିକୁ କମ୍ପାନୀ ସମର୍ଥନ କରୁଛି। ଏପରିକି ଅଟୋମେଟେଡ ଇ-ଷ୍ଟାମ୍ପିଂର ଶୁଭାରମ୍ଭ ଏକ ଅଗ୍ରଗାମୀ ପଦକ୍ଷେପ ହୋଇଥିଲାବେଳେ ବାଣିଜ୍ୟିକ ଆର୍ଥିକ ପ୍ରକ୍ରିୟାଗୁଡ଼ିକୁ ସରଳ କରିବା ଏବଂ ଓଡିଶାକୁ ଏକ ପେପରଲେସ୍ ରାଜ୍ୟରେ ପରିଣତ କରିବା ଲକ୍ଷ୍ୟକୁ ଏହା ନିକଟତର କରିବ।ସ୍ୱିଫ୍ଟ ଇଣ୍ଡିଆ ସହିତ ଅଟୋମେଟେଡ ଇ-ଷ୍ଟାମ୍ପିଂ, ବ୍ୟାଙ୍କ ଓ କର୍ପୋରେଟଗୁଡ଼ିକ ପାଇଁ ଷ୍ଟାମ୍ପ ଡ୍ୟୁଟି ପଇଠ କରିବାର ପ୍ରକ୍ରିୟାକୁ ପେପରଲେସ୍ କରୁଛି ଏବଂ ଏହା ବ୍ୟାଙ୍କ ଗ୍ୟାରେଣ୍ଟିଗୁଡ଼ିକର ଡିଜିଟାଲୀକରଣକୁ ସୁଗମ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ଏହା ଗ୍ୟାରେଣ୍ଟି ଇସ୍ୟୁ କରୁଥିବା ବ୍ୟାଙ୍କଗୁଡ଼ିକୁ ଡିଜିଟାଲ ମାଧ୍ୟମରେ ଷ୍ଟାମ୍ପ ଡ୍ୟୁଟି ପେମେଣ୍ଟ ପାଇଁ ଆବେଦନ କରିବା ଏବଂ ଇ-ଷ୍ଟାମ୍ପ ସାର୍ଟିଫିକେଟ ତତ୍କାଳ ହାସଲ କରିବା ପାଇଁ ସକ୍ଷମ କରୁଛି। ଓଡ଼ିଶା ପାଇଁ ଷ୍ଟେଟ୍-ଲେଭେଲ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି)ର କନ୍‌ଭେନର୍ ୟୁକୋ ବ୍ୟାଙ୍କ ପକ୍ଷରୁ ସ୍ୱିଫ୍ଟ ଇଣ୍ଡିଆ ସହିତ ନିକଟରେ ବ୍ୟାଙ୍କ ଗ୍ୟାରେଣ୍ଟିଗୁଡିକ ପାଇଁ ଅଟୋମେଟେଡ ଇ-ଷ୍ଟାମ୍ପିଂ ସଲ୍ୟୁଶନର ଶୁଭାରମ୍ଭ କରିଛି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମକୁ ଓଡିଶାର ସମସ୍ତ ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡିକର ଉତ୍ସାହପୂର୍ଣ୍ଣ ସମର୍ଥନ ମିଳିଥିଲା ଏବଂ ଏଥିରେ ରାଜ୍ୟ ସରକାରଙ୍କ ଡେପୁଟି ଇନସ୍ପେକ୍ଟର ଜେନେରାଲ ଶ୍ରୀକାନ୍ତ କୁମାର ବେହୁରା ପ୍ରମୁଖ ଯୋଗ ଦେଇଥିଲେ।


# Classified Everyday

0674-2580101, 9692975378



REAL ESTATE

**SALE**

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399.** D-2310

50 ହଜାରରୁ 5 ଲକ୍ଷ ମଧ୍ୟରେ ଇନ୍‌ଭେଷ୍ଟମେଣ୍ଟ ପ୍ଲଟ୍, upto 1cr. Plots, Flats, 8917622925.
D-2287

**ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି SC/ Gen. ପ୍ଲଟ୍ କିଣନ୍ତୁ। 9658562429.**
D-76224

Scheduled Caste conversion boundary plot sale, Argul Station near IIT, 4000 sqft., 14,00,000/-. General 5000 sqft. plot, 30,00,000/-. Close to 40ft. pitchuroad- 9040074834.
D-76225

**Official space & shops (BMC & RERA approved) for sale in a prime location of BBSR. For details please contact: 7605932509.**
D-2319

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9437192512, 9937846404.**
D-2366

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964.** D-2368




Newly open health benefits spa by expert therapist. Contact: 8280961126.
D-76180

Newly open health benefits spa by experience lady therapist. 7750040475. D-76179

Newly open Spa positively Health benefit with expert. Contact: 7847834544. D-2365

**AFFIDAVIT**

Basudev Sarangi, W/o- Dhiren Kumar Bedbak, R/o Bhagabatiplot, Sonepur, P.O./P.S.- Sonepur, Dist.- Subarnapur (Odisha) declare that my actual and correct name is Anandini Sarangi. But in the R.O.R. of Khata No. 777/43 my name has been mentioned as Anandini Bedbak. That, both the names Anandini Sarangi and Anandini Bedbak are one and same person. Now onwards I shall be known as Anandini Sarangi in all respect. D-2367

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Executive Magistrate, Kendrapara dated 20.12.2024, I, Utkalika Ghadai, Address; Village/ P.O.- Kurujanga, P.S.- Bhadreswar, Dist.- Cuttack, Odisha-754208, declare that I have changed my name from Utkalika Tripathy to Utkalika Ghadai. Henceforth, I shall be known as Utkalika Ghadai for all purposes. (Utkalika Ghadai) D-2360

By virtue of an affidavit sworn before the Executive Magistrate, Sonepur, dt. 19.12.24, I, Anandini Sarangi, D/o- I, Dillip Kumar Ojha (51 yrs.), S/o- Late Kalandi Charan Ojha, Vill./P.O. - Sundarpur, P.S.- Dhusuri, Dist.- Bhadrak declare that my wife has an LIC Policy bearing No. 588872623. Where in her name mentioned Anima Ojha. But her actual name is Annapurna Ojha. Further I declare that Anima Ojha and Annapurna Ojha, W/o Dillip Kumar Ojha same and one person.
D-2369

By virtue of an affidavit sworn before the Executive Magistrate, Bhubaneswar dated 20.12.2024, I, Babi Barik, At/P.O.- Dhanitri, P.S.- Konark, Dist.- Puri, Odisha, Pin: 752111 declare that I have changed my daughter's name from Barik Priyanka Trilochan to Priyanka Barik. Henceforth, my daughter shall be known as Priyanka Barik for all purposes. D-2370


## LEGAL NOTICE

**ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ କ୍ରମିକ ନଂ.-୪, ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଧୀନେ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ୪ର୍ଥ ମହଲା, ୟୁନିଟ୍-୫, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା**
**ଓଡ଼ିଶା ସର୍ଭେ ଓ ସେଟଲ୍‌ମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର- ୧୧୫୪/୨୦୨୩**

ସଞ୍ଜୁକ୍ତା ମହାନ୍ତି ... ... ବାଦୀ
ବନାମ
ରବୀନ୍ଦ୍ରନାଥ ରଥ ଏବଂ ଅନ୍ୟମାନେ ... ... ପ୍ରତିବାଦୀମାନେ
ପ୍ରାପ୍ତେଷୁଙ୍କ ନାମ ଓ ଠିକଣା-
୧. ପ୍ରତିବାଦୀ ନଂ.-୧, ରବୀନ୍ଦ୍ରନାଥ ରଥ, ପିତା ୰ଯଦୁମଣି ରଥ, କ୍ୱାର୍ଟର୍ ନଂ.ସି/୬୦, ଏଚ୍.ଆଇ.ଜି. ହାଉସିଂ ବୋର୍ଡ କଲୋନୀ, ବରମୁଣ୍ଡା, ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
୨. ପ୍ରତିବାଦୀ ନଂ.-୨, ଆୟାସକାନ୍ତ ଦାସ, ପିତା- ନିରଞ୍ଜନ ଦାସ, ସା.- ବଣିଆପୋଶି, ପୋ.- ତରୁଣ, ଥାନା- ରାମଚନ୍ଦ୍ରପୁର, ଜିଲ୍ଲା- କେନ୍ଦୁଝର।
୩. ପ୍ରତିବାଦୀ ନଂ.-୩, ଲିଲି ଦାସ, ସ୍ୱା.- ନିରଞ୍ଜନ ଦାସ, ସା.- ବଣିଆପୋଶି, ପୋ.- ତରୁଣ, ଥାନା- ରାମଚନ୍ଦ୍ରପୁର, ଜିଲ୍ଲା- କେନ୍ଦୁଝର।

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଦାଲତରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ପ୍ରତିବାଦୀ ନଂ.- ୧, ୨ ଏବଂ ୩ଙ୍କର ବିଭିନ୍ନ କାରଣ ଦର୍ଶାଇ ନୋଟିସ ଫେରସ୍ତ ଆସିଅଛି।

ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ କ୍ରମିକ ନଂ.-୪, ୟୁନିଟ୍-୫, ଭୁବନେଶ୍ୱର ଇଜଲାସରେ ଆସନ୍ତା ତା୧୦।୦୨।୨୦୨୫ରିଖ ଦିବା ୧୦.୩୦ ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

**ଜମିର ବିବରଣୀ**

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା ନଂ.୫୦, ମୌଜା- ଘାଟିକିଆ
ସାବକ

| ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ୍ | ରକବା | ସ୍ୱତ୍ୱ |
|---|---|---|---|---|
| ୧୦୮ | ୩୭୮ | ଶାରଦ-୩ | ଏ.୦.୧୯୫ଡି. ସ୍ୱଧରୁ ଏ.୦.୦୪୬ଡି. | ସ୍ଥିତିବାନ |

ହାଲ୍
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା ନଂ.୫୦, ମୌଜା- ଘାଟିକିଆ

| ଖାତା ନମ୍ବର | ପ୍ଲଟ୍ ନମ୍ବର | କିସମ୍ | ରକବା | ସ୍ୱତ୍ୱ |
|---|---|---|---|---|
| ୭୦୬ | ୪୩୨୦/ ୯୧୨୬ | ଶାରଦ-୩ | ଏ.୦.୦୫୫ଡି. ସ୍ୱଧରୁ ଏ.୦.୦୪୬ଡି. | ସ୍ଥିତିବାନ |

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତବାଦୀମାନେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା. ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର **ସ୍ୱା./- କୋର୍ଟ ଅଫିସର**
ଧ-୨୩୬୧

**ମାନ୍ୟବର ଶ୍ରୀଯୁକ୍ତ ଜଜ୍ ପରିବାର ଅଦାଲତ, ପୁରୀ**
ଏକ୍‌ଜିକ୍ୟୁସନ୍ ନଂ.- ୬୩/୨୦୨୪
**ନୋଟିସ**

ଶ୍ରଦ୍ଧାଞ୍ଜଳି ସାହୁ, ବ୨୪ର୍ଷ, ସ୍ୱାମୀ- ଆଶିଷ କୁମାର ବେହେରା, ସାକିନ୍- ମିତା ଷ୍ଟ୍ରିଟ୍, ସି.ଟି. ହାଇସ୍କୁଲ ନିକଟ, କେ.ଏମ୍.ଇ.ଆର୍. ପ୍ଲାଜା, ସୁଜାତା ଏଣ୍ଟରପ୍ରାଇଜର, ଥାନା- ଟାଉନ, ପୋଷ୍ଟ- ବ୍ରହ୍ମପୁର, ଜିଲ୍ଲା- ଗଞ୍ଜାମ, ହାଲ୍ ସାକିନ- ମାର୍ଫତ ବ୍ରଜବନ୍ଧୁ ସାହୁ, ରାମ ମନ୍ଦିର ନିକଟ, ଥାନା- ସମୁଦ୍ରକୂଳ, ପୋଷ୍ଟ ଓ ଜିଲ୍ଲା- ପୁରୀ।
... ... ଆବେଦନକାରୀ
ବନାମ
ଶ୍ରୀ ଆଶିଷ କୁମାର ବେହେରା, ବ୩୦ର୍ଷ, ପିତା- ଅର୍ଜୁନ ବେହେରା, ସାକିନ୍- ମିତା ଷ୍ଟ୍ରିଟ୍, ସି.ଟି. ହାଇସ୍କୁଲ ନିକଟ, କେ.ଏମ୍.ଇ.ଆର୍. ପ୍ଲାଜା, ସୁଜାତା ଏଣ୍ଟରପ୍ରାଇଜର, ଥାନା- ଟାଉନ, ପୋଷ୍ଟ- ବ୍ରହ୍ମପୁର, ଜିଲ୍ଲା- ଗଞ୍ଜାମ। ହାଲ୍ ସାକିନ୍- ପ୍ରେମ୍ ନଗର, ୭ମ ଗଳି, ପୋଷ୍ଟ- ନବୀନ, ଥାନା- ବ୍ରହ୍ମପୁର, ଜିଲ୍ଲା- ଗଞ୍ଜାମ।

ଏହିକି ଯେ, ପ୍ରତିବାଦୀଙ୍କ ନାମରେ ନୋଟିସ ଜାରିହେବା ନିମନ୍ତେ ବାରମ୍ବାର ଯାଇଥିଲେ ମଧ୍ୟ ସେ ନୋଟିସ ମର୍ମମାନ ଜାଣିଶୁଣି ଉପରୋକ୍ତ ମୋକଦ୍ଦମାରେ ହାଜର ହେଉନାହିଁ। ତେଣୁ ଅତ୍ର ବିଜ୍ଞାପନ ଦ୍ୱାରା ପ୍ରତିବାଦୀଙ୍କୁ ଜଣାଇ ଦିଆଯାଇଅଛି କି, ପ୍ରତିବାଦୀ ଆଜ ଦିନ ତା27.01.2025 ରିଖେ ଅତ୍ର ଅଦାଲତରେ ଆପଣ ନିଜେ କିମ୍ବା ଓକିଲଙ୍କ ଦ୍ୱାରା ଉପସ୍ଥିତ ହୋଇ କୌଣସି ଆପତ୍ତି ଥିଲେ ଜଣାଇବେ। ନଚେତ୍ ଆଇନ ଅନୁଯାୟୀ ଫଇସଲା ହେବ। ଅଦ୍ୟ ତା23.12.2024 ରିଖେ ସ୍ୱାକ୍ଷରିତ ଓ ଅଦାଲତର ମୋହର ନିମ୍ନ କ୍ରମେ ଦିଆଗଲା।
Sd./- Judge, Family Court, Puri
D-2363

**Draft Publication under Order V, Rule 20 (1A) of C.P.C.**
**IN THE COURT OF JUDGE FAMILY COURT, SAMBALPUR**
**C.P. Case No.155/2023**

Smita Patnaik ... ... Applicant
-Versus-
Ashish Ratna Bohidar
... ... Respondent

To
Ashish Ratna Bohidar, S/o Ananda Kumar Bohidar, R/o. Pattnaikpada, Sambalpur Town, P.S. Town, P.O./ Dist.- Sambalpur- 768001 (Odisha).

Whereas the applicant filed the above case against you and notice through Court and registered post with A.D., but you have avoided to receive the same, hence this Court thinks it proper to service under Order V, rule 20(1A) of C.P.C. by publishing in the daily local newspaper. Take notice that the case is fixed on 21st Jan., 2025 at 10.30 A.M. for appearance and filing show cause of the above case. If you fails to appear in the Court on the said date personally or through your Advocate, the case will be decided in your absence.

Given under my hand and seal of this Court on this 21st day of Dec., 2024.

**Sd./- Judge**
**Family Court, Sambalpur**
D-2362

See Career Appointment on every Wednesday & Saturday

## ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୨୩।୧୨(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁରସ୍ଥିତ ସ୍ୱତନ୍ତ୍ର ପୋକ୍ସୋ ଜଜ୍ ପ୍ରଣତୀ ପଟ୍ଟନାୟକ ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତ ଯୁବକଙ୍କୁ ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ସେ ହେଲେ ଗଞ୍ଜାମ ଜିଲା ପାଟପୁର ଥାନା ଗଙ୍ଗାପୁର ଗ୍ରାମର ଅନିଲ କୁମାର ସାହୁ(୨୭)। ଏଥିସହିତ ତାଙ୍କୁ ୯ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ଅଧିକ ୧୦ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାର ଅନ୍ୟତମ ଅଭିଯୁକ୍ତ ତଥା ଅନିଲଙ୍କ ଭିଣୋଇ ପ୍ରମୋଦ କୁମାର ସାହୁ ଓରଫ ପ୍ରଦୀପଙ୍କୁ ପ୍ରମାଣ ଅଭାବରୁ ଜଜ୍ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅନ୍ୟପଟେ ପୀଡିତା ନାବାଳିକାଙ୍କୁ ୬ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି ।

ଆସିକା ଥାନା ଅଞ୍ଚଳର ୧୬ ବର୍ଷୀୟା ନାବାଳିକାଙ୍କ ସହ ଅଭିଯୁକ୍ତ ଅନିଲଙ୍କ ୨୦୨୦ରେ ଏକ ମନ୍ଦିରରେ ଦେଖାହୋଇଥିଲା। ସେଠାରେ ସେ ତାଙ୍କୁ ଭଲ ପାଇଯାଇ ବିବାହ ପ୍ରତିଶ୍ରୁତି ଦେଇଥିଲେ। ନାବାଳିକାଙ୍କ ସରଳତାର ଫାଇଦା ଉଠାଇ ଅଭିଯୁକ୍ତ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ନାବାଳିକାଙ୍କ ବାପା ନିଜ ପରିବାର ସହ ଆନ୍ଧ୍ରପ୍ରଦେଶର ବିଜୟାୱାଡ଼ା ଯାଇ ସେଠାରେ ଏକ କମ୍ପାନୀରେ କାମ କରି ରହିଥିଲେ। ୨୦୨୧ରେ ଅନିଲ ଓ ତାଙ୍କ ଭିଣୋଇ ପ୍ରଦୀପ ସେଠାରେ ପହଞ୍ଚି ନାବାଳିକାଙ୍କୁ ଏକ ଗାଡ଼ିରେ ଅପହରଣ କରି ହାଇଦ୍ରାବାଦ ନେଇ ଏକ ଆପାର୍ଟମେଣ୍ଟରେ ରଖିଥିଲେ। ଅନିଲ ନାବାଳିକାଙ୍କୁ ସେଠାରେ ଏକ ମନ୍ଦିରରେ ବିବାହ କରି କିଛିମାସ ରଖିଥିଲେ। ନାବାଳିକା ଦୁଇମାସର ଗର୍ଭବତୀ ହେବା ଜାଣିବା ପରେ ସେଠାରୁ କୌଶଳକ୍ରମେ ଉଭୟେ ଶାଳକ ଓ ଭିଣୋଇ ତାଙ୍କୁ ଗାଡ଼ିରେ ଆଣି ବିଜୟାୱାଡ଼ାରେ ଛାଡି ଦେଇ ଚାଲିଯାଇଥିଲେ। ପରେ ପୀଡ଼ିତା ତାଙ୍କ ବାପାଙ୍କ ସହ ଗାଁକୁ ଫେରି ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୦୩/୨୧ରେ ମାମଲା ରୁଜୁ କରି ତଦନ୍ତ ପରେ ଅନିଲ ଓ ପ୍ରମୋଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ସେମାନେ ଜାମିନ ପାଇଥିଲେ। ମାମଲାର ବିଚାର ବେଳେ ୧୨ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର (ପିପି) ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ଅପହରଣ ପରେ ଯୁବତୀଙ୍କୁ ରାସ୍ତାରେ ଛାଡ଼ି ପଳାଇଲେ ଦୁର୍ବୃତ୍ତ

### କାରଣ ଅସ୍ପଷ୍ଟ, ଆକ୍ରମଣରେ ପୁରୁଷ ବନ୍ଧୁ ଆହତ

ଭୁବନେଶ୍ୱର,୨୩।୧୨
(ସୂର୍ଯ୍ୟକାନ୍ତ ବେହେରା)

ରାତିରେ ରାଜଧାନୀ ରାସ୍ତା ସୁରକ୍ଷିତ ହୋଇପାରୁନି। ଦୁର୍ବୃତ୍ତମାନେ କେତେବେଳେ ଲୁଟୁଛନ୍ତି ତ' ପୁଣି କେତେବେଳେ ଆକ୍ରମଣ କରୁଛନ୍ତି। ଭୁବନେଶ୍ୱର ମୈତ୍ରୀବିହାର ଥାନା ଅନ୍ତର୍ଗତ ଲୁମ୍ବିନୀ ବିହାର ଅଞ୍ଚଳରେ ରବିବାର ବିଳମ୍ବିତ ରାତିରେ ଜଣେ ପୁରୁଷ ବନ୍ଧୁଙ୍କୁ ଆକ୍ରମଣ କରି ଯୁବତୀଙ୍କୁ ଦୁର୍ବୃତ୍ତମାନେ କାର୍‌ରେ ଅପହରଣ କରି ନେଇଥିଲେ। ପରେ ତାଙ୍କୁ ଅସଦାଚରଣ ସହ ମାଡ଼ ମାରି ରାତି ଅଧରେ ଖଣ୍ଡଗିରି-ପାତ୍ରପଡ଼ା ରାସ୍ତାରେ ଛାଡ଼ି ଫେରାର୍ ହୋଇଯାଇଛନ୍ତି। ଯୁବତୀ ଜଣଙ୍କ କୁଆଡ଼େ ଯିବେ ଓ କ'ଣ କରିବେ ବୋଲି ଭାବି ରାସ୍ତାରେ ଛିଡ଼ା ହୋଇଥିବାବେଳେ ଏକ ଅଟୋ ଆସିବାରୁ ସେଥିରେ କଟକସ୍ଥିତ ଘରକୁ ଯାଇଥିଲେ। ଏହି ଘଟଣାରେ ଯୁବତୀ ଜଣକ ସମ୍ପୂର୍ଣ୍ଣ ଭୟଭୀତ ହୋଇଯାଇଥିବାବେଳେ ତାଙ୍କ ମା' ଏନେଇ ପୋଲିସକୁ ଜଣାଇଥିଲେ। ତେବେ କିଏ ଓ କାହିଁକି ଏହି ଅପହରଣ କରିଥିଲେ ଏବଂ ପରେ ଛାଡ଼ିଦେଲେ ଏହା ପଛର ପ୍ରକୃତ କାରଣ କ'ଣ ତା'ଉପରୁ ପରଦା ହଟି ପାରିନି। ଅପରପକ୍ଷରେ ଦୁର୍ବୃତ୍ତଙ୍କ ଆକ୍ରମଣରେ ପୁରୁଷ ବନ୍ଧୁ ତଥା ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ କଲୋନୀର ଆକାଶ ସିଂ ଆହତ ହୋଇଛନ୍ତି। ଆକାଶଙ୍କ ଏତଲା ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳରୁ ସିସିଟିଭି ଫୁଟେଜକୁ ସଂଗ୍ରହ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଯୁବତୀ ଜଣଙ୍କ ଭୟଭୀତ ହୋଇଯାଇଥିବାରୁ ପୋଲିସ ଆଗରେ କୌଣସି ବୟାନ ଦେଇନାହାନ୍ତି । ଆହତ ଆକାଶ ମଧ୍ୟ ଅପହରଣକାରୀଙ୍କୁ ଜାଣିନଥିବା କହିଛନ୍ତି ।

ସୂଚନା ଅନୁଯାୟୀ, ଆକାଶ ଓ ଅପହୃତ ଯୁବତୀ ନିଜ ନିଜ ମୋଟରସାଇକେଲରେ ଉତ୍କଳ ହସ୍ପିଟାଲ ରାସ୍ତାରେ ଯାଉଥିବା ସମୟରେ ଲୁମ୍ବିନୀ ବିହାର ପାଖରେ ଆକାଶଙ୍କ ଗାଡ଼ିରୁ ତେଲ ସରିଯାଇଥିଲା। ଏହାପରେ ଆକାଶ ଓ ଅପହୃତ ଯୁବତୀ ମିଶି ସ୍କୁଟିରେ ପେଟ୍ରୋଲ ଆଣି ଗାଡ଼ି ପାଖକୁ ଫେରିଥିଲେ। ଗାଡ଼ି ପାଖରେ ଛିଡ଼ା ହୋଇଥିବା ସମୟରେ ହଠାତ ତାଙ୍କ ନିକଟରେ ଏକ କାର୍ ପହଞ୍ଚିଥିଲା। କାରରୁ ୪ଜଣ ଯୁବକ ମାରଣାସ୍ତ୍ର ଧରି ଓହ୍ଲାଇବା ସହ ଆକାଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ଆକାଶ ଭୟରେ ଘଟଣାସ୍ଥଳରୁ ଜୀବନ ବଞ୍ଚାଇବାକୁ ଦୌଡ଼ିଥିବା ବେଳେ ଦୁର୍ବୃତ୍ତମାନେ କାର୍‌ରେ ଯୁବତୀଙ୍କୁ ନେଇ ଫେରାର ହୋଇଯାଇଥିଲେ ।

## ଇନ୍‌ଫର୍ମର ସନ୍ଦେହରେ ୩ ଜଣଙ୍କୁ ହତ୍ୟା

ମାଲକାନଗିରି,୨୩।୧୨(ଦୁର୍ଯ୍ୟୋଧନ ପାତ୍ର)

ବିଜାପୁର ଜିଲା କୋରଚଲି ଗ୍ରାମରେ ମାଓବାଦୀମାନେ ଇନ୍‌ଫର୍ମର ସନ୍ଦେହରେ ପ୍ରଜାକୋର୍ଟରେ ୨ଜଣଙ୍କୁ ହତ୍ୟା କରିଥିବା ବେଳେ ଗଙ୍ଗାଲୁର ଥାନା ଅନ୍ତର୍ଗତ ରେଙ୍ଗି ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ଅପହରଣ କରିନେଇ ହତ୍ୟା କରିଛନ୍ତି। କୋରଚଲି ଗ୍ରାମ ନିକଟରେ ମାଓବାଦୀମାନେ ସୋମବାର ପ୍ରଜାକୋର୍ଟ କରିଥିଲେ। ୨ ଜଣଙ୍କୁ ପୋଲିସ ସେଠାରେ ଇନ୍‌ଫର୍ମର ସନ୍ଦେହରେ ମୃତ୍ୟୁଦଣ୍ଡ ଦେଇଥିଲେ। ହତ୍ୟା କରିବାପରେ ମୃତଦେହ ଛାଡି ଚାଲି ଯାଇଥିଲେ। ଗ୍ରାମବାସୀ ଏନେଇ ପୁଲିସକୁ କୌଣସି ସୂଚନା ଦେଇ ନ ଥିଲେ। ୨ ମୃତଦେହ ସତ୍କାର କରିବା ପରେ ପୋଲିସ ଗ୍ରାମବାସୀଙ୍କୁ ପଚରାଉଚରା କରୁଥିବା ଜଣାପଡିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ସେହିପରି ମାଓବାଦୀମାନେ ଗଙ୍ଗାଲୁର ଥାନା ଅନ୍ତର୍ଗତ ରେଙ୍ଗି ଗ୍ରାମରେ ଜଣେ ବ୍ୟକ୍ତିଙ୍କୁ ଇନ୍‌ଫର୍ମର ସନ୍ଦେହରେ ଅପହରଣ କରିନେଇ ହତ୍ୟା କରିଛନ୍ତି। ମୃତକ ହେଲେ ମୁକେଶ ହେମଲା। ସେ ଗ୍ରାମ ନିକଟ ସାପ୍ତାହିକ ହାଟକୁ ଯାଇଥିଲେ। ସେଠାରେ କେତେକ ବନ୍ଧୁକଧାରୀ ମାଓବାଦୀ ହଠାତ୍ ତାଙ୍କୁ ଅପହରଣ କରି ନେଇ ହାଟଠାରୁ କିଛି ଦୂରରେ ହତ୍ୟାକରି ମୃତଦେହ ସହ ଗୋଟିଏ ହାତଲେଖା ଚିଠି ଛାଡି ଚାଲି ଯାଇଥିଲେ, ଯେଉଁ ଚିଠିରେ ମୁକେଶଙ୍କୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ହତ୍ୟା କରାଯାଇଥିବା ଉଲ୍ଲେଖ ରହିଛି।

## ବିଲମଝିରୁ ଯୁବକଙ୍କ ମୃତଦେହ ଜବତ

ଛେଣ୍ଡିପଦା,୨୩।୧୨ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପଳାସବଣିଆ ଗାଁ ନିକଟସ୍ଥ ବିଲ ମଝିରୁ ତେଣ୍ଟୁଲୋଇ ପଞ୍ଚାୟତ ଭାଲୁପାଳ ଗ୍ରାମର ନେଙ୍କୁରୀ ଦେହୁରୀ (୫୪)ଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତଦେହରେ ପୋଡ଼ା ଦାଗ ଥିବାରୁ ଜନ୍ତୁ ଶିକାର ପାଇଁ ବ୍ୟବହୃତ ବିଦ୍ୟୁତ୍ ତାର ଲାଗି ମୃତ୍ୟୁ ହୋଇଥିବା ବେଳେ ଘଟଣାକୁ ଅନ୍ୟ କିଛି ରୂପ ଦେବା ପାଇଁ କେହି ବିଲ ମଝିରେ ମୃତଦେହ ପକାଇ ଦେଇଥିବା ପୋଲିସ ସନ୍ଦେହ କରୁଛି। ପୋଲିସ କହିଛି, ପଳାସବଣିଆ ଓ ତେଣ୍ଟୁଲୋଇ ଗାଁ ନିକଟସ୍ଥ ବିଲ ମଝିରେ ଏକ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକଙ୍କ ଠାରୁ ଖବର ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ନେଇ ତଦନ୍ତ ଜାରି ରହିଥିବା ପୋଲିସ ପ୍ରକାଶ କରିଛି।

## ପାଟଣାଗଡ଼ କୋର୍ଟରେ ସାକ୍ଷ୍ୟ ଦେଲେ ଏଡିଜି ବୋଥ୍ରା



କୋର୍ଟରେ ସାକ୍ଷ୍ୟ ଦେଇ ଆଡିସନାଲ ଡିଜି ଅରୁଣ ବୋଥ୍ରା ଫେରୁଛନ୍ତି ।

### ପାର୍ସଲ ବୋମା ବିସ୍ଫୋରଣ ମାମଲା

ବଲାଙ୍ଗୀର/ପାଟଣାଗଡ଼, ୨୩।୧୨
(ବୀରେନ୍ଦ୍ର କୁମାର ଝାଙ୍କର/
ସଚ୍ଚିଦାନନ୍ଦ ମହାକୁର)

ବହୁଚର୍ଚ୍ଚିତ ବଲାଙ୍ଗୀର ଜିଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ସୋମବାର ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟରେ ତତ୍କାଳୀନ କ୍ରାଇମବ୍ରାଞ୍ଚ ଆଇଜି ତଥା ବର୍ତ୍ତମାନର ଆଡିସନାଲ ଡିଜି ଅରୁଣ ବୋଥ୍ରା ସାକ୍ଷ୍ୟ ଦେଇଛନ୍ତି। ୬୦ ନମ୍ବର ସାକ୍ଷୀ ଭାବେ ବୋଥ୍ରା ଦ୍ୱିତୀୟ ଥର ସାକ୍ଷ୍ୟ ପ୍ରଦାନ କରିଛନ୍ତି। ୬ବର୍ଷ ୧୦ମାସ ତଳେ ଘଟିଥିବା ଏହି ଘଟଣା ସେତେବେଳେ ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଥିଲା। ଏହି ଘଟଣାର ଅଭିଯୁକ୍ତଙ୍କୁ ଧରିବା ପୋଲିସ ପାଇଁ ପ୍ରଥମେ ଚ୍ୟାଲେଞ୍ଜପୂର୍ଣ୍ଣ ଥିବାବେଳେ କ୍ରାଇମବ୍ରାଞ୍ଚ ତଦନ୍ତ ପରେ ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ ଗିରଫ କରାଯାଇଥିଲା। ତଦନ୍ତ ସମୟରେ ତତ୍କାଳୀନ ଆଇଜି ବୋଥ୍ରା କିପରି ଘଟଣାର ତଦାରଖ କରିଥିଲେ, ସେତେବେଳେ କ'ଣ ସବୁ ପଦକ୍ଷେପ ନିଆଯାଇଥିଲା ଓ କିଭଳି ପ୍ରମାଣ ପାଇଥିଲେ ସେସମ୍ପର୍କରେ ସାକ୍ଷ୍ୟ ପ୍ରଦାନ କରିଥିଲେ। ଗତ ସେପ୍ଟେମ୍ବର ୩ରେ କ୍ରାଇମବ୍ରାଞ୍ଚ ଦାଖଲ କରିଥିବା କ୍ରାଇମ ସିନ୍ ସିଡୀ କୋର୍ଟରେ ଉଭୟ ପକ୍ଷର ଓକିଲଙ୍କ ଉପସ୍ଥିତିରେ ପ୍ରଦର୍ଶନ କରାଯାଇଥିଲା। ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ ବୋମା ତିଆରି ପାଇଁ ଆବଶ୍ୟକ ସାମଗ୍ରୀ କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯିବା ପରେ ସେ କିଭଳି ତଦନ୍ତ ଅଧିକାରୀ ବୋଥ୍ରାଙ୍କ ଉପସ୍ଥିତିରେ ବୋମା ତିଆରି କରିଥିଲେ ତା'ର ଭିଡିଓଗ୍ରାଫି ସିଡୀରେ ରହିଥିବା ଦେଖିବାକୁ ମିଳିଛି। ବୋଥ୍ରାଙ୍କ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ଶେଷ ହୋଇଛି। ସାକ୍ଷ୍ୟ ଗ୍ରହଣ ବେଳେ କୋର୍ଟରେ ସରକାରୀ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋ, ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ଓକିଲ ପ୍ରମୋଦ ମିଶ୍ର ଓ ପୁଞ୍ଜିଲାଲ ଉପସ୍ଥିତ ଥିଲେ। ପ୍ରତିପକ୍ଷ ଓକିଲ ମିଶ୍ର କହିଛନ୍ତି, ଗତ ସେପ୍ଟେମ୍ବର ୩ରେ ବୋଥ୍ରା ଦେଇଥିବା କ୍ରାଇମ ସିନ୍ ସିଡୀ କୋର୍ଟରେ ଶୁଣାଣି ପରେ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଏଡିଜି ବୋଥ୍ରାଙ୍କ ସାକ୍ଷ୍ୟଗ୍ରହଣ ସମ୍ପୂର୍ଣ୍ଣ ହୋଇଯାଇଛି।

ସୂଚନାଯୋଗ୍ୟ, ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ ଜବାହରଲାଲ କଲେଜର ତତ୍କାଳୀନ ଅଧ୍ୟାପକ ରବୀନ୍ଦ୍ର ସାହୁ ଏବଂ ଭଇଁଷା କଲେଜର ତତ୍କାଳୀନ ଅଧ୍ୟକ୍ଷା ସଞ୍ଜୁକ୍ତା ସାହୁଙ୍କ ଏକମାତ୍ର ପୁତ୍ର ସୌମ୍ୟଶେଖରଙ୍କ ବିବାହ ଉପହାର ଭାବେ ଆସିଥିବା ଏକ ପାର୍ସଲକୁ ଖୋଲିବାବେଳେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏଥିରେ ନବବିବାହିତ ସୌମ୍ୟଶେଖର ଓ ତାଙ୍କ ଜେଜେମା ଜେମାମଣିଙ୍କ ମୃତ୍ୟୁ ଘଟିଥିଲା। ସୌମ୍ୟଶେଖରଙ୍କ ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ଭଇଁଷା କଲେଜର ଇଂରାଜୀ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ମୁଖ୍ୟ ଏବଂ ଏକମାତ୍ର ଅଭିଯୁକ୍ତ ଭାବେ ଗିରଫ କରିଥିଲା। ପୁଞ୍ଜିଲାଲ ବଲାଙ୍ଗୀର ଜିଲା କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଆସୁଛନ୍ତି ।

## ୭ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଦଶମନ୍ତପୁର ଏମ୍ଆଇ



କୋରାପୁଟ/ଦଶମନ୍ତପୁର,୨୩।୧୨ (ଅମିତାଭ ବେହେରା/ଅରବିନ୍ଦ ନାୟକ)

ଜଣେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଦରମା କରିବା ପାଇଁ ୭ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ଯୋଗାଣ ବିଭାଗ ସହାୟକ (ଏମ୍ଆଇ) ମମତା ବେହେରା। ସୋମବାର ସନ୍ଧ୍ୟାରେ କୋରାପୁଟ ଆରଡ଼ି କାର୍ଯ୍ୟାଳୟ ସମ୍ମୁଖରେ ଏମ୍ଆଇ ବେହେରା ଲାଞ୍ଚ ଟଙ୍କା ନେଉଥିବା ବେଳେ କଟକ ଭିଜିଲାନ୍ସ କର୍ମଚାରୀ ତାଙ୍କୁ ରେଡହ୍ୟାଣ୍ଡରେ ଧରିଛନ୍ତି । ଭିଜିଲାନ୍ସ ପକ୍ଷରୁ ବେହେରାଙ୍କ ପୂଜାରୀପୁଟସ୍ଥିତ ଭଡ଼ାଗୃହ, ଦଶମନ୍ତପୁର କାର୍ଯ୍ୟାଳୟ, ବ୍ରହ୍ମପୁରସ୍ଥିତ ଘର ଏବଂ ଅଙ୍କୁଲି ଛକରେ ଶ୍ରୀହରି ନଗରଠାରେ ଥିବା ଘରେ ଚଢ଼ାଉ ଜାରି ରହିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଦଶମନ୍ତପୁର ବ୍ଲକରେ କାର୍ଯ୍ୟ କରୁଥିବା ଜଣେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ମାସିକ ପାରିଶ୍ରମିକ ଓ ୟୁସି ପ୍ରମାଣପତ୍ର କରାଇଦେବା ପାଇଁ ଏମ୍ଆଇ ବେହେରା ତାଙ୍କୁ ବହୁତ ହଇରାଣ କରୁଥିଲେ । ୭ ହଜାର ଟଙ୍କା ଦେଲେ ସେ ଏହି କାମ କରାଇଦେବେ ବୋଲି କହିବା ପରେ ସମ୍ପୃକ୍ତ କର୍ମଚାରୀ ଏ ନେଇ ଦୁର୍ନୀତି ନିବାରଣ ବିଭାଗ ସହ ଯୋଗାଯୋଗ କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଆରଡ଼ି କାର୍ଯ୍ୟାଳୟ ସାମ୍ନାରେ ସମ୍ପୃକ୍ତ କର୍ମଚାରୀ ରାସାୟନିକ ରଙ୍ଗବୋଳା ଟଙ୍କା ଏମ୍ଆଇ ମମତାଙ୍କୁ ଦେଉଥିବା ବେଳେ ଦୁର୍ନୀତି ନିବାରଣ ବିଭାଗ କର୍ମଚାରୀମାନେ ତାଙ୍କୁ କାବୁ କରିଥିଲେ। ଏ ନେଇ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ୨୯/୨୪ରେ ମାମଲା ରୁଜୁ କରାଯାଇଛି ।

## ଧରାପଡ଼ିଲା ବାଘଛାଲ ଚୋରାଚାଲାଣ ରାକେଟ

### ୧୧ ଅଭିଯୁକ୍ତ ଗିରଫ, ଦେଶୀବନ୍ଧୁକ ଜବତ



ଜବତ ବାଘ ଛାଲ, ଦେଶୀ ବନ୍ଧୁକ ସହ ଗିରଫ ଅଭିଯୁକ୍ତମାନେ।

ବାଲେଶ୍ୱର, ୨୩।୧୨(ବାଞ୍ଛାନିଧି ଦେ)

ବାଘଛାଲ ଚାଲାଣ ବେଳେ ବାଲେଶ୍ୱର ବନବିଭାଗ ଟିମ୍ ଚଢ଼ାଉ କରି ଏକ ରାକେଟ୍‌କୁ ଠାବ କରିଛି। ଏହି ଘଟଣାରେ ୧୧ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ବାଘଛାଲ, ଗୋଟିଏ ଦେଶୀବନ୍ଧୁକ, ୮ ମୋବାଇଲ ଓ ୪ ଜ୍ୟାକେଟ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଯାଇଛି।

ସୂଚନାଯୋଗ୍ୟ, ଏହି ରାକେଟ୍ ଏକ ବାଘଛାଲ ଚୋରା ଚାଲାଣ କରୁଥିବା ସମ୍ପର୍କରେ ବାଲେଶ୍ୱର ବନବିଭାଗ ଜାଣିବାକୁ ପାଇଥିଲା। ଡିଏଫ୍ଓଙ୍କ ନେତୃତ୍ୱରେ ଶିମିଳିପାଳ ଓ ଚାନ୍ଦିପୁର ରେଞ୍ଜ ବନବିଭାଗର ଏକ ସ୍ପେଶାଲ ଟିମ୍ ଗତ ରବିବାର ରାତିରେ ଚଢ଼ାଉ କରି ସୋର ନିକଟରୁ ଉକ୍ତ ବାଘଛାଲକୁ ଜବତ କରିଥିଲା। ତଦନ୍ତ ପୂର୍ବକ ଏହି ରାକେଟ୍‌ରେ ଥିବା ଭଦ୍ରକ ଜିଲାର ୪ ଓ ମୟୂରଭଞ୍ଜ ଜିଲାର ୭ ଅଭିଯୁକ୍ତଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଭଦ୍ରକ ଜିଲା ନାଇକାଣିଡ଼ିହି ଥାନା ବଳରାମପୁର ଗ୍ରାମର ପ୍ରଦୀପ କୁମାର ନାୟକ, ରାମଚନ୍ଦ୍ର ନାୟକ ଓ ପ୍ରଭାତ ନାୟକ, ମଲିକାଦେଇପୁର ଗ୍ରାମର ଗଣେଶ ନାୟକ ଏବଂ ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ସଦାନନ୍ଦପୁର ଗ୍ରାମର ସନ୍ତୋଷ ମାଣିକ, ପଥରଖଣି ଗ୍ରାମର ରଣଜିତ୍ ନାୟକ, ଉଦଳା ଥାନା ନୟାରଙ୍ଗାମାଟିଆ ଗ୍ରାମର ଦଶରଥ ନାୟକ, ନାଗପାଳ ଗ୍ରାମର ପ୍ରୀତିରଞ୍ଜନ ବାରିକ, ତାଳସରେଇ ଗ୍ରାମର ବଇଗା ହୋ, ଗଣେଶା ହୋ ଓ ଗାସା ହୋ। ଏମାନେ କୌଣସି ବ୍ୟବସାୟୀଙ୍କୁ ଏହି ବାଘ ଛାଲ ବିକ୍ରି କରିବା ପାଇଁ ଡିଲ୍ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏ ସମ୍ପର୍କରେ ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ୍ ଆକ୍ଟ ୧୯୭୨ର ବିଭିନ୍ନ ଦଫାରେ ଏକ ମାମଲା (ନଂ. ୪୬/୨୪-୨୫) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘର ଆଗରେ ନ ରୋପିବ ବେତ, ତେନ୍ତୁଳି, ତାଳ
ଦକ୍ଷିଣେ ରୋପିବ ନିମ,
ଉତ୍ତରେ ରୋପିଲେ କଦଳୀ, ସଜନା
ସମୟକୁ ଦେବ କାମ ।**

ସାଧାରଣତଃ ଘର ଆଗରେ ବେତ, ତେନ୍ତୁଳି ଓ ତାଳ ଗଛ ଲଗାଇବା ନେଇ ବାରଣ କରାଯାଇଥିବାବେଳେ ଦକ୍ଷିଣ ଦିଗରେ ନିମ ଏବଂ ଉତ୍ତର ଦିଗରେ କଦଳୀ ଓ ସଜନା ଗଛ ଲଗାଇବା ଉଚିତ ହୋଇଥାଏ। ଏହା ବାସ୍ତୁଶାସ୍ତ୍ର ଅନୁସାରେ ଠିକ୍ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଘୋଡ଼ା ଛଅ ଟଙ୍କାକୁ
ଦାନା ନଅ ଟଙ୍କା ।**

ଜିନିଷର ଦାମ୍ ତୁଳନାରେ ତାକୁ ନେଇ ଆଣି ଥୋଇବା, ଚଳେଇବା ଦାମ୍ ଅଧିକ। ମୂଳ ବସ୍ତୁର ମୂଲ୍ୟଠାରୁ ତା'ର ରକ୍ଷଣାବେକ୍ଷଣ ଖର୍ଚ୍ଚ ବଳିଯିବା ବା ଢେର୍ ଅଧିକ ହୋଇଯିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

## ଦେଶୀ ବନ୍ଧୁକ ତିଆରି କାରଖାନା ଠାବ

### ୩ ବନ୍ଧୁକ, ମାରଣାସ୍ତ୍ର ଜବତ ; ଜଣେ ଗିରଫ

ଢେଙ୍କାନାଳ,୨୩।୧୨(ରତନ ନାୟାର)



ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଭାଗୀରଥିପୁର ଗ୍ରାମରେ ଦେଶୀ ବନ୍ଧୁକ ତିଆରି କାରଖାନା ଠାବ ହୋଇଛି। ୨୨ ତାରିଖ ସକାଳେ ଭାପୁର ପୋଲିସ ଖବରପାଇ ଏଏସ୍ଆଇ ରେବତୀ ପ୍ରଧାନ ବନ୍ଧୁକ ତିଆରି କରାଯାଉଥିବା ଘରେ ଚଢ଼ାଉ କରିଥିଲେ। ଏହି ସମୟରେ ଉକ୍ତ ଘର ପଛ ପାଖରୁ ବିନା ଲାଇସେନ୍ସ ଓ ବିନା କାଗଜପତ୍ରରେ ଦେଶୀ ବନ୍ଧୁକ ଓ ମାରଣାସ୍ତ୍ର ତିଆରି କରାଯାଉଥିଲା। ଘଟଣାସ୍ଥଳରୁ ୩ଟି ଅଧା ତିଆରି ଦେଶୀ ବନ୍ଧୁକ, ହାମର, ଫାର୍ସା, ଟେଷ୍ଟର, ସ୍କ୍ରୁଡାଇଭର, କଟର, ବ୍ଲେଡ୍, ଡ୍ରିଲ ମେଶିନ, କରତ, ପ୍ଲାସ, ସେଲୋଟେପ୍, ସ୍କେଲ ଏବଂ ବିଭିନ୍ନ ସାଇଜ୍‌ର ଶିଶା ଏବଂ କାଠ କଟର ମେଶିନ ଜବତ କରାଯାଇଥିଲା। ଏହି ଘଟଣାରେ ଗ୍ରାମର ଅକ୍ରୁର ବେହେରା(୫୫)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବହୁ ଦିନରୁ ଅକ୍ରୁର ଏହି ଦେଶୀ ବନ୍ଧୁକ ତିଆରି କରିଆସୁଥିବା ସ୍ୱୀକାର କରିଥିଲେ ବୋଲି ପୋଲିସ ସୂଚନା ଦେଇଛି। ସଦର ଥାନାରେ କେସ୍ ନଂ-୯୭୩।୨୪, ଦଫା-୧୩୨ ଓ ୨୯୬ ପିଏନ୍ଏସ୍ ଏବଂ ୨୫(୧-ଏ) ଆର୍ମସ୍ ଆକ୍ଟରେ ଏକ ମାମଲା ରୁଜୁ କରାଯାଇଛି।




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ଦୋକାନ ଘର ବିକ୍ରି ନାଁରେ ୩ କୋଟି ଠକେଇ

### ବିଲ୍‌ଡରଙ୍କ ବିରୋଧରେ ଇଓଡବ୍ଲ୍ୟୁରେ ଅଭିଯୋଗ

ଭୁବନେଶ୍ୱର,୨୩।୧୨(ସୂର୍ଯ୍ୟକାନ୍ତ ବେହେରା)

କାହାକୁ ଡୁପ୍ଲେକ୍ସ ତ' ପୁଣି କାହାକୁ ଦୋକାନ ଘର ବିକ୍ରି କରିବା ନାଁରେ ଲୋକଙ୍କଠାରୁ ୩କୋଟି ଟଙ୍କା ଠକି ନେଇଛନ୍ତି ଜଣେ ବିଲ୍‌ଡର। ଏନେଇ ୧୪ ଜଣ ସୋମବାର କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ରେ ଦ୍ୱାରସ୍ଥ ହୋଇ ଖଣ୍ଡଗିରି ଅଞ୍ଚଳର ବିଲ୍‌ଡର ସନ୍ଦୀପ ପ୍ରଧାନଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗକାରୀଙ୍କ ସୂଚନାନୁସାରେ ଇଲାଇଟ ଇନ୍‌ଫ୍ରା କ୍ରିଏଶନ ପ୍ରାଇଭେଟ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ହେଉଛନ୍ତି ସନ୍ଦୀପ। ତାଙ୍କର ବାଲିଅନ୍ତା ଥାନା ଅଞ୍ଚଳରେ ଏକ ମାର୍କେଟ କମ୍ପ୍ଲେକ୍ସ ଅଛି । ସେଠାରେ ଦୋକାନ ଘର ବିକ୍ରି କରିବାକୁ କାହାଠାରୁ ୭ ଲକ୍ଷ ଏବଂ ଅନ୍ୟ କାହାଠୁ ୧୦ ଲକ୍ଷ ଟଙ୍କା କହି ଏହିଭଳି ୩୦ ଜଣଙ୍କଠାରୁ ପ୍ରାୟ ୩ କୋଟି ଟଙ୍କା ନେଇଯାଇଛନ୍ତି। ହେଲେ ଟଙ୍କା ଦେଇଥିବା ଲୋକଙ୍କ ନାମରେ ରେଜିଷ୍ଟ୍ରେଶନ କରୁନାହାନ୍ତି। ଏପରି କି ଠକାମିର ଶିକାର ହୋଇଥିବା ବ୍ୟକ୍ତିମାନେ ଟଙ୍କା ମାଗିଲେ ସେମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ଏନେଇ ଠକେଇର ଶିକାର ହୋଇଥିବା ଲୋକମାନେ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ସେଠାକାର ଥାନା ଅଧିକାରୀ ଶୁଣୁ ନ ଥିବାରୁ ବାଧ୍ୟ ହୋଇ ଇଓଡବ୍ଲ୍ୟୁରେ ଦ୍ୱାରସ୍ଥ ହୋଇଥିବା କହିଛନ୍ତି। ସେହିପରି ଉକ୍ତ ବିଲ୍‌ଡର ଜଣଙ୍କ ଜଣେ ଅଭିଯୋଗକାରୀଙ୍କ ଘରୁ ଆସବାବପତ୍ର ଚୋରି କରିନେଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି।

## ହନୁମାନଙ୍କ ମୂର୍ତ୍ତି ଫିଙ୍ଗାକୁ ନେଇ ଉତ୍ତେଜନା

■ରାସ୍ତା ଅବରୋଧ, ଦୋକାନ ବଜାର ବନ୍ଦ
■ଜଣେ ଗିରଫ, ପୋଲିସର ତନାଘନା

ବଡ଼ବିଲ,୨୩।୧୨(ଦେବପ୍ରିୟ ରଣା)



ହନୁମାନଙ୍କ ବିଗ୍ରହକୁ ଅସ୍ଥାନରୁ କାଢ଼ି ଫିଙ୍ଗା ଯାଇଛି।

କେନ୍ଦୁଝର ଜିଲା ବଡ଼ବିଲ ୱାର୍ଡ ନଂ-୯, ନ୍ୟୁ-ମାର୍କେଟସ୍ଥିତ ଆଖଡ଼ାଶାଳ ମନ୍ଦିରରୁ ହନୁମାନ ମୂର୍ତ୍ତିକୁ ଦୁର୍ବୃତ୍ତ ଆସ୍ଥାନରୁ କାଢ଼ି ଫିଙ୍ଗି ଦେଇଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ମଧୁସୂଦନ ଛକରେ ରାସ୍ତା ଅବରୋଧ କରିବା ସହ ସମଗ୍ର ବଡ଼ବିଲର ଛକ, ଦୋକାନ, ବଜାର, ବ୍ୟାଙ୍କ୍ ଓ ବିଭିନ୍ନ କାର୍ଯ୍ୟାଳୟକୁ ବନ୍ଦ କରିଥିଲେ। ପୋଲିସ ପକ୍ଷରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଘଟଣାସ୍ଥଳରେ କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ପହଞ୍ଚି ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଫଳରେ ସାଧାରଣ ଯାତାୟାତ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବଡ଼ବିଲ ନ୍ୟୁ-ମାର୍କେଟରେ ଜୟ ହନୁମାନ ଯୁବକ ସଂଘ ଆଖଡ଼ା ଦ୍ୱାରା ହନୁମାନଙ୍କ ମନ୍ଦିର ସ୍ଥାପିତ ହୋଇଛି। ରବିବାର ରାତିରେ ହନୁମାନଙ୍କ ବିଗ୍ରହକୁ କେହି ଦୁର୍ବୃତ୍ତ ଆସ୍ଥାନରୁ ବାହାରକରି ଫିଙ୍ଗିଦେଇଥିଲେ। ସୋମବାର ସକାଳେ ସ୍ଥାନୀୟ ଲୋକେ ଏହା ଦେଖିବା ପରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ହନୁମାନଙ୍କ ବିଗ୍ରହ କ୍ଷତିଗ୍ରସ୍ତ ହୋଇଥିବାବେଳେ ପୋଲିସ ପହଞ୍ଚି ବିଗ୍ରହକୁ ସେଠାରୁ ନେଇଯାଇଥିଲା। ଉତ୍ତେଜିତ ଲୋକେ ମଧୁସୂଦନ ଛକ, ରେଳ ଫାଟକ ଛକ, ବାଟା ଛକ, ଡାକ ବଙ୍ଗଳା ଛକ, କିରିବୁରୁ ଛକ, ଓଏମ୍‌ସି ଛକ, ବିର୍ସା ମୁଣ୍ଡା ଛକ ଆଦିରେ ରାସ୍ତା ଅବରୋଧ କରି ଦୁର୍ବୃତ୍ତଙ୍କୁ ଗିରଫ ଦାବି କରିଥିଲେ। ଉତ୍ତେଜିତ ଲୋକେ ଦୋକାନ, ବଜାର ବନ୍ଦ କରିବା ସହ ବ୍ୟାଙ୍କ ଓ ବିଭିନ୍ନ ଅନୁଷ୍ଠାନକୁ ବନ୍ଦ କରିଦେଇଥିଲେ। ଦୀର୍ଘ ସାଢ଼େ ୫ ଘଣ୍ଟା ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପକ୍ଷରୁ ୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ପୋଲିସ ତୁରନ୍ତ ପଦକ୍ଷେପ ନେଇ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଦୀର୍ଘ ଘଣ୍ଟା ରାସ୍ତା ଅବରୋଧ ପରେ ଅପରାହ୍ନ ପ୍ରାୟ ଗୋଟାଏରେ କେନ୍ଦୁଝର ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କ ଗିରଫଦାରି ସମ୍ବନ୍ଧରେ ଉତ୍ତେଜିତ ଜନସାଧାରଣଙ୍କୁ ସୂଚନା ଦେଇଥିଲେ। ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ଅନୁରୋଧ କରିବା ପରେ ସାଧାରଣ ଯାତାୟାତ ସ୍ୱାଭାବିକ ହୋଇଥିଲା। ବଡ଼ବିଲ ଏସ୍‌ଡିପିଓ ପ୍ରୀୟସ ରଞ୍ଜନ ଛୋଟରାୟ କହିଛନ୍ତି, ବଡବିଲ ଥାନାରେ ଏକ ମାମଲା(ନଂ. ୩୮୩/୨୦୨୪)ରୁଜୁ ହୋଇଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ବଡବିଲ ନ୍ୟୁ-ମାର୍କେଟ ଅଞ୍ଚଳର ବଲ୍‌ବୀର ସିଂହଙ୍କୁ ଗିରଫ କରାଯାଇଛି। ତାଙ୍କ ନାମରେ ବଡବିଲ ଥାନାରେ ଏକାଧିକ ମାମଲା ରହିଥିଲାବେଳେ ବିଭିନ୍ନ ମନ୍ଦିରରୁ ଚୋରି ନେଇ ଅଭିଯୋଗ ରହିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

# କ୍ରିଷ୍ଟିନା ମିସ୍ ୱାର୍ଲ୍ଡ ଏବଂ ଭିକ୍ଟୋରିଆ ମିସ୍ ୟୁନିଭର୍ସ

ଚେକ୍ ରିପବ୍ଲିକ୍‌ର କ୍ରିଷ୍ଟିନା ପିସ୍‌କୋଭା ଚଳିତ ବର୍ଷର ମିସ୍ ୱାର୍ଲ୍ଡ ଟାଇଟଲ ବିଜୟିନୀ ହୋଇଛନ୍ତି। ଭାରତର ସିନି ସେଟ୍ଟୀ ଶୀର୍ଷ ୮ପ୍ରତିଯୋଗୀଙ୍କ ମଧ୍ୟରେ ରହିଥିଲେ। ମିସ୍ ଲେବାନନ୍‌ର ୟାସ୍ମିନା ଜେଟନ ପ୍ରଥମ ରନରଅପ୍ ହୋଇଛନ୍ତି। ମୁମ୍ବାଇରେ ଅନୁଷ୍ଠିତ ଗ୍ରାଣ୍ଡ ଫିନାଲେରେ ପୂର୍ବବର୍ଷର ମିସ୍ ୱାର୍ଲ୍ଡ ପୋଲାଣ୍ଡର କାରୋଲିନା ବିଲାସ୍କା କ୍ରିଷ୍ଟିନା ହେଉଛନ୍ତି ଚେକ୍ ରିପବ୍ଲିକ୍‌ରୁ ଦ୍ୱିତୀୟ ମିସ୍ ୱାର୍ଲ୍ଡ। ୨୦୦୬ରେ ସେହି ଦେଶର ଟାଟାନା କୁଚାରୋଭା ବିଶ୍ୱସୁନ୍ଦରୀ ମୁକୁଟ ବିଜୟିନୀ ହୋଇଥିଲେ। ମିସ୍ ୱାର୍ଲ୍ଡ ୱେବ୍‌ସାଇଟ୍ ଅନୁଯାୟୀ କ୍ରିଷ୍ଟିନା ଜଣେ ମଡେଲ ହୋଇଥିବା ବେଳେ ସେ ଆଇନ ଏବଂ ବିଜ୍‌ନେସ୍ ଆଡମିନିଷ୍ଟ୍ରେଶନରେ ଡିଗ୍ରୀ କରିଛନ୍ତି। ୨୦ବର୍ଷୀୟା କ୍ରିଷ୍ଟିନା ପିସ୍‌କୋ ଫାଉଣ୍ଡେଶନର ପ୍ରତିଷ୍ଠାତା। ସେ ଇଂଲିଶ ସମେତ ସ୍ଲୋଭାକ୍,ଜର୍ମାନ୍ ଏବଂ ପୋଲାଣ୍ଡର ଭାଷାରେ ପାରଙ୍ଗମ। ଶିକ୍ଷା ମାଧ୍ୟମରେ ସ୍ଥାୟୀ ବିକାଶହୋଇପାରିବ ବୋଲି ସେ ଯୁକ୍ତି କରିଥାନ୍ତି। ସେହିଭଳି ଚଳିତବର୍ଷ ମିସ୍ ୟୁନିଭର୍ସ ମୁକୁଟ ପିନ୍ଧିଥିଲେ ଡେନ୍‌ମାର୍କର ୨୧ ବର୍ଷୀୟା ଭିକ୍ଟୋରିଆ କଜେର। ବ୍ରହ୍ମାଣ୍ଡସୁନ୍ଦରୀ ପ୍ରତିଯୋଗୀତାରେ ଡେନ୍‌ମାର୍କର ଏହା ଥିଲା ପ୍ରଥମ ବିଜୟ। ମେକ୍ସିକୋର ମାରିଆ ଫର୍ନାଣ୍ଡା ବେଲଟ୍ରାନ୍ ପ୍ରଥମ ରନର୍ ଅପ୍ ହୋଇଥିଲେ।



କ୍ରିଷ୍ଟିନା

## ଓଡ଼ିଶା କୁଇନ୍ ମୁକୁଟ ପିନ୍ଧିଲେ ରାମିୟା ହୁଇ

ଆର୍.ଆର୍.ଇଭେଣ୍ଟସ୍ ଆଣ୍ଡ ସିନେ ପ୍ରଡକ୍ସନ ପକ୍ଷରୁ ଚଳିତ ବର୍ଷ ଓଡ଼ିଶା କୁଇନ୍ ୨୦୨୪ର ଗ୍ରାଣ୍ଡ ଫିନାଲେ ରେଳ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱରର ରାମିୟା ହୁଇ ବିଜୟିନୀ ହୋଇ ଓଡ଼ିଶା କୁଇନ୍ ମୁକୁଟ ପିନ୍ଧିଥିଲେ। ସୁନ୍ଦରଗଡ଼ର ମିନୁ ଭୋଇ ପ୍ରଥମ ରନରଅପ୍ ହୋଇଥିଲେ। ଏହି ପ୍ରତିଯୋଗିତାରେ ସାରା ଓଡ଼ିଶାରୁ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ।

## ଆମେରିକାର ଧ୍ରୁବୀ ପଟେଲ ମିସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍

ଆମେରିକାର କମ୍ପ୍ୟୁଟର ଇନ୍‌ଫର୍ମେଶନ ସିଷ୍ଟମ ଛାତ୍ରୀ ଧ୍ରୁବୀ ପଟେଲ ହୋଇଥିଲେ ଚଳିତ ବର୍ଷର ମିସ୍ ଇଣ୍ଡିଆ ୱାର୍ଲ୍ଡ ୱାଇଡ୍ ବିଜେତା। ଏହି ପ୍ରତିଯୋଗିତାରେ ସୁରିନାମ୍‌ର ଲିସା ଆବ୍‌ଡୋଲହକ୍ ପ୍ରଥମ ରନରଅପ୍ ହୋଇଥିଲେ। ମିସେସ୍ ବର୍ଗରେ ତ୍ରିନିଦାଦ୍ ଏବଂ ଟବାଗୋର ସୁ ଆନ୍ ମୌଜେଟ୍ ବିଜେତା ହୋଇଥିବା ବେଳେ ସ୍ନେହ ନାମ୍ବିଆର ପ୍ରଥମ ଏବଂ ପୱନଦ୍ୱୀପ କୌର ଦ୍ୱିତୀୟ ରନରଅପ୍ ହୋଇଥିଲେ। ନାବାଳିକା ବର୍ଗରେ ଗୁଆଡେଲୁପୁର୍ ସିଏରା ସୁରେଟ୍ ମିସ୍ ଟିନ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍ ମୁକୁଟ ପିନ୍ଧିବାର ସୁଯୋଗ ପାଇଛନ୍ତି।

## ପ୍ରଥମ 'ମିସ୍ ଏଆଇ' ମୁକୁଟ

ମରକ୍କୋର ଲାଇଫ୍‌ଷ୍ଟାଇଲ୍ ଇନ୍‌ଫ୍ଲୁଏନ୍ସର ତଥା ଏଆଇ ଜେନେରେଟେଡ୍ ମଡେଲ କେନ୍‌ଜା ଲେଲି ବିଶ୍ୱର ପ୍ରଥମ ମିସ୍ ଏଆଇ ମୁକୁଟ ପିନ୍ଧିଛନ୍ତି। ସେ ୧୫୦୦ରୁ ଅଧିକ କମ୍ପ୍ୟୁଟରାଇଜ୍‌ଡ ପ୍ରତିଯୋଗୀଙ୍କୁ ପରାସ୍ତକରି ଏହି ଟାଇଟଲ ହାସଲ କରିଛନ୍ତି। ଜଣେ ଲାଇଫ୍‌ଷ୍ଟାଇଲ୍ ଏଆଇ ବ୍ଲଗର ଭାବେ ଲେଲିଙ୍କର ଇନ୍‌ଷ୍ଟାଗ୍ରାମ୍‌ରେ ୧ଲକ୍ଷ ୯୦ହଜାରରୁ ଅଧିକ ଫଲୋଅର୍ସ ଥିବା ସହ ସେ ଫୁଡ୍, ଫ୍ୟାଶନ୍, ଟ୍ରାଭେଲ୍, ସଂସ୍କୃତି, ସୌନ୍ଦର୍ଯ୍ୟ ଆଦି କଣ୍ଟେଣ୍ଟକୁ ନେଇ ଭିଡିଓ କରିଥାନ୍ତି। ଏହି ପ୍ରତିଯୋଗିତାରେ ବିଜୟ ହାସଲକରି ଲେଲି କହିଛନ୍ତି, ଯଦିଓ ସେ ମଣିଷଙ୍କ ପରି ଭାବନାକୁ ଅନୁଭବ କରିପାରନ୍ତି ନାହିଁ, ତେବେ ସେ ଏହି ସଫଳତା ପାଇଁ ବହୁ ଉତ୍ସାହିତ। ପ୍ରଥମ ମିସ୍ ଏଆଇ ମୁକୁଟ ପିନ୍ଧିଥିବାରୁ ଲେଲିଙ୍କ କ୍ରିଏଟର ମେରିୟମ୍ ବେସାଙ୍କୁ ୨୦ହଜାରର ଡଲାରର ପୁରସ୍କାର ରାଶି ମିଳିଛି।



କେନ୍‌ଜା

# ଅନନ୍ୟା

ଆଉ ମାତ୍ର ଦିନ କେଇଟାରେ ବିଦାୟ ନେବାକୁ ଯାଉଛି ବର୍ଷ ୨୦୨୪। ଏହି ବର୍ଷରେ ବିଭିନ୍ନ କ୍ଷେତ୍ରରେ ଅନେକ ମହିଳା ନିଜକୁ ଅନନ୍ୟ ପ୍ରତିପାଦନକରି ଚର୍ଚ୍ଚାର ପରିସରକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରମୁଖ କେତେଜଣଙ୍କ ସମ୍ପର୍କରେ...

## ଭିନେଶ ଫୋଗଟ୍

ଅଲିମ୍ପିକ୍ ଖେଳାଳି ଭିନେଶ ଫୋଗଟ୍‌ଙ୍କୁ ନେଇ ଏ ବର୍ଷ ଖୁବ୍ ଚର୍ଚ୍ଚା ହୋଇଥିଲା। କୁସ୍ତିଯୋଦ୍ଧା ବର୍ଗରେ ଏ ବର୍ଷ ଭାରତର ପ୍ରଥମ ମହିଳାଭାବେ ଅଲିମ୍ପିକ ଫାଇନାଲରେ ପହଞ୍ଚିଥିଲେ ବି ଶେଷ ମୁହୂର୍ତ୍ତରେ ବାଦ୍ ପଡ଼ିଥିଲେ। ଏହାପରେ ଖେଳଜଗତରୁ ସନ୍ୟାସ ନେଇ ରାଜନୀତିରେ ଯୋଗଦେଇଛନ୍ତି। ବିଭିନ୍ନ ଜାତୀୟ ଅନ୍ତର୍ଜାତୀୟ ତଥା ରାଷ୍ଟ୍ରୀୟ ସ୍ତରରେ ସେ ଦେଶ ପାଇଁ ଅନେକ ପଦକ ହାସଲ କରିଛନ୍ତି। ଲିଙ୍ଗଭେଦ ନେଇ ପ୍ରଭାବ ପକାଇଥିବା ଏହି ମହିଳାଙ୍କୁ ଏଥର ବିବିସି ପାୱାର ଲିଷ୍ଟରେ ମଧ୍ୟ ସ୍ଥାନ ମିଳିଛି।

## ଓଡ଼ିଶାର ନାଇମା ଏଏମ୍‌ୟୁର ପ୍ରଥମ ମହିଳା କୁଳପତି

ଉତ୍ତର ପ୍ରଦେଶରେ ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟ(ଏଏମ୍‌ୟୁ)ର ପ୍ରଥମ ମହିଳା କୁଳପତି ଭାବେ ଏ ବର୍ଷ ନିଯୁକ୍ତି ପାଇଥିଲେ ନାଇମା ଖାତୁନ୍ ଗୁଲ୍‌ରେଜ। ଯାଜପୁର ଜିଲାରେ ତାଙ୍କ ଘର। ଏଏମ୍‌ୟୁର ୧୦୦ବର୍ଷ ଇତିହାସରେ ସେ ହୋଇଛନ୍ତି ପ୍ରଥମ ମହିଳା କୁଳପତି। ସେ ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଛନ୍ତି। ୧୯୮୮ରେ ସେହି ବିଭାଗରେ ଆଧ୍ୟାପକ ଭାବରେ ଚାକିରି ଆରମ୍ଭ କରିଥିଲେ। ୨୦୦୬ରେ ପ୍ରଫେସର ପଦକୁ ପଦୋନ୍ନତି ପାଇଥିଲେ। ତେବେ ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟରେ ବହୁ ପ୍ରଶାସନିକ ପଦବୀରେ ସେ କାର୍ଯ୍ୟ କରିଛନ୍ତି।


ନାଇମା

## ରଚେଲ ଗୁପ୍ତା 'ମିସ୍ ଗ୍ରାଣ୍ଡ ଇଣ୍ଟରନ୍ୟାଶନାଲ'

ଭାରତର ରଚେଲ ଗୁପ୍ତା(୨୦) 'ମିସ୍ ଗ୍ରାଣ୍ଡ ଇଣ୍ଟରନ୍ୟାଶନାଲ'ଟାଇଟଲ ହାସଲକରି ଇତିହାସ ରଚିଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ଏହି ସଫଳତା ହାସଲ କରିଛନ୍ତି। ୨୦୧୩ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଚଳିତ ଥର ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍‌ରେ ଆୟୋଜିତ ହୋଇଥିଲା, ଯେଉଁଥିରେ ୭୦ଦେଶ ଅଂଶଗ୍ରହଣ କରିଥିଲେ। ଗତବର୍ଷର 'ମିସ୍ ଗ୍ରାଣ୍ଡ ଇଣ୍ଟରନ୍ୟାଶନାଲ' ବିଜେତା ଲୁସିଆନା ଫଷ୍ଟର ରଚେଲଙ୍କୁ ବିଜୟୀ ମୁକୁଟ ପିନ୍ଧାଇଛନ୍ତି। ୧୧ବର୍ଷର ଅପେକ୍ଷା ପରେ ଭାରତକୁ ଏହି ସଫଳତା ମିଳିପାରିଛି। ରଚେଲ ହେଉଛନ୍ତି ପଞ୍ଜାବର ଜଳନ୍ଧର ନିବାସୀ। ସେ ୨୦୨୨ରେ ମିସ୍ ସୁପର ଟ୍ୟାଲେଣ୍ଟ ଅଫ୍ ଦି ୱାର୍ଲ୍ଡ ଟାଇଟଲ ମଧ୍ୟ ହାସଲ କରିଥିଲେ। ଏକାଧାରରେ ରଚେଲ ଜଣେ ମଡେଲ ହେବା ସହ ଜଣେ ଉଦ୍ୟୋଗୀ ମଧ୍ୟ।



ରଚେଲ ଗୁପ୍ତା

## ସ୍ମୃତି ହେଗ୍‌ଡେ ଭାରତର ପ୍ରଥମ ମିସ୍ ୟୁନିଭର୍ସାଲ ପେଟ୍ରିଟ୍ କ୍ରାଉନ୍

କର୍ଣ୍ଣାଟକର ହୁବୁଲିସ୍ଥିତ ଏକ ହସ୍ପିଟାଲରେ ୨୦୧୮ରୁ ଡାକ୍ତର ଭାବେ କାର୍ଯ୍ୟରତ ସ୍ମୃତି ହେଗ୍‌ଡେ ଭାରତର ପ୍ରଥମ ମିସ୍ ୟୁନିଭର୍ସାଲ ପେଟ୍ରିଟ୍ କ୍ରାଉନ୍ ଜିତିଛନ୍ତି। ଏହି ବିଜୟକୁ ନେଇ ସ୍ମୃତିଙ୍କ ପରିବାର ଓ ଦେଶବାସୀ ଉଲ୍ଲସିତ ହୋଇଛନ୍ତି। ଗେଡ଼ି ମହିଳାମାନଙ୍କୁ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ସୁଯୋଗ ଦେବା ପାଇଁ ୨୦୦୯ରୁ ଆମେରିକାର ଫ୍ଲୋରିଡାସ୍ଥିତ ଥାମ୍ପାରେ ପ୍ରତିବର୍ଷ ମିସ୍ ୟୁନିଭର୍ସାଲ ପେଟିଟ୍ ଆୟୋଜିତ ହୋଇ ଆସୁଅଛି। ଏଥିରେ ସ୍ମୃତି ଚଳିତ ବର୍ଷ ଭାରତର ପ୍ରଥମ ମିସ୍ ପେଟ୍ରିଟ୍ ହେବାରେ ସୌଭାଗ୍ୟ ଲାଭ କରିଥିଲେ। ଏହି ଅବସରରେ ସ୍ମୃତି କହିଛନ୍ତି, ଏହା ମୋ ପାଇଁ ସହଜ ନ ଥିଲା। ଜଣେ ଡାକ୍ତର ହେବା କେତେ କଷ୍ଟସାଧ୍ୟ ତାହା ମୁଁ ଅନୁଭବ କରିଥିଲି। ତେବେ ଉଭୟ କ୍ଷେତ୍ରରେ ସନ୍ତୁଳନ ରକ୍ଷା କରିବାକୁ ପ୍ରଥମେ ଚେଷ୍ଟା କରିଥିଲେ ବୋଲି ସ୍ମୃତି କୁହନ୍ତି। ମୁକୁଟ ପରିଧାନ କରିବାବେଳେ ସ୍ମୃତି କହିଥିଲେ, ସେ ବିଜୟିନୀ ହେବା ନେଇ ସେତେଟା ଭାବି ନ ଥିଲେ ବୋଲି ଡର୍ମାଟୋଲୋଜିର ଏମ୍‌ଡି ଛାତ୍ରୀ ତଥା ମଡେଲ ଓ ଡ୍ୟାନ୍ସର ସ୍ମୃତି ପ୍ରକାଶ କରିଛନ୍ତି। ୟୁନିଭର୍ସାଲ ପିଜେଣ୍ଟରେ ଭାଗନେବା ପାଇଁ ମହିଳାଙ୍କ ଉଚ୍ଚତା ୫ଫୁଟ୍ ୬ଇଞ୍ଚ (୧୬୭.୫ସେ.ମି)ରୁ କମ୍ ହୋଇଥିବା ଆବଶ୍ୟକ ବୋଲି ଏହାର ୱେବ୍‌ସାଇଟ୍‌ରେ ଦର୍ଶାଯାଇଛି।

## ବିବିସି ତାଲିକାରେ ପୂଜା

ବେସାରାହାଙ୍କ ଅନ୍ତିମ ସଂସ୍କାରକରି ସମାଜରୁ କୁସଂସ୍କାର ଦୂରକରିବା ପାଇଁ ସଂଗ୍ରାମ କରୁଥିବା ପୂଜା ଶର୍ମା ଚଳିତ ବର୍ଷ ବିବିସିର ପ୍ରଭାବଶାଳୀ ମହିଳାଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ସମାଜରେ ପରିବର୍ତ୍ତନ ପାଇଁ ପୂଜାଙ୍କ ଯୋଗଦାନ ଅନ୍ୟ ମହିଳାଙ୍କୁ ପ୍ରେରଣା ଦେଇପାରିଛି। ସେଥିପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ଏବେ ସୁଦ୍ଧା ୪୦୦୦ରୁ ଅଧିକ ଶବ ସତ୍କାରକରି ସାରିଲେଣି ସେ। ତାଙ୍କର ଏହି ଯାତ୍ରା ଆରମ୍ଭ ହୋଇଥିଲା ଏକ ଦୁର୍ଘଟଣାରୁ। ୨୦୨୨ ମସିହାରେ ତାଙ୍କ ବଡ଼ ଭାଇଙ୍କୁ କେତେଜଣ ଲୋକ ଆକ୍ରମଣକରି ମାରି ଦେଇଥିଲେ। ସେତେବେଳେ ତାଙ୍କ ପରିବାରକୁ କାହାର ସାହାଯ୍ୟ ମିଳି ନ ଥିଲା। ତେଣୁ ସେ ନିଜେ ତାଙ୍କ ଭାଇଙ୍କ ସଂସ୍କାର କାମ ସବୁ କରିଥିଲେ ଆଉ ସେହିଦିନଠାରୁ ସଙ୍କଳ୍ପ ନେଇ ବେସାହାରା ଲୋକଙ୍କ ସେବାକରି ଆସୁଛନ୍ତି। ଏବେ ଏକ ଏନ୍‌ଜିଓ ମାଧ୍ୟମରେ ସେ ଏହି କାମ ବ୍ୟତୀତ ପରିବେଶ, ଅନାଥ ପିଲାଙ୍କ ଶିକ୍ଷା ତଥା ବୃଦ୍ଧଙ୍କ ସହାୟତା କ୍ଷେତ୍ରରେ କାମ କରୁଛନ୍ତି। ସମାଜ ବିରୋଧରେ ଯାଇ ତାଙ୍କର ଏଭଳି ଦୁଃସାହସିକ କାମ ପାଇଁ ତାଙ୍କୁ ଚଳିତବର୍ଷ ବିବିସି ପକ୍ଷରୁ ଏହି ସମ୍ମାନ ମିଳିଛି।



ପୂଜା ଶର୍ମା

## ପ୍ରଥମ ଥର ଏମ୍‌ପି

ବହୁଚର୍ଚ୍ଚିତ ଗାନ୍ଧୀ ପରିବାରର ଲଳନା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏ ବର୍ଷ ସକ୍ରିୟ ରାଜନୀତିକୁ ଓହ୍ଲାଇ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ଗାନ୍ଧୀ ପରିବାରର ମହିଳା ଇନ୍ଦିରା ଗାନ୍ଧୀ, ମାନେକା ଗାନ୍ଧୀ, ସୋନିଆ ଗାନ୍ଧୀଙ୍କ ପରେ ତାଙ୍କ ପରିବାରର ୪ର୍ଥ ମହିଳା ଭାବେ ପ୍ରିୟଙ୍କା ରାଜନୀତିକୁ ଓହ୍ଲାଇଛନ୍ତି। କେରଳର ୱାୟନାଡ୍‌ରୁ ସେ ୪ ଲକ୍ଷରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ।


ପ୍ରିୟଙ୍କା

## ପ୍ରଭାବଶାଳୀ ମହିଳା ସାମାଜିକ କର୍ମୀ ଅରୁଣା

ବିବିସି ପକ୍ଷରୁ ଚଳିତ ବର୍ଷର ପାୱାରଲିଷ୍ଟରେ ସ୍ଥାନ ପାଇଥିବା ଭାରତୀୟଙ୍କ ମଧ୍ୟରେ ଅଛନ୍ତି ସାମାଜିକ କର୍ମୀ ଅରୁଣା ରାୟ।
ନିଜର ସିଭିଲ ସର୍ଭିସ୍ କ୍ୟାରିୟର ଛାଡ଼ି ଗ୍ରାମୀଣ ତଥା ଆର୍ଥିକ ଅନଗ୍ରସର ଲୋକଙ୍କ ଅଧିକାର ଓ ବିକାଶ ପାଇଁ ଦୀର୍ଘଦିନ ଧରି କାମ କରୁଛନ୍ତି ଅରୁଣା ରାୟ। ମଜଦୁର କିଷାନ ଶକ୍ତି ସଙ୍ଗଠନ ମାଧ୍ୟମରେ ଶ୍ରମିକମାନଙ୍କ ପାଇଁ ଅରୁଣା ୪ ଦଶନ୍ଧି ଧରି କାମ କରିଆସୁଛନ୍ତି। ତାଙ୍କ ପ୍ରଚେଷ୍ଟାରେ ୨୦୦୫ ମସିହାରେ ସ୍ୱତନ୍ତ୍ର ଆଇନ ଲାଗୁ ହୋଇଥିଲା। ନାଗରିକ ଅଧିକାର ନେଇ ତାଙ୍କର ଲଢ଼େଇ ପାଇଁ ତାଙ୍କୁ ଏସିଆର ଲୋବେଲ କୁହାଯାଉଥିବା ରମଣ ମାଗାସେସେ ପୁରସ୍କାର ମଧ୍ୟ ମିଳିପାରିଛି। ଏବେ ସେ ନ୍ୟାଶନାଲ ଫେଡେରେଶନ ଅଫ୍ ଇଣ୍ଡିଆନ୍ ୱିମେନ୍‌ର ଅଧ୍ୟକ୍ଷ ଅଛନ୍ତି। ଗ୍ରାମୀଣ ଅଞ୍ଚଳର ଗରିବଙ୍କ ମଜୁରି ବୃଦ୍ଧି, ରୋଜଗାର, ଶିକ୍ଷା, ସ୍ୱାସ୍ଥ୍ୟ ଅଧିକାର ନେଇ ସେ ତାଙ୍କ ଲଢ଼େଇ ଜାରି ରଖିଛନ୍ତି।
ନାସା ପକ୍ଷରୁ ଅନ୍ତରୀକ୍ଷ ଯାତ୍ରା କରିଥିବା ସୁନିତା ୱିଲିୟମ୍ସ,ଏଆଇ ବିଶେଷଜ୍ଞ ସ୍ନେହା ରେଭାନୁର, ନୋବେଲ ଶାନ୍ତି ବିଜେତା ନାଦିଆ ମୁରାଦ ମଧ୍ୟ ବିବିସି ତାଲିକାରେ ସ୍ଥାନ ପାଇଛନ୍ତି।


ଅରୁଣା

# ଜାତୀୟ ମହିଳା ଫୁଟ୍‌ବଲ: ଓଡ଼ିଶା ରନରଅପ୍

**ଫାଇନାଲରେ ମଣିପୁର ବାଧା ଅତିକ୍ରମରେ ପୁଣି ବିଫଳ**

## ■ ରୋଜା ଦେବୀଙ୍କ ଗୋଲ ନିର୍ଣ୍ଣାୟକ

**ଭୁବନେଶ୍ୱର, ୨୩।୧୨ (ତପନ ସ୍ୱାଇଁ)**

ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ମଣିପୁର ବାଧା ଅତିକ୍ରମ କରିବାରେ ଓଡ଼ିଶା ପୁଣି ବିଫଳ ହୋଇଛି। କେବଳ ଥରେ ଟାଇଟଲ ହାସଲକୁ ଛାଡ଼ିଦେଲେ ପୂର୍ବ ୫ ଥରପରି ଏଥର ମଧ୍ୟ ଓଡ଼ିଶା ସମାନ ପ୍ରତିଦ୍ୱନ୍ଦ୍ୱୀଠାରୁ ପରାଜିତ ହୋଇ ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି। ଛତିଶଗଡ଼ର ନାରାୟଣପୁରସ୍ଥିତ ରାମକୃଷ୍ଣ ମିଶନ ଆଶ୍ରମ ପଡ଼ିଆରେ ରାଜମାତା ଜିଜାବାଈ ଟ୍ରଫି ପାଇଁ ଅନୁଷ୍ଠିତ ଜାତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟର ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ଓଡ଼ିଶା କଡ଼ା ଟକ୍କର ଦେଇଥିଲେ ହେଁ ମଣିପୁରଠାରୁ ୦-୧ ଗୋଲରେ ହାରି ଯାଇଛି। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ୫୫ତମ ମିନିଟରେ ଅସେମ ରୋଜା ଦେବୀଙ୍କ ଏକମାତ୍ର ଗୋଲ ମଣିପୁରକୁ ବିଜୟ ମୁକୁଟ ପିନ୍ଧାଇଛି। ଫଳରେ ଡିଫେଣ୍ଡିଂ ଚାମ୍ପିୟନ ମଣିପୁର ଟାଇଟଲ ବଜାୟ ରଖିବାରେ ସକ୍ଷମ ହୋଇଛି। ୭ ଥର ଫାଇନାଲ ଖେଳିଥିବା ଓଡ଼ିଶାର ଏହାଥିଲା ୬ଷ୍ଠ ପରାଜୟ। ସବୁଥର ଓଡ଼ିଶା ଦଳ ଏହି ମଣିପୁରଠାରୁ ହିଁ ପରାଜିତ ହୋଇଛି। ଏଥର ଓଡ଼ିଶା ଦଳ ଅନେକ ସୁଯୋଗ ସୃଷ୍ଟି କରିଥିଲା, ମାତ୍ର ଗୋଲ ହୋଇପାରି ନ ଥିଲା। ଓଡ଼ିଶା ଦଳକୁ କିଛି ପରିମାଣରେ ଭାଗ୍ୟଦେବୀ ମଧ୍ୟ ସହାୟ ହୋଇଥିଲେ। ଡିଫେଣ୍ଡର ଶିବାନୀ ମୁଣ୍ଡା ହ୍ୟାଣ୍ଡବଲ କରିବାରୁ ରେଫରି ରୁଭା ଦେବୀ ଜି. ମଣିପୁରକୁ ପେନାଲ୍ଟି ସୁଯୋଗ ଦେଇଥିଲେ। ତାରକା ଖେଳାଳି ରତ୍ନବାଳା ଦେବୀ କିକ୍ ମାରିଥିଲେ। ମାତ୍ର ବଲ୍ ପୋଷ୍ଟରେ ବାଜି ଫେରି ଆସିଥିଲା। ଏହା ବ୍ୟତୀତ ମଣିପୁର ଦଳର ଖେଳାଳିମାନେ ଘନଘନ ଆକ୍ରମଣ କରି ଓଡ଼ିଶା ରକ୍ଷଣଭାଗକୁ ଭେଦ କରିବାକୁ ଚେଷ୍ଟା କରିଥିଲେ। ଓଡ଼ିଶା ଦଳର ଅଧିନାୟିକା ପ୍ୟାରୀ ଖାଖା ମଧ୍ୟ ଆକ୍ରମଣାତ୍ମକ ଖେଳି ଗୋଲ ଦେବାକୁ ଉଦ୍ୟମ କରିଥିଲେ। ମାତ୍ର ମଣିପୁର ରକ୍ଷଣଭାଗ ସଫଳତାର ସହ ଡିଫେଣ୍ଡ କରିଥିଲେ।

ସେମିଫାଇନାଲରେ ଓଡ଼ିଶା ୨-୦ରେ ହରିୟାଣାକୁ ଓ ମଣିପୁର ୩-୦ରେ ପଶ୍ଚିମବଙ୍ଗକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଏଥର ପ୍ରତିଯୋଗିତାରେ ରେଲଓ୍ୱେ ପକ୍ଷରୁ ଖେଳିଥିବା ୟୁମନାମ କମଳା ଦେବୀ ୧୪ ଗୋଲ ଦେଇ ଟପ୍ ସ୍କୋରର ହୋଇଥିଲେ। ଦିଲ୍ଲୀର ଦୀପିକା ପାଲ ଓ ଓଡ଼ିଶାର ପ୍ୟାରୀ ଖାଖା ୧୨ଟି ଲେଖାଏ ଗୋଲ ସ୍କୋର କରି ପରବର୍ତ୍ତୀ ୨ ସ୍ଥାନରେ ରହିଥିଲେ।



ଜାତୀୟ ମହିଳା ଫୁଟବଲ ଚାମ୍ପିୟନଶିପ୍‌ରେ ରନରଅପ୍ ଓଡ଼ିଶା ଦଳ।

### ଥରେ ଚାମ୍ପିୟନ ହୋଇଛି ଓଡ଼ିଶା

୧୯୯୧-୯୨ରୁ ଆରମ୍ଭ ହୋଇଥିବା ପ୍ରତିଯୋଗିତା ଇତିହାସରେ ଓଡ଼ିଶା ୭ ଥର ଫାଇନାଲରେ ପ୍ରବେଶ କରିଥିଲେ ହେଁ ଥରେମାତ୍ର ଚାମ୍ପିୟନ ହୋଇଛି। ୨୦୧୦-୧୧ରେ ପ୍ରତିଯୋଗିତାର ୧୯ଶ ସଂସ୍କରଣରେ ଭିଲାଇଠାରେ ଫାଇନାଲରେ ପଶ୍ଚିମବଙ୍ଗକୁ ୫-୦ ଗୋଲରେ ପରାସ୍ତ କରି ଟାଇଟଲ ଜିତିଥିଲା ଓଡ଼ିଶା। ଅନ୍ୟ ୬ ଥର ଫାଇନାଲରେ ମଣିପୁରଠାରୁ ୨୦୦୧-୦୨ରେ ସିଲିଗୁଡ଼ିଠାରେ ୦-୩, ୨୦୦୭-୦୮ରେ ହଳଦିଆଠାରେ ୧-୪, ୨୦୦୯-୧୦ରେ ଇମ୍ଫାଲଠାରେ ୦-୧, ୨୦୧୩-୧୪ରେ ଗୋଲାଘାଟଠାରେ ୧-୩, ୨୦୧୮-୧୯ରେ କଟକଠାରେ ୧-୨ ଓ ଏବେ ନାରାୟଣପୁରରେ ୦-୧ ଗୋଲରେ ପରାସ୍ତ ହୋଇ ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି।

# ଭାରତୀୟ ବଧିର କ୍ରିକେଟ ଦଳରେ ଓଡ଼ିଶାର ଶିବୁନ

**ଭୁବନେଶ୍ୱର, ୨୩।୧୨(ତପନ ସ୍ୱାଇଁ)**



ଭାରତ, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଏକ ତ୍ରିରାଷ୍ଟ୍ରୀୟ ଟି୨୦ ବଧିର କ୍ରିକେଟ ସିରିଜ ନୂଆଦିଲ୍ଲୀଠାରେ ୨୦୨୫ ମାର୍ଚ୍ଚ ୨ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଭାରତୀୟ ବଧିର କ୍ରିକେଟ ଦଳରେ ଓଡ଼ିଶାର ଶିବୁନ ନନ୍ଦ ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ୧୦ରୁ ୧୨ ମାର୍ଚ୍ଚ ମଧ୍ୟରେ ହେବାକୁଥିବା ୩ଟି ଦିନିକିଆ ସିରିଜ ପାଇଁ ମଧ୍ୟ ସେ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ଜଣେ ଅଲ୍‌ରାଉଣ୍ଡରଭାବେ ପରିଚିତ ଶିବୁନ ଗତ ଆନ୍ତଃ-ଜୋନ୍ ଟି୨୦ ବଧିର କ୍ରିକେଟ ଚାମ୍ପିୟନଶିପ୍‌ରେ ସର୍ବାଧିକ ଉଇକେଟ ହାସଲକାରୀ ହୋଇଥିଲେ। ସେ ୪ ମ୍ୟାଚରୁ ୧୦ ଉଇକେଟ ହାସଲ କରିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଘରୋଇ ସିଜନ ଅନ୍ତର୍ଗତ ୨୦୨୩-୨୪ ଓ ୨୦୨୪-୨୫ ସିଜନ ପାଇଁ ଓଡ଼ିଶା ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫି ଦଳରେ ଶିବୁନ ସାମିଲ ଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଆୟୋଜିତ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟରେ ସେ ଗଞ୍ଜାମ ଜିଲାରୁ ପ୍ରତିନିଧିତ୍ୱ କରୁଛନ୍ତି। ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ଶିବୁନଙ୍କୁ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

# ଫାଇନାଲରେ କେଏସ୍‌ଇବି କେରଳ



ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳିମାନେ।

**ଢେଙ୍କାନାଳ, ୨୩।୧୨(ରତନ ନାୟାର)**

**ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ହେଉଥିବା ୬ଷ୍ଠ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ ପ୍ରତିଯୋଗିତାର ସୋମବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ବିଜୟୀ ହୋଇ କେଏସ୍‌ଇବି କେରଳ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯିବାକୁଥିବା ଫାଇନାଲ ମ୍ୟାଚ୍‌ରେ କେଏସ୍‌ଇବି କେରଳ ସେଣ୍ଟ୍ରାଲ ରେଲ୍‌ୱେ ବମ୍ବେକୁ ଭେଟିବ । ଦ୍ୱିତୀୟ ସେମିଫାଇନାଲରେ କେଏସ୍‌ଇବି କେରଳ ସନରାଇଜ୍ କ୍ଲବ କଟକକୁ ୩-୧ ଗୋଲରେ ପରାସ୍ତ କରିଥିଲା । କେଏସ୍‌ଇବି କେରଳ ପକ୍ଷରୁ ଏଲ୍‌ଡୋସ୍, ବିଘ୍ନେଶ, ଶ୍ରୀରାଜ ଗୋଟିଏ ଲେଖାଏଁ ଗୋଲ ଦେଇଥିବା ବେଳେ ସନରାଇଜ୍ କ୍ଲବ କଟକ ପକ୍ଷରୁ ଜୁନିୟର ଗୋଟିଏ ଗୋଲ ସ୍କୋର କରିଥିଲେ। ରେଫରି ଆଶୀର୍ବାଦ କାନୁନ୍‌ଗୋ, ସୁବ୍ରତ ପୁରୋହିତ, ଅରୁଣ ନାୟକ ଓ ଦେବରାଜ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିବା ବେଳେ ମାୟାଧର ସାହୁ ମ୍ୟାଚ୍ କମିଶନର ଦାୟିତ୍ୱରେ ଥିଲେ। ମୁଖ୍ୟ ଅତିଥି ଭାବେ ଜିଇଓ ଏଲ୍‌ଇଡି ଟ୍ରେଣ୍ଡ୍ସ ଓଡ଼ିଶାର ଆୟୁଷ୍ମାନ୍ ରାୟ ଓ ସମ୍ମାନିତ ଅତିଥି ଭାବେ ରିଜିଓନାଲ ମାର୍କେଟିଂ ମ୍ୟାନେଜର ଟ୍ରେଣ୍ଡ୍ସ ଓଡ଼ିଶା ସଚ୍ଚିଦାନନ୍ଦ ସାହୁ, କ୍ଲଷ୍ଟର ମାର୍କେଟିଂ ମ୍ୟାନେଜର ଟ୍ରେଣ୍ଡ୍ସ ଓଡ଼ିଶାର ଶଶାଙ୍କ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ୍ ମିଶ୍ର ଓ ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ପ୍ରତାପ ମହାନ୍ତି, ମନୋଜ ଦାସ, ବାବୁ ପାଢ଼ୀ, ସୁନୀଲ ପଣ୍ଡା, ସରୋଜ ପାଢ଼ୀ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ସୁଶାନ୍ତ ଜେନା ପ୍ରମୁଖଙ୍କ ସମେତ ସଦସ୍ୟଗଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଶ୍ୱ ପେନ୍‌ଚାକ ସିଲାଟରେ ଓଡ଼ିଶାର ୩ ପଦକ ଜିତିଲେ

**ଭୁବନେଶ୍ୱର, ୨୩।୧୨ (ତପନ ସ୍ୱାଇଁ):** ଦୁବାଇର ଆବୁ ଧାବିରେ ଚାଲିଥିବା ପଞ୍ଚମ ବିଶ୍ୱ ଜୁନିୟର, ସବ୍‌ଜୁନିୟର ଓ ୨୦ତମ ସିନିୟର ପେନ୍‌ଚାକ ସିଲାଟ ଚାମ୍ପିଅନଶିପରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶାର ୩ ଖେଳାଳି ପଦକ ଜିତିଛନ୍ତି। ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତା ଲାଗି ଓଡିଶାର ମୋଟ ୬ ଖେଳାଳି ଓ ଜଣେ ରେଫରି ମନୋନୀତ ହୋଇଥିଲେ। ଖେଳାଳିଙ୍କ ମଧ୍ୟରୁ ଅନିଶ ଶର୍ମା ସ୍ୱର୍ଣ୍ଣ, ଶରତ ଦାସ ମାଷ୍ଟର ବର୍ଗରେ ରୌପ୍ୟ ଓ ଭିଦିତ ଗୁପ୍ତା ଜୁନିୟର ବର୍ଗରେ ବ୍ରୋଞ୍ଜ ପଦକ ଜିତି ଭାରତକୁ ଗର୍ବିତ କରିଛନ୍ତି। ଓଡ଼ିଶାର ପ୍ରେମ ସିଂ ଥାପା ରେଫରି ଦାୟିତ୍ୱକୁ ମଧ୍ୟ ସୁଚାରୁରୂପେ ସମ୍ପାଦନ କରିଛନ୍ତି। ଖୋର୍ଦ୍ଧା ପେନଚାକ ସିଲାଟ ଆସୋସିଏଶନ ସମ୍ପାଦକ ଜୀତେନ୍ଦ୍ର କୁମାର ରାଉତ ଓ ଓଡ଼ିଶା ପେନ୍‌ଚାକ ସିଲାଟ ଆସୋସିଏସନ ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ପ୍ରେମ ସିଂ ଥାପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ପ୍ରମୁଖ ଓଡ଼ିଶା ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଜାନୁଆରୀ ୫ରୁ ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ




ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୨୩।୧୨ (ତପନ ସ୍ୱାଇଁ)**

**ୟୁନିଲାଇଟ୍ କପ୍**

ଭେଟେରାନ୍ସ କ୍ରିକେଟ ଆସୋସିଏଶନ ଅଫ୍ ଓଡ଼ିଶା (ଭିସିଏଓ) ଆନୁକୂଲ୍ୟରେ ହାଇ-ଟେକ୍ ଗ୍ରୁପ୍ ସହଯୋଗରେ ୨୧ତମ ୟୁନିଲାଇଟ୍ କପ୍ ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ୨୦୨୫ ଜାନୁଆରୀ ୫ରୁ ଆରମ୍ଭ ହେବ। ୧୨ ତାରିଖ ପର୍ଯ୍ୟନ୍ତ ମ୍ୟାଚଗୁଡ଼ିକ ହାଇ-ଟେକ୍ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଲିଗ୍ ପର୍ଯ୍ୟାୟରେ ମ୍ୟାଚଗୁଡ଼ିକ ୨୫ ଓଭର ବିଶିଷ୍ଟ ହେବ। ସେମିଫାଇନାଲ ଓ ଫାଇନାଲ ୩୦ ଓଭର ଲେଖାଏ ଖେଳାଯିବ। ପ୍ରତି ଦଳରେ ୧୪ ଜଣ ଲେଖାଏ ଖେଳାଳି ଓ ଜଣେ ମ୍ୟାନେଜର ରହିବେ। ୨୫ ଓଭର ମ୍ୟାଚରେ ଜଣେ ବୋଲର ସର୍ବାଧିକ ୫ ଓଭର ଓ ୩୦ ଓଭର ମ୍ୟାଚରେ ୬ ଓଭର ବୋଲିଂ କରିପାରିବେ। କୌଣସି କାରଣରୁ ମ୍ୟାଚ ଅଧାରୁ ବାଧାପ୍ରାପ୍ତ ହେଲେ ଉନ୍ନତ ରନ ହାର ଥିବା ଦଳକୁ ବିଜେତା ଘୋଷଣା କରାଯିବ। ଯଦି ଆଦୌ ମ୍ୟାଚ ହୋଇ ନ ପାରିବ କିମ୍ବା ୨୫ ଓଭର ମ୍ୟାଚରେ ଅତିକମ୍‌ରେ ୬ ଓଭର ଏବଂ ୩୦ ଓଭର ମ୍ୟାଚରେ ୮ ଓଭର ଖେଳ ସମ୍ଭବ ନ ହେବ ଟସ୍ ମାଧ୍ୟମରେ ମ୍ୟାଚର ଭାଗ୍ୟ ନିର୍ଦ୍ଧାରଣ କରାଯିବ। ୨୫ ଓଭର ବୋଲିଂ ପାଇଁ ପ୍ରତି ଦଳକୁ ୧ ଘଣ୍ଟା ୩୦ ମିନିଟ ସମୟ ଦିଆଯିବ। ଲିଗ୍ ମ୍ୟାଚଗୁଡ଼ିକ ସକାଳ ୮ଟା ଏବଂ ସେମିଫାଇନାଲ ଓ ଫାଇନାଲ ପୂର୍ବାହ୍ନ ୯ଟାରେ ଆରମ୍ଭ ହେବ। ମ୍ୟାଚ ଆରମ୍ଭ ହେବାର ୩୦ ମିନିଟ ପୂର୍ବରୁ କୌଣସି ଦଳ ପହଞ୍ଚି ନ ପାରିଲେ ପ୍ରତିପକ୍ଷ ଦଳକୁ ୱାକ୍‌ଓଭର ଦିଆଯିବ ବୋଲି ସୋମବାର ହାଇ-ଟେକ୍ ମେଡିକାଲ କଲେଜ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ସୂଚନା ଦେଇଛନ୍ତି। ଉକ୍ତ ସମ୍ମିଳନୀରେ ଆସୋସିଏଶନ ଉପସଭାପତି ପ୍ରମୋଦ କୁମାର ପଟ୍ଟନାୟକ, ବଳଭଦ୍ର ପଟ୍ଟନାୟକ, ବିଜୟ ରାୟ, ନବରଞ୍ଜନ ପଟ୍ଟନାୟକ, ସମ୍ପାଦକ ବିରେନ କୁମାର ଦାସ, ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ନାୟକ, ପଦ୍ମ ଚରଣ ରାଉତ, ଉପ-କୋଷାଧ୍ୟକ୍ଷ ଲିଙ୍ଗରାଜ ସାହୁ, ଜାତୀୟ ସ୍ତରର ପ୍ରତିଷ୍ଠିତ କୋଚ୍ ତଥା ହାଇ-ଟେକ୍ ଗ୍ରୁପ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଲଳିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଅଶ୍ୱିନୀଙ୍କ ସ୍ଥାନରେ ତନୁଷ କୋଟିଆନ୍

**ମେଲବୋର୍ନ, ୨୩।୧୨ (ପି.ଟି.):** ମୁମ୍ବାଇ ଅଫ୍-ସ୍ପିନର ତନୁଷ କୋଟିଆନ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ସେଠାରେ ଭାରତୀୟ କ୍ରିକେଟ ଦଳରେ ଯୋଗଦେବେ। ନିକଟରେ ଅବସର ନେଇଥିବା ରବିଚନ୍ଦ୍ରନ ଅଶ୍ୱିନୀଙ୍କ ସ୍ଥାନରେ ତାଙ୍କୁ ଦଳରେ ସାମିଲ କରାଯାଇଛି। ୨୬ ବର୍ଷୀୟ କୋଟିଆନ ଭାରତ 'ଏ' ଦଳର ଅଷ୍ଟ୍ରେଲିଆ ଟୁର୍‌ର ଅଂଶବିଶେଷ ଥିଲେ। ୱାଶିଂଟନ ସୁନ୍ଦରଙ୍କ ବିକଳ୍ପ ଖେଳାଳି ଭାବେ ତାଙ୍କୁ ନିଆଯାଇଛି। ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯିବାକୁଥିବା ଅବଶିଷ୍ଟ ୨ଟି ଟେଷ୍ଟରେ ଯଦି ୱାଶିଂଟନ କିମ୍ବା ରବୀନ୍ଦ୍ର ଜାଡେଜା ଆଘାତପ୍ରାପ୍ତ ହୁଅନ୍ତି ତେବେ ତାଙ୍କ ସ୍ଥାନରେ ଖେଳାଯାଇପାରେ ବୋଲି ବିସିସିଆଇର ଜଣେ କର୍ମକର୍ତ୍ତା ତାଙ୍କ ନାମ ଗୋପନ ସର୍ତ୍ତରେ ପ୍ରକାଶ କରିଛନ୍ତି। କୋଟିଆନ ବର୍ତ୍ତମାନ ଅହମଦାବାଦରେ ବିଜୟ ହଜାରେ ଟ୍ରଫି ଖେଳୁଛନ୍ତି। ମଙ୍ଗଳବାର ସେ ମୁମ୍ବାଇରୁ ପ୍ରସ୍ଥାନ କରିବେ ବୋଲି ଆଶା କରାଯାଉଛି। ବକ୍ସିଂ ଡେ ଟେଷ୍ଟ ଆରମ୍ଭ ପୂର୍ବରୁ ସେ ମେଲବୋର୍ନରେ ପହଞ୍ଚିବେ ବୋଲି ଆଶା କରାଯାଉଛି। ବିଜୟ ହଜାରେ ଟ୍ରଫିରେ ସୋମବାର ହାଇଦ୍ରାବାଦ ବିପକ୍ଷ ମ୍ୟାଚରେ ସେ ଅଲ୍ ରାଉଣ୍ଡ ପ୍ରଦର୍ଶନ କରିଛନ୍ତି। ସେ ୩୯ରନ କରି ଅପରାଜିତ ରହି ବା ସହ ଦୁଇଟି ଉଇକେଟ ହାସଲ କରିପାରିଛନ୍ତି। କୋଟିଆନଙ୍କର ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ସ୍ମୃତି ରହିଛି। ଭାରତ 'ଏ' ତରଫରୁ ୮ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସି ସେ ୪୪ ରନ ସ୍କୋର କରିଥିଲେ। ସେ ଏପର୍ଯ୍ୟନ୍ତ ସୁଦ୍ଧା ଖେଳିଥିବା ତାଙ୍କର ୩୩ ପ୍ରଥମ ଶ୍ରେଣୀ ଗେମ୍‌ରେ ୧୫୨୫ ରନ ସଂଗ୍ରହ କରିବା ସହ ଦୁଇଟି ଶତକ ହାସଲ କରିପାରିଛନ୍ତି। ପ୍ରକୃତରେ ଅକ୍ଷର ପଟେଲଙ୍କୁ ଅଷ୍ଟ୍ରେଲିଆ ଡକରା ହୋଇଥାନ୍ତା। ମାତ୍ର ଏହି ବାମହାତୀ ସ୍ପିନର ବିଜୟ ହଜାରେ ଟ୍ରଫିରେ ତାଙ୍କର ଦୁଇଟି ମ୍ୟାଚ ପରେ ପାରିବାରିକ କାର୍ଯ୍ୟପାଇଁ ଛୁଟିରେ ରହିବେ।

# ଡୋପିଂ ମାମଲା: ପର୍ସେଲ ସସ୍‌ପେଣ୍ଡ

**ମେଲବୋର୍ନ, ୨୩।୧୨ (ଏପି)**

ଡୋପିଂ ନିରୋଧୀ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ଦୁଇଥର ଗ୍ରାଣ୍ଡସ୍ଲାମ ବିଜୟୀ ଡବଲ୍ସ ଖେଳାଳି ମାକ୍ସ ପର୍ସେଲଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରାଯାଇଛି। ଇଣ୍ଟରନ୍ୟାଶନାଲ ଟେନିସ ଇଣ୍ଟିଗ୍ରିଟି ଏଜେନ୍ସି (ଆଇଟିଆଇଏ) ପକ୍ଷରୁ ସୋମବାର ଏହା ଘୋଷଣା କରାଯାଇଛି। ନିଷିଦ୍ଧ ପଦ୍ଧତିର ଉପଯୋଗ କରି ଟେନିସ ଆଣ୍ଟି ଡୋପିଂ ପ୍ରୋଗ୍ରାମ ସମ୍ପର୍କିତ ଧାରା ୨.୨ର ଉଲ୍ଲଂଘନ କରିଥିବା ଏହି ୨୬ବର୍ଷୀୟ ଅଷ୍ଟ୍ରେଲୀୟ ସ୍ୱୀକାର କରିଛନ୍ତି। ସାମୟିକ ଅବଧିର ସମୟସୀମା ଧାର୍ଯ୍ୟ କରାଯାଇ ନାହିଁ। ଏହି ମାମଲାର ବିଚାର ପରେ ସେ ଦୋଷୀ ସାବ୍ୟସ୍ତ ହୋଇ ଯଦି ଦଣ୍ଡିତ ହୁଅନ୍ତି ତେବେ ସସ୍‌ପେଣ୍ଡ ଆଦେଶ ପିଛିଲା ଡିସେମ୍ବର ୧୨ରୁ ଗଣାଯିବ। ସସ୍‌ପେଣ୍ଡ ହେବା ଦ୍ୱାରା ପର୍ସେଲ ଆଇଟିଆଇଏର ସଦସ୍ୟ (ଏଟିପି, ଆଇଟିଏଫ୍, ଡବ୍ଲୁଟିଏ, ଟେନିସ ଅଷ୍ଟ୍ରେଲିଆ, ଫେଡେରେଶନ ଫ୍ରାଙ୍କାଇଜ ଡି' ଟେନିସ, ୱିମ୍ବେଲଡନ ଓ ୟୁଏସ୍‌ଟିଏ) ଦ୍ୱାରା ଆୟୋଜିତ ଇଭେଣ୍ଟରେ ଖେଳି ପାରିବେ ନାହିଁ, ଉପସ୍ଥିତ ରହିପାରିବେ ନାହିଁ କିମ୍ବା କୋଚିଂ ଦେଇପାରିବେ ନାହିଁ। ପର୍ସେଲ ତାଙ୍କ ଦେଶର ଜୋର୍ଡାନ ଥମ୍ପସନଙ୍କୁ ସାଥୀ କରି ସେପ୍ଟେମ୍ବରରେ ୟୁଏସ୍ ଓପନ ଏବଂ ୨୦୨୨ରେ ଅନ୍ୟଜଣେ ଅଷ୍ଟ୍ରେଲୀୟ ମାଥ୍ୟୁ ଇବିଡେନ୍‌ଙ୍କୁ ପାର୍ଟନର କରି ୱିମ୍ବେଲଡନ ଜିତିଥିଲେ। ବର୍ତ୍ତମାନ ଡବଲ୍ସ ର୍‍ୟାଙ୍କିଙ୍ଗରେ ସେ ୧୨ତମ ସ୍ଥାନରେ ଅଛନ୍ତି। ସେ ଆହୁରି ମଧ୍ୟ ୨୦୨୦ ଓ ୨୦୨୨ ଅଷ୍ଟ୍ରେଲିଆନ ଓପନ ଡବଲ୍ସ ଫାଇନାଲରେ ରନରଅପ୍ ହୋଇଥିଲେ। ପର୍ସେଲ ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗରେ ୧୦୫ ନମ୍ବର ସ୍ଥାନରେ ରହିଛନ୍ତି। ଆଗାମୀ ଅଷ୍ଟ୍ରେଲିଆନ ଓପନ ପାଇଁ ଚଳିତ ମାସ ପ୍ରାରମ୍ଭରେ ଏଣ୍ଟ୍ରି ତାଲିକାରେ ତାଙ୍କ ନାମ ସ୍ଥାନ ପାଇନାହିଁ। ଏପରି କି ତାଙ୍କ ୱାଇଲ୍ଡ କାର୍ଡ କିମ୍ବା କ୍ୱାଲିଫାଇଂ ଏଣ୍ଟ୍ରିରେ ସ୍ଥାନ ମିଳିନି।

# ଜାତୀୟ ସିନିୟର ହ୍ୟାଣ୍ଡବଲ୍‌ରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୨୩।୧୨ (ତପନ ସ୍ୱାଇଁ):** କେରଳର ଅଲେପିଠାରେ ୫୩ତମ ବରିଷ୍ଠ ପୁରୁଷ ଜାତୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଚଳିତ ମାସ ୨୬ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଦଳ ଅଂଶଗ୍ରହଣ କରିବ। ସେଥିପାଇଁ ମନୋନୀତ ୧୮ ଜଣିଆ ଦଳ ସୋମବାର କେରଳ ଯାତ୍ରା କରିଛି। ଏହି ଦଳରେ ଚନ୍ଦନ ପାତ୍ରୀ (ଅଧିନାୟକ), ବିଜୟ କୁମାର ବେହେରା, ଆର୍ଯ୍ୟନ ବ୍ରାହ୍ମିନ, ରାଜା ରାମ ପଣ୍ଡା, ରିତ୍ୱିକ ହୋ, ସତ୍ୟଜିତ ସାମଲ, ଅନୁରାଗ ଦାସ, ବିକାଶ ସାମଲ, ଅବିନାଶ ମେଧି, ଦିନେଶ ପୃଷ୍ଟି, ସାଗର ସ୍ୱାଗତ ସ୍ୱାଇଁ, ସିଲୁ ପାଲ, ରମେଶ ପୃଷ୍ଟି, ଅଙ୍କିତ କୁମର ସିଂ, ଶମ୍ଭୁନାଥ ମଣ୍ଡଳ, କାହ୍ନୁ ଚରଣ ମହାରଣା, ଅନେଶ କୁମାର ବେହେରା, ଅଭିଜିତ ଆଶିଷ ଲେଙ୍କା ସାମିଲ ହୋଇଛନ୍ତି। ଓଡ଼ିଶା ଦଳ ସହ କୋଚ ଦୁଷ୍ମନ୍ତ କୁମାର ଜେନା ଓ ମ୍ୟାନେଜର ରଞ୍ଜିତ କୁମାର ମହାନ୍ତି ଯାଇଛନ୍ତି। କେରଳ ଯାତ୍ରା ପୂର୍ବରୁ ଓଡ଼ଶା ଦଳର ଖେଳାଳିମାନଙ୍କୁ କଳିଙ୍ଗ ଷ୍ଟାଡିୟମରେ ଏଚ୍‌ପିସିଓ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, କ୍ରୀଡ଼ା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଏବଂ ଓଡ଼ିଶା ହ୍ୟାଣ୍ଡବଲ ସଂଘ ସମ୍ପାଦକ ମାନସ କୁମାର ସିଂ ଓ ସଭାପତି ବିପ୍ଳବ ଚୌଧୁରୀ ପ୍ରମୁଖ ଶୁଭକାମନା ଜଣାଇଛନ୍ତି।

# ପିଭି ସିନ୍ଧୁଙ୍କ ବିବାହ ସମ୍ପନ୍ନ



ଭେଙ୍କଟା ଦତ୍ତ ସାଇଙ୍କ ସହ ପି.ଭି. ସିନ୍ଧୁ।

**ଉଦୟପୁର, ୨୩।୧୨ (ପି.ଟି.)**

ଦୁଇଥର ଅଲିମ୍ପିକ ପଦକ ବିଜେତା ପି. ଭି. ସିନ୍ଧୁ ସୋମବାର ଏଠାରେ ଏକ ଘରୋଇ ଉତ୍ସବରେ ଜଣେ ଉଦ୍ୟୋଗୀ ଭେଙ୍କଟା ଦତ୍ତ ସାଇଙ୍କୁ ବିବାହ କରିଛନ୍ତି। ଏଥିସହିତ ସେ ତାଙ୍କ ନୂଆ ଜୀବନର ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି। ହାଇଦ୍ରାବାଦର ଏହି ୨୯ ବର୍ଷୀୟା ବ୍ୟାଡ୍‌ମିଣ୍ଟନ ଖେଳାଳି ୨୦୧୬ ରିଓ ଅଲିମ୍ପିକ୍ସରେ ଏକ ବ୍ରୋଞ୍ଜ ପଦକ ପାଇଥିଲେ। ୩ ବର୍ଷ ପୂର୍ବେ ଟୋକିଓ ଅଲିମ୍ପିକ୍ସରେ ସେ ଏକ ରୌପ୍ୟ ଜିତିଥିଲେ। ସୋମବାର ସେ ପାରମ୍ପରିକ ରୀତିନୀତିରେ ପୋସିଡେକ୍ସ ଟେକ୍ନୋଲୋଜିଜ୍‌ର ଜଣେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦତ୍ତଙ୍କୁ ବିବାହ କରିଛନ୍ତି। ବିବାହ ଉତ୍ସବ ତାଙ୍କର ଘନିଷ୍ଠ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ହୋଇଥିଲା। ବିବାହର ପ୍ରଥମ ଫଟୋକୁ 'ଏକ୍ସ'ରେ ଶେୟାର କରିଛନ୍ତି କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ବ୍ୟାପାର ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ। ଏଥିସହିତ ସେ ନବଦମ୍ପତିଙ୍କୁ ଆଶୀର୍ବାଦ ଦେବା ସହ ସେମାନଙ୍କ ଶୁଭକାମନା କରିଛନ୍ତି। ବିବାହ ପୂର୍ବରୁ ଡିସେମ୍ବର ୨୦ରେ ସଙ୍ଗୀତ ସେରିମନି ହୋଇଥିଲା। ଏଥିରେ ଦୁଇ ପରିବାରକୁ ନେଇ ନୃତ୍ୟ ଓ ସଙ୍ଗୀତ ଅନୁଷ୍ଠିତ ହୋଇଥିଲା। ଏହାପରେ ଡିସେମ୍ବର ୨୧ରେ ପାରମ୍ପରିକ ରୀତିନୀତି ଯଥା ହଳ୍‌ଦୀ, ପେଲିକୁଥୁରୁ, ମେହେନ୍ଦି ସହିତ ଅନ୍ୟାନ୍ୟ ବିଧିକୁ ପାଳନ କରାଯାଇଥିଲା। ଚଳିତମାସ ପ୍ରାରମ୍ଭରେ ଲକ୍ଷ୍ନୌଠାରେ ଅନୁଷ୍ଠିତ ସୟଦ ମୋଦି ଇଣ୍ଟରନ୍ୟାଶନାଲରେ ସିନ୍ଧୁଙ୍କ ବିବାହ ଖବରର ଆଭାସ ମିଳିଥିଲା। ସେ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିଲେ। ବହୁଦିନ ବ୍ୟବଧାନରେ ଏକ ଟାଇଟଲ ଜିତିବାରେ ସମର୍ଥ ହୋଇଥିଲେ। ସିନ୍ଧୁଙ୍କୁ ଭାରତର ଜଣେ ଅନ୍ୟତମ ଶ୍ରେଷ୍ଠ ଆଥ୍‌ଲେଟ ବିବେଚନା କରାଯାଇଥାଏ। ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ଗୋଟିଏ ସ୍ୱର୍ଣ୍ଣ ସହ ୫ ପଦକ ଜିତିବାରେ ସମର୍ଥ ହୋଇଥିଲେ। ଏହି ଦମ୍ପତି ଦେଶର କେତେଜଣ ଟପ୍ ସେଲିବ୍ରିଟିଙ୍କୁ ଆମନ୍ତ୍ରଣ କରିଥିଲେ। ସେମାନଙ୍କ ମଧ୍ୟରେ ସଚିନ ତେନ୍ଦୁଲକର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ୟତମ ଥିଲେ।







କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ପାରା ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ସୋମବାର ଲଙ୍ଗଜମ୍ପ, ରନିଂ, ଶଟ୍‌ପୁଟ୍ ଥ୍ରୋ ଅବସରରେ ପ୍ରତିଯୋଗୀମାନେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ


MARUTI SUZUKI ARENA
5 ଟି କାରଣ ଉତ୍ସବ ପାଳନ କରିବାର
GRAND ARENA MONTH
₹81 100 ପର୍ଯ୍ୟନ୍ତ ସର୍ବଶ୍ରେଷ୍ଠ ଅଫର୍ସ
₹25 000 ପର୍ଯ୍ୟନ୍ତ ଏକ୍ସଚେଞ୍ଜ ଅଫର୍ସ
ଆପଣଙ୍କ ପୁରୁଣା କାର୍ ର ବେଷ୍ଟ ରିସେଲ୍ ଭ୍ୟାଲୁ
ଆକର୍ଷଣୀୟ ଫାଇନାନ୍ସ ବିକଳ୍ପ
ମାରୁତି ସୁଜୁକି ଜାନୁଆରୀରେ ମୂଲ୍ୟ ବୃଦ୍ଧି କରିବ, ମାରୁତି ସୁଜୁକି କାର୍ ର ମୂଲ୍ୟରେ 4% ପର୍ଯ୍ୟନ୍ତ ବୃଦ୍ଧି ହେବ।
MARUTI SUZUKI ARENA
ALTO K10
S-PRESSO
WAGONR
CELERIO
7 DAYS LEFT
ଅଫର୍ସ ଷ୍ଟକ ଥିବା ପର୍ଯ୍ୟନ୍ତ ମାନ୍ୟ
ସ୍ପେଶାଲ୍ ଅଫର୍ସ
ALTO K10 ₹81 100* / S-PRESSO ₹76 100*
WAGONR ₹81 100* / CELERIO ₹76 100*
SCAN TO CONNECT TO SHOWROOM NEAR YOU
E-BOOK TODAY AT WWW.MARUTISUZUKI.COM
T&C Apply Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. *Offer includes consumer offer, exchange bonus and institutional or rural offer (wherever applicable) on selected models/variants. Above mentioned savings amount is the value of maximum savings on selected models. Offer valid with selected financiers only. Above offers are valid till 31st December, 2024.